୪୬
ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, December 3/2019 | ★★★★
୪୬ଶ ଭାଗ ୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

### ମହିଳା ଡାକ୍ତର ବଳାତ୍କାର ହତ୍ୟା ପ୍ରସଙ୍ଗକୁ ନେଇ ସଂସଦରେ ଝଡ଼

# ଅପରାଧୀଙ୍କୁ ପିଟି ମାରିଦେବାକୁ ଦାବି

**ନୂଆଦିଲ୍ଲୀ,୨।୧୨(ପି.ଟି.)**

ହାଇଦ୍ରାବାଦରେ ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା ପ୍ରସଙ୍ଗକୁ ନେଇ ସୋମବାର ପାର୍ଲାମେଣ୍ଟର ଉଭୟ ଗୃହରେ ବିରୋଧୀ ହଙ୍ଗାମା କରିଥିଲେ। ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ, ସର୍ବସାଧାରଣରେ ପିଟି ମାରିଦିଆଯାଉ ବୋଲି ରାଜ୍ୟ ସଭାରେ ବିଭିନ୍ନ ଦଳର ସଦସ୍ୟମାନେ ଦାବି କରିଥିଲେ। ଲୋକ ସଭାରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ବଳାତ୍କାର ମାମଲାରେ କଠୋର ଆଇନ ଆଣିବାକୁ ସରକାର ପ୍ରସ୍ତୁତ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଗୃହରେ କହିଥିଲେ। ଦେଶର ବିଭିନ୍ନ ସ୍ଥାନରେ ବଳାତ୍କାର ଘଟଣାମାନ ବଢ଼ି ଚାଲିଥିବାରୁ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ହାଇଦ୍ରାବାଦ ଘଟଣା ଉପରେ ମୁଲତବୀ ପ୍ରସ୍ତାବକୁ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଅଗ୍ରାହ୍ୟ କରିଦେଇଥିଲେ। ତେବେ ଉକ୍ତ ପ୍ରସଙ୍ଗରେ ସଦସ୍ୟମାନଙ୍କୁ ମତ ରଖିବା ପାଇଁ ସୁଯୋଗ ଦେଇଥିଲେ।

ଦଳମତ ନିର୍ବିଶେଷରେ ସଦସ୍ୟମାନେ ମହିଳାଙ୍କ ପ୍ରତି ହେଉଥିବା ଅପରାଧକୁ ନିନ୍ଦା କରିଥିଲେ। ଅପରାଧୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଠିନରୁ କଠିନତମ ଦଣ୍ଡବିଧାନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଆବଶ୍ୟକ ବୋଲି ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ କହିଥିଲେ। ହାଇଦ୍ରାବାଦର ଯେଉଁ ଅଞ୍ଚଳରେ ଏଭଳି ଘୃଣ୍ୟ ଅପରାଧ ଘଟିଲା, ସେଠାରେ ସୁରକ୍ଷା ପ୍ରଭାରୀଙ୍କୁ ଏଥିପାଇଁ ଉତ୍ତରଦାୟୀ କରାଯିବା ଆବଶ୍ୟକ ବୋଲି ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ କହିବା ସହ ବଳାତ୍କାରୀଙ୍କୁ ସର୍ବସାଧାରଣରେ ପିଟି ମାରିଦେବା ଉଚିତ ବୋଲି ☞ପୃଷ୍ଠା-୪



### କଠୋର ଆଇନ ଆଣିବାକୁ ସରକାର ପ୍ରସ୍ତୁତ: ରାଜନାଥ

ହାଇଦ୍ରାବାଦ ଘଟଣା ସମଗ୍ର ମାନବଜାତି ପାଇଁ କଳଙ୍କ ବୋଲି ଅଧ୍ୟକ୍ଷ ଭେଙ୍କାୟା ନାଇଡୁ କହିଥିବାବେଳେ ସମାଜରୁ ଏଭଳି ଅପରାଧର ମୂଳୋତ୍ପାଟନ ହେବା

### ଆଜିର ସମ୍ପାଦକୀୟ

**ଜନଅନୁକୂଳ ଆଭିମୁଖ୍ୟ**

### ଆଜିର ମନ୍ତବ୍ୟ

"ଘୃଣ୍ୟ ଅପରାଧରେ ଦୋଷୀଙ୍କ କ୍ଷମା ଆବେଦନ ପାଇଁ ଅନୁମତି ଉପରେ ଚିନ୍ତା କରିବାକୁ ହେବା।

–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

### କିଛି ତଥ୍ୟ

ଗତ ୨ ଆର୍ଥିକ ବର୍ଷରେ ସରକାର ୩.୩୮ ଲକ୍ଷ କମ୍ପାନୀଙ୍କ ପଞ୍ଜୀକରଣ ରଦ୍ଦ କରିବା ସହ ସରକାରୀ ରେକର୍ଡରୁ ହଟାଇଛନ୍ତି।

– କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ

### ଦୁର୍ନୀତି ବିରୋଧରେ ସରକାରଙ୍କ କଡ଼ା ପଦକ୍ଷେପ

# ବିଡିଓ, ୨ ସରପଞ୍ଚ ନିଲମ୍ବିତ

**ଭୁବନେଶ୍ୱର, ୨।୧୨ (ବ୍ୟୁରୋ)**

ଦୁର୍ନୀତିକୁ ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଚାଲିଛନ୍ତି। ଅଭିଯୋଗ କିମ୍ବା ପ୍ରମାଣ ହେବା ମାତ୍ରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କିମ୍ବା ବିଦା କରି ଦିଆଯାଉଛି। କେବଳ ସେତିକି ନୁହେଁ, ଜନ ପ୍ରତିନିଧି ମଧ୍ୟ ଏଥିରୁ ବାଦ୍ ପଡୁ ନାହାନ୍ତି। ଏହି କ୍ରମରେ ସୋମବାର ରାଜ୍ୟ ସରକାର ଦୁର୍ନୀତି ଅଭିଯୋଗରେ ଜଣେ ବିଡିଓ ଓ ୨ ଜଣ ସରପଞ୍ଚଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ର ଗାଇଡଲାଇନକୁ ଅନୁସରଣ ନ କରିବା ଏବଂ ଦୁର୍ନୀତିକୁ ପ୍ରୋତ୍ସାହିତ କରିବା ଅଭିଯୋଗରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ରବୀନ୍ଦ୍ର କୁମାର ଶତପଥୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ସେହିପରି ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ କେଦାରପୁର ସରପଞ୍ଚ ଅଭିମନ୍ୟୁ ଜେନାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ନିଲମ୍ବିତ କରାଯାଇଥିବା ବେଳେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଅଙ୍କୋରଡା ସରପଞ୍ଚ ଉଷାନ୍ତ ସାହୁଙ୍କୁ ଆର୍ଥିକ ଅନିୟମିତତା ଅଭିଯୋଗରେ ନିଲମ୍ବିତ କରାଯାଇଛି।




Vencobb FRESH CHICKEN

02.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 75 | 126 | 136 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |
| BHM | 74 | 124 | 134 |

*Conditions Apply

Issued in the Interest of Consumers




FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : ✆ RSPL CARE 1800 120 2800




with you hamesha 1800-209-6006 | XMart EXCHANGE OR BUY. WITH TRUST. | Mahindra Subscription Operated by revv SELF-DRIVE CARS www.mahindrasyouv.com/mahindra-subscription

For Corporate/ Fleet/ CSD & CPC enquiries, write to us at sales.corporate@mahindra.com 'Credit at sole discretion of Bank. *Subject to credit approval from the Bank / Finance Company. All other terms & conditions will apply. Offer valid on select models till stocks last. This offer cannot be clubbed with any other offer. Offer mentioned is the maximum benefit available inclusive of insurance, exchange, loyalty, corporate as applicable. Offer will vary depending on the brand and model purchased and may vary from city to city. Contact your nearest Mahindra dealer for exact details. Terms of the offer may be altered/ amended/ withdrawn without prior notice. Accessories shown are not part of standard equipment. For more information please visit: www.mahindraauto/nearestdealership. **T&C Apply. For Corporate/Fleet/CSD & CPC enquiries writes to us at sales.corporate@mahindra.com

UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 7574808551 | ADITYA MOTORS: CUTTACK, JAGATSINGHPUR, KENDRAPARA, PURI, NAYAGARH, KHURDA: 7873999010, JAJPUR, PANIKOILI: 7873999027

JBSPL
BHARAT™
MASALA
AN ISO 9001 : 2015 & HACCP CERTIFIED COMPANY

The Taste of New India



ଭାରତର ସର୍ବବୃହତ କ୍ରାୟୋଜେନିକ୍ ସ୍ପାଇସେସ୍ ଗ୍ରାଇଣ୍ଡିଂ ପ୍ଲାଣ୍ଟ ଏବେ ଭାରତ ମସଲାରେ..



"ଏହି ପ୍ଲାଣ୍ଟ ପ୍ରସ୍ତୁତ କରୁଛି ଶୁଦ୍ଧ ଓ
ମହକଭରା ଶିଳବଟା ମସଲାର ସ୍ୱାଦ"






JAY BHARAT SPICES (P) LTD
sales@bharatmasala.in | Toll Free : 1800 345 1138
www.bharatmasala.in




# ୪୦ ଟଙ୍କାରେ ପିଆଜ ବିକିଲା କଂଗ୍ରେସ

## ଦର କମିବାକୁ ମାସେ ଲାଗିବ: ମନ୍ତ୍ରୀ

**ଭୁବନେଶ୍ୱର,୨।୧୨(ବ୍ୟୁରୋ)**

ପିଆଜ ଦର ବୃଦ୍ଧି ସରକାରଙ୍କୁ ବଡ଼ ଅଡୁଆରେ ପକାଇଛି। ଏତିକିବେଳେ ସରକାରଙ୍କୁ ଏହି ପ୍ରସଙ୍ଗରେ ବିରୋଧୀ ସମାଲୋଚନା କରିଥିବାବେଳେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପିଆଜ ଦର କମିବା ପାଇଁ ଆଉ ଗୋଟିଏ ମାସ ସମୟ ଲାଗିବ ବୋଲି କହିଛନ୍ତି। ତେବେ କଂଗ୍ରେସ ନେତାମାନେ ସୋମବାର ଲୋକଙ୍କୁ ପିଆଜ ବିକ୍ରି କରିଛନ୍ତି। କେବଳ ବିକ୍ରି କରିନାହାନ୍ତି ବରଂ ଶସ୍ତା ଦରରେ କଂଗ୍ରେସ ଲୋକଙ୍କୁ ପିଆଜ ଯୋଗାଇଥିଲା। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଠାରେ ପିଆଜ ଦର ବୃଦ୍ଧିକୁ ବିରୋଧ କରି କଂଗ୍ରେସ ଏଭଳି ଅଭିନବ ଢଙ୍ଗରେ ପ୍ରତିବାଦ କରୁଥିବାର ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ପିଆଜର ଶସ୍ତା ଦର ଦେଖି ଲୋକମାନଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଥିଲା। ମୋଟ ୨ କୁଇଣ୍ଟାଲ ପିଆଜ କଂଗ୍ରେସ ନେତାମାନେ ବିକ୍ରି କରିଥିଲେ। ଗୋଟିଏ କେଜି ୪୦ଟଙ୍କା ରଖାଯାଇଥିଲା ବେଳେ ଜଣଙ୍କ ପିଛା ଅଧ କେଜି ଲେଖାଏ ଦିଆଯାଉଥିଲା। ଅନ୍ୟପଟେ ପିଆଜ ନିଆଯାଉଥିବା ଗାଡିରେ ଏକ ବ୍ୟାନର ଲଗାଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା ମଧ୍ୟ କରାଯାଇଛି। ଗୋଟିଏ ପିଆଜରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆଉ ଗୋଟିଏରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ କରାଯାଇ ଦୁହିଁଙ୍କ ଚିତ୍ର ତଳେ ୫୦ ଟଙ୍କା ଲେଖା ଲେଖାଯାଇଥିଲା। ଏହି ଗାଡ଼ିକୁ ଚାରିଆଡ଼େ ବୁଲାଇ ଲୋକଙ୍କୁ ପିଆଜ ଦର ୧୦୦ଟଙ୍କା ବିକ୍ରି ହେବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ବୋଲି କୁହାଯାଉଥିଲା। ଅନ୍ୟପକ୍ଷରେ କଂଗ୍ରେସ ଭୁବନେଶ୍ୱର ଜିଲା କମିଟି ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟ୍ରଲିରେ ପିଆଜ ବିକ୍ରି କରାଯାଇ ଏଭଳି ଆନ୍ଦୋଳନ କରାଯାଇଛି। ପିଆଜ ଦରବୃଦ୍ଧି ସମସ୍ୟାର ସ୍ଥାୟୀ ସମାଧାନ ଲାଗି ପିସିସି କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି ଯେ, ପିଆଜ ଏକ ଅର୍ଥକରୀ ଫସଲ। ଓଡ଼ିଶାର ସବୁ ଅଞ୍ଚଳରେ ପିଆଜ ଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଅଛି। ରାଜ୍ୟ ପାଇଁ ବାର୍ଷିକ ୪ଲକ୍ଷ ଟନ୍ ପିଆଜର ଚାହିଦା ରହିଛି। କିନ୍ତୁ ପିଆଜ ସଂରକ୍ଷଣ ଏବଂ ଚାହିଦା ଅନୁଯାୟୀ ଉତ୍ପାଦନ ବୃଦ୍ଧି କରିବାରେ ୨୦ ବର୍ଷର ସରକାର କୌଣସି ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରିନାହାନ୍ତି ବୋଲି ସେ କହିଛନ୍ତି।

ଅପରପକ୍ଷରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ପିଆଜ ଦର ହ୍ରାସ ପାଇବା ଲାଗି ଆଉ ମାସେ ସମୟ ଲାଗିବ। ଡିସେମ୍ବର ଶେଷ ସପ୍ତାହ କିମ୍ବା ଜାନୁୟାରୀ ପ୍ରଥମରୁ ଦର ନିୟନ୍ତ୍ରଣ ହୋଇଯିବ। ବାହାରୁ ପିଆଜ ଆସିଲେ ମନକୁମନ ଦର କମିବ। ପିଆଜ ଦରରେ ସ୍ଥିରତା ଆଣିବାକୁ ସବୁ ଚେଷ୍ଟା କରୁଛନ୍ତି। ମୈତ୍ରୀ ଷ୍ଟୋରଗୁଡ଼ିକରେ ଏବେ ପିଆଜ ୫୨ରୁ ୭୫ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଅନ୍ୟ ରାଜ୍ୟ ତୁଳନାରେ ପିଆଜ ଦର ଓଡ଼ିଶାରେ କମ୍ ଅଛି। ନାସିକରୁ ଓଡ଼ିଶା ପିଆଜ ଆସିଥାଏ। ସେହି ସ୍ଥାନରେ ବର୍ଷା ହେବା ଯୋଗୁ ପିଆଜ ନ ଆସିବା ଯୋଗୁ ଦର ବୃଦ୍ଧି ହୋଇଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। କଂଗ୍ରେସ ପ୍ରତିବାଦକୁ ସମାଲୋଚନା କରି ସେ କହିଛନ୍ତି ଯେ, କଂଗ୍ରେସ ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ଲାଗି ଏମିତି କରାଯାଇଛି। ଲୋକଙ୍କୁ ସୁବିଧା ଦେବା ପାଇଁ କ'ଣ କରିବାକୁ ପଡ଼ିବ ସରକାର ଜାଣନ୍ତି ବୋଲି ମନ୍ତ୍ରୀ କହିଛନ୍ତି।


କଂଗ୍ରେସର ନେତାମାନେ ମାଷ୍ଟରକ୍ୟାଣ୍ଟିନ୍‌ଠାରେ କମ୍ ଦରରେ ପିଆଜ ବିକୁଛନ୍ତି।

# ଆଜି ଗଣଶିକ୍ଷା ବିଭାଗ ଆଣିବ ମଧୁ ଆପ୍

- ଭିଡିଓ ଜରିଆରେ ଦୂର କରିପାରିବେ ପାଠ୍ୟକ୍ରମର ଦ୍ୱନ୍ଦ୍ୱ
- ପରୀକ୍ଷାମୂଳକ ଭାବେ ଗଞ୍ଜାମରୁ ଆରମ୍ଭ

**ଭୁବନେଶ୍ୱର,୨।୧୨(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ମଧୁ ଆପ୍‌କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବ। ଉତ୍କଳମଣି ମଧୁସୂଦନ ଦାସଙ୍କ ନାମରେ ଏହି ଆପ୍‌ଟିକୁ ନାମିତ କରାଯାଇଛି। ଏହି ଆପ୍ ପ୍ରଥମେ ଗଞ୍ଜାମ ଜିଲା ଲାଗି କାର୍ଯ୍ୟକାରୀ କରାଯାଉଛି। ଗଞ୍ଜାମ ଜିଲାପାଳ ଏହି ଆପ୍ ଗଠନ କରିଛନ୍ତି। ଏହି ଆପ୍ ଜରିଆରେ ସ୍କୁଲ ପିଲାମାନେ ସିଧାସଳଖ ନିଜ ବହିର ଯେକୌଣସି ବିଷୟ ସମ୍ପର୍କରେ ବୁଝି ନ ପାରିବେ ତା'ର ସମାଧାନ ପାଇଯିବେ। ଏହି ଆପ୍‌ରେ ପିଲାମାନେ ସିଲାବସ୍ ସମ୍ପର୍କିତ ସମସ୍ତ ପାଠ୍ୟପୁସ୍ତକରେ ଉପଲବ୍ଧ ପାଠକୁ ଭିଡିଓ ମାଧ୍ୟମରେ ଦେଖି ବୁଝିପାରିବେ। ସବୁ ବିଷୟର ପ୍ରଶ୍ନ ଉତ୍ତରକୁ ଜଣେ ଲେଖା ଶିକ୍ଷକ ବୁଝାଉଥିବାର ଭିଡିଓ ଏହି ଆପ୍‌ରେ ମାରିଲେ ତାହା ଚାଲିଆସିବ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ପଢିବା ସହିତ ଇଲର୍ନିଂ କରିପାରିବେ ଏବଂ ଉକ୍ତ ଆପ୍ ମାଧ୍ୟମରେ ଦୁଇଟି ପ୍ରଶ୍ନୋତ୍ତର ସେଟ୍ ପାଇବେ। ତାକୁ କରିବାପରେ ନିଜ ମାର୍କିଂ ସମ୍ପର୍କରେ ମଧ୍ୟ ଜାଣିପାରିବେ। ଏହାଦ୍ୱାରା ପିଲାଙ୍କ ଗୁଣାତ୍ମକ ଶିକ୍ଷା ବୃଦ୍ଧି ପାଇପାରିବ ବୋଲି ବିଭାଗର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ମନ୍ତ୍ରୀ, ସଚିବ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିବେ। ଯଦି ଏହି ଆପ୍ ସଫଳ ହୁଏ ତେବେ ପର୍ଯ୍ୟାୟକ୍ରମେ ସମସ୍ତ ଜିଲାରେ ଉପଲବ୍ଧ କରାଯିବ ବୋଲି ସୂଚନା ମିଳିଛି।

# କୁନ୍ଧୁଲି ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲା | ଏସ୍‌ଆଇଟିର ତଦନ୍ତ ଆରମ୍ଭ

## ନ୍ୟାୟ ନ ମିଳିଲେ ଝିଅ ଭଳି ମରିଯିବି: ପୀଡ଼ିତାଙ୍କ ମା'

**କୋରାପୁଟ,୨।୧୨(ସ୍ୱ.ପ୍ର.)**

କୁନ୍ଧୁଲି ଗଣବଳାତ୍କାର ଓ ପୀଡ଼ିତାଙ୍କ ଆତ୍ମହତ୍ୟା ମାମଲାର ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍)ର ୩ ଜଣିଆ ଦଳ ସୋମବାର ପ୍ରଥମଥର କୋରାପୁଟରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛନ୍ତି। ୩ ଜଣ ବରିଷ୍ଠ ଆଇପିଏସ୍‌ଙ୍କୁ ନେଇ ଗଠିତ ଏହି ଟିମ୍‌ରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ କେ. ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଓ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ ସଦସ୍ୟ ରହିଛନ୍ତି। ସେମାନେ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ମାମଲା ସମ୍ପର୍କରେ ପଚରାଉଚୁରା କରିଛନ୍ତି।

ସୋମବାର ପୂର୍ବାହ୍ନ ୧୧ଟାରେ କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟରେ ହିମାଂଶୁ ଲାଲ୍‌ଙ୍କ ନେତୃତ୍ୱରେ ୩ ଜଣିଆ ଏସ୍‌ଆଇଟିର ବୈଠକ ବସିଥିଲା। ସେଥିରେ ଉପସ୍ଥିତ ଥିବା ପୀଡ଼ିତାଙ୍କ ମା', ଭାଇ ଓ ପିଉସୀଙ୍କ ସହ କୁନ୍ଧୁଲି ଘଟଣାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲା ଟିମ୍। ପୀଡ଼ିତାଙ୍କ ମା' କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟକୁ ଆସିଥିବା ବେଳେ ଗଣମାଧ୍ୟମକୁ କହିଛନ୍ତି ଯେ, ଘଟଣାକୁ ୨ ବର୍ଷ ବିତିବାକୁ ବସିଲାଣି, କିନ୍ତୁ ଆମକୁ ଏଯାଏ ନ୍ୟାୟ ମିଳିଲା ନାହିଁ। ଗଣବଳାତ୍କାର ଘଟଣା ପରେ ଝିଅକୁ ଉପଯୁକ୍ତ ନ୍ୟାୟ ନ ମିଳିବାରୁ ସେ ମାନସିକ ଚାପରେ ଆତ୍ମହତ୍ୟା କଲା। ଘଟଣାର ଏତେ ଦିନ ପରେ ଯଦି ନ୍ୟାୟ ନ ମିଳେ, ତେବେ ଝିଅ ଭଳି ସେ ମଧ୍ୟ କେତେବେଳେ ମରିଯିବେ ବୋଲି କହିଛନ୍ତି ପୀଡ଼ିତାଙ୍କ ମା'। ସୋମବାର ଏସ୍‌ଆଇଟି ପ୍ରାୟ ୩ ଘଣ୍ଟା ଧରି ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲା। ସେହିପରି ପଟ୍ଟାଙ୍ଗି ଥାନାର ତତ୍କାଳୀନ ଆଇଆଇସି ଦେବ କୁମାର ଗମାଙ୍ଗଙ୍କୁ ମଧ୍ୟ ପଚରାଉଚୁରା କରିଥିଲା ଏସ୍‌ଆଇଟି। ମଙ୍ଗଳବାର ଟିମ୍ ପୀଡ଼ିତାଙ୍କ ଗାଁ ମୂଷାଗୁଡ଼ା ଯିବା ସହ ସେଠାରେ ସମ୍ପର୍କୀୟ ଓ ଗ୍ରାମବାସୀଙ୍କୁ ପଚରାଉଚୁରା କରିବ ବୋଲି ଜଣାପଡ଼ିଛି। କିନ୍ତୁ ନ୍ୟାୟ ଅପେକ୍ଷାରେ ଥିବା ପୀଡ଼ିତାଙ୍କ ପରିବାର ସୋମବାର ଗଣମାଧ୍ୟମ ଆଗରେ ପୂର୍ବଭଳି ଘଟଣାର ସିବିଆଇ ତଦନ୍ତ ଦାବି ଦୋହରାଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୧୭ ଅକ୍ଟୋବର ୧୦ରେ କୋରାପୁଟ ଜିଲା କୁନ୍ଧୁଲି ନିକଟରେ ଯବାନ ପୋଷାକରେ ଥିବା ୪ ଜଣ ନାବାଳିକା ଜଣଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ସମ୍ବେଦନଶୀଳ ଘଟଣା ରାଜ୍ୟବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି କରିବା ପରେ ରାଜ୍ୟ ସରକାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପରେ ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ କମିଶନ ଗଠନ କରାଯାଇଥିଲା। କିନ୍ତୁ ନ୍ୟାୟକୁ ଅପେକ୍ଷା କରି ମାନସିକ ଚାପରେ ଥିବା ପୀଡ଼ିତା ନାବାଳିକା ଜଣକ ୨୦୧୮ ଜାନୁଆରୀ ୨୨ରେ ଆତ୍ମହତ୍ୟା କରିଥିଲେ।







## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ......................................


ସାଗରୀକା
ପରିବାରବର୍ଗ


ଭଞ୍ଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନଦୀକୁ ବିପଦ ବର୍ଜ୍ୟପାଣି

ଭୁବନେଶ୍ୱର,୨।୧୨ (ବ୍ୟୁରୋ)



- ୨୦୫୧ ସୁଦ୍ଧା ଦେଖା ଦେଇପାରେ ଉତ୍କଟ ଜଳ ସଙ୍କଟ
- ସହରାଞ୍ଚଳବାସୀ ଭୋଗିବେ ପାଣି କଷ୍ଟ
- ସଂରକ୍ଷଣ ପାଇଁ ହେବ ମେଗା ଯୋଜନା
- ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ନଦୀ ନୀତି

ଓଡ଼ିଶାରେ ବଡ଼ ନଦୀ ସମେତ ଉପନଦୀକୁ ମିଶାଇ ପ୍ରାୟ ୩୩ଟି ନଦୀ ବିଭିନ୍ନ ଜିଲ୍ଲା ଦେଇ ପ୍ରବାହିତ ହେଉଛି। ଜଳବାୟୁ ପରିବର୍ତ୍ତନ ସହ ଅନ୍ୟାନ୍ୟ କାରଣରୁ ଏହି ନଦୀଗୁଡ଼ିକ ମଧ୍ୟରୁ ଅଧିକାଂଶରେ ଜଳ ପ୍ରବାହ ହ୍ରାସ ପାଇଗଲାଣି। ଏପରିକି ଅଧିକାଂଶ ନଦୀଗୁଡ଼ିକରେ ଶିଳ୍ପାଞ୍ଚଳ ଏବଂ ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟଜଳ ମିଶି ଅଣନିଃଶ୍ୱାସୀ ପରିସ୍ଥିତି ସୃଷ୍ଟି କଲାଣି। ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, କୋଏଲ, ବୈତରଣୀ, କୋଲାବ, ଋଷିକୁଲ୍ୟା ଓ ଏହାର ଶାଖା ନଦୀଗୁଡ଼ିକ ନିକଟରେ ଗଢ଼ିଉଠିଥିବା ୮୮ଟି ଶିଳ୍ପାନୁଷ୍ଠାନର ବର୍ଜ୍ୟପାଣି ନଦୀରେ ମିଶୁଛି । ଏଥିସହିତ ସହରାଞ୍ଚଳର ବର୍ଜ୍ୟଜଳ ସିଧାସଳଖ ନଦୀକୁ ଛାଡ଼ି ଦିଆଯାଉଛି। ବର୍ଜ୍ୟଜଳକୁ ବିଶୋଧନ କରି ଛାଡ଼ିବାକୁ ନିୟମ ରହିଥିଲେ ମଧ୍ୟ ଏହାକୁ ଅଧିକାଂଶ ଶିଳ୍ପ କିମ୍ବା ପୌରସଂସ୍ଥା ଗୁରୁତ୍ୱ ଦେଉନାହାନ୍ତି। ଏଥିଯୋଗୁ ନଦୀଜଳ ପ୍ରଦୂଷିତ ହେବା ସହ ଜଳପ୍ରବାହ ମଧ୍ୟ ହ୍ରାସ ପାଇଲାଣି। ୨୦୫୧ ବେଳକୁ ରାଜ୍ୟରେ ପାନୀୟ ଜଳ ସଙ୍କଟ ଉତ୍କଟ ଆକାର ଧାରଣ କରିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।

ନଦୀଗୁଡ଼ିକୁ ବଞ୍ଚାଇ ରଖିବା ସହ ପାନୀୟ ଜଳ ଓ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଜଳ ସଞ୍ଚୟ କରିବା ସକାଶେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନୂଆ ସଂଶୋଧିତ ନଦୀନୀତି( ରିଭର ପଲିସି)-୨୦୧୯ ଆଣିବାକୁ ଯାଉଛନ୍ତି। ଚିଠାନୀତି ପ୍ରସ୍ତୁତ ହୋଇସାରିଛି। ଚୂଡ଼ାନ୍ତ ନୀତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ନଦୀଗୁଡିକର ବର୍ତ୍ତମାନ ସ୍ଥିତିକୁ ପରଖାଯିବ। ଜଳ ପ୍ରବାହ ଓ ଏହାର ଜଳଧାରଣ କ୍ଷମତାକୁ ଆକଳନ କରାଯିବ। ଏଥିସହ ନଦୀର ଜୈବବିବିଧତା ଓ ଉଭୟ ପାର୍ଶ୍ୱରେ ଥିବା ଜନବସତିଗୁଡିକର ଜୀବିକାକୁ ମଧ୍ୟ ଧ୍ୟାନ ଦିଆଯିବ। ନଦୀର ଜଳ ପ୍ରବାହ ହ୍ରାସକୁ ନେଇ ସୁପ୍ରିମକୋର୍ଟ ମଧ୍ୟ ଚିନ୍ତାପ୍ରକଟ କରିଛନ୍ତି। ପରିବେଶ ଆଇନ ଅନୁଯାୟୀ ନଦୀରେ କେତେ ଜଳ ପ୍ରବାହ ହେଉଛି ଓ ଏହା ଉପରେ ନିର୍ଭର କରୁଥିବା ଜୀବଜନ୍ତୁ ଓ ବୃକ୍ଷଲତାଗୁଡିକ ଉପରେ ଜଳବାୟୁ ପରିବର୍ତ୍ତନର କି ପ୍ରଭାବ ପଡୁଛି, କେଉଁ ସମୟରେ କେତେ ଜଳ ପ୍ରବାହିତ ହେଉଛି ସେସବୁକୁ ନେଇ ରାଜ୍ୟ ସରକାର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ଏକ ଦୀର୍ଘମିଆଦୀ ଯୋଜନା କରିବେ। ବର୍ଷା ଓ ଖରାଦିନେ ଜଳଚର ଜୀବମାନଙ୍କ ପାଇଁ କେତେ ପାଣି ନଦୀରେ ପ୍ରବାହିତ ହେବ ସେ ସବୁର ଅନୁଧ୍ୟାନ କରି ନୂତନ ନଦୀନୀତି ପ୍ରସ୍ତୁତ କରାଯିବ। ଯେଉଁ ନଦୀ ଚଡଡା ହୋଇଯାଇ ଗର୍ଭ ପୋତି ହୋଇଯାଇଛି ତାହାକୁ ପୁଣି ଜୀବନ୍ତ କରିବାକୁ ଏଥିରେ ବ୍ୟବସ୍ଥା ରହିବ। ନଦୀ ମଝିରେ ଜଳ ପ୍ରବାହକୁ ଦେଖି ଜଳ ପ୍ରବାହ ପାଇଁ ଚ୍ୟାନେଲ ନିର୍ମାଣ କରାଯିବ। ଏହାଦ୍ୱାରା ନଦୀ ଗର୍ଭ ପୋତି ନ ହୋଇ ଖରାଦିନେ ସ୍ୱାଭାବିକ ଜଳପ୍ରବାହିତ ହୋଇପାରିବ। ଏହାଛଡା କେଉଁ ନଦୀର କେତେ ପାଣି ଅଟକାଯାଇ ପାରିବ ସେ ନେଇ ଏଥିରେ ବ୍ୟବସ୍ଥା ରହିବ। ଭୂଗର୍ଭ ଜଳ ସଂଚରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ନୀତିରେ ଚାଷ ଓ ପାନୀୟ ଜଳକୁ ପ୍ରାଧାନ୍ୟ ଦିଆଯିବ। ବ୍ୟାରେଜ ନିର୍ମାଣ କରାଯାଇ ପାନୀୟ ଜଳ ଓ କ୍ଷୁଦ୍ର ଜଳସେଚନ ପାଇଁ ବ୍ୟବସ୍ଥା ହେବ। ନଦୀ ଜଳକୁ ଅଯଥା ବ୍ୟବହାର ଉପରେ କଟକଣା ଜାରି କରାଯିବ। ନଦୀଗୁଡିକ ପାଇଁ କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା, ଅନ୍ତର୍ଜାତୀୟ ସଂସ୍ଥାଗୁଡିକର ସହାୟତା ନେବା ସହ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ।

ସହରାଞ୍ଚଳରେ ଏବେଠୁ ଉତ୍କଟ ଜଳାଭାବ ଦେଖାଦେଲାଣି। ନଦୀଗୁଡିକ ଉପରେ ପାନୀୟ ଜଳ ପାଇଁ ନିର୍ଭର କରୁଥିବା ସହରଗୁଡିକ ଆସନ୍ତା ୨୦ ବର୍ଷ ମଧ୍ୟରେ ଭୟଙ୍କର ଜଳ ସଙ୍କଟର ସମ୍ମୁଖୀନ ହେବେ ବୋଲି ପରିବେଶବିତ୍ ଆଶଙ୍କା କଲେଣି । ଜନସଂଖ୍ୟା ଯେପରି ହୁ ହୁ ହୋଇ ବଢ଼ି ଚାଲିଛି କଟକ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ସମେତ ଅନ୍ୟାନ୍ୟ ଛୋଟ ସହରକୁ ପାନୀୟ ଜଳ ଯୋଗାଇବା କାଠିକର ପାଠ ହୋଇଯିବ। ଜଳ ସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ୨୦୦୧ରେ ରାଜ୍ୟର ପ୍ରମୁଖ ନଦୀର ଜଳ ଧାରଣ କ୍ଷମତା ୧୨୦.୩୯୭ ନିୟୁତ କ୍ୟୁବିକ ମିଟର(ବିସିଏମ୍) ଥିବା ବେଳେ ୨୦୫୧ ବେଳକୁ ଏହା ୧୦୮.୧୧୩ ବିସିଏମ୍‌କୁ ଖସିଆସିବ । ଏହାକୁ ଦୃଷ୍ଟିରେ ରଖି ଉକ୍ତ ନଦୀ ଯୋଜନା ଆରମ୍ଭ କରାଯାଇଛି। ମହାନଦୀରୁ ଚିଲିକା ଯାଏ ଏହାର ଉପ ଓ ଶାଖାନଦୀ କାଠଯୋଡି, କୁଆଖାଇ, ଦୟା, ଭାର୍ଗବୀ, କୁଶଭଦ୍ରା ଆଦିର ଜଳ ସ୍ରୋତକୁ ବଞ୍ଚାଇ ରଖିବା ପାଇଁ ଯୋଜନା ପ୍ରସ୍ତୁତ ହେବ। ଏହି ନଦୀଗୁଡିକର ବିଭିନ୍ନ ସ୍ଥାନରେ ମଧ୍ୟମଧରଣର ବ୍ୟାରେଜ ନିର୍ମାଣ କରାଯିବ। ନଦୀଜଳ ଭୂଗର୍ଭକୁ ସଂଚରଣ ପାଇଁ ବ୍ୟବସ୍ଥା ରହିବ। ଏହି ନଦୀଗୁଡିକରେ ଛୋଟ ଓ ବଡ଼ ବ୍ୟାରେଜ ନିର୍ମାଣ କରାଯାଇ ଉଭୟ ଭୂପୃଷ୍ଠ ଓ ଭୂଗର୍ଭ ଜଳକୁ ସଂରକ୍ଷଣ କରିବାକୁ ଜଳ ସମ୍ପଦ ବିଭାଗ ଲକ୍ଷ୍ୟ ରଖିଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ବର୍ଷାରାଣୀ କର


ମୀର୍ଜା ସଦାବ୍ ବାଗ୍

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

ପ୍ରଥମ ପୃଷ୍ଠାରୁ...

## ଅପରାଧୀଙ୍କୁ...

କହିଥିଲେ। ବଳାତ୍କାର ଭଳି ଅପରାଧକୁ ବନ୍ଦ କରିବାକୁ ହେଲେ ଅପରାଧୀ ଜେଲ୍‌ରୁ ବାହାରିବା ପୂର୍ବରୁ ସେମାନଙ୍କୁ ନପୁଂସକ କରିବା ପାଇଁ ଅଦାଲତଙ୍କୁ କ୍ଷମତା ମିଳିବା ଆବଶ୍ୟକ ବୋଲି ଡିଏମ୍‌କେ ସଦସ୍ୟ ପି. ୱିଲସନ୍ କହିଥିଲେ। ଅସ୍ତ୍ରୋପଚାର କିମ୍ବା ରାସାୟନିକ ପ୍ରକ୍ରିୟାରେ ନପୁଂସକ କରିବା ଲାଗି ଯାହା ଖର୍ଚ୍ଚ ହେବ, ତାହା ଅଭିଯୁକ୍ତଙ୍କଠାରୁ ଅସୁଲ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ। ଯୌନ ଅପରାଧୀମାନଙ୍କ ତାଲିକା ସର୍ବସାଧାରଣରେ ପ୍ରକାଶ କରାଯିବା ଆବଶ୍ୟକ ବୋଲି ମଧ୍ୟ ସେ ମତ ଦେଇଥିଲେ।

ସେହିପରି କଂଗ୍ରେସ ସଦସ୍ୟ ମହମ୍ମଦ ଅଲି ଖାନ୍ କହିଥିଲେ, ବଳାତ୍କାର ମାମଲାର ବିଚାର ଫାଷ୍ଟ-ଟ୍ରାକ୍ କୋର୍ଟରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବା ଉଚିତ। ଅଭିଯୁକ୍ତଙ୍କୁ ଧର୍ମୀୟ ରଙ୍ଗ ଦିଆଯିବା ଉଚିତ ନୁହେଁ ବୋଲି ସେ ମତ ଦେଇଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସବୁପ୍ରକାର ଯୌନ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ କରିବା ଲାଗି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସଦସ୍ୟ ସଞ୍ଜୟ ସିଂ କହିଥିଲେ। ହାଇଦ୍ରାବାଦ ଘଟଣା ଭଳି ଘୃଣ୍ୟ ଅପରାଧ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ ବିଜେଡି ସଦସ୍ୟ ଅମର ପଟ୍ଟନାୟକ। ସେହିପରି ସିପିଏମ୍‌ର ଟି.କେ. ରଙ୍ଗରାଜନ, ଏମ୍‌ଡିଏମ୍‌କେର ଭାଇକୋ ଏବଂ ଟିଏମ୍‌ସିର ସାନ୍ତନୁ ସେନ୍ ଅପରାଧୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଆଇନ ଆଣିବାକୁ ଦାବି କରିଥିଲେ। ସେହିପରି ଅନ୍ୟ ଦଳର ସଦସ୍ୟମାନେ ମଧ୍ୟ ଅନୁରୂପ ମତ ରଖିଥିଲେ।

ତେଲଙ୍ଗାନାର ଏକ ସରକାରୀ ପ୍ରାଣୀ ଚିକିତ୍ସାଳୟରେ ସହକାରୀ ପ୍ରାଣୀ ଚିକିତ୍ସକ ଭାବେ କାର୍ଯ୍ୟରତ ୨୬ ବର୍ଷୀୟା ପୀଡିତାଙ୍କ ଦଗ୍ଧ ମୃତଦେହ ୨୮ ତାରିଖ ସକାଳେ ଉଦ୍ଧାର ହୋଇଥିଲା। ତାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣାପଡିଥିଲା। ଏହି ଘଟଣାରେ ୪ ଜଣ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପରଙ୍କୁ ଗିରଫ କରାଯିବା ପରେ ସେମାନଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାକୁ ନେଇ ତେଲଙ୍ଗାନା ସମେତ ସାରା ଦେଶରେ ପ୍ରତିବାଦର ନିଆଁ ଜଳୁଥିବାବେଳେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦାବି ହୋଇଛି। ଲୋକ ସଭାରେ ଶୂନ୍ୟକାଳରେ ହାଇଦ୍ରାବାଦ ସମେତ ବିଭିନ୍ନ ସ୍ଥାନରେ ଘଟିଥିବା ବଳାତ୍କାର ଘଟଣା ଉପରେ ଆଲୋଚନା ହୋଇଥିଲା। ନିର୍ଭୟା ଗଣବଳାତ୍କାର ମାମଲାରେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦେବାରେ ବିଳମ୍ବକୁ ନେଇ ବିଜେଡି ଏମ୍‌ପି ପିନାକୀ ମିଶ୍ର ପ୍ରଶ୍ନ ଉଠାଇଥିଲେ। ଅପରାଧୀଙ୍କୁ ତୁରନ୍ତ ମୃତ୍ୟୁଦଣ୍ଡ ନ ମିଳିଲେ ଆଇନ ଓ ଫାଷ୍ଟ-ଟ୍ରାକ୍ କୋର୍ଟ ସ୍ଥାପନର କୌଣସି ମୂଲ୍ୟ ନାହିଁ ବୋଲି ସେ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଲାଭ ସ୍ଥାନରେ ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟସିଦ୍ଧି ଘଟିବ ଏବଂ ଆଶା କରୁଥିବା ଜିନିଷ ନିଶ୍ଚିତ ପାଇପାରିବେ। କିନ୍ତୁ ଆତ୍ମୀୟମାନଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ବଢ଼ିପାରେ। ପିଲାଙ୍କ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ଜଣେ ବନ୍ଧୁ ଅସୁବିଧା ସମୟରେ ସାହାଯ୍ୟର ହାତ ବଢ଼ାଇବେ।

**ବୃଷ** – ଦ୍ୱିତୀୟସ୍ଥ ରାହୁ ଯୋଗୁ ପ୍ରତିବନ୍ଧକ ଲାଗି ରହିଥିବା କାରଣରୁ ସ୍ଥଗିତ ଥିବା କାମଟି ବନ୍ଧୁଙ୍କ ସାହାଯ୍ୟରୁ ପୁନଃ ଆରମ୍ଭ କରିବାକୁ ମନସ୍ଥ କରିବେ । ମଧ୍ୟାହ୍ନରେ ବନ୍ଧୁ ପରିଜନମାନଙ୍କ ସମ୍ବନ୍ଧରେ କୌଣସି ଶୁଭ ଖବର ଶୁଣି ଖୁସି ହେବେ। ଦିନ ଭରି କଠୋର ପରିଶ୍ରମଜନିତ ରାତ୍ରିରେ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** – ଅନୁକୂଳ ସମୟ ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବୁଝାମଣା ଭିତ୍ତିରେ କିମ୍ବା ସହମତିରେ କାମ କଲେ ଉପକୃତ ହେବେ। ସଭାସମିତିରେ ଯୋଗଦେଲେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟରୁ ବ୍ୟକ୍ତିଗତ ଭାବରେ ଲାଭବାନ୍ ହେବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** – ରାଶିର ଗୁଣଧର୍ମାନୁସାରେ ଭାବପ୍ରବଣତା ମଧ୍ୟରେ ନିକଟ ଅତୀତର ସମସ୍ୟାଗୁଡ଼ିକର ସମୀକ୍ଷା କରିପାରନ୍ତି। ନିର୍ମାଣାଧୀନ ଗୃହ କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବା ଆଶଙ୍କା ରହିଛି। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ନିଜର ଲକ୍ଷ୍ୟ ହାସଲ କରିବେ। ଯାନ୍ତ୍ରିକ ତ୍ରୁଟି ସାମୟିକ ଯାତ୍ରାରେ ପ୍ରତିବନ୍ଧକ ସାଜିବ।

**ସିଂହ** – ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେହିଭଳି କାମଗୁଡ଼ିକ ସମ୍ପନ୍ନ ହେବାରେ କୌଣସି ଅସୁବିଧା ହେବ ନାହିଁ। ଶ୍ରମଜୀବୀମାନେ ମଧ୍ୟ କଠିନ ପରିଶ୍ରମ କରିବେ ଏବଂ ଉଚିତ ପାରିଶ୍ରମିକ ମଧ୍ୟ ପାଇ ପାରିବେ। ପାଖପଡ଼ୋଶୀଙ୍କ ସହ ପିଲାମାନଙ୍କର କନ୍ଦଳକୁ କେନ୍ଦ୍ରକରି ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**କନ୍ୟା** – ପରିବାର ସ୍ଥାନରେ ଗ୍ରହଯୁଦ୍ଧ ଜନିତ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ପଡ଼ୋଶୀଙ୍କ ଠାରୁ କାମ ହାସଲ କରିବେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଘଟିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦ୍ୱିଗୁଣିତ ହେବା କ୍ଷେତ୍ରରେ ନିଜର ଅବହେଳା ହିଁ ମୁଖ୍ୟ କାରଣ ହୋଇପାରେ।

**ତୁଳା** – ଉଚ୍ଚାରୋହୀ ଶୁକ୍ର ହେତୁ ସ୍ୱାସ୍ଥ୍ୟ ଭଲ ରହିବ ଓ ମନୋରଞ୍ଜନର ଖୋରାକ ମଧ୍ୟ ପାଇଯିବେ। ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ, କିନ୍ତୁ କ୍ଷତି ହେବ ନାହିଁ। କେସ୍‌ରେ ନିଜ ପକ୍ଷ ସବଳ ରହିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** – କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ଆଜିର କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ପ୍ରାୟତଃ ସ୍ୱାଭାବିକ ରହିବ। କିନ୍ତୁ ପ୍ରତ୍ୟେକ କଥାରେ ପଡ଼ୋଶୀଙ୍କ କଥାକୁ ବିଶ୍ୱାସକରି ହଇରାଣରେ ପଡ଼ି ପାରନ୍ତି। ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ଅବଶ୍ୟ ସଫଳ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସାମୂହିକ ସମସ୍ୟାର ସରଳ ସମାଧାନ କରି ପରୋକ୍ଷ ଭାବରେ ପ୍ରଶଂସିତ ହେବେ।

**ଧନୁ** – ବିକ୍ଷିପ୍ତ ଚିନ୍ତାଧାରା କାରଣରୁ ବନ୍ଧୁ ସମ୍ମୁଖରେ କହିବେ ବୋଲି ବହୁ ପୂର୍ବରୁ ଚିନ୍ତା କରିଥିଲେ ମଧ୍ୟ ଯଥା ସମୟରେ ପ୍ରକାଶ କରିବାରେ ପଛେଇଯିବେ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କିନ୍ତୁ ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ମକର** – ସପ୍ତମ ଭାବରୁ ଅଷ୍ଟମସ୍ଥ ଚନ୍ଦ୍ର ଜନିତ ଆଜି ସକାଳୁ ଇଚ୍ଛା କରିଥିବା ଜିନିଷଟି ନ ପାଇବାରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ । କର୍ମକ୍ଷେତ୍ରରେ ସରକାରୀ ସ୍ତରରେ ମଉଳିଯାଇଥିବା ଆଶା ପୁଣି କଅଁଳି ଉଠିବା ସୂଚନା ମିଳିପାରେ। ଯାତ୍ରା ସମୟରେ ସତର୍କତା ଅଭାବରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**କୁମ୍ଭ** – ଶୁଭଗ୍ରହ ପ୍ରଭାବରେ ଆଜି ସକାଳୁ ସକାଳୁ କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରାଦମ୍‌ରେ କରିଚାଲିବେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ନିଜ ଚତୁଃପାର୍ଶ୍ୱରେ ବିରୋଧ ମନୋଭାବ ପୋଷଣ କରୁଥିବା ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ମୀନ** – ଗୁରୁଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ରରେ ପରିସ୍ଥିତି ପୂର୍ବବତ୍ ରହିବ ଏବଂ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍‌ସନ ଲାଗି ରହିଥିଲେ ମଧ୍ୟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିପାରେ। ସ୍ୱାସ୍ଥ୍ୟହାନି ସମ୍ଭାବନା ରହିଛି।

ଆଜି ମାଘ ଶୁକ୍ଳ ସପ୍ତମୀ ମଙ୍ଗଳବାର,ଡିସେମ୍ବର ୩ ତାରିଖ,ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ, ରାଶି ନକ୍ଷତ୍ର- ଧନିଷ୍ଠା/କୁମ୍ଭ, କର୍କଟ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୩୭ମି. ଗତେ ଘ୧୧।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୬ମି. ଗତେ ଘ୧୧।୩୭ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ନ ଘ୨।୧୯ମି. ଗତେ ଘ୩।୪୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile
SALE

2018 Swift DZire, 5,50,000/- for sale, refinance available. Contact: 8249627855. D-15535

real estate
SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

**1800sqft. plot near Patia Bigbazar, close to main road for immediate sale. 9438363196, 6372696368.** D-15501

4 Nos. plots covering with boundarywall and entrance gate. Each plot measuring approx 1500sqft. available at new Rausapatna, Cuttack, plot Nos. 169 and 457 Contact Person Mr. P.K. Panda. Mob #, 9437968283, 9668307606. D-68521

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68199

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 7978286401, 9861411038.** D-68438

ଭୁବନେଶ୍ୱର Tamandoରେ yellowzone plot 30' ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex- 9583160668. D-68442

ନଖରା ତ୍ରିନାଥବଜାରଠାରେ **SC Plot 1200sqft. 4,44,000/-,** ଘରବାରୀ ପାଚେରୀ ଥାଇ **outright**ରେ ମିଳୁଅଛି- **9348817649, 6371569855.** D-68443

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

to-let

3BHK independent house with parking, Santha Vihar, Lingipur. BBSR. Contact: 8114351359. D-61067

2BHK house at Paika Nagar, Bhubaneswar, opp. to Aditya Palace for small family. Contact: 9831472010. D-67732

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

packers & movers

India's No.1 Packers Leo Packers & Movers Car, Household & Office movement. Countrywide, 9438133699. D-15534

healthcare

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist- 8480939300. D-68712

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Full body herbal massage with refreshment expert therapist. 7381239385, 06742540855. D-68200

Summer special mesmerizing offer expert therapeutic refreshing massage appointment. 9668374480. D-68903

Sai herbal spa refresh your body with smart, expert therapist. 7608062524. D-68905

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

Ayurvedic full body massage ladies and gents. Contact: 9861064981. D-68715

Refresh your mind and soul with best therapy at Orchid Salon/Spa. 9937287222. D-68716

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

business

Start Gold, Silver Jewellery Business in 6000/-, only. Call- 7438997323. D-68907

Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କନ୍ଧମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.- 9873093017, 9873093217. D-15430

AFFIDAVIT

My name is Dinabandhu Ho, Name of Son - Subham Kumar Dugambaram, Name of Daughter - Divyashree Dugambaram, Surname to be changed from "HO" to "DUGAMBARAM" from Subham Kumar Ho to Subham Kumar Dugambaram, Divyashree Ho to Divyashree Dugambaram. D-68908

■ ଶିକାରକୁ ଯିବା କାଳ ହେଲା

# ଗୁଳି ମାଡ଼ରେ ପୁଅ ମୃତ, ବାପାଙ୍କ ସମେତ ୩ ଅଟକ

ଦାରିଙ୍ଗବାଡ଼ି,୨।୧୨(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳରେ ଜଙ୍ଗଲକୁ ଶିକାର ପାଇଁ ଯିବା ଜଣେ ଯୁବକଙ୍କ ପାଇଁ କାଳ ହୋଇଛି। ଗୁଳିମାଡ଼ରେ ସହଯୋଗୀମାନଙ୍କ ସହ ଯାଇଥିବା ଶିକାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବି. ଡକେବାଡ଼ି ଗ୍ରାମର କ୍ରିଷ୍ଣା ନାୟକ (୨୮)। କ୍ରିଷ୍ଣାଙ୍କ ଗୁଳିବିଦ୍ଧ ମୃତଦେହ ଦାରିଙ୍ଗବାଡ଼ି ପୋଲିସ ସୋମବାର ଜବତ କରି ବ୍ୟବଚ୍ଛେଦ କରାଇଛି। ଏହି ଘଟଣାରେ ପୋଲିସ କ୍ରିଷ୍ଣା ବାପାଙ୍କ ସମେତ ୩ ଜଣଙ୍କୁ ଅଟକ ରଖିଛି। ଶିକାରରେ ବ୍ୟବହୃତ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି। ଏ ନେଇ ନଂ.୧୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି କୌଶିକ ମାଝି କହିଛନ୍ତି।

ଶନିବାର ବି. ଡକେବାଡ଼ିର କ୍ରିଷ୍ଣା, ତାଙ୍କ ବାପା ଗୌତମ ଓ ଅନ୍ୟ ୨ ଜଣ ଜଙ୍ଗଲକୁ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଶିକାର କରିବାକୁ ଯାଇଥିଲେ। ସେମାନେ ରୋଷେଇ କରି ଖାଇବା ସହ ସେଠାରେ ରାତି ବିତାଇଥିଲେ। ରବିବାର ବାପ, ପୁଅ ବନ୍ଧୁକ ନେଇ ଶିକାର ଉଦ୍ଦେଶ୍ୟରେ ଅଲଗା ଅଲଗା ସ୍ଥାନକୁ ଯାଇଥିଲେ। ଅନ୍ୟ ୨ ଜଣ ରୋଷେଇ ସ୍ଥାନରେ ଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଗୁଳି ଶବ୍ଦ ଶୁଣାଯାଇଥିଲା। କୌଣସି ବନ୍ୟଜନ୍ତୁ ଶିକାର ହୋଇଥିବା ଭାବି ପୁଅ ପାଖକୁ ଦୌଡ଼ିଯାଇ ଦେଖିବା ବେଳକୁ ସେ ଗୁଳିବିଦ୍ଧ ହୋଇ ଛଟପଟ ହେଉଥିଲେ ବୋଲି ଗୌତମ ପୋଲିସକୁ କହିଛନ୍ତି। ଅପରାହ୍ନରେ ମୃତଦେହ ଧରି ସମସ୍ତେ ଗାଁକୁ ଫେରିଥିଲେ। ସୋମବାର ସକାଳେ ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣାର ତଦନ୍ତ ଚାଲିଛି, ଆବଶ୍ୟକ ପଡ଼ିଲେ ଅପମୃତ୍ୟୁ ମାମଲା ପରିବର୍ତ୍ତେ ହତ୍ୟା ମାମଲା ରୁଜୁ ହେବ ବୋଲି ଆଇଆଇସି କହିଛନ୍ତି।

## ପ୍ରଥମ ଦିନରେ ୬୩୩ଜଣଙ୍କୁ ଧରାଗଲା ଚାଲାଣ

# ଏଣିକି ଅନ୍‌ଲାଇନରେ ଲର୍ନିଂ ଲାଇସେନ୍ସ, ଫିଟ୍‌ନେସ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ଆଗକୁ ଆଉ ଲର୍ନିଂ ଲାଇସେନ୍ସ କାଗଜରେ ଦିଆଯିବ ନାହିଁ। ଏଥର ଏହା ଅନ୍‌ଲାଇନ ମାଧ୍ୟମରେ ମିଳିବ। ଆର୍‌ଟିଓ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସେହିପରି ଫିଟ୍‌ନେସ ସାର୍ଟିଫିକେଟ ମଧ୍ୟ ଆଉ କାଗଜ ମାଧ୍ୟମରେ ଦିଆ ନ ଯାଇ ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଯେଉଁମାନେ କାଗଜ ଲାଇସେନ୍ସ ପାଇଁ ଇଚ୍ଛା ପ୍ରକାଶ କରିବେ ସେମାନେ ଲିଖିତ ସମ୍ମତି ପ୍ରଦାନ କରି ଫି' ପ୍ରଦାନ କଲେ ଦସ୍ତାବିଜ ପାଇପାରିବେ। ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେବା ପାଇଁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାଡି କାଗଜପତ୍ର ଠିକ୍ କରିବା ଲାଗି ଲୋକଙ୍କୁ ୩ ମାସ ସମୟ ପ୍ରଦାନ କରିଥିଲେ। ଏହି ସମୟ ପୂରଣ ହେବାପରେ ଡିସେମ୍ବର ୧ରୁ କଡାକଡି ଟ୍ରାଫିକ ନିୟମ ପାଳନ କରାଯାଇଛି। ଟ୍ରାଫିକ ପକ୍ଷରୁ ମଧ୍ୟ ଯାଞ୍ଚ ଆରମ୍ଭ ହୋଇଯାଇଛି, ନିୟମ ମାନୁ ନ ଥିବା ଲୋକଙ୍କୁ ମୋଟା ଅଙ୍କର ଦଣ୍ଡ ଗଣାଉଛନ୍ତି। ଏହି ପ୍ରକ୍ରିୟା ଭିତରେ ପ୍ରଥମ ଦିନରେ ରାଜ୍ୟରେ ୬୩୩ଜଣ ନିୟମ ଉଲ୍ଲଂଘନ କରି ଜରିମାନା ପ୍ରଦାନ କରିଛନ୍ତି। ମଦ ସେବନ କରି ଡ୍ରାଇଭିଂ କରୁଥିବା ୧୫ଜଣ ପ୍ରଥମ ଦିନରେ ଗିରଫ ହୋଇଛନ୍ତି। ସେହିପରି ବିନା ହେଲ୍‌ମେଟ୍‌ରେ ଗାଡି ଚଳାଉଥିବା ୪୦୦ଜଣ ଜରିମାନା ପୈଠ କରିଛନ୍ତି। ସେହିପରି ମୋବାଇଲ ଫୋନ୍ ବ୍ୟବହାର କରି ଗାଡି ଚଳାଉଥିବା ୩୧ଜଣଙ୍କଠାରୁ ଚାଲାଣ କଟାଯାଇଛି। ସ୍ପିଡ୍ ଡ୍ରାଇଭିଂ କରୁଥିବା ୧୮୭ଜଣଙ୍କୁ ଚାଲାଣ ଦିଆଯାଇଛି ବୋଲି ଏନ୍‌ଆଇସି(ନ୍ୟାଶନାଲ୍ ଇନଫରମେଟିକ ସେଣ୍ଟର) ତଥ୍ୟ ଅନୁଯାୟୀ ଜଣେ ପରିବହନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବର ମାସରେ ରାଜ୍ୟରେ ୮୩୮୫ ମଦୁଆ ଚାଳକ ଗିରଫ ହୋଇଥିବା ଏକ ସରକାରୀ ତାଲିକା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିଭିନ୍ନ ଜିଲାରୁ ହ୍ୱାଟ୍‌ସପ ଗ୍ରୁପ୍ ମାଧ୍ୟମରେ କମିଶନରେଟ ପୋଲିସ ପାଇଥିବା ତଥ୍ୟ ଅନୁଯାୟୀ ଏହି ସଂଖ୍ୟା ଦର୍ଶାଯାଇଛି। ମାତ୍ର ପରିବହନ ବିଭାଗର ଜଣେ ଅଧିକାରୀ ଏହା ଭୁଲ୍ ତଥ୍ୟ ବୋଲି କହିଛନ୍ତି।

# ଅନ୍‌ଲାଇନ୍‌ରେ ଶମ୍ବର ଶିଙ୍ଗ ବିକ୍ରି, ଜଣେ ଗିରଫ




**ଭୁବନେଶ୍ୱର, ୨।୧୨(ବ୍ୟୁରୋ):** ଅନ୍‌ଲାଇନ୍‌ରେ ଶମ୍ବର ଶିଙ୍ଗ ବିକ୍ରି କରୁଥିବା ଜଣେ ଯୁବକଙ୍କୁ ଗିରଫ କରିଛି ୱାଇଲ୍ଡ ଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି)। ଗିରଫ ଯୁବକ ଜଣକ ହେଲେ ଯାଜପୁର ବ୍ରହ୍ମବରଦାର ଦେବୀ ପ୍ରସନ୍ନ ବେହେରା। ଦେବୀ ପ୍ରସନ୍ନ ଶମ୍ବର ଶିଙ୍ଗ ବିକ୍ରି କରିବା ପାଇଁ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ। ହାଇଦ୍ରାବାଦ୍‌ରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ପାର୍ଥ ପ୍ରତିମ ପାତ୍ର ଏହି ବିଜ୍ଞାପନକୁ ଦେଖି ଡବ୍ଲ୍ୟୁସିସିବିର ଦୃଷ୍ଟି ଆକର୍ଷଣ କରିଥିଲେ। ଡବ୍ଲ୍ୟୁସିସିବି ଏ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ବନ ବିଭାଗର ହସ୍ତକ୍ଷେପ ଲୋଡ଼ିଥିଲା। ଏହାପରେ ତାଙ୍କୁ ଧରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଥିଲା। ଯୋଜନା ଅନୁଯାୟୀ, ଶିଙ୍ଗଟିକୁ କିଣିବା ପାଇଁ ମୂଲଚାଲ କରାଗଲା ଓ ଅଭିଯୁକ୍ତଙ୍କୁ ରେଡ୍-ହ୍ୟାଣ୍ଡ ଧରାଯାଇଥିଲା। ତେବେ ଦେବୀ ପ୍ରସନ୍ନ ଉକ୍ତ ଶମ୍ବର ଶିଙ୍ଗଟିକୁ କେଉଁଠୁ ଆଣିଥିଲେ ଏବଂ ପୂର୍ବରୁ ସେ ଏଭଳି ବନ୍ୟଜନ୍ତୁ ସାମଗ୍ରୀ ବିକ୍ରି କରିଛନ୍ତି କି ନାହିଁ ସେ ସମ୍ପର୍କରେ ବନ ବିଭାଗ ଖୋଳତାଡ଼ କରୁଛି। ଦେବୀ ପ୍ରସନ୍ନଙ୍କୁ ଗିରଫ କରାଯିବା ପରେ ଓଏଲ୍‌ଏକ୍ସରୁ ଉକ୍ତ ବିଜ୍ଞାପନଟି ହଟାଇଦିଆଯାଇଛି।

CLASSIFIED DISPLAY







# ୩ ମାସରେ ୮୪୮୩ ମଦ୍ୟପ ଡ୍ରାଇଭର ଗିରଫ

**ଗଞ୍ଜାମରେ ସର୍ବାଧିକ ୧୭୯୯, ପୁରୀ ଜିଲାରେ ୧୧**

**ଭୁବନେଶ୍ୱର, ୨।୧୨(ବ୍ୟୁରୋ):** ନୂଆ ମୋଟରଯାନ ଆଇନ ଲାଗୁହେବା ପରଠୁ ରାଜ୍ୟ ପୋଲିସ ପକ୍ଷରୁ ଧରପଗଡ ଜୋରଦାର କରାଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ମଦ୍ୟପ ଡ୍ରାଇଭରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଶେଷ ୩ ମାସରେ ୮୪୮୩ ମଦ୍ୟପ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଗଞ୍ଜାମ ଜିଲାରେ ସବୁଠୁ ଅଧିକ ୧୭୯୯ ଓ ସବୁଠୁ କମ୍ ୧୧ଜଣ ପୁରୀ ଜିଲାରେ ଗିରଫ ହୋଇଛନ୍ତି। କଟକ ଗ୍ରାମାଞ୍ଚଳରେ ୬୪, ଜଗତ୍‌ସିଂହପୁର ଜିଲାରେ ୧୧୭, ଯାଜପୁରରେ ୮୬୬, କେନ୍ଦ୍ରାପଡାରେ ୩୪, ନୟାଗଡ଼ରେ ୩୯, ଖୋର୍ଦ୍ଧାରେ ୧୧୭, ବାଲେଶ୍ୱରରେ ୧୦୨, ଭଦ୍ରକରେ ୧୯୬, ମୟୂରଭଞ୍ଜରେ ୧୦୬୧, ସମ୍ବଲପୁରରେ ୨୭୬, ବରଗଡ ୬୯, ଝାରସୁଗୁଡା ୫୫, ବଲାଙ୍ଗୀର ୧୧୫, ସୋନପୁର ୫୧, ଦେଓଗଡ଼ ୬୬, ଢେଙ୍କାନାଳ ୩୩୫, ଅନୁଗୋଳ ୫୫୯, ଗଜପତି ୨୫୬, ବ୍ରହ୍ମପୁର ପୋଲିସ ଜିଲାରେ ୨୬୧, କନ୍ଧମାଳ ୨୨୦, ବୌଦ୍ଧ ୮୮, କୋରାପୁଟ ୨୦୦, ନବରଙ୍ଗପୁର ୧୬୯, ରାୟଗଡା ୧୧୨, ମାଲକାନଗିରି ୧୨୯, କଳାହାଣ୍ଡି ୨୮୪, ନୂଆପଡ଼ା ୯୩, ସୁନ୍ଦରଗଡ ୩୨୭, କେନ୍ଦୁଝର ୧୮୬, ରାଉରକେଲା ପୋଲିସ ଜିଲାରେ ୧୬୫, ଭୁବନେଶ୍ୱର ପୋଲିସ ଜିଲାରେ ୨୦ଜଣ ଓ କଟକରେ ୧୧୧ଜଣ ମଦ୍ୟପ ଡ୍ରାଇଭର ଗିରଫ ହୋଇଛନ୍ତି। ଆଗାମୀ ଦିନରେ ଏହି ଧରପଗଡ଼ ଜୋର୍‌ଦାର ଜାରି ରହିବ ବୋଲି ଡିଜିପି ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି।

# ୭ରେ ରାଷ୍ଟ୍ରପତିଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

■ ଖୋର୍ଦ୍ଧା ବରୁଣେଇ ଓ ବାଣୀବିହାର କାର୍ଯ୍ୟକ୍ରମରେ ଯୋଗଦେବେ
■ ସୁରକ୍ଷାକୁ ନେଇ ଡିଜିପିଙ୍କ ସମୀକ୍ଷା ବୈଠକ
■ ଦାୟିତ୍ୱରେ ୫୦ ପ୍ଲାଟୁନ ପୋଲିସ ଫୋର୍ସ, ୨ଶହ ଅଫିସର

ଆସନ୍ତା ୭ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ଅପରାହ୍ନ ୫ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଷ୍ଟ୍ରପତିଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ରାଜଭବନକୁ ନିଆଯିବ। ସେଠାରେ ଓଡ଼ିଆ ଖାଦ୍ୟ ଖାଇବା ସହ ରାତ୍ରିଯାପନ କରିବେ। ୮ ତାରିଖ ପୂର୍ବାହ୍ନ ୧୦ଟାରେ ରାଷ୍ଟ୍ରପତି ଖୋର୍ଦ୍ଧା ବରୁଣେଇଠାରେ ପାଇକ ସ୍ମାରକୀର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାର ଦେଢ଼ଘଣ୍ଟା ପରେ ବାଣୀବିହାରଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବିଲିର ଉଦ୍‌ଯାପନୀ ସଭାରେ ଯୋଗଦେବେ। ଅପରାହ୍ନ ପ୍ରାୟ ୧ଟା ୪୫ରେ ରାଜଭବନରେ ପହଞ୍ଚି ବିଶ୍ରାମ ନେବେ। ଅପରାହ୍ନ ୫ଟା ୨୦ରେ ରାଷ୍ଟ୍ରପତି କୋବିନ୍ଦ ଭୁବନେଶ୍ୱର ବିମାନବନ୍ଦରରୁ ବିମାନ ଯୋଗେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଥିବା ଅନ୍ତରୀଣ ଡିଜିପି ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି।

ସୋମବାର ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ବୈଠକ ଡିଜିପିଙ୍କ କ୍ୟାମ୍ପ୍ ଅଫିସରରେ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ଡିଜିପି କହିଲେ, ବ୍ଲୁ ବୁକ୍ ଅନୁଯାୟୀ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ବିମାନ ବନ୍ଦରରୁ ରାଜଭବନ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ବରୁଣେଇ ସଭାସ୍ଥଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଏଥିପାଇଁ ୫୦ ପ୍ଲାଟୁନ ପୋଲିସ ଫୋର୍ସ ଓ ୨ଶହ ଅଫିସର ନିୟୋଜିତ ରହିବେ। ବୈଠକରେ ଲ ଆଣ୍ଡ୍ ଅର୍ଡର ଏଡିଜି, ପୋଲିସ କମିଶନର, ଗୋଇନ୍ଦା ଆଇଜି, କେନ୍ଦ୍ରାଞ୍ଚଳ ଡିଆଇଜି, ଖୋର୍ଦ୍ଧା ଏସ୍‌ପି, ଭୁବନେଶ୍ୱର ଡିସିପି, ସିଆଇଏସ୍‌ଏଫ୍ ଏବଂ ବିମାନବନ୍ଦର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ତେବେ ଏହି ଗସ୍ତର ଗୋଟିଏ ଦିନ ପୂର୍ବରୁ ରିହର୍ସାଲ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ସେହିପରି ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

पावरग्रिड
POWERGRID
(A Government of India Enterprise)

**Odisha Projects :** Plot No. 4, Unit-41, Niladri Vihar, Chandrashekharpur Bhubaneswar- 751021, Tel. No. 0674-2720762
**Regd. Office :** B-9, Outab Institutional Area, Katwaria Sarai, New Delhi-110016
www.powergridindia.com | CIN:L40101DL1989GOI038121

**Sub:-** Diversion of 461.1496 ha of forest land in Angul, Athamallik, Rairakhol, Sambalpur, Bamra (WL), Jharsuguda and Sundargarh Forest Divisions coming within the revenue districts of Angul, Sambalpur, Jharsuguda and Sundargarh of Odisha for construction of 765 KV D/C Angul - Jharsuguda 2nd transmission line from Angul Pooling Station to Jharsuguda Pooling Station at Kenapali by M/s Power Grid Corporation of India Ltd.

After due consideration of the proposal by the Ministry of Environment, Forest & Climate Change and on the basis of the decision of the Regional Empowered Committee meeting held on 16.12.2016, the in-principle approval for diversion of the said forest land was accorded by Ministry vide this office letter of even number dated 19.12.2016, subject to fulfillment of certain conditions. The Nodal Officer (FCA) of the State Government has furnished compliance report in respect of the conditions stipulated in the in-principle approval and has requested to grant final approval of the proposal.

On the basis of the compliance report furnished by the PCCF & Nodal Officer (FCA), Odisha vide their letter No.17197/9F(ET)-435/2015 dated 03.10.2019 and uploading of the Stage-I compliance report in Parivesh web portal on 02.11.2019, Stage-II/final approval of the Ministry of Environment, Forest & Climate Change is hereby granted under Section 2 of the Forest (Conservation) Act, 1980 for diversion of 461.1496 ha of forest land in Angul, Athamallik, Rairakhol, Sambalpur, Bamra (WL), Jharsuguda and Sundargarh Forest Divisions coming within the revenue districts of Angul, Sambalpur, Jharsuguda and Sundargarh of Odisha for construction of 765 KV D/C Angul - Jharsuguda 2nd transmission line from Angul Pooling Station to Jharsuguda Pooling Station at Kenapali by M/s Power Grid Corporation of India Ltd., subject to the fulfillment of the following conditions:-

i) Legal status of the diverted forest land shall remain unchanged.
ii) Forest land will be handed over only after required non-forest land for the project is handed over to the user agency.
iii) Compensatory afforestation shall be taken up by the Forest Department over 922.2994 ha of degraded forest land identified as per table given below at the cost of user agency. As far as possible, a mixture of local indigenous species shall be planted and monoculture of any species may be avoided.

| Forest Division | Forest area to be diverted (in ha) | Forest Division where C.A. land identified | Name of RF/ PRF | Area identified (in ha) | Total Area identified for CA (in ha) |
|---|---|---|---|---|---|
| Angul | 61.0457 | Kalahandi (N) | Gundi PRF | 122.0914 | 122.0914 |
| Athamalik | 91.570 | Athmalik | Nuagaon RF & Talaipathar RF | 176.2314 | 183.1400 |
| | | Kalahandi (N) | Gundi PRF | 6.9086 | |
| Rairakhol | 172.6079 | Raira khol | Landimal RF | 63.000 | 183.1400 |
| | | Bargarh | Jhanjpahar | 39.514 | |
| | | | Budhadangar PRF | 118.702 | |
| | | Kalahandi (N) | Gundi PRF | 124.000 | |
| Sambalpur | 66.100 | Smbalpur | Parslikhaman | 88.200 | 132.200 |
| | | Kalahandi (N) | Gundi PRF | 44.000 | |
| Bamra (WL) | 17.565 | Bargarh | Budhadangar PRF | 35.130 | 35.130 |
| Jharsuguda | 12.081 | Jharsuguda | Lamdungri PRF | 24.162 | 24.162 |
| Sundargarh | 40.180 | Kalahandi ((N) | Gundi PRF | 80.360 | 80.360 |
| **Total** | **461.1496** | | | **922.2994** | **922.2994** |

iv) The user agency shall comply with the conditions stipulated by State Govt. vide letter No.10(Cons)207/2016-13244/F&E dated 20.07.2016 except payment of royalty of trees.
v) The complete compliance of the FRA, 2006 shall be ensured by way of prescribed certificates from the concerned District Collector.
vi) The user agency at its cost shall provide bird deflectors, which are to be fixed on upper conductor of transmission line at suitable intervals to avoid bird hits.
vii) The user agency shall comply with the guidelines for laying transmission lines through forest areas issued by Ministry vide letter No.7-25/2012-FC dated 05.05.2014 and 19.11.2014.
viii) The user agency shall obtain Environmental Clearance as per the provisions of the Environment (Protection) Act, 1986, if applicable.
ix) The State Forest Department shall implement the approved scheme for creation and maintenance of plantation of local dwarf species (preferably medicinal plants) in right of way under the transmission line.
x) The layout plan of the proposal shall not be changed without prior approval of Central Government.
xi) No labour camp shall be established on the forest land.
xii) Sufficient firewood, preferably the alternate fuel, shall be provided by the user agency to the labourer after purchasing the same from the State Forest Department or the Forest Development Corporation or any other legal source of alternate fuel.
xiii) The boundary of the diverted forest land shall be suitably demarcated on ground at the project cost, as per the direction of the concerned Divisional Forest Officer.
xiv) No additional or new path will be constructed inside the forest area for transportation of construction materials for execution of the project work.
xv) Earth or any material shall neither be brought from nor the debris resulting during construction be disposed of in the adjoining forest area by the user agency.
xvi) The user agency while executing works, shall not fell any tree or damage forest growth in the surrounding forest area in any manner.
xvii) The period of diversion under this approval shall be co-terminus with the period of lease to be granted in favour of the user agency or the project life, whichever is less.
xviii) The forest land shall not be used for any purpose other than that specified in the project proposal.
xix) The forest land proposed to be diverted shall under no circumstances be transferred to any other agencies, department or person without prior approval of Govt. of India.
xx) The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Eastern Regional Office of this Ministry.
xxi) The user agency and the State Govt. shall ensure compliances of all the Court orders, provisions, rules, regulations and guidelines for the time being in force as applicable to the project.
xxii) Any other condition that the Ministry of Environment, Forest & Climate Change may stipulate from time to time in the interest of conservation, protection and development of forests & wildlife.
xxiii) Violation of any of these conditions will be amount to violation of Forest (Conservation) Act, 1980 and action would be taken as per Para 1.21 (iii) of Chapter-1 of Handbook of Guidelines issued under F.C. Act, 1980 vide Ministry's letter No.5-2/2017-FC dated 28.03.2019.

POWERGRID : Integrating the Nation through Wire and People

# ନନ୍ଦନକାନନ, ନୀଳାଚଳ ଏକ୍ସପ୍ରେସର ସମୟ ପରିବର୍ତ୍ତନ

**ଭୁବନେଶ୍ୱର, ୨।୧୨(ବ୍ୟୁରୋ):** ପୁରୀ-ନୂଆଦିଲ୍ଲୀ ଆନନ୍ଦବିହାର ଟର୍ମିନାଲ ନନ୍ଦନକାନନ ଓ ପୁରୀ-ନୂଆଦିଲ୍ଲୀ ଆନନ୍ଦବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସର ଗୟା ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଙ୍କ୍‌ଶନ ମଧ୍ୟରେ ଚଳାଚଳ ସମୟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଆସନ୍ତା ୧୫ ତାରିଖଠାରୁ ନନ୍ଦନକାନନ ଏକ୍ସପ୍ରେସ୍ ପୁରୀରୁ ଦିଲ୍ଲୀ ଅଭିମୁଖେ ଯିବାବେଳେ ଗୟା ଷ୍ଟେଶନରୁ ରାତି ୨.୧୦ରେ ଛାଡ଼ିବ ଓ ଦୀନଦୟାଲ ଉପାଧ୍ୟାୟ ଜଙ୍କ୍‌ଶନରୁ ଭୋର ୫ଟା ୧୫ରେ ଛାଡ଼ିବ। ଦିଲ୍ଲୀରୁ ପୁରୀ ଫେରିବା ସମୟରେ ଦୀନଦୟାଲ ଉପାଧ୍ୟାୟ ଜଙ୍କ୍‌ଶନରୁ ସନ୍ଧ୍ୟା ୬ଟା ୧୩ ଓ ଗୟା ଷ୍ଟେଶନରୁ ରାତି ୮ଟା ୫୫ରେ ଛାଡ଼ିବ। ସେହିପରି ନୀଳାଚଳ ଏକ୍ସପ୍ରେସ୍ ପୁରୀରୁ ଯାତ୍ରା ସମୟରେ ଗୟା ଷ୍ଟେଶନରୁ ରାତି ୩ଟା ୧୫ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଙ୍କ୍‌ଶନରୁ ସକାଳ ୬ଟା ୨୫ରେ ଛାଡ଼ିବ। ଦିଲ୍ଲୀରୁ ଫେରିବା ସମୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଙ୍କ୍‌ଶନରୁ ରାତି ୯ଟା ୧୮ରେ ଛାଡ଼ିବାକୁ ଥିବାବେଳେ ଗୟା ଷ୍ଟେଶନରୁ ରାତି ୧୨ଟା ୨୦ରେ ଛାଡ଼ିବ। ସୂଚନାଯୋଗ୍ୟ, ଏହି ଦୁଇ ଷ୍ଟେଶନ ବ୍ୟତୀତ ଅନ୍ୟ କୌଣସି ଷ୍ଟେଶନରେ ସମୟସୂଚୀ ପରିବର୍ତ୍ତନ କରାଯାଇ ନାହିଁ ବୋଲି ରେଳପଥ ପକ୍ଷରୁ ସୂଚ ନା ଦିଆଯାଇଛି।

ODISHA STATE HOUSING BOARD
Sachivalaya Marg, Bhubaneswar-751 001
Phone No-(0674)-2393524 / 2392587 / 2393277
Offers




Anugul Enclave
EWS, LIG (1BHK)
MIG (2BHK), HIG (3BHK) Flats

Multi Storied Residential Apartment Complex
at a Prime Locality in Heart of ANGUL Town

Behind District Headquarter Hospital and near to Daily Market, Bus Stand, Railway Station, Central School & Collectorate.

- **OSHB** a Govt. of Odisha Undertaking Since 1968, Offers this Prestigious Well Planned Self Financing Project over Govt. Land of Ac. 6.50 Dec. (The ROR/Patta is in the name of OSHB).
- **OSHB** has so far successfully completed and handed over around **31,000** dwelling units in different **Social Housing Schemes** in the State.

**Project Highlights :**
● **All inclusive cost with no hidden component.** ● GST & other statutory dues extra as applicable from time to time. ● **Ample Open Space with Compound Wall and Gated Community** ● **Nominal Registration Charges - only on divided share of Land Cost as per benchmark value** ● **Easy Payment Schedule during construction period.**

**Infrastructure Facilities :**
● **Internal concrete road/pavement all around.** ● **External pipe water supply** ● **Sewerage disposal with STP.** ● **External electrification with Transformer** ● **Provision for Lift for HIG , MIG & LIG flats.** ● **Provision for fire fighting system** ● **Rain water recharge pit.** ● **Children's Park, play ground.** ● **Community Centre with shopping.**

**Finance :**
Tie-up with **State Bank of India, Bank of Baroda, HDFC Bank** for EMD & Loan as per eligibility.

**Brochure & Application Forms are available at :**
● **SBI :** Angul, Talcher, Dhenkanal, Kandsar, NTPC ● **Bank of Baroda :** Angul ● **OSHB :** Site Office Angul, Cuttack, Rourkela, Sambalpur and Head Office at Bhubaneswar.

**OSHB will issue letters of selection for allotment to all eligible applicants soon, who have applied with EMD on or before 30.11.2019.**

**For Details Contact :**
98612 11820, 98610 32436,
9437 22 8444, 90903 73641, 94371 74297
Or Visit : **https://oshb.org**

**Housing Commissioner-cum-Secretary**
**ODISHA STATE HOUSING BOARD**

On Heavy Public Demand Booking Period Extended Till 31st Dec. 2019
Building Houses Building Odisha

ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ।

–ଶ୍ରୀମା



# ଜନଅନୁକୂଳ ଆଭିମୁଖ୍ୟ

ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟରେ ଚାଲିଥିବା ସମସ୍ତ ବିକାଶମୂଳକ ପ୍ରକଳ୍ପର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିମଧ୍ୟରେ ରହିଛି ମୁମ୍ବାଇ–ଅହମ୍ମଦାବାଦ ବୁଲେଟ ଟ୍ରେନ୍ ଓ ଆରେଠାରେ ମେଟ୍ରୋ କାର୍ ରହଣି ପାଇଁ କରାଯାଉଥିବା ନିର୍ମାଣ କାର୍ଯ୍ୟ। ତାଙ୍କ ଯୁକ୍ତି ହେଲା ଯେ, ରାଜ୍ୟ ଏବେ ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଛି। ମହାରାଷ୍ଟ୍ର ମୁଣ୍ଡରେ ୫ ଲକ୍ଷ କୋଟି ଟଙ୍କାର ବୋଝ ରହିଛି। ଏଭଳି ସ୍ଥଳେ ଲୋକଙ୍କ ମଙ୍ଗଳ ପାଇଁ ଯେଉଁ ବିଷୟ ଅଧିକ ଆବେଗିକ ମନେହେଉଛି ସମ୍ଭବତଃ ତାହାକୁ ସେ ଗୁରୁତ୍ୱ ଦେବାକୁ ଚାହିଁଛନ୍ତି। ବୁଲେଟ୍ ଟ୍ରେନ୍ ଲାଗି କୃଷକ ଓ ଆଦିବାସୀମାନେ ଜମି ଦେବାକୁ ଅରାଜି ଥିବା ବେଳେ ସେମାନଙ୍କ ଉପରେ ଚାପ ପଡ଼ିଚାଲିଛି। ସେହିଭଳି ମେଟ୍ରୋ କାର୍ ରହଣି ଲାଗି ଅସଂଖ୍ୟ ଗଛ କଟାଯିବାକୁ ନେଇ ନିକଟରେ ଘୋର ପ୍ରତିବାଦ ହୋଇଥିବାରୁ ଉଦ୍ଧବ ତାହାକୁ ବନ୍ଦ କରିଦେଇଛନ୍ତି। ବାସ୍ତବରେ ଦେଖିଲେ ୧.୧ ଲକ୍ଷ କୋଟି ଟଙ୍କାରେ ମୁମ୍ବାଇ–ଅହମ୍ମଦାବାଦ ବୁଲେଟ ଟ୍ରେନ୍ ହେବା ଦ୍ୱାରା ସାଧାରଣ ଲୋକଙ୍କୁ କୌଣସି ସୁବିଧା ମିଳିପାରିବ ନାହିଁ। ତେଣୁ ଯାହା ଲୋକଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ତାହାକୁ ସେ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରକଳ୍ପ ସମୀକ୍ଷା ଲାଗି ଦେଇଥିବା ନିର୍ଦ୍ଦେଶରୁ ବୁଝାପଡୁଛି। ଓଡ଼ିଆରେ ଏକ ଆପ୍ତବାକ୍ୟ ଅଛି– 'ଚୂନା ଦେଖି ପିଠା କର'। ଅର୍ଥାତ୍ ବିଶାଳ ଆୟୋଜନ କଲା ବେଳେ ସମ୍ବଳକୁ ଦେଖିବା ହେଉଛି ବିଜ୍ଞତାର ପରିଚୟ। ତାହା ହେଉ ନ ଥିବାରୁ ଭାରତରେ ଅନେକ କାର୍ଯ୍ୟ ଅଧାପନ୍ତରିଆ ପଡ଼ିରହୁଛି।

ସମସ୍ତେ ଜାଣନ୍ତି ଯେ, ଦୀର୍ଘବର୍ଷ ଧରି ମହାରାଷ୍ଟ୍ରରେ ସର୍ବାଧିକ କୃଷକ ଆତ୍ମହତ୍ୟା କରିଛନ୍ତି। ସେଠାରେ ଚାଷୀଙ୍କୁ ଠିକ୍ ଭାବେ ପାଣି ମିଳି ନ ଥାଏ। ଅଭାବୀ ବିକ୍ରି ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ସେମାନଙ୍କୁ କିଭଳି ଅଧିକ ସୁବିଧା ଦେଇହେବ ତାହା ରାଜ୍ୟ ସରକାରଙ୍କୁ ଚିନ୍ତିତ କରିବା ନିଶ୍ଚିତ ସ୍ୱାଗତଯୋଗ୍ୟ କଥା। ଉଦ୍ଧବ ଚାଷୀମାନଙ୍କ କଲ୍ୟାଣ ଲାଗି କୃଷିଋଣ ଛାଡ଼ କରିବା ନେଇ ପଦକ୍ଷେପ ନେଉଥିବା ବିଚାର କରିଛନ୍ତି। ରାଜ୍ୟର ଆର୍ଥିକ ସ୍ଥିତି କିଭଳି ଅଛି ସେ ସକ୍ରାନ୍ତରେ ଏକ ଶ୍ୱେତପତ୍ର ପ୍ରକାଶ କରିବେ ବୋଲି କହିଛନ୍ତି। ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ସର୍ବାଧିକ ଲୋକ ଏହା ଉପରେ ନିର୍ଭର କରୁଛନ୍ତି। ସେଥିପାଇଁ ଏହି କ୍ଷେତ୍ରର ବିକାଶ ପ୍ରତ୍ୟେକ ସରକାରଙ୍କ ସବୁଠାରୁ ଅଧିକ ଦୃଷ୍ଟି ଆକର୍ଷଣ କରିବା କଥା। ହେଲେ କେନ୍ଦ୍ରଠାରୁ ଆରମ୍ଭକରି ଦେଶର ବିଭିନ୍ନ ରାଜ୍ୟ ସରକାର କ୍ରମାଗତ ଭାବେ ଏହାକୁ ଅଣଦେଖା କରୁଥିବାରୁ ଏବେ ଭାରତ କୃଷି ସମ୍ବନ୍ଧୀୟ ଉତ୍ପାଦକୁ ଆମଦାନୀ କରିବାରେ ଲାଗିଲାଣି। ଚାଷୀର ମନୋବଳକୁ ଦୃଢ଼କରି ପ୍ରୋତ୍ସାହନ ଦିଆଯାଇପାରିଲେ ଏଥିରୁ ପର୍ଯ୍ୟାପ୍ତ ଲାଭ ମିଳିପାରନ୍ତା। ହେଲେ ରାଜନୈତିକ ବ୍ୟକ୍ତି, ସରକାରୀ କର୍ମଚାରୀ ଓ ଶିକ୍ଷିତ ବ୍ୟକ୍ତିମାନେ ଚାଷକୁ ଅତି ନ୍ୟୂନ ଦୃଷ୍ଟିରେ ଦେଖୁଥିବାରୁ ଏହି କ୍ଷେତ୍ର ସର୍ବଦା ଅବହେଳିତ ହୋଇଚାଲିଛି। ବଞ୍ଚିବା ପାଇଁ ଖାଦ୍ୟ ନିତାନ୍ତ ଆବଶ୍ୟକ ବୋଲି ସମସ୍ତେ ବୁଝୁଥିଲେ ମଧ୍ୟ ପାଣିକାଦୁଅରେ ଘାଣ୍ଟିଚକଟି ହେଉଥିବା କୃଷକକୁ ଉଚିତ ପ୍ରାପ୍ୟ ଦେବାକୁ କେହି ଚାହୁଁ ନାହାନ୍ତି। ଉଦ୍ଧବ କୃଷକଙ୍କ ନିମନ୍ତେ କିଛି କରିବା ଲାଗି ଦାୟିତ୍ୱ ନେବାର ପ୍ରଥମ ଦିନରୁ କହିଲେଣି। ନିଶ୍ଚିତ ଭାବେ ତାଙ୍କ ପଦକ୍ଷେପ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ।

ଏଠାରେ 'ବିକାଶ'କୁ ବିରୋଧ କରାଯାଉ ନାହିଁ। କାରଣ ବୈଜ୍ଞାନିକ ତଥା ବାସ୍ତବତା ଉପରେ ଆଧାରିତ କ୍ଷେତ୍ରକୁ ଗୁରୁତ୍ୱ ଦିଆଗଲେ ତାହା ସମାଜର ସବୁ ବର୍ଗଙ୍କ ଉନ୍ନତିରେ ଆସିପାରନ୍ତା। ଉଦାହରଣସ୍ୱରୂପ ବୁଲେଟ ଟ୍ରେନ୍ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଖୁବ୍ ବେଗରେ ଯିବା ଲାଗି ଉଦ୍ଦିଷ୍ଟ। ଯେହେତୁ ଏଥିରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯିବାର ବ୍ୟବସ୍ଥା ଅଛି, ସେହି ଅନୁଯାୟୀ ଏହାର ଭଡ଼ା ବଢ଼ିବା ସ୍ୱାଭାବିକ। ଆଜିର ପରିସ୍ଥିତିରେ ଯେଉଁ ଦେଶରେ ସାଧାରଣ ଲୋକ ଖୁବ୍ କମ୍ ଭଡ଼ା ଦେଇ ଯାତାୟାତ କରିବାକୁ ସକ୍ଷମ ହେଉ ନାହାନ୍ତି, ସେଠାରେ ବୁଲେଟ ଟ୍ରେନ୍‌ର ପରିକଳ୍ପନା ଏକ ବିଳାସ ମାତ୍ର।

ବର୍ତ୍ତମାନ ଦେଶର ଆର୍ଥିକ ସ୍ଥିତିକୁ ଦେଖି କୃଷି କାର୍ଯ୍ୟରେ ଅତ୍ୟଧିକ ବୈଜ୍ଞାନିକ ପ୍ରଣାଳୀ ବିନିଯୋଗ କରାଯାଇପାରିଲେ ବିଭିନ୍ନ ପ୍ରକାର କୃଷି ଉତ୍ପାଦର ପରିମାଣ ଓ ମାନ ବୃଦ୍ଧି ପାଇପାରନ୍ତା। କୃଷିକୁ ନେଇ କୁଟୀର ଶିଳ୍ପକୁ ଗୁରୁତ୍ୱ ଦିଆଯାଇପାରିଲେ ଜନସଂଖ୍ୟାବହୁଳ ଭାରତବର୍ଷରେ ଅନେକେ ଉପକୃତ ହୋଇପାରନ୍ତେ। ଏଠାକାର ଦ୍ରବ୍ୟ ବାହାର ଦେଶରେ ବିକ୍ରି ହୋଇ ବୈଦେଶିକ ମୁଦ୍ରା ଅଣାଯାଇପାରନ୍ତା। କିନ୍ତୁ ସମସ୍ତେ ଏକ ଚାକଚକ୍ୟ ଦୁନିଆକୁ ଦେଖି କାର୍ଯ୍ୟ କରିବାକୁ ଆଗଭର ହେଉଥିବାରୁ ଭାରତର ଆତ୍ମା କୃଷିଠାରୁ ଦୂରେଇ ଯାଉଛି। ଏବକାର ଅର୍ଥନୈତିକ ମାନ୍ଦାବସ୍ଥାକୁ ଦୂର କରିବାକୁ ହେଲେ ସମସ୍ତଙ୍କ ହାତରେ କାମ ଦିଆଯିବା ଦରକାର। ଯେହେତୁ ଭାରତର ଏକ ବିଶାଳ ଭୂଖଣ୍ଡ ସହ ଜନସଂଖ୍ୟା ରହିଛି, ସେହେତୁ ଲୋକଙ୍କ ଉନ୍ନତି ନିମନ୍ତେ ଜନଅନୁକୂଳ ଆଭିମୁଖ୍ୟ ପୋଷଣ କରିବାର ଆବଶ୍ୟକତା ପଡ଼ିଲାଣି। ବିଭିନ୍ନ ସ୍ଥାନ ଓ ସମୟରେ ସରକାରର ମଙ୍ଗ ଧରୁଥିବା ରାଜନୈତିକ ବ୍ୟକ୍ତିମାନେ ପ୍ରଥମେ ଏହାକୁ ହେଜିବା କଥା। ସେମାନେ ଉପରେ ଉପରେ ଉଡ଼ିଲେ, ଅର୍ଥନୀତି ସୁଧୁରିପାରିବ ନାହିଁ। କାରଣ ଗୋଡ଼ ଥୋଇବା ପାଇଁ ଭୂମି ଦରକାର।

### ଚିରନ୍ତନୀ

ଉତ୍ତୁଙ୍ଗ, ତୁଷାରାବୃତ ଅଚଞ୍ଚଳ ଶୀତଳ ଅତଳ
ଉପଶମ କରେ ଯେହ୍ନୁ ବିଶ୍ୱର ବିରାଟ କାଳାନଳ
ହିମାଳୟ ଶୃଙ୍ଗ ସମ ସ୍ପର୍ଶି ଊର୍ଦ୍ଧ୍ୱେ ଅସୀମ ନୀଳିମା
ଉଭା ତୁମେ ଏଥି ତଥା ତ୍ୟାଗ ତିତିକ୍ଷାର ଶେଷ ସୀମା।

(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | | B | | | | | | C | | | 1 | | |
| | | 5 | | | | D | | | | | | | | |
| 8 | 7 | C | | | | | | B | 0 | | | 6 | 3 | |
| | | 4 | 2 | | | 8 | 6 | | | 1 | | | 0 | |
| | 1 | A | 8 | | | | 3 | | D | | | | | 7 |
| E | | | | | 0 | | 5 | | 6 | | | | | 3 |
| | D | | | | | B | | 8 | | 5 | 4 | 2 | | |
| | 8 | | | | E | | | | B | C | | | | 6 |
| | | 1 | | 5 | | 9 | | | | 2 | | | | |
| | | 0 | | C | 9 | E | D | 1 | 8 | 3 | | | 7 | |
| | A | | | 4 | | 6 | 9 | | | | | | | |
| | 3 | | C | 7 | | 1 | | | | 6 | | | | |
| 7 | | | | | A | | 8 | | 3 | | | | 9 | |
| 9 | | 6 | | | 3 | | A | E | | | 1 | D | | 5 |
| | | | | | 5 | 0 | 2 | | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | 8 | 9 | B | 5 | A | 1 | D | 3 | E | C | 0 | 4 | 6 |
| C | B | 5 | 0 | 1 | 8 | 7 | 4 | 9 | 6 | 2 | A | D | E | 3 |
| D | 4 | 1 | 3 | 6 | A | C | 5 | E | 9 | B | 0 | 2 | 7 | 8 |
| E | 3 | A | 2 | C | D | 6 | 8 | 0 | 1 | 4 | 7 | 5 | 9 | B |
| 0 | 6 | 9 | E | 4 | 7 | 2 | B | 3 | D | 8 | 5 | A | C | 1 |
| 8 | D | 4 | 1 | A | 6 | 0 | 7 | 5 | E | 3 | B | 9 | 2 | C |
| 1 | 9 | 0 | 5 | 3 | 4 | E | C | B | 2 | D | 8 | 7 | 6 | A |
| A | 2 | C | 8 | 9 | E | D | 6 | 1 | 7 | 5 | 4 | 3 | B | 0 |
| B | 5 | 6 | D | 7 | 0 | 3 | 2 | 8 | C | A | 9 | E | 1 | 4 |
| 3 | E | 7 | C | 2 | B | 9 | A | 4 | 0 | 1 | 6 | 8 | 5 | D |
| 6 | C | 2 | A | 5 | 1 | 8 | D | 7 | 4 | 0 | E | B | 3 | 9 |
| 9 | 8 | B | 7 | E | C | 4 | 0 | A | 5 | 6 | 3 | 1 | D | 2 |
| 5 | A | D | 4 | 8 | 9 | 1 | 3 | 6 | B | 7 | 2 | C | 0 | E |
| 4 | 0 | E | B | D | 3 | 5 | 9 | 2 | A | C | 1 | 6 | 8 | 7 |
| 7 | 1 | 3 | 6 | 0 | 2 | B | E | C | 8 | 9 | D | 4 | A | 5 |

ଗତକାଲିର ଉତ୍ତର

# ବାଲିଯାତ୍ରାରେ ବନ୍ଧୁ ଅର୍ଜନ

ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ

ଏହା ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣମୀରେ ପାଳନ କରାଯାଉଥିବା ବାଲିଯାତ୍ରା ଉତ୍ସବ କଥା ନୁହେଁ, ବାଲିରେ ତିନି ସପ୍ତାହ କଟେଇ ଘରକୁ ଫେରିବା ବେଳର କଥା। ବାଲିରୁ କାଲିଫର୍ନିଆ ଫେରୁଥାଏ। ୩ ସପ୍ତାହ ଧରି ରିସର୍ଚ୍ଚ ଏବଂ କିଛି ମଜାକରି ଘରକୁ ଫେରିବାରେ ମନଟା ବଡ଼ ଖୁସି। ଉଡ଼ାଜାହାଜ ବାଲିର ରାଜଧାନୀ ଡେନ୍‌ପସାରରୁ ତାଇପେଇ ଏବଂ ଦୁଇଘଣ୍ଟା ପରେ ତାଇପେଇରୁ ସାନ୍‌ଫ୍ରାନ୍‌ସିସ୍କୋ ଯିବ। କେମିତି ଘରେ ପହଞ୍ଚିବି ଏବଂ ମୋର ଦୈନନ୍ଦିନ କାମ ଆରମ୍ଭ କରିବି ଭାବୁଥାଏ। ଡେନ୍‌ପସାର ଏୟାରପୋର୍ଟରେ ଉଡ଼ାଜାହାଜ ଠିଆ ହୋଇଥାଏ। ଅପରାହ୍ଣ ୩ଟା ୪୦ରେ ଉଡ଼ାଜାହାଜ ଛାଡ଼ିବା କଥା କିନ୍ତୁ ଦୀର୍ଘ ୨ଘଣ୍ଟା ପରେ ମଧ୍ୟ ଉଡ଼ାଜାହାଜ ଛାଡ଼ିବାର ନାଁ ନାହିଁ। ଇଣ୍ଡୋନେସିଆ ରାଷ୍ଟ୍ରପତି ଏୟାରପୋର୍ଟକୁ ଆସିବାକୁ ଥାଏ। ଶୁଣିଲି ସେଥିପାଇଁ କୌଣସି ଉଡ଼ାଜାହାଜ ନିର୍ଦ୍ଧାରିତ ସମୟରେ ଉଡ଼ିପାରିବ ନାହିଁ। ଉଡ଼ାଜାହାଜଟି ୩ ଘଣ୍ଟା ଡେରିରେ ଛାଡ଼ିଲା। ମନଟା ମୋର ବଡ଼ ଦୁଃଖୀ। ଆଉ ସଂଯୋଗକାରୀ ଉଡ଼ାଜାହାଜଟି ମିଳିବ ନାହିଁ। ମଝିରେ ବି ବେଶି ସମୟ ନାହିଁ।

ତାଇପେଇରେ ପହଞ୍ଚି ବୁଝିଲି ଯେ ମୋ ଯିବା ଉଡ଼ାଜାହାଜଟି ନିର୍ଦ୍ଧାରିତ ସମୟ ପୂର୍ବରୁ ଛାଡ଼ି ଦେଇଛି। ତାଇପେଇ ଏବଂ ଆଖପାଖ ଅଞ୍ଚଳରେ ବଡ଼ 'ଟାଇଫୁନ୍'। ସେଥିପାଇଁ ଉଡ଼ାଜାହାଜକୁ ଶୀଘ୍ର ଛାଡ଼ିବାକୁ ପଡ଼ିଲା। ବର୍ତ୍ତମାନ କ'ଣ ହେବ? ତାଇପେଇରେ ରାତି ଘ୧୧.୩୦ମି.। ଗୋଟିଏ ହୋଟେଲ୍ ଭାଉଚର ଦେଇ ଏୟାରପୋର୍ଟ ଅଫିସର ଜଣକ ଇମିଗ୍ରେସନ ଆଡକୁ ହାତ ଦେଖେଇଦେଲେ। କହିଲେ ଇମିଗ୍ରେସନ କ୍ଲିୟର କରି ଆପଣଙ୍କ ଜିନିଷ ନେଇ ତଳେ ଅପେକ୍ଷା କରନ୍ତୁ। ହୋଟେଲରେ ୨୬ ଘଣ୍ଟା ରହିବାକୁ ପଡ଼ିବ। ତା' ପର ଉଡ଼ାଣ ପରଦିନ ରାତିରେ। ମତେ ଅନ୍ଧାର ଦିଶିଲା। କି ଦୁଃଖ! ଗତ ୩ ସପ୍ତାହ ଧରି ବାଲି ଏବଂ ଜାକର୍ତ୍ତାର ସବୁ ସୁନ୍ଦର ଅନୁଭୂତି ପାଣି ଫାଟିଗଲା। ଲାଗିଲା ଯେମିତି ଏ ସମୟ ସରିବନି ଆଉ ମୁଁ ଘରକୁ ଫେରିପାରିବିନି।

ପାଠକେ, ସେହିଭଳି ଅଭିଜ୍ଞତା ଆପଣମାନଙ୍କର କିଛି ଥିବ ନିଶ୍ଚୟ। ଆପଣମାନେ ମୋ ମନର ବେଦନା ବୁଝିପାରୁଥିବେ। ହୋଟେଲ ଯିବା ପାଇଁ ଏକ ବସ୍ ନେବାକୁ ପଡ଼ିଲା। ଏୟାରପୋର୍ଟରୁ ଏକ ଘଣ୍ଟାର ବାଟ। ଦୁଇ ଜଣ ଉଡ଼ାଜାହାଜ କର୍ମକର୍ତ୍ତା ଏକ ବାଡି ଧରି ଆମ ସମସ୍ତଙ୍କୁ ଏକାଠି କରୁଥାନ୍ତି। ଶହ ଶହ ଯାତ୍ରୀ ଏୟାରପୋର୍ଟରେ ଠୁଳ ହୋଇଥାନ୍ତି। ସମସ୍ତଙ୍କର ସେହି ଅବସ୍ଥା। କିଏ ଭାନ୍‌କୁଭର ଯିବ ବା କିଏ ଆମଷ୍ଟରଡାମ, ଭିଏନା, ପ୍ୟାରିସ, ଲସ୍‌ଏଞ୍ଜେଲ୍‌ସ, ସାନଫ୍ରାନ୍‌ସିସ୍କୋ ଓ ଆହୁରି ଅନେକ ସହର। ସମସ୍ତଙ୍କ ମୁହଁରେ ଉତ୍କଣ୍ଠା। ଏହି ୨୬ ଘଣ୍ଟା ହୋଟେଲ ରହଣିରେ ମୋର ଚାରିଜଣ ସ୍ତ୍ରୀଲୋକଙ୍କ ସାଙ୍ଗରେ ପରିଚୟ ହେଲା। ଆମେ ଶୀଘ୍ର ପରସ୍ପର ସହିତ ବନ୍ଧୁତା ସମ୍ପର୍କ ବଢ଼ାଇଲୁ। ମୁଁ ଏହି ସ୍ତ୍ରୀ ଲୋକଙ୍କଠୁ କ'ଣ ଶିଖିଲି, ଆପଣଙ୍କ ପାଖରେ ଉପସ୍ଥାପନା କରିବି।

ଆଲମିରା ଜଣେ ୩୫ ବର୍ଷୀୟା ମହିଳା। ମୋ ପଛରେ ହୋଟେଲ ପାଇଁ ଲାଇନ୍‌ରେ ଛିଡ଼ା ହୋଇଥାନ୍ତି। ସଙ୍ଗେ ସଙ୍ଗେ ମୋ ସହ କଥାବାର୍ତ୍ତା ଆରମ୍ଭ କରିଦେଲେ। ସେ ନିଜକୁ ଭାରତୀୟ ମାନନ୍ତି ଓ ତାଙ୍କ ପରିବାର ଭାରତରୁ ଆସିଛନ୍ତି। ୧୮୩୦ ମସିହାରେ ଦାଦନ ଶ୍ରମିକ ଭାବରେ ତାଙ୍କ ବଂଶଧର ଯାଇ ନାଇରୋବିରେ ବସବାସ କରିଥିଲେ। ତାଙ୍କ ମା'ବାପା ନାଇରୋବିରୁ ସ୍ପେନ୍ ଏବଂ ସ୍ପେନ୍‌ରୁ ବର୍ତ୍ତମାନ ଭ୍ୟାନ୍‌କୁଭର, କାନାଡ଼ାରେ ବସବାସ କରିଛନ୍ତି। ବାପା ଜଣେ ମୋଟର ମିସ୍ତ୍ରି, ମା' କାନାଡ଼ାର କାଲଗୁରି ସହରରେ ବସ୍ ଚାଳକ। ମା'ବାପା ଅଲଗା ହୋଇଯାଇଛନ୍ତି। ସାବତମା' କାଜିକସ୍ତାନର। ଆଲ୍‌ମିରା ବର୍ତ୍ତମାନ କାନାଡ଼ାର ୱେଷ୍ଟଜେଟ ଏୟାରଲାଇନ ପାଇଁ କାମ କରନ୍ତି। ସେ ହେଲେ ଇସ୍‌ମାଇଲ ମୁସ୍‌ଲିମ୍। ତାଙ୍କର ପୁଅ ସାଙ୍ଗ ମଧ୍ୟ ଇସ୍‌ମାଇଲ। ସେମାନେ ସୁଫି ପରମ୍ପରା ଏବଂ ହିନ୍ଦୁ ପରମ୍ପରାରେ ଅନୁପ୍ରାଣିତ। ଆଲ୍‌ମିରା ଜଣେ ସମ୍ପତ୍ତି ବ୍ୟବସାୟୀ, ତାଙ୍କର ବାନ୍ଧବୀ ମଧ୍ୟ ଭାରତୀୟ। ସେ ଭାରତରୁ ଯାଇ ତାଙ୍କ ମା'ଙ୍କ ସହିତ କାନାଡ଼ାରେ ବସବାସ କରନ୍ତି। ବର୍ତ୍ତମାନ ସେ କାନାଡ଼ାରେ ଗ୍ରୀନ୍‌କାର୍ଡ (ସ୍ଥାୟୀ ଅଧିବାସୀ ହେବା) ପାଇଁ ଦରଖାସ୍ତ କରିଛନ୍ତି। ଆଲ୍‌ମିରା ନିଜେ ଗୋଟିଏ ଘର କିଣି ଏକୁଟିଆ ରୁହନ୍ତି। ତାଙ୍କ ଦୂର ସମ୍ପର୍କୀୟର ବାହାଘର ପାଇଁ ସେ ବାଲି ଆସିଥିଲେ। ଏକୁଟିଆ ଯାତ୍ରା କରିବାରେ ସେ ନିଜେ ତାଙ୍କ ଅସ୍ତିତ୍ୱ ଖୋଜିଥାନ୍ତି। ନିଜର ଘର କିଣି ସ୍ୱାଧୀନ ଭାବରେ ରହିବାରେ ଗର୍ବ ତାଙ୍କର। ବାହା ତ ହେବେ ନିଶ୍ଚୟ, କିନ୍ତୁ ତା' ବୋଲି ତାଙ୍କ ନିଜର ସ୍ୱାଧୀନତାକୁ କେବେ ନ ହରାଇବା ପାଇଁ ସେ ବଦ୍ଧପରିକର। ତାଙ୍କ ଚାକିରି ଛଡ଼ା ସେ ସପ୍ତାହ ଶେଷ ଶନିବାର ଏବଂ ରବିବାରରେ ଯୋଗ ଶିଖାନ୍ତି ଏବଂ ବଡି ବିଲ୍ଡିଙ୍ଗ କରନ୍ତି।

କ୍ରିଷ୍ଟିନାଙ୍କ ବୟସ ୪୭। ଆମେ ଦୁଇ ଜଣ ଡେନ୍‌ପସାରରୁ ତାଇପେଇ ଉଡ଼ାଣରେ ପାଖାପାଖି ବସିଥିଲୁ। କିନ୍ତୁ ପରସ୍ପରକୁ ଦେଖିବା ଏବଂ ସ୍ମିତହାସ୍ୟର ଆଦାନ ପ୍ରଦାନ ଛଡ଼ା କିଛି ବାର୍ତ୍ତାଳାପ ହୋଇ ନ ଥିଲା। ହୋଟେଲ୍‌ରେ ବ୍ରେକ୍‌ଫାଷ୍ଟ ଖାଇବାବେଳେ ପରସ୍ପରକୁ ଖୋଜି ବାହାର କରିଦେଲୁ। ଆମେ ପାଖାପାଖି ବସିଥିଲୁ, ସତେଯେମିତି ବହୁଦିନ ହେଲା ପରସ୍ପରକୁ ଜାଣିଛୁ। ତାପରେ ଲଞ୍ଚ, ବାହାରକୁ ଟିକେ ଚାଲିବାକୁ ଯିବା ଏବଂ ଏକାଠି ସମୟ କଟାଇବା ଦ୍ୱାରା ବନ୍ଧୁତ୍ୱ ହୋଇଗଲା। ସେ ତାଙ୍କ ବିଷୟରେ କୁହନ୍ତି ଯେ, ସେ ବାହା ହୋଇଥିଲେ କିନ୍ତୁ ତାଙ୍କର ଛାଡ଼ପତ୍ର ହୋଇଯାଇଛି। ୨୦ ବର୍ଷର ଗୋଟିଏ ପୁଅ। ହାଇସ୍କୁଲରୁ ପାସ୍ କରିବା ପରେ ପୁଅ ତାଙ୍କ ପାଖେ ରହି ସ୍ଥାନୀୟ କଲେଜରେ ପଢୁଥିଲା। ଏଇ ବର୍ଷ ତାଙ୍କ ପାଖରୁ ଯାଇ ନିଜେ ଘରଭଡ଼ା ନେଇ ରହୁଛି। କ୍ରିଷ୍ଟିନା ନିଜକୁ ଜଣେ ଶିକ୍ଷୟିତ୍ରୀ ବୋଲି ପରିଚୟ ଦିଅନ୍ତି। ସେ ଆଦିବାସୀମାନଙ୍କର ପାରମ୍ପରିକ ଜ୍ଞାନ, ବିକଳ୍ପ ରେକି ଔଷଧ, ଧ୍ୟାନ, ଯୋଗ, ପ୍ରାଣାୟାମ ଏବଂ ପୌଷ୍ଟିକ ଖାଦ୍ୟ ଅଭ୍ୟାସକୁ ନେଇ ଶିକ୍ଷା ଦିଅନ୍ତି। ଏକୁଟିଆ କ୍ରିଷ୍ଟିନା ଗୋଟେ ମାସ ପାଇଁ ବାଲି ଆସିଥିଲେ। ତାଙ୍କର ସାଙ୍ଗମାନଙ୍କ ପାଖରେ ରହି ସେ ନିଜର ରୋଗ ଭଲ କରିବା ଜ୍ଞାନକୁ ସୁଦୃଢ଼ କଲେ। ତାଙ୍କ ପାଇଁ ଗୋଟେ ମାସ ନିଜ ଇଚ୍ଛା ଅନୁଯାୟୀ ବାଲିରେ ଆସି ରହିବାଟା ଗୋଟେ ଆତ୍ମ ଆବିଷ୍କାର।

ଆମଣ୍ଡା ଜଣେ ହସଖୁସିଆ ୨୯ ବର୍ଷୀୟା ମହିଳା। ସେ ମଧ୍ୟ ଆମର ଗୋଷ୍ଠୀ ସହିତ ଏତେ କମ୍ ସମୟରେ ସାମିଲ୍ ହୋଇଗଲେ। ସେ ଗୋଟିଏ ଖୁଚୁରା ଦୋକାନର ପରିଚାଳକ। ତାଙ୍କର ବଦଳି ହୋଇଛି ହାୱାଇ ଦ୍ୱୀପର ମାଉଇକୁ। ତାଙ୍କ ମା' ରୁହନ୍ତି ଦକ୍ଷିଣ କାଲିଫର୍ନିଆର ପାଲ୍‌ମ ସ୍ପ୍ରିଙ୍ଗରେ। ପୂର୍ବରୁ ସେ ଲସ୍‌ଏଞ୍ଜେଲ୍‌ସରେ କାମ କରୁଥିଲେ। ନୂଆ କାମ ନୂଆ ଜାଗାରେ ଯୋଗଦେବା ପୂର୍ବରୁ ସେ ବାଲିରେ ଟିକେ ଛୁଟି କଟାଇବାକୁ ଚାହିଁଲେ। ତାଙ୍କର ମା'ବାପା ଅଲଗା ରୁହନ୍ତି। ସେ ତାଙ୍କ ମା'ଙ୍କ ସହିତ ବେଶ୍ ଅନ୍ତରଙ୍ଗ। ତାଙ୍କ ମା' ଦୁଇ ଘଣ୍ଟା ଡ୍ରାଇଭ କରି ରାତି ବାରଟା ପରେ ତାଙ୍କୁ ଏୟାରପୋର୍ଟରୁ ଘରକୁ ନେବେ। ସେ ତାଙ୍କ ସାଙ୍ଗରେ ଦୁଇ ସପ୍ତାହ ରହି କର୍ମକ୍ଷେତ୍ର ମାଉଇକୁ ଫେରିଯିବେ। ସେ ମଧ୍ୟ ବାଲିରେ ଗୋଟେ ମାସ ରହି ଘରକୁ ଫେରୁଛନ୍ତି। ଏହି ଭ୍ରମଣ ସମୟଟି ତାଙ୍କ ପାଇଁ ବଡ଼ ମହତ୍ତ୍ୱପୂର୍ଣ୍ଣ। ଗତ ଦେଢ଼ବର୍ଷ ହେଲା ସେ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇଛନ୍ତି। ଦେଖିବାକୁ ସୁନ୍ଦରୀ। ସ୍ମାର୍ଟ ଓ ବୁଦ୍ଧିଆ ସ୍ତ୍ରୀଲୋକ। ତାଙ୍କର ଛାଡ଼ପତ୍ର ପାଇଁ ପ୍ରସ୍ତୁତି ଚାଲିଛି। ତାଙ୍କ ସ୍ୱାମୀ ଇଂଲଣ୍ଡର ଏବଂ ବ୍ରିଟିଶ ପାସ୍‌ପୋର୍ଟଧାରୀ। ମୁଁ ପଚାରିଲି, 'ବାଲି କ'ଣ ମନ ଭୁଲାଇବା ପାଇଁ ଆସିଥିଲ?' ସେ କହିଲେ ନା ନା, ମୁଁ ଗତ ୫ ମାସ ହେଲା ଏହି ଭ୍ରମଣ ଯୋଜନା କରୁଛି। ଜୀବନରେ ପ୍ରଥମ ଥର ପାଇଁ ଏହି ବାଲିଯାତ୍ରା ମୋର ସ୍ୱତନ୍ତ୍ର ନିଜର।

ଜେସିକାଙ୍କ ବୟସ ୨୬। ଆମ ସମସ୍ତଙ୍କ ମଧ୍ୟରେ ସେ ସବୁଠାରୁ ସାନ। କାଲିଫର୍ନିଆ, ସାଣ୍ଡିଆଗୋ ବିଶ୍ୱବିଦ୍ୟାଳୟରୁ ବି.ଏ. ପାସ୍ କରି ବିଶ୍ୱବିଦ୍ୟାଳୟରେ ଫାଇନାନ୍ସିଆଲ ଆନାଲିଷ୍ଟ ଭାବରେ କାମ କରନ୍ତି। ତାଙ୍କର ଜଣେ ସାଙ୍ଗ ଏବଂ ତା'ର ମା'ଙ୍କ ସାଙ୍ଗରେ ସେ ବାଲି ଆସିଥିଲେ। ବର୍ତ୍ତମାନ ଦୁଇ ସପ୍ତାହ ବାଲିର ରହଣି ପରେ ସେ ନିଜ କାମକୁ ଫେରୁଛନ୍ତି। ଆସନ୍ତା ବର୍ଷ ସେ ଏମ୍‌ବିଏ କରିବେ। ସେ ତାଙ୍କ ପାଠପଢ଼ା ପାଇଁ କାହାରି ସାହାଯ୍ୟ ନ ନେଇ ନିଜ ଚେଷ୍ଟାରେ ପଢ଼ନ୍ତି। ଚାରିଜଣ ଯାକ ଚାକିରି କରନ୍ତି ଏବଂ ନିଜର ସ୍ୱାଧୀନତାକୁ ନେଇ ଗର୍ବ କରନ୍ତି। ସେମାନେ ନିଜର ବ୍ୟକ୍ତିଗତ ସମ୍ପର୍କକୁ ବଡ଼ ଆଦର କରନ୍ତି, କିନ୍ତୁ ନିଜ ସ୍ୱାଧୀନତାକୁ ବଳି ଦେବାକୁ ଚାହାନ୍ତି ନାହିଁ କିମ୍ବା ଦୁଃଖରେ ମ୍ରିୟମାଣ ହୋଇ ନିଜ ପାଖରେ ହାର ମାନିବାକୁ ଚାହାନ୍ତି ନାହିଁ। ମୋ ପାଇଁ ନାରୀ ସ୍ୱାଧୀନତା ଏବଂ ଆତ୍ମନିର୍ଭରଶୀଳତାରେ ଆଲମିରା, ଜେସିକା, ଆମଣ୍ଡା ଏବଂ କ୍ରିଷ୍ଟିନା ହେଲେ ବଡ଼ ଉଦାହରଣ।

ପ୍ରଫେସର, କାଲିଫର୍ନିଆ ବିଶ୍ୱବିଦ୍ୟାଳୟ,
ଆମେରିକା, ମୋ: ୮୩୨୮୮୮୬୦୨
ଇମେଲ୍: adpandey101@gmail.com



# ଚିକିଟା ଦାସଙ୍କ ଶନିଶପ୍ତା

ମାଧବ ଚନ୍ଦ୍ର ସ୍ୱାଇଁ

ଗତ ପିତୃ ଦିବସରେ ମେଙ୍ଗାଲୁରରେ ଚାକିରି କରିଥିବା ପୁଅ ମୁନା ବାପା ଚିକିଟା ଦାସଙ୍କ ପାଖକୁ କୋଡ଼ିଏ ହଜାର ଟଙ୍କା ପଠାଇଲା ଡାଉନ ପେମେଣ୍ଟ ଦେଇ ଗୋଟାଏ ସ୍କୁଟି କିଣିବାକୁ। ଚିକିଟା ଦାସ ଆହୁରି ସିଆଣା। ପରେ ପୁଅ ଟଙ୍କା ଦେବ ନ ଦେବ, ମୁଁ କିସ୍ତି ଶୁଝିବି କିପରି? କମ୍ପାନୀ ଗାଡ଼ି ଟାଣି ନେଇଯିବ। ମୁଁ ବୁଲା ଫକିର ଝୁଲା ମୁଣି ଧରି ବୁଲୁଥିବି। ପନ୍ଦର ହଜାର ଟଙ୍କା ଦେଇ ଗୋଟାଏ ସେକେଣ୍ଡ ହ୍ୟାଣ୍ଡ ସ୍କୁଟି କିଣି, ପାଞ୍ଚ ହଜାର ଖର୍ଚ୍ଚ କରି ଗାଡ଼ିଟାକୁ ସଜାଡି ଦିଅନ୍ତେ, ଚିକିଟା ଦାସଙ୍କର ମନ କୁଣ୍ଢେ ମୋଟ ହୋଇଗଲା। ହଁ ଗାଡି କିଣିବା ପାଇଁ ପୁଅ ମୁନା କହିଥିଲା ବାପା, ରାସ୍ତାରେ ଗାଡି ଚଢି ଗଲା ବେଳେ ବୃଦ୍ଧ ଅସହାୟ ଚାଲି ଚାଲି ଯାଉଥିବା ଲୋକଙ୍କୁ ସାଥିରେ ନେଇଯିବ, ଧର୍ମ ହେବ। ଏ କଥାଟା ଚିକିଟା ଦାସଙ୍କ ମନକୁ ପାଇଗଲା।

ଗାଡ଼ି ଧରି ପ୍ରଥମ ଦିନ ବାହାରିଛନ୍ତି, ଖାଲି ଏପଟ ସେପଟ ଚାହିଁ ଚାହିଁ ଯାଉଛନ୍ତି। କାଳେ କିଏ କହିବ ମଉସା ଟିକିଏ ଆଗରେ ଛାଡିଦେବ। ଚିକିଟା ଦାସର ଚାହିଁବା ରଙ୍ଗ ଢଙ୍ଗ ଦେଖି କେହି କେହି ରସିକିଆ ବୁଢ଼ା ବୋଲି ଧରିନେଲେ। ବିରାଡ଼ି କପାଳକୁ ଶିକା ଛିଡିବା ପରି ଓଠକୁ ଲିପଷ୍ଟିକ କରି ଓ ନଖକୁ ନେଲପଲିସରେ ରଙ୍ଗେଇ ଦେଇ ଚୁଡିଦାର ପଞ୍ଜାବୀ ପରିହିତା ଜଣେ ନହୁଲି ବୟସୀ ପଛରୁ ଡାକଦେଲା– ମଉସା ଶୁଣିବକି! ମୋତେ ଟିକିଏ ଆଗ ଛକରେ ଛାଡିଦେବ। ଅଟୋ ମିଳୁ ନାହିଁ। ବଡ଼ ହଇରାଣ ହେଲିଣି।

ଚିକିଟା ଦାସ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ। ହଠାତ୍ ଗାଡି ରଖି କହିଲେ– ଝିଅ ମୋତେ ଡାକିଲୁ କି। ହଉ ଆ ବସ। ତୋତେ ଆଗରେ ଛାଡିଦେବି। ଜଣେ ଗଲେ ଯେତିକି ପେଟ୍ରୋଲ ପୋଡିବ, ଦୁଇଜଣ ଗଲେ ସେତିକି। ତହୁଁ ଝିଅଟି ଆରାମରେ ବସିଗଲା। ଗାଡି ଖଣ୍ଡେ ବାଟ ଯାଇଛି କି ନାହିଁ, ଲୋକ ଦେଖି ଝିଅଟି ଚିଲେଇଲା, ଆଜ୍ଞାମାନେ ମୋତେ ରକ୍ଷାକର। ଏଇ ବୁଢ଼ାଟା ମୋତେ କୁଆଡେ ନେଇଯାଉଛି।

ଆଜିକାଲି ଲୋକଙ୍କ କଥା ଜାଣିନାହାନ୍ତି? ଏମିତିଆ ମାମଲାରେ ଶାର୍ଟପେଣ୍ଟ ଖୋଲି ଦିହରେ ମୁଣ୍ଡରେ ଏମିତି ବସେଇ ଦେବେ ଯେ ଶେଷକୁ କାଳୁପଡା ସେକ ନେବାକୁ ପଡିବ। ଶେଷକୁ ଜଣେ ଭଦ୍ରଲୋକ କଥା ଛିଣ୍ଡାଇଲେ। ସେ ଝିଅକୁ ପାଞ୍ଚଶହ ଟଙ୍କା ଦିଅ, ଘରକୁ ଯାଅ। ଥାନାକୁ ଗଲେ ତମ ଅବସ୍ଥା ସାଂଘାତିକ ହୋଇଯିବ। କେସ୍ ପାଇଁ ଜାମିନଦାର ମିଳିବେ ନାହିଁ। କାନମୁଣ୍ଡା ଆଉଁସି ଚିକିଟା ଦାସ ଅତି କଷ୍ଟରେ ସେ ଝିଅକୁ ପାଞ୍ଚଶହ ଟଙ୍କା ଦେଇ କହିଲେ– ଝିଅଲୋ ଆଜିକାଲି ଦୟାଧର୍ମ ନାହିଁ। ବୁଢ଼ା ବାପଟାକୁ କାଇଦାରେ ପଟାଇ ଦେଲୁ। ମଲା ଯାଏ ତୋ ଋଣ ଶୁଝିପାରିବି ନାହିଁ।

ଚିକିଟା ଦାସ ମନେ ମନେ ଶପଥ ନେଲେ, ନା ନାରୀ ଜାତିକୁ ଆଉ ବିଶ୍ୱାସ ନାହିଁ। ଏ ଗାଡ଼ିରେ ଆଉ ମୋ ସ୍ତ୍ରୀ ଛଡ଼ା କୌଣସି ମାଇ ତିରିଲା ବସିବେ ନାହିଁ।

କିଛିଦିନ ଚାଲିଗଲା, ସମୟ ଅପରାହ୍ଣ ପାଞ୍ଚଟା। ପ୍ୟାଣ୍ଟଶାର୍ଟ ପିନ୍ଧା ଲୋକଟାଏ ହାତ ଦେଖାଇ କହିଲା ମଉସା ଚିହ୍ନିପାରୁନ। ମୁଁ ବଇନ। ତୁମେ ଅଷ୍ଟମରେ ପଢିଲା ବେଳକୁ ମୁଁ ପଞ୍ଚମରେ ପଢୁଥିଲି। ଆଜି ଏପଟେ ଅଟୋବାଲା ଷ୍ଟ୍ରାଇକ କରିଛନ୍ତି, ମୋତେ ଆଗରେ ଟିକିଏ ଛାଡିଦେବେ। ଚିକିଟା ଦାସ ମନେ ମନେ ଭାବିଲା, ଗଲା ଥର ସେ ଝିଅଟା ଆଗରେ ଛାଡିଦେବା କହି ମାଇଲା ପଟି ଯେ ଅଖା ଧୋଉଛି, ଗୁଣ ଗାଉଛି। ହଉ ଏ ତ ଅଣ୍ଡିରା ଜାତୀୟ, ଦେଖାଯାଉ କ'ଣ ହେଉଛି। ଗପ ସପ ହୋଇ ଯାଉ ଯାଉ ଆଗ ଛକ ହୋଇଗଲା। ବାଟୋଇ ଜଣକ ଗାଡିରୁ ଓହ୍ଲେଇ ଚାଲିଗଲେ। ଚିକିଟା ବାବୁ ଘରେ ପହଞ୍ଚି ବାମପଟ ପଞ୍ଜାବି ପକେଟରେ ହାତ ମାରିଲା ବେଳକୁ ମୋବାଇଲ ନାହିଁ। ଜରୁର ସେ ଲୋକଟା କାରସାଦି କରି ନେଇଗଲା। ପଡ଼ିଶା ଘର ଫୋନରୁ ଯେତେ ଫୋନ ମାରିଲେ ବି ଖାଲି ସୁଇଚ୍ ଅଫ୍ ଦେଖାଇଲା। ମାନେ ଫୋନଟା ହାତରୁ ସବୁଦିନ ପାଇଁ ଚାଲିଗଲା।

ଚିକିଟା ଦାସ ପ୍ରତିଜ୍ଞା କଲେ– ବୋପାର ଭାଇ ହେଲେ ବି ଆଉ ଏ ଗାଡିରେ କାହାକୁ ବସାଇବେ ନାହିଁ। ଦୁଇ ଦୁଇଟା କେସ୍ କଥା ମନେପକାଇ ଚିକିଟା ଦାସଙ୍କର ମୁଣ୍ଡ ଗୋଳମାଳ ହୋଇଯାଇଛି। ଏହା ଭିତରେ ଦୁଇମାସ ବିତିଗଲାଣି। ସେକେଣ୍ଡ ହାଣ୍ଡ ଫୋନଟାଏ ବି ସେହି ପୁରୁଣା ନମ୍ବର ସିମ୍ ପଡି ଆସିଲାଣି।

ହଠାତ୍ ରାସ୍ତାରେ ସ୍କୁଟି ଧରି ଯାଉଥିବା ବେଳେ ଦେଖିଲେ ପୃଥୁଳ କାୟା ବିସ୍ତାର କରିଥିବା ଜଣେ ବୃଦ୍ଧା ଚାଲିବାରେ କଷ୍ଟ ଅନୁଭବ କରୁଥିଲେ। ବୋଧେ ବହୁତ ଓଜନ ସମ୍ବନ୍ଧୀୟ ବେମାର ଦ୍ୱାରା ପୀଡିତ। ଚିକିଟା ଦାସଙ୍କର ଦୟା ହେଲା। ବୁଢୀ ମାଉସୀଙ୍କୁ ବସେଇ ନେଇ ଗଲାବେଳେ ଗାଡି ଆଉ ଆଗକୁ ଯିବାକୁ ମଙ୍ଗୁ ନ ଥାଏ। ଚକା ଫାଟିଯାଇପାରେ। ଏମନ୍ତ ସମୟରେ ପୋଲିସ ଆସି ହାତ ଦେଖାଇ ଗାଡି ସାଇଡ୍ କରିବାକୁ କହିଲା। ବୁଢୀ ମାଉସୀ ଚଟାପଟ ଓହ୍ଲେଇ ପଡିଲେ। ହେଲେ ଟ୍ରାଫିକ ପୋଲିସ ବାଲା ଯେଉଁ ଜରିମାନା ହାଙ୍କିଲେ ତାଙ୍କ ଆଖିରୁ ଜୁଳୁଜୁଳିଆ ପୋକ ବାହାରିଗଲା।

ବାବୁ ରଙ୍ଗ କଲାବେଳେ ନମ୍ବର ପ୍ଲେଟରେ ଧଳା ମାରିଦେଇଛନ୍ତି। ନମ୍ବର ଲେଖିନାହାନ୍ତି। ଡି.ଏଲ୍. ନାହିଁ, ଇନସ୍ୟୁରାନ୍ସ ନାହିଁ। ସବୁ ସବୁ ହୋଇ ତିରିଶ ହଜାର ଫାଇନ। ଗାଡି ନେବେ କ'ଣ, ପୁଅକୁ ଉତ୍ତର ଦେବେ କ'ଣ! ପୋଲିସ ନାଲିଆଖି ଦେଖାଇବାରୁ ଚିକିଟା ବାବୁ ମୂର୍ଚ୍ଛା ହୋଇ ତଳେ ପଡିଗଲେ।

ଶୈଳନିବାସ, ଏଫ୍–୧୮୦, ସେକ୍ଟର–୭,
ସିଡିଏ, କଟକ, ମୋ–୯୪୩୭୧୪୬୩୬୮

### ଏଇ ଭାରତରେ

ଅନ୍ଧବିଶ୍ୱାସ ବଳୟରେ ଥିବା ରାଜସ୍ଥାନର ଦୁଇଟି ଗାଁର କାହାଣୀ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ବିପଦର ଭୟ ଯୋଗୁ ଗ୍ରାମବାସୀ ପକ୍କାଘର କରନ୍ତିନି କି ବାହାଘରରେ କନ୍ୟାଙ୍କୁ ଘୋଡାପିଠିରେ ବସାନ୍ତି ନାହିଁ। ଏହି ଦୁଇଟି ଗାଁ ମଧ୍ୟରୁ ଗୋଟିଏ ହେଉଛି ଆଜମେର ଜିଲାର ଦେବମାଳି ଓ ଅନ୍ୟଟି ହେଉଛି ଡୁଙ୍ଗରପୁର ଜିଲାର ଖରିୟା ଗାଁ। ଦୁଇଟି ଗାଁର ଲୋକମାନେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଥିଲେ ମଧ୍ୟ କେହି ପକ୍କାଘର କରନ୍ତି ନାହିଁ। ଦେବମାଳି ଓ ଖରିୟା ଗାଁରେ ରହିଛି କିଛି ସମାନତା। ଦେବମାଳିର ଲୋକେ ପକ୍କାଘର ନ କରିବା ପଛରେ ଏକ ରୋଚକ କାହାଣୀ ରହିଛି। ପକ୍କାଘର କଲେ ଗାଁକୁ ବିପଦ ଆସିବ ବୋଲି ସେମାନଙ୍କ ଭୟ ରହିଛି, ଯେଉଁଥିପାଇଁ ସମସ୍ତେ ମାଟିଘରେ ରହୁଛନ୍ତି। ମାଟି ଚୁଲିରେ ବି ରୋଷେଇ କରୁଛନ୍ତି। ବାହାଘରରେ କନ୍ୟାଙ୍କୁ ସେମାନେ ଘୋଡା ଉପରେ ବସାନ୍ତି ନାହିଁ। ଏହା କଲେ ବାହାଘର ପରେ କନ୍ୟା ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି। ଦେବମାଳି ଗାଁର ଲୋକମାନେ ନିଜକୁ ଜଣେ ପୂର୍ବଜଙ୍କ ବଂଶଧର ବୋଲି କୁହନ୍ତି ଯିଏ କି ଏହି ଗାଁକୁ ସ୍ଥାପନ କରିଥିଲେ। ଯେବେ ବି ଏହି ଗାଁରେ କେହି ପକ୍କାଘର କରିଛନ୍ତି ତାହା ଭାଙ୍ଗିଯାଇଛି। ଏଣୁ ଭୟରେ ଲୋକମାନେ ପକ୍କାଘର କରୁନାହାନ୍ତି। ଏହି ଗାଁର ଅଧିକାଂଶ ଲୋକ ଶାକାହାରୀ। ୯୦ ପ୍ରତିଶତ ଆଦିବାସୀ ରହୁଥିବା ଖରିୟା ଗାଁରେ ବି ସମାନ ବିଶ୍ୱାସ ରହିଛି। ଲୋକମାନେ କିଛିବର୍ଷ ତଳେ ପଥରରେ ଘର କରିଥିଲେ, ଯାହା ଭାଙ୍ଗି ଯାଇଥିଲା। ଏହି ଦୁଇ ଗାଁରେ ପକ୍କା ଘର କରିବା ପାଇଁ କେତେକ ସାମାଜିକ ସଂଗଠନ ଗ୍ରାମବାସୀଙ୍କୁ ବୁଝାଇଲେ ମଧ୍ୟ ସେମାନେ କାହା କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୩ ଡିସେମ୍ବର ୧୯୯୪

- ଭାରତ–ଫ୍ରାନ୍ସ ମଧ୍ୟରେ ସ୍ୱାକ୍ଷରିତ ଏକ ଅର୍ଥନୈତିକ ପ୍ରୋଟୋକଲ ଅନୁଯାୟୀ ଭାରତରେ ଜଳ ଆବଣ୍ଟନ, ଧାତୁ ଉତ୍ତୋଳନ, ଜଙ୍ଗଲ ସୁରକ୍ଷା, ଟେଲି ଯୋଗାଯୋଗ ଏବଂ ବନ୍ଦର ବିକାଶ ପାଇଁ ଫ୍ରାନ୍ସ ଭାରତକୁ ୨୨୩.୩ ନିୟୁତ ଫରାସୀ ଋଣ ଯୋଗାଇବ।
- ଓଡିଶାର ୧୭୫ଟି ପଛୁଆ ଜାତିକୁ କେନ୍ଦ୍ର ସରକାରଙ୍କ ଅନ୍ୟ ଅନୁନ୍ନତ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି କଲେ ଅଭିଶାପ ପଡ଼ିବ

ମହାଶୟ,

ସମ୍ପ୍ରତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହେଉଥିବା ଜାଣି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦୁର୍ନୀତି କଲେ ଅଭିଶାପ ପଡ଼ିବ। ଆଜିକାଲି ଲୋକେ ଦୁର୍ନୀତିକୁ ସୁନୀତି ବୋଲି ଗ୍ରହଣ କରି ଗର୍ବରେ ଛାତି ଫୁଲାଇ ଚାଲୁଛନ୍ତି। ଏଠାରେ ଏ ଧର୍ମୋପଦେଶ ଲୋକଙ୍କ ଉପରେ ପ୍ରଭାବ ପକାଇପାରିବ କି? ଏ ଦୁର୍ନୀତି ସବୁଠି ଚାଲିଛି। ଯେଉଁଠି ଲୋକ ଅବିବାହିତ ଝିଅକୁ ବିଧବା ଦର୍ଶାଇ ଟଙ୍କା ହଡ଼ପ କରୁଛି, ଯୋଗ୍ୟକୁ ବାଦ୍ ଦେଇ ଅଯୋଗ୍ୟକୁ ହିତାଧିକାରୀ ଦର୍ଶାଉଛି, ସେଠି ଦୁର୍ନୀତି କେମିତି ହଟିବ? ଆମ ସମାଜରେ କେତେଜଣ ଧାର୍ମିକ ବ୍ୟକ୍ତି ଅଛନ୍ତି ଯେ ସେମାନେ ଅଭିଶାପକୁ ଡରି ଦୁର୍ନୀତି କରିବେ ନାହିଁ। ଦୁର୍ନୀତି କରିବା ଲୋକଙ୍କର ଅସ୍ଥିମଜ୍ଜାଗତ ହୋଇଗଲାଣି। ତାକୁ ସହଜରେ ହଟାଯାଇ ପାରିବନି।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ମୋବାଇଲ ଆଲୁଅରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା

ସରକାର ସମସ୍ତ ସରକାରୀ ଡାକ୍ତରଖାନାରେ ଉନ୍ନତମାନର ସେବା ଯୋଗାଇଦେବାର ପ୍ରୟାସ ଜାରି ରଖିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଗ୍ରାମାଞ୍ଚଳ ଡାକ୍ତରଖାନା ଏବଂ ସଦର ମହକୁମାଗୁଡ଼ିକରେ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରୁ ନାହିଁ। କିଛିଦିନ ତଳେ ନିମାପଡା, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ଘଟଣାରେ ଗୁରୁତର ଆହତ ରୋଗୀଙ୍କୁ ବିଜୁଳି ଅଭାବରୁ ମୋବାଇଲ ଆଲୁଅରେ ଚିକିତ୍ସା କରାଯାଇଥିଲା। ସରକାର ସମସ୍ତ ଗ୍ରାମାଞ୍ଚଳ ଡାକ୍ତରଖାନା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜୁଳି ଆଲୋକ, ଜେନେରେଟର ବା ଇନଭର୍ଟରର ବ୍ୟବସ୍ଥା ସହ ଉନ୍ନତମାନର ଚିକିତ୍ସା ବ୍ୟବସ୍ଥା କରିବା ଆବଶ୍ୟକ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବରଯାତ୍ରୀଙ୍କ ଉନ୍ମତ୍ତକାଣ୍ଡ ଥାନାରେ ମାମଲା

**ଆଠଗଡ,୨।୧୨(ସ୍ୱ.ପ୍ର.):** ଆଠଗଡ ରାଜବାଟିନଗରରେ ଏକ ବରଯାତ୍ରୀ ଦଳ ଉନ୍ମତ୍ତକାଣ୍ଡ କରିଥିବା ଅଭିଯୋଗ ହୋଇଛି। ଏଥିରେ ୨ ଗୋଷ୍ଠୀ ହାତାହାତି ହୋଇ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଗାଡି ଭାଙ୍ଗିଥିବା ସୂଚନା ମିଳିଛି। ସୋମବାର ଏହି ବରଯାତ୍ରୀ ଦଳର କିଛି ଯୁବକ ରାଗ ରଖି ମୁଣ୍ଡୁଳିଠାରେ ଆଠଗଡ଼ ଅଞ୍ଚଳର କିଛି ଲୋକଙ୍କୁ ମାରପିଟ କରିଥିବା ବେଳେ ସେମାନଙ୍କ ଗାଡି ଭାଙ୍ଗିଛନ୍ତି। ଏନେଇ ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାରଙ୍ଗ ଥାନା ବଡମୁଣ୍ଡଳି ଗ୍ରାମରୁ ଆସିଥିବା ଏକ ବରଯାତ୍ରୀ ଦଳ ରାଜବାଟିନଗରରେ ବିବାହ ଶୋଭଯାତ୍ରାରେ ଯାଉଥିଲେ। ସେମାନଙ୍କ ମଧ୍ୟରୁ କିଛି ଯୁବକ ନିଶାଶକ୍ତ ଅବସ୍ଥାରେ ରାସ୍ତା ଅବରୋଧ କରି ନାଚୁଥିବା ବେଳେ ବାଟୋଇଙ୍କୁ ଅଶ୍ଲୀଳ ଭାଷରେ ଗାଳିଗୁଲଜ କରୁଥିଲେ। ଆଠଗଡ ସେସୁରେ କାର୍ଯ୍ୟରତ କର୍ମଚାରୀ ମନୋରଞ୍ଜନ ସାହୁ ଏବଂ ସ୍ଥାନୀୟ ଅଞ୍ଚଳର ପ୍ରଭାକର ପଟ୍ଟନାୟକଙ୍କ ପୁଅ ରୁପକ ପଟ୍ଟନାୟକଙ୍କୁ ସମ୍ପୃକ୍ତ ଯୁବକମାନେ ବିନା କାରଣରେ ଆକ୍ରମଣ କରିଥିଲେ। ଏନେଇ ରୁପକଙ୍କ ଭାଇ ଜ୍ଞାନରଞ୍ଜନ ଓ ସେସୁ କର୍ମଚାରୀ ମନୋରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ଖବର ପ୍ରଚାରିତ ହେବା ପରେ ଆଠଗଡ ସହରର ୩୦ରୁ ଊର୍ଦ୍ଧ୍ୱ ଯୁବକ ଘଟଣାସ୍ଥଳକୁ ଯାଇ ବରଯାତ୍ରୀ ଦଳରେ ଥିବା ଯୁବକଙ୍କସହ ଗଣ୍ଡଗୋଳ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହାପରେ ବରଯାତ୍ରୀ ଦଳ ଫେରିଆସିଥିବା ବେଳେ ବାହାଘର ଶେଷ ହେବା ପରେ ବରକନ୍ୟା ବଡମୁଣ୍ଡଳି ଗ୍ରାମକୁ ଯାଇଥିଲେ। ବରଯାତ୍ରୀ ଦଳର କିଛି ଯୁବକ ମୁଣ୍ଡୁଳିଠାରେ ଆଠଗଡ଼ରୁ ଆସୁଥିବା ଲୋକଙ୍କୁ ମାରପିଟ କରିଥିଲେ। ଏଥିରେ ରାଜୁ ମହାନ୍ତି ଆହତ ହୋଇଥିବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ସରକାରୀ କାର୍ଯ୍ୟକ୍ରମରେ ସରପଞ୍ଚ ସ୍ୱାମୀଙ୍କ ହସ୍ତକ୍ଷେପକୁ ବିରୋଧ

# ପଞ୍ଚାୟତବାସୀଙ୍କ ପକ୍ଷରୁ ବିଡିଓଙ୍କୁ ଅଭିଯୋଗ

**ରଘୁନାଥପୁର,୨।୧୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସ୍ୱାମୀ ଯୁଗଳ କିଶୋର ମଲ୍ଲିକଙ୍କ ହସ୍ତକ୍ଷେପ ନେଇ ବିରୋଧ କରାଯାଇଛି। ଏ ନେଇ ସୋମବାର ପଞ୍ଚାୟତବାସୀଙ୍କ ପକ୍ଷରୁ ବିଡିଓ ପଞ୍ଚାନନ ପଟ୍ଟାୟତଙ୍କ ଉଦ୍ଦେଶ୍ୟରେ ବ୍ଲକ ବଡ଼ବାବୁ ଓ ଜିପିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ସରପଞ୍ଚ ପଦବୀର ଅପବ୍ୟବହାର କରି ଯୁଗଳ ସରକାରୀ କାର୍ଯ୍ୟକ୍ରମରେ ଏକଚ୍ଛତ୍ରବାଦ ଚଳାଇଛନ୍ତି। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ


ବିଡିଓଙ୍କ ପକ୍ଷରୁ ମୁଖ୍ୟ କିରାଣି ଦାବିପତ୍ର ଗ୍ରହଣ କରୁଛନ୍ତି।

ଭତ୍ତା ଓ ସରକାରୀ ଗୃହ ଦେବା କ୍ଷେତ୍ରରେ ପକ୍ଷପାତିତା କରାଯାଉଥିବା କୃତୀବାସ ଜେନା ଓ କେଦାରନାଥ ସାହୁ ଅଭିଯୋଗ କରିଛନ୍ତି। ତୁରନ୍ତ ଯୁଗଳଙ୍କୁ ସମସ୍ତ କାର୍ଯ୍ୟରୁ ନିବୃତ୍ତ କରିବା ସହ ସମସ୍ତ ଅନିୟମିତତା କାର୍ଯ୍ୟର ତଦନ୍ତ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ବସନ୍ତ ଦାସ, ବିଜୟ ସାହୁ, ମାନସ ଦାସ, ଯତୀନ ନାୟକ, ରାମଚନ୍ଦ୍ର ବେହେରା, ତୁଷାରକାନ୍ତ ବେହେରା, ସନ୍ତୋଷ ସାହୁ ପ୍ରମୁଖ ଚେତାବନୀ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଜିପିଓ ଦେବାଶ୍ରିତା ପରିଡା କୁହନ୍ତି, ଅଭିଯୋଗପତ୍ର ବିଡିଓଙ୍କ ହସ୍ତଗତ ହେବା ପରେ ନିର୍ଦ୍ଦେଶ ଅନୁଯାୟୀ ତଦନ୍ତ କରାଯିବ। ଅନ୍ୟପକ୍ଷରେ ସରପଞ୍ଚଙ୍କ ସ୍ୱାମୀ ଯୁଗଳ କୁହନ୍ତି, ଅଭିଯୋଗର କୌଣସି ସତ୍ୟତା ନାହିଁ। ଏସବୁ ବିରୋଧୀଙ୍କ କାର୍ଯ୍ୟ ବୋଲି କହିଛନ୍ତି।


ଜନଶୁଣାଣିରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ ଉପସ୍ଥିତ।

# କୁଜଙ୍ଗରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ଜଗତ୍‌ସିଂହପୁର ଅଫିସ୍,୨।୧୨**

ଜିଲା ପ୍ରଶାସନ ପକ୍ଷରୁ ସୋମବାର କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗ ଉପରେ ଶୁଣାଣି କରିଥିଲେ। ଶିବିରରେ ମୋଟ ୪୫୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୪୨୦ଟି ଯଥା ଇନ୍ଦିରା ଆବାସ/ବିଜୁ ପକ୍କାଘର ୨୦୪, ଭତ୍ତା ୩୪, ରାଶନ କାର୍ଡ ୧୮, କାଳିଆ ଯୋଜନା ୭୬, ଜମିଜମା ସମ୍ପର୍କିତ ୨୨ ଓ ଅନ୍ୟାନ୍ୟ ୫୯ଟି ରହିଥିଲା। ଗାଁ ସମସ୍ୟା ସମ୍ପର୍କିତ ୨୪, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୦, ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୧ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ୭ଟି ଅଭିଯୋଗର ତତ୍କାଳ ଫଏସଲା କରାଯାଇଥିଲା। ଶିବିରରେ ଏସ୍‌ପି ପ୍ରକାଶ ଆର୍, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ତହସିଲଦାର, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ପ୍ରଦୂଷଣ ନିବାରଣ ଦିବସ



ପ୍ରଦୂଷଣ ନିବାରଣ ଦିବସରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ପାରାଦୀପ,୨।୧୨(ସ୍ୱ.ପ୍ର.)**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସୋମବାର ଜାତୀୟ ପ୍ରଦୂଷଣ ନିବାରଣ ଦିବସ ପାଳିତ ହୋଇଛି। ପାରାଦୀପ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନା ସଭାରେ ଶିଳ୍ପସଂସ୍ଥା ପ୍ରତିନିଧି, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଭାଗ ନେଇଥିଲେ। ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାରେ ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଡା. ଦେବଦତ୍ତ ସାମନ୍ତରାୟ, ରୋହିତ ମହାପାତ୍ର, ହାରାମଣି ମହାପାତ୍ର ପ୍ରମୁଖ ଯୋଗଦେଇ ପାରାଦୀପ ପ୍ରଦୂଷଣ ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ବାହୀ ଅଧିକାରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ଲୋକେ କ୍ରିଟିକାଲ ପ୍ରଦୂଷଣ ସମ୍ପର୍କରେ ସମାଲୋଚନା ନ କରି ପର୍ଯ୍ୟଟନ, ସୌନ୍ଦର୍ଯ୍ୟତା, ବିକାଶ ସମ୍ପର୍କରେ ଭାବିବାକୁ ଆହ୍ୱାନ ଦେଇଥିଲେ। ପରେ ପ୍ରଦୂଷଣ ସମ୍ପର୍କରେ ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିବେଶ ଯନ୍ତ୍ରୀ ପ୍ରଦୀପ ରାଉତ ଧନ୍ୟବାଦ ଦେଇଥିଲେ। ଆହ୍ୱାନ କମ୍ବାଇନ୍ସ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା କରାଯାଇଥିଲା।

## ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଗୁରୁତର

**ନରସିଂହପୁର,୨।୧୨(ଡି.ଏନ୍.ଏ.)**

ନରସିଂହପୁରସ୍ଥିତ ଏକ ଘରୋଇ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ସୋମବାର ଉକ୍ତ ସ୍କୁଲର ଛାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।


**ପୂର୍ବ ତଟ ରେଳପଥ**

**ସଂକେତ ଏବଂ ଦୂରସଂଚାର କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ.STCONBBSeOTEIMRDL-HND14, ତା.26.11.2019 ରିଖ

**କାର୍ଯ୍ୟର ନାମ:** "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଶାଳଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ସମ୍ବନ୍ଧୀୟ ହିନ୍ଦୋଳ ରୋଡ଼ ଏବଂ ମେରାମଣ୍ଡଳି ୟାର୍ଡ୍, ମଧ୍ୟବର୍ତ୍ତୀ ସେକ୍ସନ (ହିନ୍ଦୋଳ ରୋଡ଼-ମେରାମଣ୍ଡଳି ଏବଂ ମେରାମଣ୍ଡଳି-ବୁଢ଼ାପଙ୍କ) ଠାରେ ଉପଯୋଗିତା ସ୍ଥାନାନ୍ତରଣ (ଲେଭେଲ କ୍ରସିଙ୍ଗ୍ ଫାଟକ, IBS, କେବୁଲ, ଲୋକେସନ ବାକ୍ସ, ନୂଆ ଲାଇନ୍‌କୁ ବାଧା ପହଞ୍ଚାଉଥିବା ଅନ୍ୟ ସିଗ୍ନାଲିଙ୍ଗ୍ ଗିଅର) ଏବଂ ହିନ୍ଦୋଳ ରୋଡ଼ ଏବଂ ମେରାମଣ୍ଡଳି ଷ୍ଟେସନଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗର ଯୋଗାଣ, ସଂସ୍ଥାପନ, ଡିଜାଇନ୍ ଏବଂ ସମ୍ପାଦନ।"

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 15,29,78,849.5, **EMD (ଟଙ୍କାରେ):** 9,14,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଇ-ଟେଣ୍ଡର ଶେଷ ହେବା ଅବଧି: 11 (ଏଗାର) ମାସ।

ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.12.2019 ରିଖ 1200 ଘଟିକାରେ, **ଇ-ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ:** ତା.26.12.2019 ରିଖ 1200 ଘଟିକାରେ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ଭୁବନେଶ୍ୱର

PR-87/CC/19-20






**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ନୟାପଲ୍ଲୀ ଶାଖା**
୩/୧୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତି ହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ମଳୟ କୁମାର ଦାସ,** ପିତା: ଅଲେଖ ଚନ୍ଦ୍ର ଦାସ, ବାସସ୍ଥାନ ଠିକଣା- ସା/ପୋ.: ବେଲଗଛିଆ, ମଧୁବନ, କଟକ-୭୫୪୦୦୫ | ଟ.୭୮,୨୩,୩୫୯/- + ସେବାବଦ ସୁଧ | ୦୬.୦୭.୨୦୧୯ / ୨୫.୧୧.୨୦୧୯ | ଶ୍ରୀ ମଳୟ କୁମାର ଦାସଙ୍କ ନାମରେ ରେସିଡେନ୍ସିଆଲ କମ୍ପ୍ଲେକ୍ସ "ନାରାୟଣ ଆର୍କେଡ"ର ୩ୟ ମହଲାରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଫ୍ଲାଟ୍ ଆଦି ସମ୍ପତ୍ତି ଯାହାର ନଂ.: ୩ଏ, ଜିଏ ପ୍ଲଟ୍ ନଂ.: ୬୦, ମୌଜା: ୟୁନିଟ୍-୭, ସୂର୍ଯ୍ୟ ନଗର, ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଡ୍ରାଇଭୱେ, ପଶ୍ଚିମ: ଡ୍ରାଇଭୱେ, ଉତ୍ତର: ଫ୍ଲାଟ୍ ନଂ.: ୩ବି, ଦକ୍ଷିଣ: ଡ୍ରାଇଭୱେ ଏବଂ ରାସ୍ତା |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ଉନା ସତ୍ୟବ୍ରତ ପାତ୍ର,** ପିତା: ଉନା ପୂର୍ଣ୍ଣଚନ୍ଦ୍ର ପାତ୍ର, ବାସସ୍ଥାନ ଠିକଣା- ସା: ମେନ୍ ରୋଡ୍, ବୁଗୁଡା, ଗଞ୍ଜାମ-୭୬୧୧୧୮ | ଟ.୭୭,୩୩,୧୩୧/- + ସେବାବଦ ସୁଧ | ୦୩.୦୭.୨୦୧୯ / ୨୫.୧୧.୨୦୧୯ | ଶ୍ରୀ ଉନା ସତ୍ୟବ୍ରତ ପାତ୍ରଙ୍କ ନାମରେ ରେସିଡେନ୍ସିଆଲ କମ୍ପ୍ଲେକ୍ସ "ନାରାୟଣ ଆର୍କେଡ"ର ୨ୟ ମହଲାରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଫ୍ଲାଟ୍ ଆଦି ସମ୍ପତ୍ତି ଯାହାର ନଂ.: ୨ଏ, ଜିଏ ପ୍ଲଟ୍ ନଂ.: ୬୦, ମୌଜା: ୟୁନିଟ୍-୭, ସୂର୍ଯ୍ୟ ନଗର, ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଡ୍ରାଇଭୱେ, ପଶ୍ଚିମ: ଡ୍ରାଇଭୱେ, ଉତ୍ତର: ଫ୍ଲାଟ୍ ନଂ.: ୨ବି, ଦକ୍ଷିଣ: ଡ୍ରାଇଭୱେ ଏବଂ ରାସ୍ତା |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ନରେନ୍ଦ୍ର ସ୍ୱାଇଁ,** ପିତା: କେଳୁ ସ୍ୱାଇଁ, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ପୋ.: ନୂଆଗୋପାଳପୁର, ପୁରୀ | ଟ.୪୩,୯୫,୬୫୪/- + ସେବାବଦ ସୁଧ | ୨୧.୦୫.୨୦୧୯ / ୨୮.୧୧.୨୦୧୯ | ଶ୍ରୀ ନରେନ୍ଦ୍ର ସ୍ୱାଇଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୨୦, କ୍ଷେତ୍ର: ୧୫୦୮ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୮୩୦, ପଶ୍ଚିମ: ରାସ୍ତା, ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୧୮୩୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୯ |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ଧନେଶ୍ୱର ପଟ୍ଟଆରସିଂହ,** ପିତା: ପ୍ରସନ୍ନ କୁମାର ପଟ୍ଟଆରସିଂହ, ବାସସ୍ଥାନ ଠିକଣା- ସା: ଛୋଟିଯୋଡି, ହଳଦୀପଡା, ଥାନା: କଣାସ, ପୁରୀ | ଟ.୪୪,୩୮,୩୦୩/- + ସେବାବଦ ସୁଧ | ୧୦.୦୬.୨୦୧୯ / ୨୮.୧୧.୨୦୧୯ | ଶ୍ରୀ ଧନେଶ୍ୱର ପଟ୍ଟଆରସିଂହଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୧୨, କ୍ଷେତ୍ର: ୧୪୫୬ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ୩୦ ଫୁଟିଆ ଚଉଡା ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୭ ଏବଂ ୮, ଉତ୍ତର: ସବ୍ ପ୍ଲଟ୍ ନଂ.: ୧୩, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୧ |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ଜିତେନ୍ଦ୍ର କୁମାର ମହାକୁଡ,** ପିତା: ରାଜକିଶୋର ମହାକୁଡ, ବାସସ୍ଥାନ ଠିକଣା- ସା: ଗଉଡ ପଙ୍କାଳ ସାହି, ପୋ.: ଡିହଗାଁ, ଥାନା: ଦଶପଲ୍ଲା, ନୟାଗଡ | ଟ.୪୪,୧୪,୭୭୭/- + ସେବାବଦ ସୁଧ | ୦୨.୦୭.୨୦୧୯ / ୨୮.୧୧.୨୦୧୯ | ଶ୍ରୀ ଜିତେନ୍ଦ୍ର କୁମାର ମହାକୁଡଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୧୯, କ୍ଷେତ୍ର: ୧୪୫୬ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୮୩୦, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୨୦, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୮ |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ମହାଦେବ ବରାଳ,** ପିତା: ଦାଶରଥି ବରାଳ, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ପୋ.: ନୂଆଗୋପାଳପୁର, ପୁରୀ | ଟ.୪୩,୬୧,୭୭୪/- + ସେବାବଦ ସୁଧ | ୨୩.୦୫.୨୦୧୯ / ୨୮.୧୧.୨୦୧୯ | ଶ୍ରୀ ମହାଦେବ ବରାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୧୫, କ୍ଷେତ୍ର: ୧୫୦୮ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୫, ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୧୮୩୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୪ |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ସଦାଶିବ ଜେନା,** ପିତା: ମନୁ ଚରଣ ଜେନା, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ପୋ.: ନୂଆଗୋପାଳପୁର, ଭାୟା: ବଳଙ୍ଗା, ପୁରୀ | ଟ.୪୪,୦୨,୧୬୮/- + ସେବାବଦ ସୁଧ | ୦୨.୦୭.୨୦୧୯ / ୨୮.୧୧.୨୦୧୯ | ଶ୍ରୀ ସଦାଶିବ ଜେନାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୧୩, କ୍ଷେତ୍ର: ୧୪୫୬ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୬ ଏବଂ ୭, ଉତ୍ତର: ସବ୍ ପ୍ଲଟ୍ ନଂ.: ୧୪, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୨ |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ଜନ୍ମେଶ୍ୱର ସାହୁ,** ପିତା: କୀର୍ତ୍ତନ ସାହୁ, ବାସସ୍ଥାନ ଠିକଣା- ସା: ସାନପଦର, ପୋ.: ରାସୋଳ, ଜିଲ୍ଲା: ଖୋର୍ଦ୍ଧା | ଟ.୪୩,୯୧,୭୯୧/- + ସେବାବଦ ସୁଧ | ୦୨.୦୭.୨୦୧୯ / ୨୮.୧୧.୨୦୧୯ | ଶ୍ରୀ ଜନ୍ମେଶ୍ୱର ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୧୮, କ୍ଷେତ୍ର: ୧୪୫୬ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୮୩୦, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୧୯, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୭ |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ମାନସ କୁମାର ସାହୁ,** ପିତା: ତ୍ରିନାଥ ସାହୁ, ବାସସ୍ଥାନ ଠିକଣା- ସା: ମହିଧରପଡା, ପୋ.: ନଗରୀ, ଥାନା: କଟକ ସଦର, କଟକ | ଟ.୪୬,୧୭,୫୬୫/- + ସେବାବଦ ସୁଧ | ୨୩.୦୫.୨୦୧୯ / ୨୮.୧୧.୨୦୧୯ | ଶ୍ରୀ ମାନସ କୁମାର ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୧୭, କ୍ଷେତ୍ର: ୧୪୫୬ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୮୩୦, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୧୮, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୬ |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀମତୀ ଶାନ୍ତିଲତା ବେହେରା,** ସ୍ୱାମୀ: ବାସୁଦେବ ବେହେରା, ବାସସ୍ଥାନ ଠିକଣା- ସା: ମୌଳବେଗ, ଭାୟା: ବଳଙ୍ଗା, ପୁରୀ | ଟ.୪୩,୬୮,୦୧୨/- + ସେବାବଦ ସୁଧ | ୦୨.୦୭.୨୦୧୯ / ୨୮.୧୧.୨୦୧୯ | ଶ୍ରୀମତୀ ଶାନ୍ତିଲତା ବେହେରାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୧୬, କ୍ଷେତ୍ର: ୧୪୫୬ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୮୩୦, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୧୭, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୨୧ |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ କେଦାର ସେନାପତି,** ପିତା: ଅକୁର ସେନାପତି, ବାସସ୍ଥାନ ଠିକଣା- ଖରିକିଆ ପାଟଣା, ପୋ.: ଲକ୍ଷ୍ମୀନାରାୟଣପୁର, ଜାଗୁଳିଆପଡା, ପୁରୀ | ଟ.୪୪,୦୩,୪୯୭/- + ସେବାବଦ ସୁଧ | ୦୨.୦୭.୨୦୧୯ / ୨୮.୧୧.୨୦୧୯ | ଶ୍ରୀ କେଦାର ସେନାପତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୧୪, କ୍ଷେତ୍ର: ୧୪୫୬ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୫ ଏବଂ ୬, ଉତ୍ତର: ସବ୍ ପ୍ଲଟ୍ ନଂ.: ୧୫, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୧୩ |
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: **ଶ୍ରୀ ସଂଗ୍ରାମ କେଶରୀ ରାଉତରାୟ,** ପିତା: ସୁବାଷ ଚନ୍ଦ୍ର ରାଉତରାୟ, ବାସସ୍ଥାନ ଠିକଣା- ସା: କଣ୍ଠାବଣିଆ, ଗଡସାନପୁଟ, ପୁରୀ | ଟ.୪୩,୨୪,୨୪୭/- + ସେବାବଦ ସୁଧ | ୦୮.୦୭.୨୦୧୯ / ୨୮.୧୧.୨୦୧୯ | ଶ୍ରୀ ସଂଗ୍ରାମ କେଶରୀ ରାଉତରାୟଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ପିପିଲି, ଥାନା: ପିପିଲି, ସବ୍-ରେଜିଷ୍ଟ୍ରାର: ପିପିଲି, ମୌଜା: ପୁବାଶାସନ, ଖାତା ନଂ.: ୧୯, ପ୍ଲଟ୍ ନଂ.: ୧୮୨୯, ସବ୍ ପ୍ଲଟ୍ ନଂ.: ୧୧, କ୍ଷେତ୍ର: ୧୪୫୬ ବର୍ଗଫୁଟ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୮, ଉତ୍ତର: ସବ୍ ପ୍ଲଟ୍ ନଂ.: ୧୨, ଦକ୍ଷିଣ: ରାସ୍ତା |

**ସ୍ଥାନ : ଭୁବନେଶ୍ୱର, ତାରିଖ: ୦୨.୧୨.୨୦୧୯** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**


# ଇଫ୍‌କୋକୁ ୨ ପୁରସ୍କାର

**ପାରାଦୀପ,୨।୧୨(ସ୍ୱ.ପ୍ର.)**

ପାରାଦୀପରେ ଥିବା ଇଫ୍‌କୋ ସାର କାରଖାନାକୁ ସୋମବାର ନୂଆଦିଲ୍ଲୀଠାରେ ଫର୍ଟିଲାଇଜର୍ସ ଆସୋସିଏଶନ ପକ୍ଷରୁ ୨ଟି ପୁରସ୍କାର ପ୍ରଦାନ କରାଯାଇଛି। ତାହା ହେଲା ଏନଭରମେଣ୍ଟ ପ୍ରୋଟେକ୍ସନ ପୁରସ୍କାର ଓ ଏନ୍‌ପ/ଏନପିକେ ଫର୍ଟିଲାଇଜର୍ସ କ୍ୟାପ୍ଟିଭ ଏସିଡ୍ ପ୍ଲାଣ୍ଟ କ୍ଷେତ୍ରରେ ଏହା ପ୍ରଦାନ କରାଯାଇଛି। ଇଫ୍‌କୋର ପାରାଦୀପ ୟୁନିଟ୍ ମୁଖ୍ୟ କେ.ଜେ. ପଟେଲ ଏହି ପୁରସ୍କାର ସାର ଓ ରସାୟନ ବିଭାଗ ମନ୍ତ୍ରୀ ମନସୁଖଲାଲ ମାଣ୍ଡଭିୟାଙ୍କଠାରୁ ଗ୍ରହଣ କରିଛନ୍ତି। ଫର୍ଟିଲାଇର୍ସ ସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

### ବ୍ୟାଙ୍କ କର୍ମଚାରୀଙ୍କ ଅବହେଳା

# ପେନସନ ନ ପାଇ ଫେରିଲେ ଅବସରପ୍ରାପ୍ତ କର୍ମଚାରୀ

**ରଘୁନାଥପୁର,୨।୧୨(ଡି.ଏନ୍.ଏ.)**

ବ୍ୟାଙ୍କ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ରଘୁନାଥପୁର ଅଞ୍ଚଳର ବହୁ ଅବସରପ୍ରାପ୍ତ କର୍ମଚାରୀ ସୋମବାର ପେନସନ ନ ପାଇ ଫେରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ରଘୁନାଥପୁର ବଜାରରେ ଥିବା ଏକ ବ୍ୟାଙ୍କ ପେନସନ ଭୋଗୀଙ୍କୁ ଋଣ ପ୍ରଦାନରେ ଖିଲାପ, ଜମାଖାତା ଅପଟୁଡେଟ କରିବାରେ ବିଳମ୍ବ, ପ୍ରତିମାସର ୧୫ତାରିଖରେ ଗ୍ରାହକ ସମ୍ପର୍କ ଦିବସ ପାଳନ ନ କରାଯିବା ନେଇ ଅବସରପ୍ରାପ୍ତ କର୍ମଚାରୀ ଓ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଶିକ୍ଷାବିତ୍ ଯଦୁନାଥ ଜେନା ଉକ୍ତ ବ୍ୟାଙ୍କର ମୁଖ୍ୟ ଆଞ୍ଚଳିକ ପରିଚାଳକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଟଙ୍କା ଉଠାଇ ନ ପାରି ଅବସରପ୍ରାପ୍ତ କର୍ମଚାରୀ ସଂଘର ଉପସଭାପତି କୈଳାସ ଚନ୍ଦ୍ର ନାୟକ, ନଟବର ନାୟକ, ଶ୍ରୀନିବାସ ନନ୍ଦ, ଅନନ୍ତ ଚରଣ ଦାସ, ସୁବାସ ଚନ୍ଦ୍ର ନାୟକ, ଅରୁଣ ଚରଣ ଖଟୁଆଙ୍କ ସମେତ ବହୁ ବ୍ୟକ୍ତି ପେନଶନ ନ ପାଇ ଫେରିଥିଲେ। ଏ ନେଇ ବ୍ୟାଙ୍କର ଡେପୁଟି ମ୍ୟାନେଜର କୁହନ୍ତି, ଜଣେ କର୍ମଚାରୀ ଗତ ଅକ୍ଟୋବର ୩୧ରୁ ଛୁଟିରେ ଯାଇଛନ୍ତି। ତାଙ୍କ ପାଖରେ ରହିଥିବା ଲାଇଫ ସାର୍ଟିଫିକେଟ ଓ କେୱାଇସି ଅପଟୁଡେଟ ହୋଇପାରିନାହିଁ। ଫଳରେ ପେନଶନଧାରୀ ପେନଶନ ପାଇବାରୁ ବଞ୍ଚିତ ହୋଇଛନ୍ତି।

## ଏରସମା ଦୁର୍ଗାପୂଜା ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଏରସମା,୨।୧୨(ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଦେବୀ ପଡିଆରେ ଦୀର୍ଘ ବର୍ଷ ଧରି ଚାଲିଥିବା ପ୍ରସିଦ୍ଧ ଦୁର୍ଗାପୂଜାର ପ୍ରତିଷ୍ଠାତା ଭଗବାନ ନାୟକ ଓ ତାଙ୍କ ସ୍ତ୍ରୀ ଉଷାରାଣୀ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିମୂର୍ତ୍ତି ଦ୍ୱୟକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗାୟକ ଶେଖର ଜଗନ୍ନାଥ ବେହେରା, ଶ୍ରମିକ ନେତା ଜୟନ୍ତ କୁମାର ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀ, ରଜମହୋତ୍ସବ କମିଟି ସଭାପତି ସମୀର ରଞ୍ଜନ ମଲ୍ଲିକ, ସମ୍ପାଦକ ନିରାକାର ସ୍ୱାଇଁ, ଅକ୍ଷୟ ସ୍ୱାଇଁ ଓ ନୃସିଂହ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ୱପ୍ନ କୁମାର ନାୟକ, ବିନୟ ନାୟକ, ବିଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



**ସଂକ୍ଷେପରେ**

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ତିର୍ତ୍ତୋଲ,୨।୧୨(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ତରଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ତରଜଙ୍ଗା ଗ୍ରାମର ନିଶାକର ରାଉତ(୪୮)। ବାଇକ ଯୋଗେ ନିଶାକର ବାଲିପାଟଣା ବଜାର ଆଡକୁ ଯାଉଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ କାର ଆସି ତାଙ୍କୁ ପଛପଟୁ ଧକ୍କା ଦେଇ ପାରାଦୀପ ଦିଗକୁ ପଳାଇ ଯାଇଥିଲା। ଫଳରେ ନିଶାକାରଙ୍କ ମୁଣ୍ଡ ଓ ଶରୀର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ତାଙ୍କୁ ଗୁରତର ଅବସ୍ଥାରେ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେ ଏବେ ସେଠାରେ ଚିକିତ୍ସାଧୀନ ଅଛନ୍ତି।

## କ୍ୟାନ୍ସର ପୀଡ଼ିତଙ୍କ ଚିକିତ୍ସାରେ ଅର୍ଥ ବାଧକ



**ତିର୍ତ୍ତୋଲ,୨।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ ଗରେଇ ପଞ୍ଚାୟତ ବିବଛପୁର ଗ୍ରାମର ଅସହାୟ ଶରତ ଚନ୍ଦ୍ର ମଲ୍ଲିକ କ୍ୟାନସର ରୋଗରେ ପୀଡ଼ିତ ହୋଇଛନ୍ତି। ହେଲେ ଚିକିତ୍ସିତ ହେବା ପାଇଁ ତାଙ୍କ ପାଖରେ ଆବଶ୍ୟକ ଅର୍ଥ ନାହିଁ। ତେଣୁ ଚିକିତ୍ସା ନିମନ୍ତେ ସେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ପ୍ରଶାସନିକ ସହାୟତା ମିଳି ପାରିଲେ ତାଙ୍କର ଉପଯୁକ୍ତ ଚିକିତ୍ସା ହୋଇ ପାରିବ। ତାଙ୍କର ଏକମାତ୍ର ରୋଜଗାରକ୍ଷମ ପୁଅଙ୍କ ଅକାଳ ବିୟୋଗ ପରେ ସେ ଦିନ ମଜୁରିଆ ଭାବରେ କାମକରି ଚଳୁଥିଲେ। ଏବେ ସେ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡ଼ିଛନ୍ତି। ତେଣୁ ଜିଲା ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି।

## ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ନାଉଗାଁ ଶାଖା ଗଠିତ

**ନାଉଗାଁ,୨।୧୨(ସ୍ୱ.ପ୍ର.):** ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ନାଉଗାଁ ବ୍ଲକରେ ଏକ ଶାଖା ଗଠନ କରାଯାଇଛି। ଏହି ଅବସରରେ ଏକ ସଭା ମଞ୍ଚ ଅଧକ୍ଷ ଡ. ନନ୍ଦନନ୍ଦନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ଡ. ଜଗବନ୍ଧୁ ଷଡ଼ଙ୍ଗୀ, ସହସମ୍ପାଦକ ନାୟକ କ୍ଷିତୀଶ ଚନ୍ଦ୍ର ପାଲଟାସିଂହ ଉପସ୍ଥିତ ଥିଲେ। ମଞ୍ଚ ଏହି ବ୍ଲକକୁ ଦୁର୍ନୀତିମୁକ୍ତ କରିବା ସହ ଜନସାଧାରଣଙ୍କୁ ନ୍ୟାୟ ଦେବାରେ ସହେଯାଗ କରିବ ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ପରେ ଶାଖାର ସଭାପତି ଭାବେ ରବୀନ୍ଦ୍ର ପଟ୍ଟନାୟକ, ଉପସଭାପତି ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସମ୍ପାଦକ ବଂଶୀଧର ବେହେରା, କୋଷାଧକ୍ଷ ଭାବେ ରାମ ଚନ୍ଦ୍ର ସ୍ୱାଇଁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ କର୍ମକର୍ତ୍ତା ନିର୍ବାଚିତ ହେବାକୁ ସ୍ଥିର କରାଯାଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ବାଲିଆ,୨।୧୨:** କଟକ ଜିଲା କିଶୋରନଗର ପଞ୍ଚାୟତ ହୁଲିପୁର ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ସୁଧାକର ଖଟ୍ଟାଇଙ୍କ ସ୍ତ୍ରୀ ନଳିନୀପ୍ରଭା ଖଟ୍ଟାଇଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ଖଟ୍ଟାଇ କିଛି ଦିନ ହେବ ରୋଗରେ ପୀଡ଼ିତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ପୁଅ ସୌମ୍ୟରଞ୍ଜନ ମୁଖାଗ୍ନି ଦେଇଥିଲେ। ହ୍ୱାଇଁ ଡ. ପଦନ ଜେନା, ଦେବୀପ୍ରସାଦ ଦାସ ଓ କୃଷ୍ଣଚନ୍ଦ୍ର ଜେନା ଉପସ୍ଥିତ ଥିଲେ।

# ନାଉଗାଁରେ ନାହିଁ ଉଦ୍ୟାନ କୃଷି କାର୍ଯ୍ୟାଳୟ

- ଉଚିତ ପରାମର୍ଶ ପାଉନାହାନ୍ତି ଚାଷୀ
- ତୁରନ୍ତ କାର୍ଯ୍ୟାଳୟ ଖୋଲିବାକୁ ଦାବି
- ଆଳୁ ଓ ପିଆଜ ବିହନ ଠିକ ଭାବେ ପହଞ୍ଚୁନି

**ନାଉଗାଁ,୨।୧୨(ସ୍ୱ.ପ୍ର.)**

ଚାଷୀଙ୍କୁ ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ କୃଷି ବିଭାଗ ପକ୍ଷରୁ ବିଭିନ୍ନ ପରାମର୍ଶ ଦିଆଯାଇଥାଏ। ସେହିପରି କୃଷି ବିଭାଗ ସହିତ ଉଦ୍ୟାନ କୃଷି ଅଙ୍ଗାଙ୍ଗି ଭାବେ ଜଡିତ। ମାତ୍ର ନାଉଗାଁ ବ୍ଲକରେ ଉଦ୍ୟାନ କୃଷି କାର୍ଯ୍ୟାଳୟ ନାହିଁ। ଫଳରେ ଚାଷୀଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ଉପଯୁକ୍ତ ପରାମର୍ଶ ମିଳି ପାରୁ ନ ଥିବା ଅଭିଯୋଗ ହୋଇଛି। ସାଧାରଣତଃ ଏହି ବିଭାଗ ମାଧ୍ୟମରେ ଚାଷୀଙ୍କୁ ବିଭିନ୍ନ ଚାରା, ଶାଗ, ପନିପରିବା ମଞ୍ଜି, ଆଳୁ ଓ ପିଆଜ ବିହନ ଆଦି ଯୋଗାଇ ଦିଆଯାଇ ଥାଏ। କିନ୍ତୁ ସଚେତନତା ଅଭାବ ସହିତ ବିଭାଗୀୟ କର୍ମଚାରୀଙ୍କ ଦେଖା ନ ମିଳିବାରୁ ଚାଷୀ ଏହି ବିଭାଗ ଦ୍ୱାରା ପ୍ରଦତ ବିଭିନ୍ନ ସହାୟତାରୁ ବଞ୍ଚିତ ହେଉଛନ୍ତି ବୋଲି ଅନେକ ଚାଷୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଏଠାରେ ଉଦ୍ୟାନ କୃଷି କାର୍ଯ୍ୟାଳୟ ଖୋଲିବାକୁ ସେମାନେ ଦାବି କରିଛନ୍ତି।

ଜିଲା ଉଦ୍ୟାନ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଯେଉଁ ଚାଷୀ ନଡିଆ ଚାଷ କରିବେ ସେମାନେ ନଡିଆ ଗଛ ପିଛା ୫୦ ଟଙ୍କା ଦାମରେ କ୍ରୟ କରିବେ ଓ ସରକାରଙ୍କଠାରୁ ନିଜ ଜମା ଖାତାରେ ଗୋଟିଏ ନଡିଆଗଛ ପ୍ରତି ୧୩୭ ଟଙ୍କା ଆର୍ଥିକ ସହାୟତା ପାଇବେ। କିନ୍ତୁ ସଚେତନତା ଅଭାବରୁ ଅନେକ ଚାଷୀ ଏକଥା ଜାଣି ପାରୁ ନାହାନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ଜାମୁଗାଁରେ ୨, ଶିଖରରେ ୩ ଜଣ, ଅଲଣା ପଞ୍ଚାୟତରେ ୮ଜଣ ଚାଷୀ ଏହି ଚାଷ କରିଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେହିପରି ବର୍ତ୍ତମାନ ପନିପରିବା ଚାଷ ଆରମ୍ଭ ହୋଇଥିବା ବେଳେ ଚାଷୀ ଉନ୍ନତ ମାନର ମଞ୍ଜି ବିଭନ୍ନ ଦୋକାନରୁ କ୍ରୟ କରୁଛନ୍ତି। ମାତ୍ର ବିଭାଗ କର୍ମଚାରୀଙ୍କ ଦେଖାମିଳୁନି। ଅନ୍ୟପକ୍ଷରେ ଉକ୍ତ ବ୍ଲକ ଦାୟିତ୍ୱରେ ଥିବା ଅଧିକାରୀ ବ୍ଲକର ୧୦ ପଞ୍ଚାୟତକୁ ବିଭିନ୍ନ ପନିପରିବା ମଞ୍ଜି ୫୦ରୁ ୬୦ ପ୍ୟାକେଟ ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି। ତେଣୁ ଏହି ମଞ୍ଜି ଠିକ ଭାବେ ଚାଷୀଙ୍କ ପାଖରେ ପହଞ୍ଚିଛି କି ନାହିଁ ସେ ସମ୍ପର୍କରେ ସ୍ୱଷ୍ଟ ସୂଚନା ମିଳି ପାରୁନାହିଁ। ସେହିପରି ପର୍ଯ୍ୟାୟକ୍ରମେ ଚାଷୀଙ୍କୁ ଆଳୁ ଓ ପିଆଜ ବିହନ ଯୋଗଇବାର ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା ଠିକ ଭାବେ ଚାଷୀଙ୍କ ନିକଟରେ ପହଞ୍ଚି ପାରିବ ନାହିଁ ବୋଲି ନବନର୍ମାଣ ସଙ୍ଗଠନ ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ ଅଭିଯୋଗ କରିଛନ୍ତି। ସ୍ୱାଇଁ କହିଛନ୍ତି, ଉଦ୍ୟାନ ବିଭାଗର କୌଣସି କର୍ମଚାରୀ ବ୍ଲକ ଅଞ୍ଚଳକୁ ଅସୁନାହାନ୍ତି। ଏସମ୍ପର୍କରେ ୧୧ ନଭେମ୍ବର ୨୦୧୯ ହୋଇଥିବା ଜିଲାପାଳଙ୍କ ଜନଶୁଣାଣିରେ ଆମେ ଅଭିଯୋଗ କରିଥିଲୁ। ପରିବା ଚାଷୀ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତି ସହୁ ଥିଲେ ମଧ୍ୟ ତାଙ୍କୁ ସରକାରୀ ସାହାଯ୍ୟ ମିଳୁନାହିଁ। କର୍ମଚାରୀଙ୍କ ଦେଖା ନ ମିଳିବାରୁ କ୍ଷେତ୍ର ପରିଦର୍ଶନ ଠିକ ଭାବେ ହେଉନାହିଁ। ଯଦ୍ୱାରା ଚାଷୀ ଏହି ବିଭାଗ ଦ୍ୱାରା ଉପକୃତ ହୋଇ ପାରୁ ନାହାନ୍ତି। କେବଳ କାଗଜ କଲମରେ ବିଭାଗ ଉକ୍ତ ବ୍ଲକରେ ଚାଲୁଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନାଉଗାଁ ବ୍ଲକ ଦାୟିତ୍ୱରେ ଥିବା ବ୍ଲକ ଉଦ୍ୟାନ ବିଭାଗ କର୍ମଚାରୀ ରଶ୍ମି ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ସେ କହିଥିଲେ, ଏହି ବ୍ଲକରେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଖୋଲିବା ପାଇଁ ତହସିଲ ପଡ଼ିଆ ନିକଟରେ ସ୍ଥାନ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଏବେ ଆମେ ଅଞ୍ଚଳକୁ ଯାଇ ଚାଷୀଙ୍କୁ ସାକ୍ଷାତ କରୁଛୁ। ବିଭିନ୍ନ ପ୍ରକାର ମଞ୍ଜି ମଧ୍ୟ ପ୍ରଦାନ କରାଯାଇଛି। ତେଣୁ ବ୍ଲକରେ କାର୍ଯ୍ୟାଳୟ ହୋଇଗଲେ ଚାଷୀଙ୍କୁ ସବୁ ସୁବିଧା ସହଜରେ ମିଳିବ ବୋଲି ପ୍ରକାଶ କରିଥିଲେ।

## ପିପିଏଲ୍‌କୁ ଦୁଇ ପୁରସ୍କାର

**ପାରାଦୀପ,୨।୧୨(ସ୍ୱ.ପ୍ର.)**

ପାରାଦୀପ ଫସଫେଟ୍‌ସ ଲିମିଟେଡ୍ (ପିପିଏଲ୍)କୁ ସୋମବାର ନୂଆଦିଲ୍ଲୀଠାରେ ଭାରତୀୟ ଫର୍ଟିଲାଇଜର୍ସ ସଂଘ ପକ୍ଷରୁ ୨ଟି ପୁରସ୍କାର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବରେ ପିପିଏଲ୍ କମ୍ପାନୀ ସହିତ ଦେଶର ସମସ୍ତ ସାର କମ୍ପାନୀ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ସାର ଓ ରସାୟନ ବିଭାଗ ମନ୍ତ୍ରୀ ମନସୁଖଲାଲ ମାଣ୍ଡଭିୟା ଯୋଗ ଦେଇଥିଲେ। ଫର୍ଟିଲାଇଜର୍ସ ସଂଘ ପକ୍ଷରୁ ଯେଉଁ ଦୁଇ ମାନଦଣ୍ଡରେ ପିପିଏଲ୍‌କୁ ଆୱାର୍ଡ ପ୍ରଦାନ କରିଛି ତାହା ହେଲା କାରଖାନା ପରିସରରେ ଭଲ ପରିବେଶ ପର୍ଯ୍ୟାବରଣ କରିବା ଏବଂ ଭଲ ଫସ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟର ସ୍ଥାପନା କରିବା। ଦୁଇ ପୁରସ୍କାରକୁ ମନ୍ତ୍ରୀ ମାଣ୍ଡଭିୟାଙ୍କଠାରୁ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ରଣଜିତ୍ ସିଂ ଢୁଗ୍ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବରିଷ୍ଠ ଅଧିକାରୀ ପ୍ରଣବ ଭଟ୍ଟାଚାର୍ଯ୍ୟ, ଶୈଳେଶ ପତି ଓ ରଞ୍ଜନ କୁମାର ମହାନ୍ତି ଉପସ୍ଥିତ ଥିଲେ। ଫର୍ଟିଲାଇଜର୍ସ ସଂଘ ସଭାପତି ସତିଶ ଚନ୍ଦର ମଧ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କମ୍ପାନୀ ପ୍ରଦୂଷଣ ପର୍ଯ୍ୟାବରଣ କ୍ଷେତ୍ରରେ ପ୍ରତ୍ୟେକ ଶିଳ୍ପ ସଂସ୍ଥା ସେମାନଙ୍କ ମୂଳ ଜାଗାର ୩୩ ପ୍ରତିଶତ ବନୀକରଣ କରିବା କଥା। ଏ କ୍ଷେତ୍ରରେ ପିପିଏଲ୍ ୩୮.୫୧ ପ୍ରତିଶତ ବନୀକରଣ କରିଛି ଏବଂ କମ୍ପାନୀ ପରିସରରେ ଥିବା ୧୬ଟି ଜଳାଶୟରେ ପ୍ରତିବର୍ଷ ଶୀତଦିନେ ବିଦେଶାଗତ ଚଢ଼େଇ ୨ରୁ ୩ ମାସ ରହୁଛନ୍ତି।




ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଳେ ବଳେ କଉଶଳେ**
**କାମ ହୁଅଇ ଆପେ ଭଲେ ।**

କଳ କୌଶଳ ଖଟ୍ଟିଲେ କାମ ସହଜରେ ସାଧିତ ହୁଏ। ନିଷ୍ଠାର ସହିତ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିବା ସ୍ଥିର ନିଶ୍ଚିତ। ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାହାର ଭଲମନ୍ଦ ଦିଗ ତଥା ଆଗପଛ ଚିନ୍ତା କରି ଆଗକୁ ବଢ଼ିବା ଉଚିତ ହୋଇଥାଏ। କୌଶଳରେ ତଥା ଚତୁରତା ସହ କାର୍ଯ୍ୟ କଲେ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଷ୍ଠ, ପାଷାଣ, ତରୁ, ତୃଣ**
**ସକଳ ଘଟେ ନାରାୟଣ ।**

ଈଶ୍ୱରଙ୍କ ସତ୍ତା ଜୀବଠାରେ ବିଦ୍ୟମାନ। ଜୀବ ଓ ବ୍ରହ୍ମ ସ୍ୱରୂପତଃ ଅଭେଦ। ସଚରାଚର ଜଗତରେ ସମସ୍ତ ଜଡ଼ ଓ ଚେତନଠାରେ ପରମାତ୍ମାଙ୍କର ସତ୍ତା ରହିଛି। ଚାରି ବେଦରେ ଏହା ହିଁ କୁହାଯାଇଛି। ଈଶ୍ୱର ବା ନାରାୟଣ ସର୍ବତ୍ର ବିଦ୍ୟମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ

**ପାରାଦୀପ,୨।୧୨(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ଏହି ଅବସରରେ ପୂର୍ବାହ୍ନରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ସାକ୍ଷରତା ସମିତି, ୩ଟି ସ୍ୱେଚ୍ଛାସେବୀ ସଂଗଠନ, ସିଆଇଏସ୍‌ଏଫ୍ କର୍ମଚାରୀ ୟୁନିୟନ, ମେଡିକାଲ କର୍ମଚାରୀ ପ୍ରମୁଖ ଭାଗ ନେଇଥିଲେ। ଏହାକୁ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଅଫିସର୍ସ କ୍ଲବଠାରେ ଏକ ଆଲୋଚନା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହ୍ଲାଦ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନା ସଭାରେ ଅଧକ୍ଷ ରାୟ, ଲେଡିଜ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ, ସଚିବ ଦୀପକ କୁମାର ଝା, ଇଂ. ଦୀପକ ରଥ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିସହ ବନ୍ଦର ଚିକିତ୍ସାଳୟରେ ସମସ୍ତଙ୍କୁ ନିଃଶୁଳ୍କ ପରୀକ୍ଷା କରାଯାଇଥିଲା। ଶେଷରେ ବିଗତ ଦିନରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଶୋକ କୁମାର ମହାପାତ୍ର ସଂଚାଳନ କରିଥିଲେ। ରାମଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି। ସୁଧ=1%
MOB-9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଳି ଓ୍ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS

2003 ରୁ ଆପଣଙ୍କ ସେବାରେ
Vod Mobile Tower
ଖାଲିଥିବା ଜମି ଓ ଛାତ ଉପରେ Vod ଗ୍ରୁପର Digital ଉପକରଣ ବସାଇ ଅଗ୍ରିମ
ଆଡଭାନ୍ସ 65 ଲକ୍ଷ | ମାସିକ 60 ହଜାର
କୋର୍ଟ ଏଗ୍ରିମେଣ୍ଟ + ବାଇକ୍
094994-78937
070828-65993
ADDRESS: T-51, GAUTAMPURI, DELHI

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra



"ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବାବେଳେ ମୋତେ ରାଷ୍ଟ୍ରପତି ପଦ ଯଚାଯାଇ ନ ଥିଲା। କେବଳ ଝିଅ ସୁପ୍ରିୟାଙ୍କୁ କେନ୍ଦ୍ର କ୍ୟାବିନେଟରେ ମନ୍ତ୍ରୀ କରିବା ଲାଗି କଥା ଉଠିଥିଲା।
- ଶରଦ ପାୱାର, ଏନ୍‌ସିପି ମୁଖ୍ୟ

## ସଂକ୍ଷେପରେ

### ତାମିଲନାଡୁରେ ବର୍ଷା ବିପ୍ଳାତ ଘର ଭୁଶୁଡ଼ି ୧୭ ମୃତ



**କୋଏମ୍ବାଟୁର, ୨।୧୨:** ତାମିଲନାଡୁରେ ବର୍ଷା ବିପ୍ଳାତ ଯୋଗୁ ସୋମବାର ମେଟ୍ଟୁପାଲାୟମ ଅନ୍ତର୍ଗତ ନନ୍ଦୁର ଗ୍ରାମରେ ୪ ଘର ଭୁଶୁଡ଼ି ୧୭ ଜଣଙ୍କ ପ୍ରାଣହାନି ଘଟିଛି। ମୃତକଙ୍କ ମଧ୍ୟରେ ୨ ଶିଶୁ ଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁ ୨୦ ଫୁଟ ଉଚ୍ଚର ଏକ ପାଚେରି ଭୁଶୁଡ଼ି ଘର ଉପରେ ପଡ଼ିବାରୁ ଏଭଳି ଅଘଟଣ ଘଟିଥିବା ପୋଲିସ କହିଛି। ଅଗ୍ନିଶମ ବିଭାଗର କର୍ମଚାରୀ ଓ ଉଦ୍ଧାରକାରୀ ଦଳ ଯୁଦ୍ଧକାଳୀନ ଭାବେ କାର୍ଯ୍ୟାରମ୍ଭ କରିଥିଲେ ହେଁ ୧୭ ଜଣଙ୍କ ଜୀବନ ଚାଲିଯାଇଥିଲା। ଭଗ୍ନସ୍ତୂପ ତଳୁ ମରଶରୀରଗୁଡ଼ିକୁ ଉଦ୍ଧାର କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ପ୍ରକାଶଥାଉ କି, ରାଜ୍ୟରେ ଗତ ୩ ଦିନ ମଧ୍ୟରେ ବର୍ଷା ଯୋଗୁ ୨୫ ଜଣ ପ୍ରାଣ ହରାଇସାରିଲେଣି। ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀ ଇ.କେ. ପଲାନିସ୍ୱାମୀ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ବର୍ଷାରେ ୨ ହଜାର ଘର ଭାଙ୍ଗିଥିବାବେଳେ ୧ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ଇତିହାସର ଆଇନାରେ
### ଡିସେମ୍ବର ୩ର ପ୍ରମୁଖ ଘଟଣା

୨୦୦୯ ଡିସେମ୍ବର ୩ରେ ସୋମାଲିଆର ମୋଗାଦିଶୁସ୍ଥିତ ଏକ ହୋଟେଲରେ ଭୟଙ୍କା ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଏଥିରେ ୨୫ ଜଣ ପ୍ରାଣ ହରାଇଥିଲାବେଳେ ଏକାଧିକ ଆହତ ହୋଇଥିଲେ। ଏଥିରେ ୩ ମନ୍ତ୍ରୀ ପ୍ରାଣ ମଧ ହରାଇଥିଲେ।

୨୦୧୨ ଡିସେମ୍ବର ୩ରେ ସାମୁଦ୍ରିକ ଝଡ଼ 'ବୋଫା' ଦକ୍ଷିଣ ଫିଲିପାଇନ୍ସରେ ତାଣ୍ଡବ ରଚିଥିଲା। ଏଥିରେ ପ୍ରାୟ ୧୯ଶହରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

## ୨୦୨୪ ସୁଦ୍ଧା ସାରା ଦେଶରେ ଏନ୍‌ଆର୍‌ସି
# ସବୁ ଅନୁପ୍ରବେଶକାରୀ ବିଦାହେବେ

ରାଞ୍ଚି, ୨।୧୨(ପି.ଟି.)

ସାରା ଦେଶରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) କାର୍ଯ୍ୟକାରୀ ହେବାର ସମୟସୀମା ୨୦୨୪। ଏହି ସମୟ ମଧ୍ୟରେ ଦେଶରୁ ସମସ୍ତ ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ବିଦା କରାଯିବ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ସୋମବାର କହିଛନ୍ତି। ଏନ୍‌ଆର୍‌ସି ପ୍ରସଙ୍ଗ ପଶ୍ଚିମବଙ୍ଗ ବିଧାନସଭା ଉପନିର୍ବାଚନରେ ଭାଜପା ପାଇଁ ମହଙ୍ଗା ପଡିଲା ବୋଲି ରାଜ୍ୟର କେତେଜଣ ଭାଜପା ନେତା ଅଭିଯୋଗ କରୁଥିବାବେଳେ ଏହାକୁ ଶାହା ଖଣ୍ଡନ କରିଛନ୍ତି। ବିରୋଧୀ ଦଳଗୁଡ଼ିକର ଭିନ୍ନମତ ସତ୍ତ୍ୱେ ଦେଶବ୍ୟାପୀ ଏନ୍‌ଆର୍‌ସି କାର୍ଯ୍ୟକାରୀ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଝାଡଖଣ୍ଡରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି କହିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସାରା ଦେଶରେ ଏନ୍‌ଆର୍‌ସି କାର୍ଯ୍ୟକାରୀ ହୋଇଥିବ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।



### ରାହୁଲଙ୍କୁ ଟାର୍ଗେଟ୍ କଲେ ଅମିତ୍ ଶାହା

ଏହି ଅବସରରେ ଶାହା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରିଥିଲେ। ସେ ରାହୁଲଙ୍କୁ ବ୍ୟଙ୍ଗ କରି କହିଥିଲେ, ରାହୁଲ ବାବା ବେଆଇନ ଅନୁପ୍ରବେଶକାରୀମାନଙ୍କୁ ବାହାର ନ କରିବା ପାଇଁ କହୁଛନ୍ତି। ସେମାନେ କୁଆଡେ ଯିବେ, କ'ଣ ଖାଇବେ କହି କଂଗ୍ରେସ ନେତା ସେମାନଙ୍କ ପ୍ରତି ଦରଦ ଦେଖାଉଛନ୍ତି। ବେଆଇନ ଭାବେ ରହିଥିବା ଲୋକମାନେ ବିଦାହେବା ଉଚିତ ନୁହେଁ କି ବୋଲି ଶାହା ଝାଡ଼ଖଣ୍ଡର ବାହାରଗୋରା ସହରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପ୍ରଶ୍ନ କରିଥିଲେ। ଆତଙ୍କବାଦ, ମାଓବାଦର ମୂଳୋତ୍ପାଟନ, ଅଯୋଧ୍ୟାରେ ବିଶାଳ ରାମମନ୍ଦିର ନିର୍ମାଣ ଭଳି ଝାଡ଼ଖଣ୍ଡର ସ୍ଥାନୀୟ ସମସ୍ୟା ମଧ ସମାନ ଗୁରୁତ୍ୱପୂର୍ଣ୍ଣ ବୋଲି ଭାଜପା ଅଧ୍ୟକ୍ଷ କହିଥିଲେ। ସୁପ୍ରିମକୋର୍ଟରେ ଅଯୋଧ୍ୟା ଜମି ବିବାଦ ମାମଲାର ଶୁଣାଣିକୁ ବ୍ୟର୍ଥ କରିବା ପାଇଁ କଂଗ୍ରେସ ଉଦ୍ୟମ କରୁଥିଲା। ରାମ ଜନ୍ମଭୂମି ମାମଲାର ଶୁଣାଣି ଆବଶ୍ୟକ ନାହିଁ ବୋଲି କଂଗ୍ରେସ ନେତାମାନେ କହୁଥିଲେ। ତେବେ ଅଯୋଧ୍ୟାର ବିବାଦୀୟ ସ୍ଥଳରେ କେବଳ ରାମମନ୍ଦିର ନିର୍ମାଣ ଲାଗି କୋର୍ଟ ରାୟ ଦେଲେ। ଝାଡ଼ଖଣ୍ଡରେ କଂଗ୍ରେସ-ଜେଏମ୍ଏମ୍-ଆର୍‌ଜେଡି ମେଣ୍ଟକୁ ଶାହା କଡା ସମାଲୋଚନା କରିଥିଲେ। ଭାଜପା ସରକାର ଯୋଗୁ ଉକ୍ତ ରାଜ୍ୟରେ ମାଓବାଦୀ ଭୟ ଦୂର ହୋଇ ବିକାଶ ଆସିଥିବା ସେ କହିଥିଲେ। ସେଠାରେ କଂଗ୍ରେସ କ୍ଷମତାରେ ଥିଲାବେଳେ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ଲାଠିଚାଳନା କରୁଥିଲା। ଏଭଳି ଦଳ ସହ ଜେଏମ୍ଏମ୍ କିପରି ହାତ ମିଳାଇଛି ବୋଲି ଶାହା ପ୍ରଶ୍ନ କରିଥିଲେ।

# ମୋଦି, ଶାହା ଅନୁପ୍ରବେଶକାରୀ: ଅଧୀର

ନୂଆଦିଲ୍ଲୀ, ୨।୧୨(ପି.ଟି.)

ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଅନୁପ୍ରବେଶକାରୀ କହିବା ପରେ ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଅଧୀର ତାଙ୍କ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଭାଜପା ସଦସ୍ୟମାନେ ଦାବି କରିଥିଲେ। ପ୍ରଶ୍ନୋତ୍ତର କାଳରେ ଇସ୍ପାତ ମନ୍ତ୍ରଣାଳୟ ସମ୍ପର୍କରେ ପ୍ରଶ୍ନ କରିବା ପାଇଁ ଅଧୀର ଛିଡ଼ାହୋଇଥିବାବେଳେ ଶାସକ ମେଣ୍ଟର କେତେଜଣ ସଦସ୍ୟ



ଅଧୀର ରଞ୍ଜନ ଚୌଧୁରୀ

ତାଙ୍କୁ ଅନୁପ୍ରବେଶକାରୀ କହି ପରିହାସ କରିଥିଲେ। ଏହାର ଜବାବରେ କଂଗ୍ରେସ ନେତା କହିଥିଲେ, ହଁ ସେ ଜଣେ ଅନୁପ୍ରବେଶକାରୀ। ତେବେ ନରେନ୍ଦ୍ର ମୋଦି, ଅମିତ ଶାହା ଏବଂ ଲାଲକୃଷ୍ଣ ଆଡଭାନୀ ମଧ ଅନୁପ୍ରବେଶକାରୀ

### କ୍ଷମା ମାଗିବାକୁ ଭାଜପାର ଦାବି

ବୋଲି ସେ କହିଥିଲେ। ଅଧୀରଙ୍କ ଏଭଳି ମନ୍ତବ୍ୟକୁ ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଲୋଚନା କରିଥିଲେ। ଅଧୀର ଗୃହରେ କ୍ଷମା ମାଗନ୍ତୁ ବୋଲି ଭାଜପା ସଦସ୍ୟମାନେ ଦାବି କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କଂଗ୍ରେସ ନେତାଙ୍କୁ ସମାଲୋଚନା କରିବା ସହ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିଦେଶିନୀ ପ୍ରସଙ୍ଗ ଉଠାଇଥିଲେ। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ମୁଲତବୀ ଘୋଷଣା କରିଥିଲେ।

## ଇ-ସିଗାରେଟ ନିଷିଦ୍ଧ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ, ୨।୧୨(ଆଇଏଏନ୍‌ଏସ୍)

ଇଲେକ୍ଟ୍ରୋନିକ୍ ସିଗାରେଟ (ଇ-ସିଗାରେଟ) ଉତ୍ପାଦନ ଓ ବିକ୍ରି ନିଷିଦ୍ଧ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଯାଇଛି। ପୂର୍ବରୁ ଏହା ଲୋକ ସଭାରେ ଗୃହୀତ ହୋଇଥିବାବେଳେ ସୋମବାର ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି। ଏହା ଆଇନରେ ପରିଣତ ହେଲେ ସେପ୍ଟେମ୍ବରରୁ ଲାଗୁ ହୋଇଥିବା ଅଧ୍ୟାଦେଶ ସ୍ଥାନରେ କାର୍ଯ୍ୟକାରୀ ହେବ। ଯୁବପିଢ଼ିଙ୍କ ସ୍ୱାର୍ଥ ପାଇଁ ବିଲ୍‌କୁ ଦଳମତ ନିର୍ବିଶେଷରେ ସମର୍ଥନ ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଅନୁରୋଧ କରିଥିଲେ।

# ପ୍ରିୟଙ୍କାଙ୍କ ସୁରକ୍ଷାରେ ତ୍ରୁଟି

ନୂଆଦିଲ୍ଲୀ, ୨।୧୨(ପି.ଟି.)



ଗାନ୍ଧୀ ପରିବାରର ସୁରକ୍ଷା ବ୍ୟବସ୍ଥାରୁ ଏସ୍‌ପିଜି ହଟାଯିବା ପରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଲୋଧି ଇଷ୍ଟେଟ ବାସଭବନରେ ଗତ ସପ୍ତାହରେ ସୁରକ୍ଷାରେ ଗୁରୁତର ତ୍ରୁଟି ଦେଖାଯାଇଥିଲା। ଗତ ୨୫ ତାରିଖରେ ଜଣେ ଅଜଣା ବ୍ୟକ୍ତିଙ୍କ କାର୍ ତାଙ୍କ ବାସଭବନ ପରିସରକୁ ଧସେଇ ପଶିଥିଲା। କାର୍‌ରୁ ଜଣେ ଝିଅ ସମେତ ୫ ଜଣ ବାହାରି ପ୍ରିୟଙ୍କାଙ୍କ ବଗିଚାକୁ ଯାଇ ତାଙ୍କ ସହ ସେଲ୍‌ଫି ନେବାକୁ କହିଥିଲେ ବୋଲି ଏକ ସୂତ୍ରରୁ ଜଣାପଡିଛି। ସେମାନେ ସେଲ୍‌ଫି ନେବା ପାଇଁ ଉତ୍ତରପ୍ରଦେଶରୁ ଆସିଥିବା କହିଥିଲେ। କୌଣସି ଆଗନ୍ତୁକ ସାକ୍ଷାତ କରିବା ପାଇଁ ଆପଏଣ୍ଟମେଣ୍ଟ ନେଇ ନ ଥିବାରୁ ଏହି ଘଟଣାରେ ପ୍ରିୟଙ୍କା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସିଆର୍‌ପିଏଫ୍‌କୁ ମଧ ଏ ସମ୍ପର୍କରେ କିଛି ଜଣା ନ ଥିଲା। ତାଙ୍କ କାର୍ଯ୍ୟାଳୟ ଏ

### ବାସଭବନରେ ଧସେଇ ପଶିଲା କାର୍

ସମ୍ପର୍କରେ ସିଆର୍‌ପିଏଫ୍‌ରେ ଅଭିଯୋଗ କରିଛି। ପ୍ରିୟଙ୍କାଙ୍କ ସମେତ ଗାନ୍ଧୀ ପରିବାରର ଅନ୍ୟ ସଦସ୍ୟମାନଙ୍କ ଏସ୍‌ପିଜି ସୁରକ୍ଷା ଗତମାସରେ ପ୍ରତ୍ୟାହାର କରିନିଆଯାଇ ଜେଡ୍ ପ୍ଲସ ସୁରକ୍ଷା ଯୋଗାଇ ଦିଆଯାଇଛି। ଏବେ ସିଆର୍‌ପିଏଫ୍ ଯବାନମାନେ ଗାନ୍ଧୀ ପରିବାରକୁ ସୁରକ୍ଷା ଯୋଗାଉଛନ୍ତି।

## ସୁପ୍ରିମକୋର୍ଟଙ୍କୁ ଜଣାଇଲେ ସରକାର
# ଏସ୍‌ସି/ଏସ୍‌ଟିଙ୍କ କ୍ଷେତ୍ରରେ ସ୍ୱଚ୍ଛଳ ବର୍ଗ ପ୍ରଯୁଜ୍ୟ ନୁହେଁ

ନୂଆଦିଲ୍ଲୀ, ୨।୧୨

ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ସୁବିଧାରୁ ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍ ଦେବା ପାଇଁ ସୁପ୍ରିମକୋର୍ଟ ୨୦୧୮ରେ ରାୟ ଦେଇଥିଲେ। ଉକ୍ତ ରାୟର ପୁନର୍ବିଚାର ପାଇଁ କେନ୍ଦ୍ର ସରକାର ସୋମବାର ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ୨୦୧୮ରେ ଜର୍ନେଲ ସିଂଙ୍କ ମାମଲାରେ ୫ ଜଣିଆ ପୀଠ ଦେଇଥିବା ରାୟର ଯଥାର୍ଥତା ଉପରେ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ସନ୍ଦେହ ବ୍ୟକ୍ତ କରିଥିଲେ। ଏହି ମାମଲା ୭ ଜଣିଆ ପୀଠରେ ପୁନର୍ବାର ଶୁଣାଣି କରାଯିବା ସରକାର ଚାହାନ୍ତି ବୋଲି ସେ କହିଥିଲେ। ସ୍ୱଚ୍ଛଳ ବର୍ଗ (କ୍ରିମି ଲେୟର) ଧାରଣା ଏସ୍‌ସି/ଏସ୍‌ଟିଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇପାରିବ ନାହିଁ ବୋଲି ଆର୍ଟର୍ନି ଜେନେରାଲ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ କହିଥିଲେ। ୨୦୦୮ରେ ଇନ୍ଦ୍ର ସାହନି (ମଣ୍ଡଳ ମାମଲା) ରାୟରେ ଅନ୍ୟତମ ୫ ଜଣିଆ ଖଣ୍ଡପୀଠ ଏସ୍‌ସି/ଏସ୍‌ଟି ବର୍ଗଙ୍କୁ ସ୍ୱଚ୍ଛଳ ବର୍ଗ ବାହାରେ ରଖିଥିଲେ ବୋଲି ବେଣୁଗୋପାଳ କହିଥିଲେ। ତେବେ ତାଙ୍କର ଏହି ଯୁକ୍ତିକୁ ସମତା ଆନ୍ଦୋଳନ ସମିତି ପକ୍ଷରୁ ମାମଲା ଲଢ଼ୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣ ବିରୋଧ କରିଥିଲେ। ସ୍ୱଚ୍ଛଳ ବର୍ଗ ଅବଧାରଣା ଉପରେ ଅଦାଲତଙ୍କ ୨୦୧୮ ରାୟ ସମ୍ପୂର୍ଣ୍ଣ ସ୍ପଷ୍ଟ। ଏହି ମାମଲାର ପୁନର୍ବାର ଶୁଣାଣି ହେବା ଉଚିତ ନୁହେଁ ବୋଲି ସେ ମତ ଦେଇଥିଲେ।

## ନେତାମାନଙ୍କୁ ବାଟକୁ ଆଣିବା ପାଇଁ ଆବଦ୍ଧାବସ୍ଥାରେ କିପରି ବ୍ୟବହାର ଦେଖାଯାଇଥିଲା
# କଶ୍ମୀର ହାଜତରେ: ଚାପୁଡ଼ା, ଗୋଇଠା ଓ ମୂଷା

ଶ୍ରୀନଗର, ୨।୧୨

ଜମ୍ମୁ ଓ କଶ୍ମୀର ସ୍ୱାୟତ୍ତତା ହରାଇବାର ଦୁଇ ସପ୍ତାହ ପରେ ରାଜଧାନୀ ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇଆସୁଥିବା ୧୫୦ ବର୍ଷ ପୁରୁଣା ଷାଣ୍ମାସିକ ପରମ୍ପରାର ଉଚ୍ଛେଦ ହେଲା। ଏଠିସେଠି ଥିବା ସଂଘବାଦୀ କଶ୍ମୀରୀ ରାଜନେତାଙ୍କୁ ଶ୍ରୀନଗରର ସେଣ୍ଟାଉର ଲେକ୍ ଭ୍ୟୁ ହୋଟେଲରେ ଗୃହବନ୍ଦୀ କରାଗଲା। ସେଠାରେ ଲୋକଙ୍କ କଷ୍ଟ ଉପାର୍ଜିତ ଧନ ଖର୍ଚ୍ଚରେ ସେମାନଙ୍କୁ ବିଳାସପୂର୍ଣ୍ଣ ଜୀବନ ବିତାଇବା ମନା। ଶ୍ରୀନଗର ଓ ଦେଶର ଅନ୍ୟ ସ୍ଥାନଗୁଡ଼ିକରେ ଗଣମାଧ୍ୟମକୁ ନିୟନ୍ତ୍ରଣ କରି ଉକ୍ତ ସ୍ଥାନାନ୍ତରଣକୁ ଏପରି ଚାଲାକି କରି ଦେଖାଗଲା, ଯେମିତି ଗୃହବନ୍ଦୀ ଥିବା ନେତାମାନଙ୍କ ସୁବିଧା ପାଇଁ ପଦକ୍ଷେପ ନିଆଯାଉଛି। ବଢ଼ୁଥିବା ଶୀତର ପ୍ରକୋପରୁ ବର୍ତ୍ତିଯିବା ଭଳି ସେଠାରେ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ ଏହି ରିପୋର୍ଟ ବିଲକୁଲ ସତ ନୁହେଁ। ସେଣ୍ଟାଉର୍ ହୋଟେଲ ହେଉଛି ଏକ ଚତୁଃତାରକା ହୋଟେଲ, ଯେଉଁଠି ସେଣ୍ଟ୍ରାଲ ହିଟିଂ ବ୍ୟବସ୍ଥା ରହିଛି। ଅତୀତରେ ତାହା ଭଲ ଚାଲୁଥିଲା, କିନ୍ତୁ ହଠାତ୍ କମ୍ ହୋଇଗଲା।

ରାଜନୀତିର ମୂଳସ୍ରୋତରେ ସାମିଲ ଥାଇ କଶ୍ମୀରୀଙ୍କ ଆକାଂକ୍ଷାଗୁଡ଼ିକର ନିୟନ୍ତ୍ରଣ ଓ ପରିଚାଳନାକୁ ନେଇ ନୂଆଦିଲ୍ଲୀର ଉଦାରତାରୁ ଲାଭାନ୍ୱିତ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଧାୟକ ଓ ଅମଲାତନ୍ତ୍ରୀଙ୍କ ଭଳି ବନ୍ଦୀମାନଙ୍କର ସ୍ଥାନାନ୍ତରଣ ହେଉଛି ଭୟଙ୍କର ଅବନତି। ଅଟକ ରହିଥିବା ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିବା ପାଇଁ ଏହା ଥିଲା ଏକ ଷଡ଼ଯନ୍ତ୍ର। ଜଣେ ବନ୍ଦୀଙ୍କ ପରିବାର ସଦସ୍ୟଙ୍କ ମତରେ ସଂକୀର୍ଣ୍ଣ ବ୍ୟବସ୍ଥାରେ ସେମାନଙ୍କ ସ୍ଥାନ ଦେଖାଇବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

ନୂଆ ବନ୍ଦୀଶାଳା ହେଉଛି ଏମ୍ଏଲ୍ଏ ହଷ୍ଟେଲର ଏକ ଅଂଶ। ସେଠାରେ ଥିବା ୱାନ୍-ରୁମ୍ କିମ୍ବା ଷ୍ଟୁଡିଓ ଫ୍ଲାଟ୍‌ଗୁଡ଼ିକରେ ଖରା ପାଇବା ପାଇଁ ସ୍ଥାନ ନାହିଁ କହିଲେ ଚଳେ। ହସ୍ତଗତ ତଥ୍ୟାନୁସାରେ, ସେଠାରେ ପ୍ରଥମ ରାତିରେ ଉତ୍ତାପୀକରଣ ପାଇଁ କୌଣସି ବନ୍ଦୋବସ୍ତ କରାଯାଇ ନ ଥିଲା। ସେମାନଙ୍କୁ ସ୍ଥାନାନ୍ତର କରାଯିବା ବେଳର ଖରାପ ବ୍ୟବହାରକୁ ନେଇ ଥରିସାରିଥିବା ବନ୍ଦୀମାନେ ରାତିରେ ଶିହରି ଯାଇଥିଲେ। ପରଦିନ ସକାଳେ ସେମାନଙ୍କୁ ଗୋଟିଏ ଲେଖାଏ ସିଙ୍ଗଲ୍ ରଡ୍ ଇଲେକ୍ଟ୍ରିକ୍ ରୁମ୍ ହିଟର୍ ଦିଆଯାଇଥିଲା। ତାହା ସେମାନଙ୍କ ହାତକୁ ଉଷୁମ କରିପାରୁ ନ ଥିଲା, ଏପରିକି ଖୁବ୍ ପାଖରୁ ବି। ଅଟକ ରଖାଯାଇଥିବା ସ୍ଥାନକୁ ଏକ ବୃହତ୍ ଷ୍ଟିଲ୍ ଚାଦରରେ ଘେରାଇ ଦିଆଯାଇଛି। ତାହା ମଧ୍ୟରେ ଛୋଟ ଛୋଟ ହଷ୍ଟେଲ ତିଆରି କରାଯାଇଛି। ପ୍ରବେଶଦ୍ୱାର ଓ ଝରକାଗୁଡ଼ିକ ଉପରେ ଚିପ୍‌ବୋର୍ଡ ଚଢ଼ାଇ ଦିଆଯାଇଛି। କୌଣସି ପ୍ରାକୃତିକ ଆଲୋକର ପ୍ରବେଶକୁ ନିୟନ୍ତ୍ରଣ କରିବା ଲାଗି ଗ୍ଲାସ୍ ପେନ୍‌ର ଅବଶିଷ୍ଟ ଜାଗାକୁ ଏକ କଳା ଫିଲ୍ମ ଆଚ୍ଛାଦିତ କରିଛି। ଏହା ସେମାନଙ୍କ ପାଇଁ ଏକ ଘୃଣ୍ୟ ସ୍ଥିତି ତିଆରି କରିବ, ଯେଉଁମାନେ ଏଥିରେ ସହଯୋଗ କରିଛନ୍ତି।

ସେଣ୍ଟାଉର୍ ହୋଟେଲ ପରି ନୂଆ ସ୍ଥାନରେ ମଧ ବାରମ୍ବାର ପାୱାର କଟ୍ କରାଯିବ, ଯାହାକି କଶ୍ମୀରରେ ଶୀତଋତୁରେ ସାଧାରଣ କଥା। ଏଥିଯୋଗୁ ଉତ୍ତାପୀକରଣ ସୁବିଧା ଅନୁପଯୋଗୀ ହୋଇଯିବ। ପ୍ରାୟ ସମସ୍ତ ଗୃହବନ୍ଦୀଙ୍କ ପାଇଁ ଏହା ହେବ ଏହି ଧରଣର ପ୍ରଥମ ଅନୁଭୂତି। ହୁରିୟାତ୍ ନେତା ମିରୱାଇଜ୍ ଉମର ଫାରୁକ୍‌ଙ୍କ ସହ ଇମ୍ରାନ୍ ରଜା ଅନ୍‌ସାରୀ (ପିପୁଲ୍ସ କନ୍‌ଫରେନ୍ସ), ରଫି ଅହମଦ ମିର (ପିଡିପି), ଖାଲିଦ୍ ନଜିବ ସୁହରାୱର୍ଦ୍ଦି (ଏନ୍‌ସି)ଙ୍କ ଭଳି ଅନେକ ଭାରତ-ସପକ୍ଷବାଦୀ ରାଜନେତାମାନେ ସେମାନଙ୍କ ନୀରବତା ବଦଳରେ ପାଠାଗାରରୁ କେତେଖଣ୍ଡ ବହି ଆଣି ପଢ଼ିବା ଲାଗି ବଣ୍ଡ ସ୍ୱାକ୍ଷର କରିଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ନେତୃତ୍ୱାଧୀନ ପ୍ରଶ୍ନକର୍ତ୍ତାଙ୍କ ପକ୍ଷରୁ ଦଣ୍ଡବିରାମ ପାଇଥିବା ମିରୱାଇଜ୍ (ଅଜ୍ଞାତ ସ୍ରୋତରୁ ସମ୍ପତ୍ତି ଠୁଳ ଅଭିଯୁକ୍ତ)ଙ୍କୁ ଛାଡ଼ିଦେଲେ ସେମାନଙ୍କ ମଧ୍ୟରୁ ଅନ୍ୟ ସମସ୍ତେ ଏବେ ମୁକ୍ତ ହୋଇଛନ୍ତି।

ବିଳାସପୂର୍ଣ୍ଣ ଜୀବନ ଶୈଳୀରୁ ବଞ୍ଚିତ ହୋଇଥିବା ରାଜନେତାମାନଙ୍କ ପାଇଁ ସେଣ୍ଟାଉର୍ ହୋଟେଲରେ ଶତାଧିକ ଦିନ ଅଟକ ରହିବା ସହଜ ନ ଥିଲା। ପଦ ଓ ସମ୍ମାନ ଚାଲିଯିବାର ପହିଲି ଝଟକା ପରେ ସେମାନଙ୍କ ମଧ୍ୟରୁ କେତେଜଣ ଏସବୁକୁ ଏକ ନିୟମିତ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରିନେଇଥିଲେ। ଏକଦା ସେମାନଙ୍କ ଇଙ୍ଗିତରେ କ୍ରୀଡ଼ନକ ସାଜିଥିବା ପୋଲିସଠାରୁ ସେମାନେ ଅନେକ ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିଥିଲେ। ବାହାରେ ବିସ୍ତୀର୍ଣ୍ଣ ଲନ୍‌କୁ ଯିବା ପାଇଁ କାହାକୁ ଅନୁମତି ଦିଆଯାଉ ନ



ଥିଲା। ବନ୍ଦୀମାନେ ଶେଷରେ ହୋଟେଲ କରିଡରରେ ଚଲାବୁଲା କରୁଥିବାବେଳେ ସେମାନଙ୍କୁ ପୋଲିସ କିମ୍ବା ସାଦା ପୋଷାକଧାରୀ ଅଚିହ୍ନା ବ୍ୟକ୍ତିମାନେ ଅଟକାଉଥିଲେ। ଉଦାହରଣ ସ୍ୱରୂପ ସଜାଦ୍ ଗନି ଲୋନ୍ ଚଲାବୁଲା କରିବାକୁ ବାହାରିଥିବାବେଳେ ଜଣେ ଅଣକଶ୍ମୀରୀ ବ୍ୟକ୍ତି ତାଙ୍କ କାନ୍ଧ ଉପରେ ହାତ ରଖି ବାଧା ଦେଇଥିଲେ। ସଜାଦ୍‌ଙ୍କ ପରିଚୟ ଜାଣିବା ପାଇଁ ସେ ପ୍ରଶ୍ନ କରିଥିଲେ, ତୁ କିଏ? ସେ ଏହି ପ୍ରଶ୍ନ ଏପରି ଢଙ୍ଗରେ ପଚାରିଥିଲେ ଯେମିତି କି ସେଠାରେ ଥିବା ଅନ୍ୟ ବନ୍ଦୀମାନେ ଶୁଣିପାରିବେ ଓ ଆତ୍ମସମ୍ମାନ ଯିବା ଭୟରେ ବାହାରେ ଚଲାବୁଲା କରିବେ ନାହିଁ। ସମ୍ପୃକ୍ତ ବ୍ୟକ୍ତି ଜଣକ ଗର୍ଜନ କରି ନିଜର ପରିଚୟ ଦେଇଥିଲେ ଯେ, ସେ ପୂର୍ବର ମେହବୁବା ମୁଫ୍‌ତି ସରକାରରେ ଚୌଧୁରୀ ଜୁଲ୍‌ଫିକର ଅଲିଙ୍କୁ ମନ୍ତ୍ରୀ କରାଇଥିଲେ। ପୂର୍ବରୁ ସଜାଦ ଜଣେ ପୋଲିସ ଅଧିକାରୀଙ୍କ ସହିତ ମଧୁର କଥାବାର୍ତ୍ତା ହୋଇ ଦିଲ୍ଲୀର ଜଣେ ମନ୍ତ୍ରୀଙ୍କ ସହ ତାଙ୍କ ଫୋନରୁ କଥା ହେବାରେ ସକ୍ଷମ



ହୋଇଥିଲେ। ଦୁଇ ମିନିଟର ଆଲୋଚନା ପରେ ସଜାଦ୍ ଜଣେ ଛୋଟପିଲା ଭଳି ପ୍ରତ୍ୟୁତ୍ତର ଦେଇଥିଲେ। ଦେଶ, ଭାଜପା ଓ ରାଜ୍ୟ ପାଇଁ ସଜାଦ୍ ଏବଂ ତାଙ୍କ ପରିବାର ଲୋକଙ୍କ ତ୍ୟାଗ ସମ୍ପର୍କରେ ବ୍ୟକ୍ତି ଜଣକ ଶୁଣିଥିଲେ। କଲ୍ ରିସିଭ୍ କରିଥିବା ବ୍ୟକ୍ତି ତାଙ୍କ ସହ ପରେ ପୁଣି କଥା ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କିଛି ସମୟ ନ ଯାଉଣୁ ପୋଲିସ ମୁଖ୍ୟଙ୍କୁ କଲ୍ ସମ୍ପର୍କରେ ଅବଗତ କରାଗଲା ଓ ସେନେଇ ତଦନ୍ତ ନିର୍ଦ୍ଦେଶ ଦିଆଗଲା। କର୍ତ୍ତବ୍ୟ ପାଳନ କରୁଥିବା ପୋଲିସ ଅଫିସର ଜଣକ ତୁରନ୍ତ ନିଲମ୍ବିତ ହେଲେ। ଏବଂ ବାହ୍ୟ ଦୁନିଆକୁ ପହଞ୍ଚିଥିବା ଅସଲ ସନ୍ଦେଶରୁ ଗୋଟିଏ କଥା ବୁଝାଗଲା ଯେ, ତାଙ୍କୁ ଭୟ ଦେଖାଇ ସମ୍ପୂର୍ଣ୍ଣ ନୀରବ କରାଇବା ପାଇଁ ସଜାଦ୍‌ଙ୍କ ଉପରେ ଚାପ ବଢ଼ିଛି।

ଓମାର ଅବ୍‌ଦୁଲ୍ଲା ଓ ତାଙ୍କ ବାପା ଫାରୁକ୍ ଏସବୁକୁ କ୍ୱଚିତ୍ ବିରୋଧ କରିଛନ୍ତି। ଫାରୁକ୍ ନିଜ ରାଜନୈତିକ କ୍ଷତିକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଅନେକ ସମୟରେ ସେ ବିନା କାରଣରେ ହସୁଥିଲେ ଓ ସ୍ଥିତିକୁ ନେଇ ସନ୍ତୁଷ୍ଟ ନ ଥିବା ତାଙ୍କ ପରିବାର ସୂତ୍ରରୁ ପ୍ରକାଶ। ସେପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ବିକ୍ଷୋଭ ବଢ଼ିଚାଲିଥିଲା। ଗୋଟିଏ ସମୟରେ ଜଣେ ମହିଳା ପୋଲିସ କନଷ୍ଟେବଳଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ତାଙ୍କ ଅସନ୍ତୁଷ୍ଟ ପରିବାରର ଜଣେ ସଦସ୍ୟ ନୂଆଦିଲ୍ଲୀରେ କହିଲେ ଯେ, ମେହବୁବା ଏକ ମନସ୍ତାତ୍ତ୍ୱିକ ଆବର୍ଜନାରେ ପରିଣତ ହୋଇଛନ୍ତି। ମେହବୁବା ଦିନେ ଦର୍ପଣ ସାମ୍ନାରେ ନିଜକୁ ମୃତବତ୍ ଦେଖିବାକୁ ପାଇଥିଲେ। ଏଥିଯୋଗୁ ବିବାଦ ଉପୁଜିଥିଲା। ମହିଳା କନଷ୍ଟେବଳ ମେହବୁବାଙ୍କ ମୁହଁ ଓ ମୁଣ୍ଡରେ କେତୋଟି ଚାପୁଡ଼ା ମାରି ତାଙ୍କୁ ଶାନ୍ତ କରି ଦେଇଥିଲେ। ଅନୁଚ୍ଛେଦ ୩୭୦ ସଂଶୋଧନ ପୂର୍ବରୁ ଚାକିରି ଅବଧି ବୃଦ୍ଧି କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ପରେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ବାହାରକୁ ସବୁ ଠିକ୍‌ଠାକ୍ ଦର୍ଶାଇବା ଭଳି ସୁବିଧା କରାଯିବା ପରେ ସ୍ଥିତି ସ୍ଥିର ହୋଇଯାଇଥିଲା। ଚଷମାସାହି ଗେଷ୍ଟହାଉସ୍‌ରୁ ଏକ ସରକାରୀ ବିଲ୍ଡିଂ (ଯାହାକି ୨୦୧୪ ବନ୍ୟା ପରେ ନିର୍ମାଣ କରାଯାଇଥିଲା)କୁ ମେହବୁବାଙ୍କ ସମ୍ମାନର ଅବମୂଲ୍ୟାୟନ ପରେ ତାଙ୍କ ଦୁର୍ବଳ ସ୍ୱାସ୍ଥ୍ୟକୁ ନେଇ ଝିଅ ଇଲ୍‌ତିଜାଙ୍କ ପ୍ରତିକ୍ରିୟା ଟୁଇଟର୍‌ରେ ଝଡ଼ ସୃଷ୍ଟି କରିଥିଲା। ସେଣ୍ଟାଉର୍ ଭିତରେ ଜୀବନର ଚାପ ଅନେକ ପୂର୍ବତନ ବିଧାୟକଙ୍କୁ ବ୍ୟତିବ୍ୟସ୍ତ କରିସାରିଥିଲା। ଗୃହବନ୍ଦୀ ରହିବାର ସପ୍ତାହେ ପରେ ନ୍ୟାଶନାଲ କନ୍‌ଫରେନ୍ସ ଏମ୍ଏଲ୍‌ସି ଶୌକତ୍ ହୁସେନ ଗନାଇ ନିଜ ଦଳର ପ୍ରତିଷ୍ଠାତା ଶେଖ୍ ମହମ୍ମଦ ଅବ୍‌ଦୁଲ୍ଲା (ଫାରୁକ୍‌ଙ୍କ ବାପା)ଙ୍କୁ ସମାଲୋଚନା କରି 'କଶ୍ମୀରର ଦାସ' ବୋଲି ଅଭିହିତ କଲେ। ସେ ନିଜ କଟୁଭାଷାକୁ ନିୟନ୍ତ୍ରଣ କରି ନ ପାରିବାରୁ ଅନ୍ୟ ଜଣେ ଏନ୍‌ସି ନେତା ତାଙ୍କୁ ପିଟିବାରେ ଲାଗିଲେ। ପିଡିପି ସରକାରରେ ଶିକ୍ଷାମନ୍ତ୍ରୀ ଥିବା ନୈମ୍ ଅଖ୍‌ତାର ନିଜ ଅନୁଚିତ ହସ୍ତକ୍ଷେପ ପାଇଁ ଅନେକ ନିନ୍ଦା ଅପବାଦ ପାଇଲେ। ବସିର ଭୀରି, ନିଜାମ୍-ଉଦ୍-ଦିନ୍ ଭଟ ଓ ଶାହ ଫୈଜାଲଙ୍କ ଭଳି କୁହାଳିଆମାନଙ୍କୁ ଦଣ୍ଡସ୍ୱରୂପ ସେମାନଙ୍କ କଠୋରିରେ ଛଡ଼ାଯାଇଥିବା ମୂଷାମାନେ କାମୁଡ଼ିବାରେ ଲାଗିଥିଲେ।

ଅଗଷ୍ଟ ୫ରେ କଶ୍ମୀରରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦ ଅନୁଯାୟୀ ଦିଆଯାଇଥିବା ସମସ୍ତ ସୁବିଧାକୁ ହଟାଇ ଦିଆଯିବା ପୂର୍ବରୁ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ଆତଙ୍କବାଦ ନିରୋଧୀ ଅଭିଯାନ ପାଇଁ ଗଠିତ ଜମ୍ମୁ-କଶ୍ମୀର ପୋଲିସର ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଏହି ଅପରେଶନର ନେତୃତ୍ୱ ନେଇଥିଲା। ସେମାନଙ୍କୁ ସେଣ୍ଟାଉର୍‌କୁ ନିଆଯିବା ପୂର୍ବରୁ ବିଭିନ୍ନ ପୋଲିସ ଲାଇନ୍ କିମ୍ବା ସରକାରୀ କୋଠାରେ ରଖାଯାଇଥିଲା, ଯାହାକି ସାଧାରଣ ଲୋକଙ୍କ ପାଇଁ ନିଷିଦ୍ଧ ଓ ବାହ୍ୟ ଦୁନିଆ ସହ ବିଚ୍ଛିନ୍ନ ଥିଲା। ପୂର୍ବତନ ମନ୍ତ୍ରୀ ତଥା ମେହବୁବାଙ୍କ କାକା ସର୍‌ତାଜ ମଦ୍‌ନୀ ଏବଂ ପୂର୍ବତନ ଏମ୍ଏଲ୍‌ସି ଅଲ୍‌ତାଫ୍ କାଲୁଙ୍କ ଭଳି କେତେଜଣଙ୍କୁ ଶ୍ରୀନଗରକୁ ସ୍ଥାନାନ୍ତର ପୂର୍ବରୁ ଦୁର୍ବ୍ୟବହାର କରାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏପରି କି ସେ ଜଣେ ପୂର୍ବତନ ମନ୍ତ୍ରୀ ବୋଲି ମଦ୍‌ନୀ କହିବାକୁ ପଛାଇ ନ ଥିଲେ। କିନ୍ତୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅଟକ ରଖାଯିବା ପରେ ସେ ଏକପ୍ରକାର ନିସ୍ତେଜ ହୋଇଯାଇଛନ୍ତି। ନୂଆ ସ୍ଥାନ ସମସ୍ତଙ୍କୁ ବାଟକୁ ଆଣିବା ସହ ସେମାନଙ୍କ ମନ ଓ ହୃଦୟରୁ ବିଦ୍ରୋହର ଯେଉଁ ଦାଗ ଥିଲା ତାହାକୁ ମୋଡ଼ି କାଢ଼ିଆଣିବ। ଏହି ବନ୍ଦୀଶାଳା ସେମାନଙ୍କୁ ବିଶ୍ୱସ୍ତ ସହଯୋଗୀ ନ ହେଲେ ବି ସରକାରଙ୍କ ନିର୍ଭରଯୋଗ୍ୟ ସମ୍ପତ୍ତିରେ ପରିଣତ କରିବ ବୋଲି ମନେକରାଯାଉଛି।

ସୌଜନ୍ୟ: 'ଦି ଟେଲିଗ୍ରାଫ୍'

# ଅଗ୍ନିଶମ, ହୋମଗାର୍ଡ ବିଭାଗ ଡିଜି ଦାୟିତ୍ୱ ନେଲେ ସୁନୀଲ ରୟ

**କଟକ ଅଫିସ, ୨।୧୨**



ଓଡ଼ିଶା ଅଗ୍ନିଶମ, ହୋମଗାର୍ଡ ବିଭାଗର ନୂତନ ଡାଇରେକ୍ଟର ଜେନେରାଲ (ଡିଜି) ଭାବେ ବରିଷ୍ଠ ଆଇପିଏସ୍ ଅଫିସର ସୁନୀଲ ରୟ ସୋମବାର ଦାୟିତ୍ୱଗ୍ରହଣ କରିଛନ୍ତି। ବି.କେ. ଶର୍ମାଙ୍କ ସ୍ଥାନରେ ରୟ ଏହି ଦାୟିତ୍ୱ ନେଇଛନ୍ତି। ଶର୍ମାଙ୍କୁ ଗୃହ ବିଭାଗର ଓଏସ୍‌ଡି ଭାବେ ବଦଳି କରାଯିବା ପରେ ଅଗ୍ନିଶମ, ହୋମଗାର୍ଡ଼ ବିଭାଗର ନୂତନ ଡିଜି ଭାବେ ରୟଙ୍କ ନାମ ଘୋଷଣା ହୋଇଥିଲା। ରୟ ଦାୟିତ୍ୱ ନେବା ପରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଆଗାମୀ ଦିନରେ ପୋଲିସ ସହ ଜଡିତ ହୋମଗାର୍ଡ଼ ମିଶି ଏହି ବିଭାଗକୁ ଅଧିକ ଶକ୍ତିଶାଳୀ କରିବାକୁ ଚେଷ୍ଟା କରିବେ। ସେହିପରି ଅଗ୍ନିଶମ ବିଭାଗ ଆପତକାଳୀନ ସେବା ଯୋଗାଇଥାଏ। ତେଣୁ ସେ ଉଭୟ ବିଭାଗକୁ ବେଶ୍ ଗୁରୁତ୍ୱ ଦେଇ ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବେ। ଲୋକଙ୍କ ସେବାକୁ ସେ ପ୍ରାଥମିକତା ଦେବେ। ସୂଚନା ଥାଉ କି, ୧୯୮୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ରୟ ପୂର୍ବରୁ ରାଜ୍ୟ ପୋଲିସ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ୨୦୧୨ରେ ସେ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶା ଅଗ୍ନିଶମ, ହୋମଗାର୍ଡ଼ ବିଭାଗର ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ଇଣ୍ଟେଲିଜେନ୍ସ ବିଭାଗରେ ଅତିରିକ୍ତ ଡିଜି ଭାବେ କାର୍ଯ୍ୟ କରୁଥିଲେ।

## ସବୁଠାରୁ ଖରାପ ସ୍ତରରେ ରେଳୱେର ଆୟ

# ଶହେ ଟଙ୍କା ପାଇବାକୁ ୯୮.୪୪ ଟଙ୍କା ଖର୍ଚ୍ଚ

**ନୂଆଦିଲ୍ଲୀ, ୨।୧୨**

ଭାରତୀୟ ରେଲୱେର ଆୟ ୧୦ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଏହାର ଅପରେଟିଂ ରେସିଓ ବା ପରିଚାଳନା ଅନୁପାତ ୯୮.୪୪% ରହିଛି। ଅନ୍ୟ ଅର୍ଥରେ କହିବାକୁ ଗଲେ ରେଲୱେ ପ୍ରତି ୧୦୦ ଟଙ୍କା ଆୟ କରିବା ଲାଗି ୯୮.୪୪ ଟଙ୍କା ଖର୍ଚ୍ଚ କରୁଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ସୋମବାର ସଂସଦକୁ ଦେଇଥିବା ରିପୋର୍ଟରୁ ଏହା ସାମ୍ନାକୁ ଆସିଛି। ଏଥିରୁ ଅନୁମାନ କରିବା ସହଜଯେ,ରେଲୱେର ପରିଚାଳନା ସ୍ଥିତି କିଭଳି ରହିଛି। ଏହି ସମୟରେ ରେଲୱେ ୫୬୭୬.୨୯ କୋଟି ଟଙ୍କାର ନକରାତ୍ମକ ବାଲାନ୍ସ ସହ କାରବାର କରିଥିଲା। ଅପରପକ୍ଷରେ ଏନ୍‌ଟିପିସି ଏବଂ ଆଇଆର୍‌ସିଓଏନ୍‌ଠାରୁ ଲାଭ କରିଥିବା ଅଗ୍ରୀମଯୋଗୁ ଏହାର ବଳକା ଅର୍ଥ ୧୬୬୫.୬୧ କୋଟି ରହିଥିଲା। ଏହି ଅଗ୍ରୀମକୁ ଯଦି ବାଦ ଦିଆଯାଏ ତେବେ ପରିଚାଳନା ଅନୁପାତ ୧୦୨.୬୬%କୁ ବଢ଼ିଯିବ ବୋଲି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରେଲୱେ ପାସେଞ୍ଜର ସେବା ଏବଂ ଅନ୍ୟ କୋଚିଂ ସେବା ପରିଚାଳନା କରିବା ଲାଗି ମଧ୍ୟ ସକ୍ଷମ ହେଉନାହିଁ।

ମାଲ ପରିବହନରୁ ଲାଭ କରୁଥିବା ମୋଟ ଅର୍ଥ ମଧ୍ୟରୁ ପାସେଞ୍ଜର ଏବଂ ଅନ୍ୟ କୋଚିଂ ସେବା ପରିଚାଳନା ଜନିତ କ୍ଷତିକୁ ଭରଣା କରିବା ଲାଗି ରେଲୱେପ୍ରାୟ ୯୫% ଅର୍ଥଖର୍ଚ୍ଚକରୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରେଲୱେର ରାଜସ୍ୱ ଆୟ, ପୁଞ୍ଜି ଖର୍ଚ୍ଚ ଲାଗି ଆୟ କ୍ରମାଗତ କମୁଛି। ୨୦୧୬-୧୭ରେ ନେଟ ବଳକା ରାଜସ୍ୱ ୪୯୧୩.୦୦ କୋଟି ଟଙ୍କା ରହିଥିଲା। ଏହା ୨୦୧୭-୧୮ରେ ୬୬.୧୦% ହ୍ରାସ ଘଟି ୧୬୬୫.୬୧ କୋଟି ଟଙ୍କାକୁ ଖସିଛି। ରେଲୱେର ମୋଟ ପୁଞ୍ଜି ଖର୍ଚ୍ଚକୁ ଆଭ୍ୟନ୍ତରୀଣ ସମ୍ବଳର ଅଂଶ ୨୦୧୭-୧୮ରେ ୩.୦୧% କମିଛି। ଅର୍ଥାତ ନିଜ ଖର୍ଚ୍ଚ ପାଇଁ ରେଲୱେ ନିଜସ୍ୱ ପୁଞ୍ଜି ଜୁଟାଇ ପାରୁ ନାହିଁ। ଏହା ଫଳରେ ବଜେଟ ସହାୟତା ଏବଂ ଅତିରିକ୍ତ ବଜେଟ ସହାୟତା ଉପରେ ରେଲୱେକୁ ନିର୍ଭର କରିବାକୁ ପଡୁଥିବା ସିଏଜି କହିଛନ୍ତି।

ରେଲୱେ ଏହାର ଆଭ୍ୟନ୍ତରୀଣ ରାଜସ୍ୱକୁ ବଢାଇବା ଲାଗି ବିଭିନ୍ନ ପଦକ୍ଷେପ ନେବାକୁ ସିଏଜି ପରାମର୍ଶ ଦେଇଛନ୍ତି। ଏହା ହେଲେ ପୁଞ୍ଜି ଜନିତ ନିର୍ଭରତା କମିବ। ୨୦୦୮-୦୯ ବର୍ଷ ପରଠାରୁ ରେଲୱେର ପରିଚାଳନା ଅନୁପାତକୁ ଦେଖିଲେ ଏହା ପ୍ରାୟ ୯୦%ରୁ ଉଚ୍ଚରେ ରହିଛି। ଏହି ବର୍ଷ ଏହା ୯୦.୪୮% ରହିଥିଲା। ସେହିଭଳି ୨୦୦୯-୧୦ରେ ୯୫.୨୮%, ୨୦୧୦-୧୧ରେ ୯୪.୫୯%, ୨୦୧୧-୧୨ରେ ୯୪.୮୫%, ୨୦୧୨-୧୩ରେ ୯୦.୧୯%, ୨୦୧୪-୧୫ରେ ୯୧.୨୫%, ୨୦୧୫-୧୬ରେ ୯୦.୪୯% ଏବଂ ୨୦୧୬-୧୭ରେ ୯୬.୫୦% ରହିଛି। ସେହିଭଳି ରେଲୱେ ପକ୍ଷରୁ ୨୦୧୭ରେ ଆରମ୍ଭ କରାଯାଇଥିବା ଗିଭ୍ ଇଟ୍ ସ୍କିମ୍ ଉତ୍ସାହଜନକ ହେଉ ନ ଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

## ଅଭିମନ୍ୟୁ ସାହୁ ହତ୍ୟା ମାମଲା

# ୩ ଅଭିଯୁକ୍ତଙ୍କ ଜାମିନ ଖାରଜ

**କଟକ ଅଫିସ,୨।୧୨**

ବଲାଙ୍ଗୀର ଜିଲାର ଯୁବ ବିଜେଡି ନେତା ଅଭିମନ୍ୟୁ ସାହୁ ହତ୍ୟା ଘଟଣାରେ ତଳ କୋର୍ଟ ଦ୍ୱାରା ଦଣ୍ଡିତ ହୋଇଥିବା ୩ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହି ୩ ଅଭିଯୁକ୍ତ ହେଲେ ନରେଶ ଚନ୍ଦ୍ର ସିଂହ, ଜଗଦୀଶ ବାଗ୍ ଏବଂ ସନ୍ତୋଷ ରଣା। ସୂଚନାଥାଉ କି, ଅଭିମନ୍ୟୁଙ୍କ ହତ୍ୟା ଘଟଣାରେ ଉପରୋକ୍ତ ୩ ଅଭିଯୁକ୍ତଙ୍କ ସମେତ ଆଲୋକ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ୨୦୧୭ ଜୁଲାଇରେ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ତେବେ ତଳ କୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରିବା ସହିତ ଜାମିନ ପାଇବା ପାଇଁ ନରେଶ, ଜଗଦୀଶ ଓ ସନ୍ତୋଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଜଷ୍ଟିସ୍ ଏସ୍.କେ. ମିଶ୍ର ଏବଂ ଜଷ୍ଟିସ୍ ବି. ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ଜାମିନ ଆବେଦନର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୩ ଡିସେମ୍ବର ୧୫ରେ ଅଭିମନ୍ୟୁଙ୍କୁ ହତ୍ୟା କରାଯାଇଥିଲା। ଉକ୍ତଦିନ ସକାଳୁ ଅଭିମନ୍ୟୁ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ତାଙ୍କୁ ୪ ଜଣ ବ୍ୟକ୍ତି ଏକ ବାଇକ ଓ କାର୍‌ରେ ଆସି ହତ୍ୟା କରିଥିଲେ। ଅଭିମନ୍ୟୁଙ୍କ ସ୍ତ୍ରୀ ଟୁକୁନି ସାହୁ ଏବେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି।


**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ମେଗା ଇ-ନିଲାମ / ବିକ୍ରୟ ବିଜ୍ଞପ୍ତିର ଅବଶିଷ୍ଟାଂଶ...**

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ /ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ।) |
|---|---|---|---|---|---|---|---|
| ୧. | ଟ.୧୯,୯୯,୦୦୦/- | ଟ.୧,୯୯,୯୦୦/- | ଟ.୬,୨୧,୫୪୮/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୨.୦୬.୨୦୧୮ / ୧୮.୦୮.୨୦୧୮ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨. | ଟ.୯,୪୦,୦୦୦/- | ଟ.୯୪,୦୦୦/- | ଟ.୬,୩୮,୩୦୧/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩. | ଟ.୬,୦୦,୦୦୦/- | ଟ.୬୦,୦୦୦/- | ଟ.୭,୫୦,୭୧୯/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୧.୦୩.୨୦୧୬ / ୦୮.୦୬.୨୦୧୬ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪. | ଟ.୮,୦୦,୦୦୦/- | ଟ.୮୦,୦୦୦/- | ଟ.୪,୪୩,୪୬୯/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୫.୦୫.୨୦୧୬ / ୨୬.୦୭.୨୦୧୬ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୫. | ଟ.୫,୦୦,୦୦୦/- | ଟ.୫୦,୦୦୦/- | ଟ.୬,୪୫,୭୭୭/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୭.୦୬.୨୦୧୫ / ୧୦.୦୯.୨୦୧୫ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୬. | ଟ.୭,୦୦,୦୦୦/- | ଟ.୭୦,୦୦୦/- | ଟ.୫,୩୮,୫୯୯/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୭. | ଟ.୬,୫୦,୦୦୦/- | ଟ.୬୫,୦୦୦/- | ଟ.୩,୧୪,୯୫୩/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୧.୦୩.୨୦୧୬ / ୦୭.୦୬.୨୦୧୬ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୮.କ) | ଟ.୬,୮୫,୦୦୦/- | ଟ.୬୮,୫୦୦/- | ଟ.୫,୫୧,୮୦୪/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୪.୦୫.୨୦୧୪ / ୩୦.୦୭.୨୦୧୪ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୮.ଖ) | ଟ.୬,୪୦,୦୦୦/- | ଟ.୬୪,୦୦୦/- | | | | | |
| ୯. | ଟ.୧୦,୦୦,୦୦୦/- | ଟ.୧,୦୦,୦୦୦/- | ଟ.୮,୬୮,୮୯୧/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୦.୦୩.୨୦୧୬ / ୨୦.୦୮.୨୦୧୬ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୦. | ଟ.୧୭,୦୩,୦୦୦/- | ଟ.୧,୭୦,୩୦୦/- | ଟ.୭,୨୧,୭୭୬/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୯.୦୧.୨୦୧୮ / ୨୦.୦୮.୨୦୧୮ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୧. | ଟ.୧୬,୦୦,୦୦୦/- | ଟ.୧,୬୦,୦୦୦/- | ଟ.୬,୨୬,୭୯୬/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୧୧.୧୨.୨୦୧୯ | ୧୭.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୮.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୨. | ଟ.୧,୮୦,୮୧,୦୦୦/- | ଟ.୧୮,୦୮,୧୦୦/- | ଟ.୭୪,୪୦.୪୯୧/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୮.୦୮.୨୦୧୬ / ୦୧.୦୨.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୩. | ଟ.୩୭,୦୦,୦୦୦/- | ଟ.୩,୭୦,୦୦୦/- | ଟ.୬୧,୭୩,୫୫୩/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୬.୦୩.୨୦୧୬ / ୦୮.୦୬.୨୦୧୬ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୪. | ଟ.୪୩,୦୦,୦୦୦/- | ଟ.୪,୩୦,୦୦୦/- | ଟ.୩୦,୮୧,୬୦୫/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୬.୦୩.୨୦୧୬ / ୧୦.୦୬.୨୦୧୬ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୫. | ଟ.୮୫,୯୯,୦୦୦/- | ଟ.୮,୫୯,୯୦୦/- | ଟ.୧,୧୭,୭୦,୩୬୧.୨୫ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୧.୦୨.୨୦୧୪ / ୦୬.୦୬.୨୦୧୪ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୬. | ଟ.୨୦,୦୦,୦୦୦/- | ଟ.୨,୦୦,୦୦୦/- | ଟ.୧୪,୫୬,୧୩୩/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୧.୧୦.୨୦୧୩ / ୦୬.୦୬.୨୦୧୪ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୭. | ଟ.୪୫,୯୦,୦୦୦/- | ଟ.୪,୫୯,୦୦୦/- | ଟ.୨୯,୫୧,୨୩୭.୫୬ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୫.୦୭.୨୦୧୭ / ୦୯.୧୦.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୮. | ଟ.୪୩,୨୭,୦୦୦/- | ଟ.୪,୩୨,୭୦୦/- | ଟ.୪୪,୭୬,୪୫୫/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୯.୦୬.୨୦୧୫ / ୧୦.୦୯.୨୦୧୫ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୯କ) | ଟ.୬୧,୬୧,୭୦୦/- | ଟ.୬,୨୦,୦୦୦/- | ଟ.୧,୨୩,୨୯,୭୯୧.୮୭ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୧.୦୪.୨୦୧୭ / ୧୮.୦୭.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୯ଖ) | ଟ.୧୬,୦୦,୦୦୦/- | ଟ.୧,୬୦,୦୦୦/- | | | | | |
| ୨୦. | ଟ.୫୫,୫୫,୬୦୦/- | ଟ.୫,୫୫,୫୬୦/- | ଟ.୮୨,୬୪,୪୭୬/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୭.୦୪.୨୦୧୪ / ୨୨.୦୯.୨୦୧୪ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨୧କ) | ଟ.୩,୩୧,୩୨,୦୦୦/- | ଟ.୩୩,୧୪,୦୦୦/- | ଟ.୪,୭୬,୮୩,୫୪୬.୪୬ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୭.୧୧.୨୦୧୭ / ୦୨.୦୫.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨୧ଖ) | ଟ.୭୬,୭୭,୦୦୦/- | ଟ.୭,୭୦,୦୦୦/- | | | | | |
| ୨୧ଗ) | ଟ.୪,୬୦,୮୭,୦୦୦/- | ଟ.୪୬,୧୦,୦୦୦/- | | | | | |
| ୨୨. | ଟ.୧୪,୫୦,୦୦୦/- | ଟ.୧,୪୫,୦୦୦/- | ଟ.୯୦,୩୩,୪୧୫/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୪.୦୭.୨୦୧୮ / ୧୫.୧୧.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨୩କ) | ଟ.୩୧,୪୦,୦୦୦/- | ଟ.୩,୧୪,୦୦୦/- | ଟ.୨,୧୮,୧୩,୩୩୮/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୧.୧୦.୨୦୧୪ / ୦୯.୦୧.୨୦୧୫ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨୩ଖ) | ଟ.୧୦,୩୫,୦୦୦/- | ଟ.୧,୦୩,୫୦୦/- | | | | | |
| ୨୪. | ଟ.୬୬,୬୬,୭୦୦/- | ଟ.୬,୬୬,୬୭୦/- | ଟ.୪୬,୯୯,୭୪୭/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୭.୦୪.୨୦୧୫ / ୧୧.୦୯.୨୦୧୫ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨୫. | ଟ.୧୦,୬୫,୦୦୦/- | ଟ.୧,୦୬,୫୦୦/- | ଟ.୮,୦୩,୯୬୨/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୭.୦୨.୨୦୧୫ / ୦୮.୦୭.୨୦୧୫ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨୬. | ଟ.୧୮,୪୦,୦୦୦/- | ଟ.୧,୮୪,୦୦୦/- | ଟ.୧୦,୯୩,୫୫୯/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୨.୧୨.୨୦୧୬ / ୧୭.୦୩.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨୭. | ଟ.୧୯,୮୪,୦୦୦/- | ଟ.୧,୯୮,୪୦୦/- | ଟ.୧୪,୮୪,୫୨୨.୪୪ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୨.୧୨.୨୦୧୭ / ୧୭.୦୩.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨୮. | ଟ.୨୨,୨୫,୦୦୦/- | ଟ.୨,୨୨,୫୦୦/- | ଟ.୮,୭୩,୧୩୮/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୮.୦୬.୨୦୧୭ / ୧୧.୧୦.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨୯. | ଟ.୧୬,୫୫,୦୦୦/- | ଟ.୧,୬୫,୫୦୦/- | ଟ.୧୮,୭୧,୮୨୨.୪୭ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୬.୦୨.୨୦୧୭ / ୧୯.୦୭.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୦. | ଟ.୩୭,୪୫,୦୦୦/- | ଟ.୩,୭୪.୫୦୦/- | ଟ.୨୧,୧୫,୬୯୯/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୫.୦୭.୨୦୧୭ / ୨୦.୧୧.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୧. | ଟ.୧୭,୦୦,୦୦୦/- | ଟ.୧,୭୦,୦୦୦/- | ଟ.୧୭,୯୦,୭୦୨.୩୫ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୫.୦୭.୨୦୧୭ / ୧୧.୧୦.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୨. | ଟ.୩୭,୨୦,୦୦୦/- | ଟ.୩,୭୨,୦୦୦/- | ଟ.୪୧,୧୯,୩୨୧/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୪.୦୭.୨୦୧୭ / ୧୧.୧୦.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୩. | ଟ.୨୨,୫୭,୦୦୦/- | ଟ.୨,୨୫,୭୦୦/- | ଟ.୩,୩୬,୬୮୧.୮୪ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୯.୦୧.୨୦୧୮ / ୦୯.୦୫.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୪. | ଟ.୬୩,୧୧,୨୦୦/- | ଟ.୬,୩୧,୧୨୦/- | ଟ.୧,୩୦,୭୦,୭୪୯/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୯.୦୧.୨୦୧୭ / ୨୦.୦୩.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୫. | ଟ.୧,୨୧,୨୧,୩୦୦/- | ଟ.୧୨,୧୨,୧୩୦/- | ଟ.୧,୧୫,୫୦,୪୩୩/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୯.୦୨.୨୦୧୬ / ୦୮.୦୬.୨୦୧୬ | ୧୧.୧୨.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୬. | ଟ.୪୪,୪୦,୦୦୦/- | ଟ.୪,୪୪,୦୦୦/- | ଟ.୩୩,୨୮,୧୫୪.୫୭ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୮.୦୬.୨୦୧୭ / ୦୫.୦୯.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୭. | ଟ.୫୯,୧୨,୨୦୦/- | ଟ.୫,୯୧,୨୨୦/- | ଟ.୩୫,୩୩,୪୭୯/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୨୩.୧୨.୨୦୧୬ / ୨୨.୦୩.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୮. | ଟ.୮୪,୦୯,୧୦୦/- | ଟ.୮,୪୦,୯୧୦/- | ଟ.୧,୫୮,୭୭,୬୨୬/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୮.୦୮.୨୦୧୬ / ୧୨.୧୨.୨୦୧୬ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩୯. | ଟ.୩୦,୯୫,୦୦୦/- | ଟ.୩,୦୯,୫୦୦/- | ଟ.୫୨,୪୬,୧୬୦/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୫.୦୪.୨୦୧୭ / ୦୫.୦୬.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪୦କ) | ଟ.୧,୧୮,୪୮,୫୦୦/- | ଟ.୧୧,୮୪,୮୫୦/- | ଟ.୫୮,୦୭,୪୪୯/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୭.୧୦.୨୦୧୪ / ୨୦.୦୧.୨୦୧୫ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪୦ଖ) | ଟ.୧,୪୫,୬୦,୦୦୦/- | ଟ.୧୪,୫୬,୦୦୦/- | | | | | |
| ୪୧. | ଟ.୨୮,୫୦,୦୦୦/- | ଟ.୨,୮୫,୦୦୦/- | ଟ.୧୭,୮୩,୮୧୧/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୨.୦୮.୨୦୧୬ / ୦୮.୧୨.୨୦୧୬ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪୨. | | | ଟ.୧୩,୪୮,୦୩୭/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | | | | |
| ୪୩. | | | ଟ.୨୦,୭୩,୯୨୮/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | | | | |
| ୪୪. | ଟ.୯,୪୦,୦୦୦/- | ଟ.୯୪,୦୦୦/- | ଟ.୧୭,୦୦,୧୭୨/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୯.୦୧.୨୦୧୭ଓ (ଖବର କାଗଜରେ ୨୦.୦୨.୨୦୧୭) / ୨୭.୦୪.୨୦୧୭ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪୫. | ଟ.୧୭,୦୦,୦୦୦/- | ଟ.୧,୭୦,୦୦୦/- | ଟ.୨,୨୩,୨୭୩/- + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୬.୦୯.୨୦୧୮ / ୧୭.୧୧.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪୬. | ଟ.୪୫,୧୪,୦୦୦/- | ଟ.୪,୫୨,୦୦୦/- | ଟ.୨୯,୨୩,୦୯୮.୫୪ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୧୨.୧୨.୨୦୧୭ / ୧୫.୦୩.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪୭. | ଟ.୧,୫୯,୬୦,୦୦୦/- | ଟ.୧୫,୯୬,୦୦୦/- | ଟ.୧,୮୮,୭୮,୯୦୩.୫୮ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୨.୦୬.୨୦୧୨ / ୨୫.୦୮.୨୦୧୨ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪୮. | ଟ.୫,୪୦,୦୦୦/- | ଟ.୫୪,୦୦୦/- | ଟ.୨୧,୩୮,୮୯୪.୫୦ + ସେବାବଦ୍ଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ (ବିଯୁକ୍ତ ଆଦାୟ ଯଦି କିଛି ଥାଏ) | ୦୬.୦୪.୨୦୧୮ / ୨୩.୦୮.୨୦୧୮ | ୧୧.୧୨.୨୦୧୯ | ୧୯.୧୨.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୦.୧୨.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |

**ନିୟମ ଓ ସର୍ତ୍ତାବଳୀ:** ୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ: **M/s. Magicbricks realty Services Ltd.**.ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ୍ ପୋର୍ଟାଲ **https://autions.magicbricks.com** ରେ ଉପଲବ୍ଧ। (୩) ଇଚ୍ଛୁକ ନିଲାମଦାରୀମାନେ ଏ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜିକରଣ କରିବା ଦରକାର। ସେମାନଙ୍କୁ ସେବା ପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସୱାର୍ଡ଼ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ। (୪) ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ ''ଅନ୍‌ଲାଇନ୍'' ମାଧ୍ୟମରେ ପୋର୍ଟାଲ୍ **https://autions.magicbricks.com** କିମ୍ବା ବ୍ୟାଙ୍କର ମେଲ୍ ଆଇଡ଼ି- **0815samd@iob.in** ରେ ଅମାନତ ରାଶି (ଟଞ୍ଜଜ ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା କଣଉ କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡ଼ି କାର୍ଡ଼ / ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ/ପ୍ୟାନକାର୍ଡ଼/ଆଧାରକାର୍ଡ଼ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା କିମ୍ବା ପୂର୍ବରୁ ଦାଖଲ କରିବେ। (୫) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକ **EFT/NEFT/RTGS** ମାଧ୍ୟମରେ ''**IOB E-Auction EMD Account**'' ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସହିଦ୍ ନଗର ଶାଖା, ଭୁବନେଶ୍ୱର ଆକାଉଣ୍ଟ ନଂ. ୦୮୭୩୦୨୦୦୦୦୦୧୦୫୮ **(IFSC:IOBA000873)** ସପକ୍ଷରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବ ଗୁଡ଼ିକ ବାତିଲ କରାଯିବ। (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଦାରୀମାନଙ୍କ ମଧ୍ୟରେ ନିଲାମ ଡାକ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ୍ ନଂ.୧୯ରେ ଦର୍ଶିତ ''ବିଡ୍ ବୃଦ୍ଧି ପରିମାଣ'' ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି। (୧୨) ସମ୍ପତ୍ତିଗୁଡ଼ିକ ''**ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ଯେପରି ସେଠାରେ ଅଛି**'' ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟାତୀତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ ରରଞ୍ଜ/ଘରରଞ୍ଜ/ଜଞ୍ଜଏଝ ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ/ଅଧିକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ଇ-ନିଲାମ / ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଦାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Chief Manager cum Authorized Officer , Mob.: 7077643300, 9962126173, 9748859978, 9090000480 & Asst. General Manager cum Authorised Officer, Mob: 8758623041, Indian Overseas Bank, Regional Office, Bhubaneswar. Phone No . : 0674-2540032, E-mail : 0815samd@iob.in, & 0815law@iob.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ: **MM/s. Magicbricks realty Services Ltd., Contact No.: (Auction Help Line No.: 9212346000 / Mr. Divya Alok Nirmal-7426087190), E-mail: auction@magicbricks.com, divya.nirmal@magicbricks.com**, (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ରାଶି **ଟ.୩୦,୦୦୦/-** ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ୯(୧) ଅନୁଯାୟୀ ଉପରୋକ୍ତ ସମସ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା **୧୫ ଦିନିଆ** ନୋଟିସ୍ ଅଟେ। (୨୧) କ୍ର.ନଂ. ୧ ରୁ ୪୮ ଯାଏ ଦର୍ଶିତ ସମ୍ପତ୍ତିଗୁଡ଼ିକ ବ୍ୟାଙ୍କରେ ସାଙ୍କେତିକ ଦଖଲରେ ଅଛି।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୧୨.୨୦୧୯** | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**



"କ୍ୟାନ୍ସର ରୋଗରୁ ବର୍ତ୍ତିବା ସହ ଦ୍ୱିତୀୟ ଜୀବନ ପାଇଥିବାରୁ ମୁଁ ବହୁତ କୃତଜ୍ଞ। ଏବେ ମୁଁ ଖୁସିରେ ସୁସ୍ଥ ଜୀବନ ବିତାଉଛି।
– ମନୀଷା କୋଇରାଲା, ବଲିଉଡ୍ ଅଭିନେତ୍ରୀ



# ସମାଜ ହିଁ ଦିବ୍ୟାଙ୍ଗଙ୍କ ସାହାରା

ଦିବ୍ୟାଙ୍ଗଙ୍କ ପ୍ରତି ସମାଜର ଦୃଷ୍ଟିକୋଣ ବଦଳାଇବା ଲକ୍ଷ୍ୟ ନେଇ ପ୍ରତିବର୍ଷ ୩ ଡିସେମ୍ବରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ କରାଯାଉଛି। ୧୯୭୬ରେ ଜାତିସଂଘ ସାଧାରଣ ପରିଷଦ ତରଫରୁ ୧୯୮୧କୁ ବିଶ୍ୱ ଦିବ୍ୟାଙ୍ଗ ବର୍ଷ ଭାବେ ଘୋଷଣା କରାଯାଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ୧୯୮୩ରୁ ୧୯୯୨ ଯାଏ ଏହି ୧୦ ବର୍ଷକୁ 'ଜାତିସଂଘ ଦିବ୍ୟାଙ୍ଗ ଦଶନ୍ଧି' ବୋଲି ଘୋଷଣା କରାଯାଇଥିଲା। ବିଭିନ୍ନ ଦେଶ ଓ ସଂଗଠନଗୁଡ଼ିକ ଏହି ସମୟରେ ଦିବ୍ୟାଙ୍ଗଙ୍କ ଲାଗି ବିଭିନ୍ନ ସ୍ଥିରୀକୃତ କାର୍ଯ୍ୟକ୍ରମ ଓ ଯୋଜନାକୁ କିପରି ଠିକ୍ ଭାବେ କାର୍ଯ୍ୟକାରୀ କରିପାରିବେ ସେଥିପାଇଁ ଏହି ଅବଧି ସ୍ଥିର କରାଯାଇଥିଲା। ୧୯୯୨ରେ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପ୍ରଥମେ ବିଶ୍ୱ ସ୍ତରରେ ପାଳନ କରାଯାଇଥିଲା। ଏହି ଦିନ ଜାତିସଂଘ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ୨୦୩୦ ଯାଏ ଜାତିସଂଘ ଏଥିପାଇଁ ଏଜେଣ୍ଡା ବି ପ୍ରସ୍ତୁତ କରିଛି। କେହି ଯେମିତି ସେମାନଙ୍କ ଜୀବନ ପଥରେ ପଛରେ ପଡିନଯା'ନ୍ତି ସେଥିପ୍ରତି ଜାତିସଂଘ ଅଧିକ ଧ୍ୟାନ ଦେଉଛି। ଦିବ୍ୟାଙ୍ଗଙ୍କ ଜୀବନରେ ରହିଥିବା ସାମାଜିକ ବାଧାକୁ ଦୂର କରି ସେମାନଙ୍କୁ ସହାୟତା ଯୋଗାଇଦେବା ଉପରେ ସଚେତନତା ସୃଷ୍ଟି କରାଯାଉଛି।



ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୨୦୧୧ରେ ବିଶ୍ୱ ଦିବ୍ୟାଙ୍ଗ ରିପୋର୍ଟ(ୱାର୍ଲ୍ଡ ରିପୋର୍ଟ ଅନ୍ ଡିଜାବିଲିଟି (ଡବ୍ଲ୍ୟୁଆର୍‌ଡି) ପ୍ରକାଶ ପାଇବା ପରେ ସାରା ବିଶ୍ୱରେ ଦିବ୍ୟାଙ୍ଗଙ୍କ ଅବସ୍ଥା,ସେମାନଙ୍କ ଆବଶ୍ୟକତା ତଥା ସାମାଜିକ ସ୍ତରରେ ସମ୍ମୁଖୀନ ହେଉଥିବା ବାଧାବିଘ୍ନ ସାମନାକୁ ଆସିଥିଲା। ବିଶ୍ୱରେ ୧ ବିଲିୟନରୁ ଅଧିକ ଶାରୀରିକ , ମାନସିକ ଦିବ୍ୟାଙ୍ଗ ରହିଛନ୍ତି। ଏହା ବିଶ୍ୱ ଜନସଂଖ୍ୟାର ୧୫ ପ୍ରତିଶତ। ୧୧୦ ରୁ୧୯୦ ମିଲିୟନ ଦିବ୍ୟାଙ୍ଗ ବହୁ ଅସୁବିଧାରେ ରହୁଛନ୍ତି ବୋଲି ଜାତିସଂଘ ରିପୋର୍ଟରୁ ଜଣାପଡିଛି। ଭାରତରେ ୨୦୧୧ ଜନଗଣନା ଅନୁସାରେ ଦେଶରେ ଦିବ୍ୟାଙ୍ଗଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨.୨୧ ପ୍ରତିଶତ ରହିଥିଲା। ଏମାନଙ୍କ ମଧ୍ୟରୁ ୩.୭ ପ୍ରତିଶତ ଏକୁଟିଆ ରହୁଛନ୍ତି ବୋଲି ନ୍ୟାଶନାଲ ସାମ୍ପଲ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟରୁ ଜଣାପଡିଛି। ଦେଶର ମୋଟ୍ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୬୨.୧ ପ୍ରତିଶତଙ୍କ ଯତ୍ନନେବାକୁ କେହି ବ୍ୟକ୍ତି ବା ସଂଗଠନ ରହିଥିବାବେଳେ ୩୭.୬ ପ୍ରତିଶତଙ୍କର ଏହା ଆବଶ୍ୟକ ନାହିଁ। ୦.୩ ପ୍ରତିଶତଙ୍କ ଲାଗି କେହି ଯତ୍ନ ନେବାକୁ ନାହାନ୍ତି। ଏହା ସେମାନଙ୍କ ପାଇଁ ଆବଶ୍ୟକ , କିନ୍ତୁ ତାହା ମିଳିପାରୁନି। ଫାର୍ମ ଗୁଡିକରେ କାର୍ଯ୍ୟକରୁଥିବା ସବୁ କର୍ମଚାରୀଙ୍କ ମଧ୍ୟରେ ଏମାନଙ୍କ ସଂଖ୍ୟା୦.୫ ପ୍ରତିଶତରୁ ବି କମ୍ ରହିଛି। ୧୯୯୨ ଠାରୁ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳନ କରାଯିବା ପରେ ସାରା ବିଶ୍ୱରେ ବହୁ ସଫଳତା ମିଳିପାରିଛି। ରାଜନୀତି, ଅର୍ଥନୀତି, ସାମାଜିକ ତଥା ସାଂସ୍କୃତିକ କ୍ଷେତ୍ରରେ ଏମାନଙ୍କ ସହଯୋଗ ବଢିଚାଲିଛି। ଏହି ଦିବସରେ ଦିବ୍ୟାଙ୍ଗଙ୍କ ସମସ୍ୟା ଉପରେ ସମୀକ୍ଷା କରାଯାଇ ସେମାନଙ୍କ ଜୀବନରେ ରହିଥିବା ବାଧା ଦୂର କରିବା ଉପରେ ଗୁରୁତ୍ୱ ଦିଆଯାଏ। ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପ୍ରତିବର୍ଷ ଏକ ପ୍ରଭାବଶାଳୀ ସ୍ଲୋଗାନ୍ ମାଧ୍ୟମରେ ଦିବ୍ୟାଙ୍ଗଙ୍କ ପାଇଁ କରାଯାଇଥିବା ବିଭିନ୍ନ ନୀତିନିୟମ କାର୍ଯ୍ୟକାରୀ କରିବା ଉପରେ ଜୋର ଦିଏ। ୨୦୧୯ରେ ଏହି ଦିବସର ସ୍ଲୋଗାନ୍ ରଖାଯାଇଛି 'ଦି ଫ୍ୟୁଚର ଇଜ୍ ଆସେସବୁଲ' ବା ଭିବଷ୍ୟତ ସୁଲଭ ଅଟେ। 'ଦିବ୍ୟାଙ୍ଗ ଅକ୍ଷମତା ନୁହେଁ'। ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟସବୁ କ୍ଷେତ୍ରରେ ସମାଜ ଦିବ୍ୟାଙ୍ଗଙ୍କ ସାହାରା ପାଲଟିଗଲେ ଏମାନଙ୍କ ଜୀବନ ସୁଖମୟ ହୋଇପାରିବ।

## ବିଶ୍ୱ ଦିବ୍ୟାଙ୍ଗ ଦିବସ

# ଆଙ୍ଗୁଠି ଫୁଟାଇବା ମନା



**କାଲିଫର୍ନିଆ :** ନିଜର ଆଙ୍ଗୁଠି ଫୁଟାଇବାର ଅଭ୍ୟାସ ଅନେକଙ୍କର ରହିଆସିଛି। ଏହା ଦ୍ୱାରା ଆଙ୍ଗୁଠି ଜଏଣ୍ଟ ଆରାମ ଲାଗିଥାଏ। ଏହା ଏକ ବଦଭ୍ୟାସ। ବାରମ୍ବାର ଏପରି କରିବା ଦ୍ୱାରା ଆର୍ଥରାଇଟିସ୍ ସମସ୍ୟା ଦେଖାଦେବାର ଆଶଙ୍କା ରହିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଶରୀରର ବିଭିନ୍ନ ଜଏଣ୍ଟ ମଧ୍ୟରେ ଘର୍ଷଣ କମ୍ କରିବା ଲାଗି ସିନୋବିୟଲ ନାମକ ଏକ ପ୍ରକାର ତରଳ ପଦାର୍ଥ ରହିଥାଏ। ଏଥିରେ କାର୍ବନ ଡାଇଅକ୍ସାଇଡ୍ ରହିଥାଏ। କାର୍ବନ ଡାଇଅକ୍ସାଇଡ୍ ଫୋଟକା ଭାବରେ ଜଏଣ୍ଟରେ ରହିଥାଏ। ତେଣୁ ଆଙ୍ଗୁଠି ଫୁଟାଇବାବେଳେ ଏହି ଫୋଟକା ଶବ୍ଦ କରି ଫୁଟିଥାଏ। ମାତ୍ର ଲଗାତାର ଏଭଳି କଲେ ସିନୋବିୟଲ ତରଳ ପଦାର୍ଥର ପରିମାଣ କମିବାରେ ଲାଗେ। ଫଳରେ ଜଏଣ୍ଟରେ ହାଡ଼ ସହିତ ହାଡ଼ ମଧ୍ୟରେ ଅଧିକ ଘର୍ଷଣ ହୋଇଥାଏ। ତେଣୁ ଜଏଣ୍ଟରେ ଯନ୍ତ୍ରଣା ଆରମ୍ଭ ହୋଇଥାଏ ବୋଲି ଏହି ରିପୋର୍ଟରେ କୁହାଯାଇଛି।

# ଡାଏଟ୍ ଭୁଲିଲେ ଫିଟ୍ କୁଇନ୍

**ମୁମ୍ବାଇ:** ନିଜର ଫିଟ୍‌ନେସ୍ ପାଇଁ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି ବଲିଉଡ୍ ବିୟୁଟି ଶିଳ୍ପା ସେଟ୍ଟି। ସୋସିଆଲ ମିଡିଆରେ ବି ସେ ଖୁବ୍ ଆକ୍ଟିଭ୍। ନିକଟରେ ସେ ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିବା ପରେ ଏବେ ଏହା ଭାଇରାଲ୍ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଶିଳ୍ପା ମାଖନ ମଲାଇର ମଜା ନେଉଥିବା ଦେଖାଯାଉଛି। ଏବେ ସେ ତାଙ୍କ ଅପ୍ କମିଙ୍ଗ ଫିଲ୍ମର ଶୁଟିଂ ପାଇଁ ନବାବ୍‌ଙ୍କ ସହର ଲକ୍ଷ୍ନୌରେ ଥିବା କୁହାଯାଏ। ଆଉ ସେଠାରେ ଥାଇ ସେ ବୋଧହୁଏ ତାଙ୍କ ଡାଏଟ୍ ଚାର୍ଟ କଥା ଭୁଲି ଯାଇଛନ୍ତି ବୋଲି କୁହାଯାଉଛି। ଶିଳ୍ପା ତାଙ୍କ ଡାଏଟ୍ ଅନୁଯାୟୀ କେବଳ ରବିବାର ମିଠା ଖାଆନ୍ତି। ତେଣୁ ସେ ଏହି ଭିଡିଓଟି ପୋଷ୍ଟ କରିବା ସମୟରେ ରବିବାରର ମଜା ନେଉଛନ୍ତି ବୋଲି ଲେଖିଛନ୍ତି। ଆଉ ମାଖନ ମଲାଇ ବେଶୀ ବା କମ୍ ମିଠା ନୁହେଁ। ଆଉ ତା'ସହ ଗରମ ଜିଲାପିର ମଜାବି ନିଆରା ବୋଲି ସେ କହିଛନ୍ତି। ସେ ତାଙ୍କ ଅପ୍ କମିଙ୍ଗ ଫିଲ୍ମ 'ନିକମ୍ମା'ର ଶୁଟିଂ ପାଇଁ ଏବେ ଲକ୍ଷ୍ନୌରେ ରହିଛନ୍ତି।



ଶିଳ୍ପା ସେଟ୍ଟି

# ଦାନ୍ତ ଘଷିଲେ କମେ ହାର୍ଟଆଟାକ୍ ଆଶଙ୍କା

**ୱାଶିଂଟନ:** ଦାନ୍ତ ଘଷିବା ଦ୍ୱାରା ହାର୍ଟଆଟାକ୍ ଆଶଙ୍କା କମେ। ଏନେଇ ନିକଟରେ ଏକ ଗବେଷଣାଭିତ୍ତିକ ରିପୋର୍ଟ ୟୁରୋପିଆନ୍ ଜର୍ନାଲ୍ ଅଫ୍ ପ୍ରିଭେଣ୍ଟିଭ୍ କାର୍ଡିଓଲୋଜିରେ ପ୍ରକାଶ ପାଇଛି। ଦାନ୍ତରେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ଧମନୀରେ ରକ୍ତପ୍ରବାହ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ଏହାଯୋଗୁ ହାର୍ଟଆଟାକ୍ ଆଶଙ୍କା ବଢ଼ିଥାଏ। ତେବେ ନିୟମିତ ଦାନ୍ତ ଘଷିଲେ ଏଭଳି ସମସ୍ୟା ଦୂର ହୋଇଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଏନେଇ କୋରିଆନ୍ ନ୍ୟାସନାଲ୍ ହେଲଥ୍ ଇନସ୍ୟୁରାନ୍ସ ପକ୍ଷରୁ ହୋଇଥିବା ଏକ ସର୍ଭେରେ ୪୦ରୁ ୭୯ ବର୍ଷ ବୟସ୍କ ୧୬ ଲକ୍ଷ ଏକ ହଜାର ୨ ଶହ ୮୬ ଲୋକଙ୍କୁ ସାମିଲ୍ କରାଯାଇଥିଲା। ଦୀର୍ଘ ଦିନ ଅଧ୍ୟୟନ ପରେ ଏହାର ରିପୋର୍ଟ ପ୍ରକାଶ ହୋଇଛି। ତେଣୁ ନିୟିତ ଦାନ୍ତ ଘସିବା ନିହାତି ଦରକାର ବୋଲି ଉପଦେଶ ଦିଆଯାଇଛି।



# ବର ହାଟ



**ପାଟନା:** ପରିବା ହାଟ କଥା ସମସ୍ତେ ଜାଣିଥିବେ। ହେଲେ ବରଙ୍କ ହାଟକଥା ଶୁଣିଲେ ଟିକେ ଅଡୁଆ ଲାଗୁଥାଇପାରେ କିନ୍ତୁ ଏହା ସତ। ଏହା ଆଉ କେଉଁଠି ନୁହେଁ ବିହାରର ମଧୁବଣି ଜିଲାରେ ଲାଗିଥାଏ। ଏଠାରେ ଥିବା ମୈଥିଳି ବ୍ରାହ୍ମଣ ପରିବାରର ପୁଅଙ୍କୁ ବର ବେଶରେ ସଜାଇ ସେମାନଙ୍କ ଭାଗ୍ୟ ପରୀକ୍ଷା କରାଯାଇଥାଏ। ୯ ଦିନ ଧରି ଚାଲୁଥିବା ଏହି ମେଳାରେ ବହୁ ସଂଖ୍ୟାରେ ବରପାତ୍ର ଯୋଗ ଦେଇଥାଆନ୍ତି। ସୌରଥସଭା ନାଁରେ ପ୍ରସିଦ୍ଧ ଏହି ମେଳା ଜ୍ୟେଷ୍ଠ–ଆଷାଢ ମାସ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଆଉ ଏମାନଙ୍କୁ ବିବାହ କରିବା ଲାଗି କନ୍ୟା ଘରର ଲୋକେ କେବଳ ଦେଶ ନୁହେଁ ବିଦେଶରୁ ମଧ୍ୟ ଏଠାକୁ ଧାଇଁ ଆସିଥାଆନ୍ତି। ଏଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି ସ୍ଥାନୀୟ ଜ୍ୟୋତିଷ। କଥାହେଲା କନ୍ୟା ଘରର ଲୋକେ ଯେଉଁ ବରପାତ୍ରକୁ ପସନ୍ଦ କରନ୍ତି ତାଙ୍କର ୭ ପିଢି ଓ କନ୍ୟା ଘରର ସାତ ପିଢିର ହିସାବ ମାଗି ଥାଆନ୍ତି ଜ୍ୟୋତିଷ। ଯେମିତି ଉଭୟଙ୍କ ମଧ୍ୟରେ କୌଣସି ସମ୍ପର୍କ ନ ଥାଏ। ଯଦି କୌଣସି ସମ୍ପର୍କ ମିଳିଥାଏ ତେବେ ସେହି ବରପାତ୍ରକୁ ପସନ୍ଦ କରିଥିବା କନ୍ୟାଘର ଲୋକେ ନିଜ କନ୍ୟାକୁ ସେଠାରେ ବିବାହ ଦେଇପାରନ୍ତି ନାହିଁ। ଜ୍ୟୋତିଷଙ୍କ ମତରେ ଉଭୟଙ୍କ ମଧ୍ୟରେ ଯଦି ପୂର୍ବରୁ ସମ୍ପର୍କ ରହିଥିବ ତେବେ ରକ୍ତ ସମାନ ହୋଇଯିବ ଯାହା ଦମ୍ପତିଙ୍କ ପାଇଁ ଶୁଭଙ୍କର ନୁହେଁ । ବର ହାଟ ବସିବାର ପରମ୍ପରା ପ୍ରାୟ ୭ଶହ ବର୍ଷ ପୂର୍ବର ହୋଇଥିବା ବେଳେ ୧୯୭୧ରେ ଏଠାରେ ପ୍ରାୟ୧.୫ ଲକ୍ଷ ବରଙ୍କର ବିବାହ ହୋଇଥିବା କୁହାଯାଏ। ଏବେ କିନ୍ତୁ ଏହି ସଂଖ୍ୟା କମି ଯାଇଥିବା କୁହନ୍ତି ସ୍ଥାନୀୟ ଲୋକେ।

# ସାରା ଏବେ ଭାରି ବ୍ୟସ୍ତ



**ମୁମ୍ବାଇ:** ସୈଫ୍ ଅଲୀ ଖାନ୍ ଓ ଅମୃତା ସିଂହଙ୍କ ଝିଅ ସାରା ଅଲୀ ଖାନ୍ ବଲିଉଡ୍‌ରେ ରାଜ କରୁଛନ୍ତି। ଫିଲ୍ମ 'କେଦାରନାଥ'ରୁ ଡେବ୍ୟୁ କରିଥିବା ସାରା ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି। ସାରାଙ୍କ ବ୍ୟକ୍ତିତ୍ୱ ଓ ବ୍ୟବହାର ସମସ୍ତଙ୍କୁ ମୋହିତ କରୁଛି। ଏପଟେ ତାଙ୍କର କ୍ୟାରିୟର୍ ଗାଡ଼ି ଫୁଲ୍ ଟ୍ରାକ୍‌ରେ ମାଡ଼ିଚାଲିଛି। ସାରାଙ୍କ ଦ୍ୱିତୀୟ ଫିଲ୍ମ 'ସିମ୍ବା' ମଧ୍ୟ ସୁପର୍‌ହିଟ୍ ରହିଥିଲା। ନିକଟରେ ସେ ନିଜ ୩ୟ ଫିଲ୍ମ 'ଆଜ୍‌କଲ୍'ର ଶୁଟିଂ ଶେଷ କରିସାରିଛନ୍ତି। ଇମ୍‌ତିଆଜ୍ ଅଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ସାରା–କାର୍ତ୍ତିକଙ୍କ ଯୋଡ଼ି ଦେଖିବାକୁ ମିଳିବ। ବର୍ତ୍ତମାନ ସେ ବରୁଣ ଧାୱନଙ୍କ ସହ 'କୁଲି ନଂ ୧' ଫିଲ୍ମର ଶୁଟିଂ କରୁଛନ୍ତି। କହିବାକୁ ଗଲେ ସାରାଙ୍କ ପାଖରେ କାମର ଅଭାବ ନାହିଁ ଆଉ ଫୁର୍‌ସତ ବି ନାହିଁ। ତେବେ ସାରାଙ୍କୁ ଭଲପାଉଥିବା ସମସ୍ତ ଦର୍ଶକଙ୍କ ପାଇଁ ରହିଛି ଏକ ଖାସ୍ ଖବର।

ସାରାଙ୍କ ଆଗାମୀ ଫିଲ୍ମକୁ ନେଇ ଚାଲିଛି ଏକ ବଡ଼ ଚର୍ଚ୍ଚା। ଜଣେ ବଲିଉଡ୍ ଓ ଜଣେ ସାଉଥ୍ ସୁପର୍‌ଷ୍ଟାରଙ୍କ ସହ ଗୋଟିଏ ଫିଲ୍ମରେ ନଜରକୁ ଆସିବେ ସାରା। ପ୍ରଥମେ ସଲ୍‌ମାନ ଖାନ୍ ଏବଂ ରିତିକ୍ ରୋଶନଙ୍କୁ ଏହି ଫିଲ୍ମ ପାଇଁ ଆପ୍ରୋଚ୍ କରାଯାଇଥିବାବେଳେ ସେମାନେ ଏହି ଚରିତ୍ରରେ ଅଭିନୟ କରିବାକୁ ମନା କରିଦେଇଥିଲେ। ହେଲେ ଏବେ ଫିଲ୍ମର ଦ୍ୱିତୀୟ ଲିଡ୍ କ୍ୟାରେକ୍ଟର ପାଇଁ ଭର୍ସାଟାଇଲ୍ ଆକ୍ଟର ଅଜୟ ଦେବଗନ୍‌ଙ୍କ ସହ ଆଲୋଚନା କରାଯାଇଛି ଏବଂ ସେ ମଧ୍ୟ ଫିଲ୍ମ ପାଇଁ ରାଜିଅଛନ୍ତିବୋଲିଶୁଣିବାକୁମିଳିଛି। ଅନ୍ୟପକ୍ଷରେ ଫିଲ୍ମର ପ୍ରଥମ ଲିଡ୍‌ହିରୋ ହେଉଛନ୍ତି ସାଉଥ୍ ସୁପର୍‌ଷ୍ଟାର ଧନୁଷ। କିଛିଦିନ ତଳେ ସେ ବଲିଉଡ୍ ଲୋକପ୍ରିୟ ନିର୍ମାତା ତଥା ନିର୍ଦ୍ଦେଶକ ଆନନ୍ଦ ଏଲ୍. ରୟଙ୍କ ସହ ଫିଲ୍ମ କରୁଥିବା ସୂଚନା ଦେଇଥିଲେ। ଏହାପରେ ଆନନ୍ଦ ଏଲ୍. ରୟଙ୍କ ସହ ସାରା ସାକ୍ଷାତ୍ କରିଥିବା ଦେଖିବାକୁ ମିଳିଥିଲା। ଆଉ ଏବେ ଅଜୟଙ୍କ ସହ ରୟଙ୍କ ଆଲୋଚନା ହୋଇଥିବା ଜଣାପଡ଼ିଛି। ଯଦି ତିନି କଳାକାର ଏହି ଫିଲ୍ମରେ କାମ କରିବାକୁ ରାଜି ହୋଇଯିବେ, ତିନିଜଣଙ୍କୁ ଏକାସହ ଦେଖିବା ମଜାଦାର ରହିବ ବୋଲି ଚର୍ଚ୍ଚା ହେଉଛି। ତେବେ ବଲିଉଡ୍ ଓ ସାଉଥ୍‌ର ଏହି ଦୁଇ ସୁପର୍‌ଷ୍ଟାରଙ୍କ ସହ କାମ କରିବା ସାରାଙ୍କ କ୍ୟାରିୟର୍ ପାଇଁ ମଧ୍ୟ ଏକ ବଡ଼ ସୁଯୋଗ ବୋଲି କୁହାଯାଉଛି।

# ୭ କୋଟି ଟଙ୍କାରେ ତିଆରି ଚେୟାର

**ମସ୍କୋ:** ରୁଷିଆରେ ଏକ ଆର୍ଟ ମ୍ୟୁଜିୟମ୍‌ରେ ଦାମିକା ଚେୟାର ରହିଛି। ଚେୟାରଟି ଏକ ଲକ୍ଷ ଡଲାର ନୋଟ୍‌ରେ ନିର୍ମିତ ହୋଇଛି। ଭାରତୀୟ ମୁଦ୍ରାରେ ଏହା ଦାମ ୭କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଏହାକୁ ସୁରକ୍ଷିତ ଭାବେ ଅଢ଼େଇ ଇଞ୍ଚ ମୋଟା ବୁଲେଟ୍ ପ୍ରୁଫ୍ କାଚ ଘର ମଧ୍ୟରେ ରଖାଯାଇଛି। ଏହା ଉପରେ ବସିବା ପାଇଁ ୨୯ ନଭେମ୍ବରଠାରୁ ସାଧାରଣ ଲୋକଙ୍କୁ ଆମନ୍ତ୍ରିତ କରାଯାଇଛି। ଏହା ଉପରେ ବସି କିପରି ଟଙ୍କା ରୋଜଗାର କରିହେବ ତାହା ଚିନ୍ତା କରିବାକୁ ଆର୍ଟ ମ୍ୟୁଜିୟମ୍ ପକ୍ଷରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏହି ଚେୟାରର ନାମ ଏକ୍ସ–୧୦ ମନି ଥ୍ରୋନ୍ ରଖାଯାଇଛି। ଏହାକୁ ରୁଷିଆର କଳାକାର ଆଲେକ୍ସ ସର୍ଜିୟେଙ୍କୋ ନିର୍ମାଣ କରିଛନ୍ତି।



## ସଂକ୍ଷେପରେ

### ଡେରାବିଶରେ ନାବାଳିକାଙ୍କୁ ବଳାତ୍କାର ମାମଲା
## ପୀଡ଼ିତାଙ୍କ ବୟାନ ରେକର୍ଡ

**ଡେରାବିଶ, ୨।୧୨ (ସ୍ୱ.ପ୍ର.):** ଡେରାବିଶ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ସୋମବାର ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି ପୋଲିସ। ପୀଡ଼ିତାଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ଏଣ୍ଡର ପଞ୍ଚାୟତ ଅଧୀନ ଡେରାଡିହି ଗ୍ରାମର ଚତୁର୍ଭୁଜ ସେଠୀ (ଦୀପୁ)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ୧୯୮/୧୯ ନଂରେ ମାମଲା ରୁଜୁ ହୋଇଛି।

ସୂଚନାଥାଉ କି, ଗତ ରବିବାର ଥାନା ଅଞ୍ଚଳର ଜଣେ ୯ବର୍ଷୀୟା ବାଳିକାଙ୍କୁ ଚତୁର୍ଭୁଜ ଉଠାଇ ନେଇ ଏକ ଧାନ କିଆରିରେ ବଳାତ୍କାର କରିଥିଲେ। ନାବାଳିକାଙ୍କ ଦାଦା ତାଙ୍କ ଚିତ୍କାର ଶୁଣି ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଚତୁର୍ଭୁଜଙ୍କୁ କାବୁ କରି ଆଖପାଖ ଲୋକଙ୍କୁ ଡାକ ପକାଇଥିଲେ। ହେଲେ ଚତୁର୍ଭୁଜ ସେଠାରୁ ଖସିଯିବାକୁ ସକ୍ଷମ ହୋଇଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା। ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି।

### ମୋବାଇଲ ଚୋର ର୍‍ୟାକେଟ ଠାବ
## ୪ ନାବାଳକ ସମେତ ୭ ଗିରଫ

**ରାଜକନିକା, ୨।୧୨ (ଡି.ଏନ୍.ଏ):** ରାଜକନିକା ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେବ ମୋବାଇଲ ଚୋର ର୍‍ୟାକେଟ ସକ୍ରିୟ ଥିବା ବେଳେ ସୋମବାର ରାଜକନିକା ପୋଲିସ ଏହି ର୍‍ୟାକେଟର ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମନୋଜ ସାହୁ(୨୬), ସତ୍ୟଜିତ ଶତପଥୀ(୧୯), ଅନିଲ ଦାସ(୧୯) ଓ ଅନ୍ୟ ୪ ନାବାଳକ। ସେମାନଙ୍କଠାରୁ ନଗଦ ୫୦ ହଜାର ଟଙ୍କା ସହ ୧୨ଟି ମୋବାଇଲ ଫୋନ ଜବତ କରାଯାଇଥିବା ପୋଲିସ କହିଛି। ରାଜକନିକାର କଣ୍ଟପଡା ହାଟ, ଓଳାଭର, ଜୟନଗର, ଭାରିଗଦା, କଣ୍ଡିଆହାଟ ଅଞ୍ଚଳରୁ ଏମାନେ ମୋବାଇଲ ଚୋରି କରିଥିବା ଜଣାପଡିଛି। ରାଜକନିକା ଓ ଓଳାଭର ବଜାରର ମୋବାଇଲ ଦୋକାନରୁ କ୍ରମାଗତ ଭାବେ ମୋବାଇଲ ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଥିଲା।

### ମିଳିଲା ଦାବି ପୂରଣ ପ୍ରତିଶ୍ରୁତି
## ୧୨ ଦିନ ପରେ ଧାରଣାରୁ ଉଠିଲେ ଡିଆଇଇଟି ଛାତ୍ରୀଛାତ୍ର

**ଡେରାବିଶ, ୨।୧୨ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ବାଲିଆସ୍ଥିତ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷାଙ୍କ ବଦଳି ଓ ଅନ୍ୟାନ୍ୟ ଦାବିରେ ଛାତ୍ରୀଛାତ୍ରମାନେ ଦେଇଥିବା ଧାରଣା ୧୨ ଦିନ ପରେ ପ୍ରତ୍ୟାହୃତ ହୋଇଛି। ସୋମବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ ଧାରଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ୨ ତମ୍ପ ଉଦ୍ଧାର

**ମାର୍ଶାଘାଇ, ୨।୧୧ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ପିକରାଳୀ ଗ୍ରାମର ରାଜକିଶୋର ବେହେରାଙ୍କ ବାଡ଼ିରେ ଥିବା ଇଟା ଗଦାରୁ ୫ ଫୁଟ ଲମ୍ବର ଏକ ତମ୍ପ ସାପ ସୋମବାର ଉଦ୍ଧାର କରାଯାଇଛି। ଉଦୟ ନାଥ ଚୌଧୁରୀ ସାପଟିକୁ ଧରି ଭୂତମୁଣ୍ଡାଇ ପୋଲ ତଳେ ଛାଡ଼ି ଦେଇଥିବା ଜଣାପଡ଼ିଛି। ସେହିପରି ଅନ୍ତେଇ ପଞ୍ଚାୟତ ପାଇଲୋ ଗ୍ରାମର ପ୍ରଭାକର ସାହୁଙ୍କ ଘସି ଚାଳିଆରୁ ସାଢେ ୪ଫୁଟ ଲମ୍ବର ଏକ ତମ୍ପ ସାପ ସୋମବାର ଅପରାହ୍ନରେ ଉଦ୍ଧାର କରିଯାଇଛି। ଏହି ସାପକୁ ଉଦୟ ଧରି କୋଦାନଗରୀ ଜଙ୍ଗଲରେ ଛାଡ଼ିଦେଇଛନ୍ତି।

## ଅଭିରାମ ପରମହଂସଙ୍କ ସତ୍‌ସଙ୍ଗ

**ମାର୍ଶାଘାଇ, ୨।୧୨ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକର ବନମାଳୀ ଛକଠାରେ ଅଭିରାମ ପରମହଂସ ଦେବଙ୍କ ଗୋଷ୍ଠୀ ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନବୀନ ଭାଇଙ୍କ ବାସଗୃହରେ ଅନୁଷ୍ଠିତ ଏହି ଉତ୍ସବରେ କରମଳା ପୀଠ ସାଧୁ ହରାଶଙ୍କର ଦାସ ମହାରାଜ ପୌରୋହିତ୍ୟ କରିଥିଲେ। ସାଧୁ ସୁଧାନନ୍ଦ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ବାବା ଶ୍ରୀନିବାସ ସହଯୋଗ କରିଥିଲେ।

### ■ ପରିବେଶ ମଞ୍ଜୁରୀ ଓ ରାଜସ୍ୱ ଆଦାୟକୁ ଅଣଦେଖା
# ବେଲଗାମ ହେଉଛି ବାଲି ଉଠାଣ

- ■ ଅନେକ ସୈରାତକୁ ମିଳିନି ପରିବେଶ ମଞ୍ଜୁରୀ
- ■ ୨ ବର୍ଷରେ ୪ ଏନ୍‌ଜିଟି ମାମଲା
- ■ ଜିଲା ପ୍ରଶାସନର ଅଡୁଆ ବଢୁଛି

**କେନ୍ଦ୍ରାପଡା ଅଫିସ, ୨।୧୨**

କେନ୍ଦ୍ରାପଡ଼ା ଜିଲାରେ ଗତ ୨ ବର୍ଷ ମଧ୍ୟରେ ୪ଟି ଏନ୍‌ଜିଟି (ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ) ମାମଲା ଜିଲା ପ୍ରଶାସନକୁ ଅଡୁଆରେ ପକାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ବାଲିଉଠାଣ, ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ଜଙ୍ଗଲ ଜମିରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ, କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରରେ ବାଲି ଉଠାଣ ମାମଲା ଏବଂ ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ ପାଇଁ ମାଟି ଓ ବାଲି ଉଠା ମାମଲା ଏନ୍‌ଜିଟିର ବିଚାର ପରିସରଭୁକ୍ତ ହୋଇଛି। ତେବେ ଜିଲାରେ ଥିବା ବିଭିନ୍ନ ନଦୀ ସୈରାତରୁ ବାଲି ଉଠାଣ ହେଉଥିଲେ ମଧ୍ୟ ପରିବେଶ ମଞ୍ଜୁରୀ ପ୍ରତି କାହାରି ନିଘା ନ ଥିବା ବେଳେ ରାଜସ୍ୱ ଆଦାୟକୁ ବି ଅଣଦେଖା କରାଯାଉଛି ବୋଲି ଅଭିଯୋଗ ହେଉଛି।

କେନ୍ଦ୍ରାପଡା ଜିଲାର ଆଳି, ଡେରାବିଶ, ଗରଦପୁର, ରାଜକନିକା, ମାର୍ଶାଘାଇ, ମହାକାଳପଡା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ପ୍ରବାହିତ ନଦୀର ୨୮ଟି ସୈରାତରୁ ବାଲି ଉଠାଣ ହେଉଛି। ସମୁଦାୟ ୧୫୭.୩୩୭ ହେକ୍ଟର ଆୟତନରେ ବାଲି ଉଠାଣ କରାଯାଉଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ରାଜସ୍ୱ ଆଦାୟ ହେଉଛି। ହେଲେ ନିର୍ଦ୍ଦିଷ୍ଟ ପରିମାଣର ବାଲି ଉଠାଣ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥିବା ବେଳେ ଅଧିକ ପରିମାଣର ବାଲି ଉଠାଣ ଚାଲିଥିବା ସାମାଜିକ କର୍ମୀ ଆଳୟ ସାମନ୍ତରାୟ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବାଲି ଉଠାଣରେ ବହୁ କଟକଣା ଅଛି। ନଦୀଶଯ୍ୟାର ଏକ ପଞ୍ଚମାଂଶରୁ ଉର୍ଦ୍ଧ୍ୱ ବାଲି ଉଠାଣକୁ ପରିବେଶ ବିଭାଗ ପକ୍ଷରୁ ରୋକାଯାଇଛି। ସେହିପରି ପାନୀୟ ଜଳ ପ୍ରକଳ୍ପ, ବନ୍ଧ, ନଦୀ, ପୋଲ ନିକଟଠାରୁ ୩୦୦ ମିଟର ମଧ୍ୟରେ ବାଲିଉଠା ହୋଇ ପାରିବନାହିଁ। ପରିବେଶ ପ୍ରଦୂଷଣ ମୁକ୍ତ ଗାଡ଼ି ଏହି ପରିବହନରେ ନିୟୋଜିତ ହେବାକୁ ଥିବା ବେଳେ ବାଲି ନେବା ସମୟରେ ଗାଡ଼ି ଉପରେ ପାଲ ବାନ୍ଧିବାକୁ ନିୟମ ରହିଛି। ଏଥିସହିତ ନଦୀପଥକୁ ସୁରକ୍ଷା ଦେବା ପାଇଁ ବହୁ ନିୟମ ରହିଛି। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହି ନିୟମକୁ ଉପେକ୍ଷା କରାଯାଉଛି। ସେହିପରି ସୈରାତର ବାଲି ଉଠା ତୁଳନାରେ ଜିଲାରେ ରାଜସ୍ୱ ଅଭିବୃଦ୍ଧି ହେଉନି। ସୂଚନା ଅଧିକାର ଅଭିଯାନ କର୍ମୀ ଅଶେଷ ଖଟୁଆ କୁହନ୍ତି, ନିକଟରେ ମହାକାଳପଡ଼ା ଓ ମାର୍ଶାଘାଇ ଅଞ୍ଚଳର ବାଲି ସୈରାତରେ ପରିବେଶ ମଞ୍ଜୁରୀ ସମ୍ପର୍କିତ ତଥ୍ୟ ସମ୍ପର୍କରେ ସେ ଜାଣିବାକୁ ଚେଷ୍ଟା କରିଥିଲେ। ତେବେ ମାର୍ଶାଘାଇ ତହସିଲ ଅଧୀନ ତୁଳସୀପୁର ଓ ପକ୍ଷୋଟ ବାଲି ସୈରାତକୁ ପରିବେଶ ମଞ୍ଜୁରୀ ମିଳି ନ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପାରାଦୀପସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୧୨୯୪୧ ଯୋଗେ ସୂଚନା ଦିଆଯାଇଛି। ତେଣୁ ପରିବେଶ ସୁରକ୍ଷା ଦିଗରେ ଜିଲା ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପଚାରିବାରେ, ଅଧିକ ବାଲି ଉଠାଣ ଓ ପରିବେଶ ମଞ୍ଜୁରୀ ସଂକ୍ରାନ୍ତ କାଗଜପତ୍ର ତନଖି କରାଯିବ। ଅଭିଯୋଗ ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

## ଦୁର୍ନୀତି ତଦନ୍ତ ଦାବିରେ ଗଣଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଗଣଧାରଣା।

**କେନ୍ଦ୍ରାପଡା ଅଫିସ, ୨।୧୨**

ରାଜକନିକା ବ୍ଲକ ତରାସ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ ଦାବି କରି ଗୁଆଳସିଂ ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦେଇଥିଲେ। ଦୁର୍ନୀତିର ତଦନ୍ତ ହେବ ବୋଲି ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଛି। ଏ ସମ୍ପର୍କରେ ଗଣଧାରଣାକାରୀ ଜୟନ୍ତୀ ନାୟକ କହିଛନ୍ତି, ସରକାରଙ୍କ ଉନ୍ନୟନ ଅର୍ଥକୁ ପ୍ରଶାସନିକ ଅଧିକାରୀମାନେ ହଡ଼ପ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସୁଫଳ ମିଳୁନି। ପଞ୍ଚାୟତରେ ଅଙ୍ଗନୱାଡି କେନ୍ଦ୍ର ଅର୍ଥ ହଡ଼ପ ହୋଇଥିବା ବେଳେ ଶ୍ମଶାନ, ହରିଶ୍ଚନ୍ଦ୍ର ଯୋଜନା, ପାଇଖାନା, ଆବାସ ଯୋଜନା, ବୃକ୍ଷରୋପଣ, କଲ୍ୟାଣ ମଣ୍ଡପ ନିର୍ମାଣ, ପୋଖରୀ ନିଲାମ ଆଦି ବହୁ ଉନ୍ନୟନ କ୍ଷେତ୍ରରେ ପ୍ରାୟ ୮୦ ଲକ୍ଷ ଟଙ୍କା ହଡ଼ପ ହୋଇଛି। ବିଡିଓ, ପଞ୍ଚାୟତ କାର୍ଯ୍ୟନିର୍ବାହୀ, ସରପଞ୍ଚଙ୍କର ଏଥିରେ ହାତ ଥିବାରୁ ସେମାନଙ୍କୁ ତଦନ୍ତ ପରିସରକୁ ଅଣାଯାଇ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଗଣଧାରଣାକାରୀମାନେ ଦାବି କରିଛନ୍ତି।

## 'ସଚେତନ ହେଲେ ସୁରକ୍ଷିତ ରହିବା'



ଏଡ୍‌ସ ଦିବସ ଉପଲକ୍ଷେ ଛାତ୍ରୀମାନଙ୍କ ସଚେତନତା ଶୋଭାଯାତ୍ରା।

**ପଟ୍ଟାମୁଣ୍ଡାଇ, ୨।୧୨ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ରମାଦେବୀ ନର୍ସିଂ ସ୍କୁଲ ଛାତ୍ରୀମାନଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ନର୍ସ ଓ ଅନ୍ୟମାନେ ଶୋଭାଯାତ୍ରାରେ ବାହାରି ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିବା ସହ ଏଡ୍‌ସ ଭୟାବହତାର ବାର୍ତ୍ତା ପ୍ରଚାର କରିଥିଲେ। ଏହାପରେ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ସଚେତନତା ବୈଠକରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସଚେତନ ରହିଲେ ସୁରକ୍ଷିତ ରହିପାରିବା ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଡାକ୍ତର ଜୟକେତନ ମହାପାତ୍ର, ଡା. ପ୍ରମୋଦ ପ୍ରହରାଜ, ଡା. ଏସ୍.ପି. ଦାସ, ଡା. ପ୍ରଦ୍ୟୁମ୍ନ ପଣ୍ଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ରୀଧର ମଲିକ ପ୍ରମୁଖ ଯୋଗଦେଇ ସଚେତନତା ସୃଷ୍ଟି କରିଥିଲେ। ବସନ୍ତ କୁମାର ଓଝା, ବ୍ରଜକିଶୋର ଜେନାଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କିରୋସିନ ଢ଼ାଳି ମହିଳାଙ୍କ ଆତ୍ମହତ୍ୟା

**କେନ୍ଦ୍ରାପଡ଼ା ଅଫିସ, ୨।୧୨**

ଟାଉନ ଥାନା ଅଧୀନ ସହରର ଖଡ଼ିଅଙ୍ଗ ଗ୍ରାମର ସୁରେନ୍ଦ୍ର କୁମାର ସିଂହଙ୍କ ସ୍ତ୍ରୀ ଅନସୂୟା (୫୨) ସୋମବାର ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ. ୩୩/୧୯ ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି। ପୂର୍ବାହ୍ନ ୯ଟାରେ ସୁରେନ୍ଦ୍ର ଓ ତାଙ୍କ ପୁଅ ବାହାରକୁ ଯାଇଥିବା ବେଳେ ଅନସୂୟା ଘର କବାଟ ଦେଇ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଘର ଭିତରୁ ଧୂଆଁ ଉଠୁଥିବା ଦେଖି ପଡୋଶୀ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ କବାଟ ଭାଙ୍ଗି ନିଆଁକୁ ଆୟତ୍ତ କରିଥିଲେ। ଏ ସମ୍ପର୍କରେ ସୁରେନ୍ଦ୍ର କହିଛନ୍ତି ଯେ, ଅନସୂୟାଙ୍କର ମସ୍ତିଷ୍କ ବିକୃତି ଘଟିଛି। ଦୁଇମାସ ପୂର୍ବେ ସେ ବ୍ଲିଚିଂ ପାଉଡର ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ସହ ଅତିରିକ୍ତ ତହସିଲଦାର ନମିତା ବାରିକ ପ୍ରମୁଖ ଶବ ଉଦ୍ଧାର ସମୟରେ ଉପସ୍ଥିତ ଥିଲେ।

## ଚାଷୀଙ୍କୁ କ୍ଷତିପୂରଣ ଦାବିରେ ଦାବିପତ୍ର

**ରାଜକନିକ, ୨।୧୨ (ଡି.ଏନ୍.ଏ)**

ରାଜକନିକା ବ୍ଲକ ଅଞ୍ଚଳର ଚାଷୀଙ୍କୁ ବୁଲ୍‌ବୁଲ୍ ବାତ୍ୟା ଜନିତ କ୍ଷୟକ୍ଷତି ବାବଦ କ୍ଷତିପୂରଣ ପ୍ରଦାନ ଦାବିରେ ଓଡ଼ିଶା କୃଷକ ସଭା ରାଜକନିକା ବ୍ଲକ କମିଟି ପକ୍ଷରୁ ସୋମବାର କନିକା ତହସିଲଦାର ଡି.ଏସ୍. ଶୁଭଦର୍ଶୀ ଯୋଶୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାତ୍ୟା ପ୍ରଭାବରେ ରାଜକନିକାରେ ଅନେକ କ୍ଷତି ହୋଇଥିବା ବେଳେ ସରକାରୀସ୍ତରରେ କରାଯାଇଥିବା ଆକଳନ ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ କରିଛି କୃଷକ ସଭା। କ୍ଷୟକ୍ଷତିର ଆକଳନ ବେଳେ କୃଷକ ପ୍ରତିନିଧି କିମ୍ବା ଗାଁ ପ୍ରତିନିଧିଙ୍କୁ ଉପସ୍ଥିତ ରଖିବା, କ୍ଷତିଗ୍ରସ୍ତ ଚାଷୀଙ୍କ ଋଣ ଛାଡ ସହ ସମବାୟ ଓ ଅନ୍ୟ ବ୍ୟାଙ୍କ ପକ୍ଷରୁ କୃଷି ଋଣ ପ୍ରଦାନ, ତୁରନ୍ତ ଧାନମଣ୍ଡି ଖୋଲିବା, ବେଆଇନ ଚିଙ୍ଗୁଡିଘେରି ଉଚ୍ଛେଦ ଆଦି ୭ଦଫା ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଶତାଧିକ ଚାଷୀ ସ୍ଥାନୀୟ ଚନ୍ଦନ ପୋଖରୀ ଛକଠାରେ ଏକ ପଥପ୍ରାନ୍ତ ସଭା କରିବା ପରେ କନିକା ତହସିଲରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଓଡ଼ିଶା କୃଷକ ସଭାର ରାଜକନିକା ବ୍ଲକ କମିଟି ସଭାପତି ଦାମୋଦର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ କୃପାସିନ୍ଧୁ ପଣ୍ଡା, ଜିଲା କମିଟି ସଭାପତି ଉମେଶ ସିଂ, ସମ୍ପାଦକ ଗୟାଧର ଧଳ, କାଳୀପ୍ରସଦ ନାୟକ, ଗଙ୍ଗାଧର ମଲିକ, କୃତିବାସ ଦାସ, ରବିନାରାୟଣ ବେହେରା, ଧନେଶ୍ୱର ଧଳ, ସୁଦାମ ଦାସ, ଉମାକାନ୍ତ ମାଝି ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।


ପଥପ୍ରାନ୍ତ ସଭାରେ ରାଜକନିକା କୃଷକ ସଭା ସଦସ୍ୟମାନେ।

## ଆବାସ ଯୋଜନାରୁ ୨୦୦ ହରିଜନ ପରିବାର ବାଦ୍

**ପଟ୍ଟାମୁଣ୍ଡାଇ, ୨।୧୨ (ସ୍ୱ.ପ୍ର.)**

### ଆମରଣ ଅନଶନ ଚେତାବନୀ

ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁର ପଞ୍ଚାୟତ ଅଧୀନ ରାଘପୁର ଗ୍ରାମର ୨୦୦ ହରିଜନ ପରିବାର ଆବାସ ଯୋଜନା, ବିଜୁ ପକ୍କା ଘର ଓ ମୋ କୁଡିଆ ପାଇବାରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ(ଜିଆରଏସ)ମାନେ ଘରକୁ ଘର ବୁଲି ତନଖି କରୁଥିବା ବେଳେ ଭଙ୍ଗା ଚାଳ ଘରେ ମୁଣ୍ଡ ଗୁଞ୍ଜୁଥିବା ଶତାଧିକ ହରିଜନ ପରିବାର ଘର ଖଣ୍ଡେ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ବିଜୁ ପକ୍କା ଘର ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆ ନ ଗଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି ରାଘପୁର ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ସୋମବାର ଗ୍ରାମର ୨୦ଜଣ ବ୍ୟକ୍ତି ପଟ୍ଟାମୁଣ୍ଡାଇ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକର ମୁଖ୍ୟ କିରାଣିଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ସର୍ବେଶ୍ୱର ସେଠୀ, ଉଦୟ ଶଙ୍କର ଦାସ, ନିରାକାର ମଲିକ, ଜଗବନ୍ଧୁ ମଲିକ, ଗଜେନ୍ଦ୍ର ସେଠୀ, ପ୍ରହ୍ଲାଦ ମଲିକ, ରଞ୍ଜନ ମଲିକ, ଭଗବାନ ମଲିକ, ଶିବ ମଲିକ, ନାରାୟଣ ମଲିକ, ରାଜକିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲାପାଳ, ଉପ ଜିଲାପାଳ ଓ ସ୍ଥାନୀୟ ବିଧାୟକଙ୍କ ନିକଟକୁ ଏହି ଦାବିପତ୍ରର ନକଲ ପଠାଯାଇଛି।


ମୁଖ୍ୟ କିରାଣିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଗୋରୁ ବୋଝେଇ ଗାଡ଼ି ଜବତ

**କେନ୍ଦ୍ରାପଡା ଅଫିସ/ପଟ୍ଟାମୁଣ୍ଡାଇ, (ସ୍ୱ.ପ୍ର.), ୨।୧୨**

ସଦର ଥାନା ପୋଲିସ କେନ୍ଦ୍ରାପଡ଼ା ବ୍ଲକ ପୁରୁଷୋତ୍ତମପୁର ନିକଟରୁ ଏକ ଗୋରୁ ବୋଝେଇ ଗାଡି (ନଂ- ଓଡି ୨୯- ୨୧୯୪)କୁ ସୋମବାର ଜବତ କରିଛି। ଏଥିରୁ ୮ ଗାଈ ଓ ବଳଦ ଉଦ୍ଧାର କରାଯାଇ ଥିବାବେଳେ ଡ୍ରାଇଭର ଟାଉନ ଥାନା ଅନ୍ତର୍ଗତ ବଡହାଟ ଗ୍ରାମର ସେକ୍ ଅନସାରଙ୍କୁ ପୋଲିସ୍ ଗିରଫ କରିଛି। ଏ ନେଇ ୩୩୭/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଉକ୍ତ ଗାଡିର କାଗଜପତ୍ର ଠିକ୍ ନ ଥିବାରୁ ଗାଡିକୁ ଜବତ କରାଯାଇଛି। ସେହିପରି ପଟ୍ଟାମୁଣ୍ଡାଇ ବାଇପାସ୍ ଛକରୁ ସୋମବାର ରାତି ୯ଟା ବେଳେ ଏକ ଗୋରୁ ବୋଝେଇ ଟାଟା ଏସି ଜବତ ହୋଇଛି। ୮ଟି ଗୋରୁ ବୋଝେଇ କରି ଗାଡ଼ି (ନଂ. ଓଡି ୨୯ ବି ୯୮୯୫)ଟି କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ନୂତନ ଆଇଆଇସି ମହେଶ୍ୱର ସେଠୀ ଗାଡ଼ିକୁ ଜବତ କରିଥିଲେ। ପୋଲିସ ଗାଡ଼ିକୁ ଥାନାକୁ ନେଇଥିବା ବେଳେ ଚାଳକଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଦିବାକର ପ୍ରଥମ

**କେନ୍ଦ୍ରାପଡ଼ା ଅଫିସ, ୨।୧୨**


ଦିବାକର ଗୋଚ୍ଛାୟତ।

କେନ୍ଦ୍ରାପଡ଼ା ବ୍ଲକ ଗରାପୁର ଗ୍ରାମର ଦିବାକର ଗୋଚ୍ଛାୟତ ବେଙ୍ଗାଲୁର ସେଣ୍ଟ୍ରାଲ କଲେଜର ଜ୍ଞାନଜ୍ୟୋତି ଅଡିଟୋରିୟମ ହଲ୍‌ରେ ଇତିମଧ୍ୟରେ ଆୟୋଜିତ ଏସିଆ ପାସିଫିକ କାର୍ଯ୍ୟକ୍ରମର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରି ପ୍ରଥମ ହୋଇଛନ୍ତି। ଏଥିସହିତ ପୁରୁଷ ବର୍ଗରେ ଫିଜିକ୍ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କୃତିତ୍ୱ ପାଇଁ ଜିଲା ଖେଳାଳି ଓ ବୁଦ୍ଧିଜୀବୀ ମହଲରେ ଦିବାକରଙ୍କୁ ପ୍ରଶଂସା କରାଯାଇଛି। ୱାର୍ଲଡ ଫିଟନେସ୍ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ବିଶ୍ୱର ୪୮ଟି ଦେଶର ପ୍ରତିଯୋଗୀ ଥିଲେ। ଏଥିରେ ଦିବାକର ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗରାପୁର ଗ୍ରାମର ରଙ୍ଗଲତା ଗୋଚ୍ଛାୟତ ଓ ବାବାଜୀ ଗୋଚ୍ଛାୟତଙ୍କର କନିଷ୍ଠ ପୁତ୍ର ଦିବାକର ଏହି ଦୁଇଟି ପଦକ ସହ ଜାତୀୟସ୍ତରରେ ମୋଟ ପାଞ୍ଚଟି ପଦକ ହାସଲ କରିଛନ୍ତି। ଗତ ମେ'ରେ କେରଳର କୋଚିଠାରେ ଆୟୋଜିତ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୨୦୧୭ରେ ଝାଡ଼ଖଣ୍ଡର ରାଞ୍ଚି ଓ ୨୦୧୮ରେ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଦୁଇଟି ପଦକ ହାସଲ କରିଥିବା କଟକସ୍ଥିତ ଷ୍ଟାର୍କ ଜିମ୍‌ର କୋଚ୍ ସୁବ୍ରତ ସାହୁ ଓ ଅଭିଯୋଗ ମହାନ୍ତି ସୂଚନା ଦେଇଛନ୍ତି।

## ଦାବି ପୂରଣ ପାଇଁ ଅନଶନ

**କେନ୍ଦ୍ରାପଡ଼ା ଅଫିସ, ୨।୧୨**



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରଦୀପ କୁମାର ଦାସ ଅନଶନରେ ବସିଛନ୍ତି।

ରାଜନଗର ବ୍ଲକ ଡେରା ପଞ୍ଚାୟତର ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ଦାଶ ପୁନଃ ନିଯୁକ୍ତି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅନଶନରେ ବସିଥିଲେ। ତେବେ ସମସ୍ୟାର ସମାଧାନ ହେବ ବୋଲି ଜିଲାପାଳ ସମର୍ଥ ବର୍ମାଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ଏ ସମ୍ପର୍କରେ ପ୍ରଦୀପ କହିଛନ୍ତି ଯେ, ୨୦୦୩ରୁ ସେ ଏହି ପଞ୍ଚାୟତ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ୨୦୦୬ରେ ପଞ୍ଚାୟତ ଉନ୍ନୟନ ଅର୍ଥର ଅପବ୍ୟବହାର କରୁଥିବା ଦର୍ଶାଇ ତାଙ୍କୁ ନିଲମ୍ବିତ କରାଯାଇଥିଲା, ଯାହା ଏକ ଭୁଲ୍ ବୁଝାମଣାରୁ ସୃଷ୍ଟି ହୋଇଥିଲା। ଏ ନେଇ ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ ପରେ ୨୦୦୭ରେ ତତ୍କାଳୀନ ଉପଜିଲାପାଳ ପଞ୍ଚାୟତରେ ସମ୍ପାଦକ ଭାବେ କାର୍ଯ୍ୟ କରିବା ପାଇଁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ଇତିମଧ୍ୟରେ ୩ ଥର ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିବାରୁ ସେ ଅନଶନରେ ବସିଥିଲେ ବୋଲି ପ୍ରଦୀପ କହିଛନ୍ତି।

## ଜନଶୁଣାଣି ଶିବିରରେ ୪୩୯ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୨।୧୨**

ଜିଲାର ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୩୯ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୪ ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ଅବଶିଷ୍ଟ ସାମୂହିକ ଥିଲା। ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ନୀତିଶେଖରଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଏଡିଏମ୍ ବସନ୍ତ କୁମାର ରାଉତ, ପିଡି ଦିଲୀପ କୁମାର ପରିଡ଼ା, ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ବ୍ୟକ୍ତିଗତ ଅଭିଯୋଗକାରୀ ବିଶେଷକରି ବାସଗୃହ ଯୋଜନାରେ ଅନିୟମିତତା ଥିବା ଦର୍ଶାଇଥିଲେ। ସେହିପରି କାଳିଆ ସହାୟତା, ପାନୀୟ ଜଳ ସମସ୍ୟା, କଳାକାର ଭତ୍ତା, ଜମି ଚିହ୍ନଟ, ରିଲିଫ୍ ପାଣ୍ଠିରୁ ସହାୟତା, ଇନ୍ଦିରା ଆବାସ ଯୋଜନା, ଭତ୍ତା ଇତ୍ୟାଦି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ଶଙ୍ଖପଦାଠାରେ ନଳକୂପ ଖନନ, ରାସ୍ତା ନିର୍ମାଣ, ବାତ୍ୟା ଆଶ୍ରୟସ୍ଥଳ ମରାମତି, ଗରଦପୁର ବ୍ଲକ ମାହାଙ୍ଗା ସ୍କୁଲରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ଆଦି ଅଭିଯୋଗ ସାମୂହିକ ଭାବେ ହୋଇଥିଲା। ଏହି ଅବସରରେ ଜିଲାପାଳ ବର୍ମା ଭିନ୍ନକ୍ଷମଙ୍କୁ ବିଭିନ୍ନ ଉପକରଣ ଯୋଗାଇ ଥିଲେ। ଏଥିସହିତ କେତେକ ଆବେଦନକାରୀଙ୍କୁ ଚିକିତ୍ସା ସହାୟତା ପାଇଁ ରେଡକ୍ରସ ପକ୍ଷରୁ ଅର୍ଥ ମଞ୍ଜୁର କରିଥିଲେ। ଅଭିଯୋଗଗୁଡିକ ମଧ୍ୟରୁ ବିଭିନ୍ନ ବିଭାଗ ସହଯୋଗରେ କେତୋଟିର ସଙ୍ଗେସଙ୍ଗେ ସମାଧାନ ହୋଇଥିଲା। ଅବଶିଷ୍ଟ ଅଭିଯୋଗକୁ ଆସନ୍ତା ୧୦ ଦିନ ମଧ୍ୟରେ ସମାଧାନ କରିବା ପାଇଁ ଜିଲାପାଳ ବର୍ମା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଶିବିରରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ।

## ବ୍ରାଇଡାଲ୍ ଫୁଟ୍‌ୱେର

ଫ୍ୟାଶନ



ବ୍ରାଇଡାଲ୍ ଲୁକ୍‌କୁ ପରଫେକ୍ଟ କରିଥାଏ ଫୁଟ୍‌ୱେର। ବ୍ରାଇଡାଲ୍ ଗେଟ୍‌ଅପ୍ ଓ ଫୁଟ୍‌ୱେର ମ୍ୟାଚିଂ ଏବଂ ଟ୍ରେଣ୍ଡି ହେବା ବି ଦରକାର। ଏହାଦ୍ୱାରା ଲୁକ୍ ଭଲ ଲାଗିବା ସହ କନ୍‌ଫିଡେଣ୍ଟ ଫିଲ୍ ହୋଇଥାଏ...

**ଗୋଲ୍ଡ ହିଲ୍ସ:** ବ୍ରାଇଡାଲ୍ ପାଇଁ ଗୋଲ୍ଡ ହିଲ୍ସ ଏଭରଗ୍ରୀନ୍ ସାବ୍ୟସ୍ତ ହୋଇଥାଏ। କେବଳ ରେଡ୍ କିମ୍ବା ଗୋଲ୍ଡେନ୍ ନୁହେଁ ବରଂ ଏହି ହିଲ୍ସ ପ୍ରତିଟି ସେଡ୍‌ର ଲେହେଙ୍ଗାରେ ସୁଟ୍ କରିଥାଏ। ସର୍ଟ ହାଇଟ୍‌ର ହୋଇଥିଲେ ଏହି ହିଲ୍ସ ଆପଣଙ୍କୁ ରୟାଲ୍ ଲୁକ୍ ଦେଇଥାଏ।

**ସିମରି ବ୍ଲୁ:** ସିମର ହିଁ ପାର୍ଟିୱେର ହୋଇଥାଏ। ଯଦି ଏହି ଟ୍ରେଣ୍ଡି ଫୁଟ୍ ୱେରକୁ ବ୍ରାଇଡାଲ୍ ଗେଟ୍‌ଅପ୍‌ରେ ଆପଣାଇବାକୁ ଚାହୁଁଛନ୍ତି ତେବେ ଆପଣଙ୍କର ଲୁକ୍ ଅଧିକ ଖାସ୍ ହୋଇଥାଏ। ମ୍ୟାରେଜ୍‌ରେ ଲାଇଟ୍ ସେଡ୍‌ର ଲେହେଙ୍ଗା ପିନ୍ଧୁଥିଲେ ଏହି ସାଣ୍ଡାଲ ଆପଣଙ୍କୁ କୁଲ୍ ଲୁକ୍ ଦେବ।

**ଗୋଲ୍ଡେନ୍ ପମ୍ପସ:** ଏହା ହେଉଛି ଲାଟେଷ୍ଟ ଏବଂ ଟ୍ରେଣ୍ଡିଂ ସାଣ୍ଡାଲ। ଏହାକୁ ଆପଣ ମ୍ୟାରେଜ୍ କିମ୍ବା ଅନ୍ୟ ଯେକୌଣସି ଫଙ୍କ୍‌ସନରେ ପିନ୍ଧିପାରିବେ।

**ରେଡ୍ ଭେଲ୍‌ବେଟ୍ ସାଣ୍ଡାଲ:** ଆଉଟ୍ ଅଫ୍ ଫ୍ୟାଶନ ନୁହେଁ ବରଂ ଟ୍ରେଣ୍ଡିଂ ସାଣ୍ଡାଲ ହେଉଛି ରେଡ୍ ଭେଲ୍‌ବେଟ୍ ସାଣ୍ଡାଲ। ଯଦି ଆପଣ ମ୍ୟାରେଜ୍‌ରେ ଗାଉନ୍ ବା ଅନ୍ୟ କିଛି ଡ୍ରେସ୍ ବାଛୁଛନ୍ତି, ତେବେ ଏହା ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ୍। ଏହାକୁ ପିନ୍ଧିବା ଦ୍ୱାରା ଆପଣ ଡେଙ୍ଗା ଲାଗିବା ସହ ପର୍ସନାଲିଟିକୁ ଅଲଗା ଲୁକ୍ ମିଳିଥାଏ।



**ରେଡ୍ ପଞ୍ଜାବି ଜୋତା:** ପଞ୍ଜାବି ଜୋତାକୁ କେବଳ ନର୍ମାଲ୍ ଫଙ୍କ୍‌ସନ୍ ନୁହେଁ ବରଂ ବ୍ରାଇଡାଲ୍ ଲୁକ୍ ସହ କ୍ୟାରି କରିପାରିବେ। ଏହା ଆପଣଙ୍କ ଗେଟ୍‌ଅପ୍‌କୁ କ୍ଲାସିକ୍ ଲୁକ୍ ଦେବ।

ଆକାଂକ୍ଷା

# ସଙ୍ଗୀତ ମାୟାରେ ଆରୋହୀ-ସ୍ୱପ୍ନାରାଣୀ

ପ୍ରଗାଢ଼ ନିଷ୍ଠା ବଳରେ ଜଣେ ମହିଳା କିପରି ନିଜର ଲକ୍ଷ୍ୟ ହାସଲ କରିପାରେ ତାହାର ଅନେକ ନଜିର ରହିଛି। ତେବେ ଏହି ତାଲିକାରେ ନିଜ ନାମକୁ ସାମିଲ କରିଛନ୍ତି ଦୁଇ ଭଉଣୀ। କେବଳ ସେତିକି ନୁହେଁ, ନିଜର ଉଦ୍ୟମ ବଳରେ ସଙ୍ଗୀତ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଏହି ଦୁଇ ଜଣ ସାଜିଛନ୍ତି ପ୍ରେରଣାର ଉତ୍ସ। ଆଜି ଯେଉଁ ସ୍ଥାନରେ ପହଞ୍ଚିପାରିଛନ୍ତି ସେଥିପାଇଁ ନିଜ ପରିଶ୍ରମ ଏବଂ ପରିବାର ଲୋକଙ୍କ ପ୍ରେରଣା ଓ ଉତ୍ସାହକୁ ସର୍ବାଗ୍ରେ ସ୍ମରଣ କରନ୍ତି ମ୍ୟୁଜିକ୍ କମ୍ପୋଜର ଆଣ୍ଡ ଡାଇରେକ୍ଟର ଆରୋହୀ ଅଜିତା ସାହୁ ଏବଂ ସାନ ଭଉଣୀ ତଥା ଗୀତିକାର ସ୍ୱପ୍ନାରାଣୀ ସାହୁ। ବିଶେଷକରି ଆରୋହୀ ସ୍ୱର ସଂଯୋଜନାରେ ଅଧିକ ଗୁରୁତ୍ୱ ଦିଅନ୍ତି। ବେଳେବେଳେ ସେ ଶ୍ରୋତାଙ୍କୁ ପ୍ରଭାବିତ କରିବା ଭଳି କେତେକ ଗୀତ ପାଇଁ କଣ୍ଠଦାନ କରିଥାଆନ୍ତି। ୨୦୧୬ ଜୁଲାଇରେ ସଙ୍ଗୀତ ଜଗତକୁ ପ୍ରବେଶ କରନ୍ତି ଆରୋହୀ। ସଙ୍ଗୀତ ପ୍ରତି କାହିଁକି ଆକର୍ଷିତ ହେଲେ ପ୍ରଶ୍ନର ଉତ୍ତରରେ ସେ କହନ୍ତି, ‘‘ପିଲାବେଳୁ ଏହି ଦିଗକୁ ଆସିବାକୁ ଇଚ୍ଛା ଥିଲା। ମୋର ଗୀତ ପ୍ରତି ଆଗ୍ରହ ଦେଖି ପରିବାର ଲୋକେ ପ୍ରାୟ ୫ ବର୍ଷ ବୟସରୁ ହିଁ ଗୁରୁଙ୍କଠାରୁ ଗୀତ ଶିଖିବାର ବ୍ୟବସ୍ଥା କରାଇଥିଲେ। ଏବେ ବି କୋଲକାତାରେ ଗୁରୁ ଉଜ୍ଜ୍ୱଳ ଦତ୍ତଙ୍କ ଠାରୁ ଗୀତ ଶିଖୁଛି। ମୋ ବାପା ରମେଶ ଚନ୍ଦ୍ର ସାହୁ ଜଣେ ବିଜ୍‌ନେସ୍‌ମ୍ୟାନ୍ ଓ ମାଆ ଯଶୋଦାରାଣୀ ଗୃହିଣୀ। ଯୁକ୍ତ ୨ ପରେ ପାଠ ପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଇ ମ୍ୟୁଜିକ୍‌କୁ ହିଁ କ୍ୟାରିୟର କରିବାର ନିଷ୍ପତ୍ତି ନେଇଥିଲି। କେବଳ ଓଡ଼ିଆ ନୁହେଁ, ହିନ୍ଦୀ ଏବଂ ବଙ୍ଗଳା ଭାଷାରେ ମ୍ୟୁଜିକ କମ୍ପୋଜିଂରେ ମୁଁ ନିଜକୁ ଏବେ ବ୍ୟସ୍ତ ରଖିଛି। ଯେହେତୁ ମୁଁ ଜଣେ ଓଡ଼ିଆ, ଓଡ଼ିଆ ଶ୍ରୋତାଙ୍କ ପ୍ରତି ମୋର ଅଧିକ ଦୁର୍ବଳତା ରହିବା ସ୍ୱାଭାବିକ। ହଁ, ଓଡ଼ିଆ ସଙ୍ଗୀତର ଉନ୍ନତି ସେତେବେଳେ ହେବ ଯେତେବେଳେ ଓଡ଼ିଆ ଭାଷାକୁ ଅଧିକ ପ୍ରୋତ୍ସାହନ ମିଳିବ। ମୋ ମତରେ କାହାକୁ କପି ନ କରି ସବୁବେଳେ ନିଜର କମ୍ପୋଜିଂ କିପରି ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ୟୁନିକ୍ ହେବ ସେ ନେଇ ସଚେତନ ରହିଲେ କିଛି ପରିବର୍ତ୍ତନ ଆସିପାରିବ।’’ ଦୁଇଟି ଆଲ୍‌ବମ୍ ରିଲିଜ୍ ହେବା ପରେ ତାଙ୍କର ଜଣେ ସମ୍ପର୍କୀୟ ଭାଇ ଏ ଲାଇନ୍‌ରେ କ୍ୟାରିଅର କରିବା ପାଇଁ ତାଙ୍କୁ କହିଥିଲେ। ମ୍ୟୁଜିକ ଆଲ୍‌ବମ୍ ‘ଷ୍ଟୁପିଡ୍ ଲଭ୍’ ଏବଂ ‘ଏତେ ଭଲ ପାଆନି ମୋତେ ମୁଁ ମରିଯିବି’ ଗୀତଟି ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଓଡିଆ ଆଲ୍‌ବମ୍ ମ୍ୟୁଜିକ୍ ‘ଚୁପ୍ ଚୁପ୍’ର ଡିରେକ୍ସନ ଦେଇଛନ୍ତି ସେ। ବଲିଉଡ୍ ଆଲ୍‌ବମ୍ ମ୍ୟୁଜିକ୍ ‘ହମ୍ ରହେ ୟା ନ ରହେ’ର ଡିରେକ୍ସନ ଦେବା ସହ ନିଜେ ଗୀତ ଗାଇଛନ୍ତି ଆରୋହୀ। ଅବସର ସମୟରେ ଆରୋହୀ ଭଲ ଜାଗା ବୁଲି ଯିବାକୁ ପସନ୍ଦ କରିଥାଆନ୍ତି। ବିଶେଷଭାବରେ ନିରୋଳା ସ୍ଥାନରେ ବସି ମ୍ୟୁଜିକ କମ୍ପୋଜ କରିବାକୁ ପସନ୍ଦ କରିଥାନ୍ତି ସେ। ଅପରପକ୍ଷରେ ସ୍ୱପ୍ନାରାଣୀ ଜଣେ ଗୀତିକାର ଭାବରେ ନିଜ କ୍ୟାରିୟରକୁ ଆଗେଇ ନେଉଛନ୍ତି। ପେସାରେ ସେ ଜଣେ ଶିକ୍ଷୟିତ୍ରୀ। ଏ ସମ୍ପର୍କରେ ସେ କହନ୍ତି, ‘‘ମୋର ଗୀତ ଲେଖିବା ଦେଖି ମୋ ବଡ଼ ଭଉଣୀ ଆରୋହୀ ମୋତେ ଏହାକୁ କ୍ୟାରିୟର କରିବାକୁ ଉତ୍ସାହିତ କରିଥିଲେ। ମୋର ପ୍ରଥମ ଗୀତ ଥିଲା ‘ଯାଆନି ଯାଆନି ରେ’। ଆଉ ଏହି ଗୀତକୁ ଆରୋହୀ ହିଁ ଗାଇଥିଲେ। ଏହାକୁ ମେଲ୍ ଭର୍ସନରେ ଗାଇଥିଲେ ବିଷ୍ଣୁମୋହନ କବି।’’ ପରେ ସହରକୁ ଆସି ଗାଁକୁ ଭୁଲିଯାଇଥିବା ଲୋକଙ୍କୁ ନେଇ ଏହି ଦୁଇ ଭଉଣୀ ମିଶି ଲେଖିଥିଲେ ‘ମୋ ଗାଁ’ ଗୀତଟି। ଓଡ଼ିଶାର ସଂସ୍କୃତିକୁ ଆଧାରକରି ଲେଖାଯାଇଥିବା ଏହି ଗୀତଟି ଶ୍ରୋତାମାନଙ୍କ ମନକୁ ବେଶ୍ ଛୁଇଁପାରିଥିଲା। ସ୍ୱପ୍ନାରାଣୀଙ୍କର ‘ହାଏଲୋ ଛୋରି’ ଆଉ ‘ଅତୀତର ସେହି ସ୍ମୃତି’ ଗୀତ ବେଶ୍ ଲୋକପ୍ରିୟତା ହାସଲ କରିପାରିଥିଲା। ସ୍କୁଲରୁ ଫେରିଲା ପରେ ରାତିରେ ଲାଗିପଡ଼ନ୍ତି ଗୀତ ଲେଖିବାରେ ସେ। ରାତି ୯ଟା ପରେ ଦୁଇ ଭଉଣୀ ମିଶି ଗୀତ କମ୍ପୋଜ ଆଉ ଡିରେକ୍ସନ ବିଷୟରେ ଆଲୋଚନା କରିଥାଆନ୍ତି। ଭବିଷ୍ୟତରେ ଆରୋହୀ ମ୍ୟୁଜିକ୍‌କୁ ହିଁ ନିଜର କ୍ୟାରିୟର କରିବେ ବୋଲି ନିଷ୍ପତ୍ତି ନେଇଥିବାବେଳେ ସ୍ୱପ୍ନାରାଣୀ ଶିକ୍ଷକତା ସହ ଗୀତ ରଚନାକୁ ସମାନ ଗୁରୁତ୍ୱ ଦେବାକୁ ଯୋଜନା କରିଛନ୍ତି।



ସ୍ୱପ୍ନାରାଣୀ–ଆରୋହୀ

– ଦେବସ୍ମିତା ମହାନ୍ତି

ଖାଦ୍ୟରୁଚି

## ଆପଲ୍ ଆଣ୍ଡ ମେୟୋନିଜ୍ ସାଣ୍ଡୱିଚ୍



**ଆବଶ୍ୟକ ସାମଗ୍ରୀ:** ଏକ କପ୍ ଗ୍ରୀନ୍ ଆପଲ୍, ବ୍ରେଡ୍ ସ୍ଲାଇସ୍ – ୬ ଟି, ୨ ବଡ଼ ଚାମଚ ବଟର, ୧ ଚାମଚ ମେୟୋନିଜ୍, ୧ ଚାମଚ ଲେମ୍ବୁରସ, ସ୍ୱାଦ ଅନୁସାରେ ଲୁଣ, ଆବଶ୍ୟକତା ଅନୁଯାୟୀ ମଖନ୍।

**ପ୍ରସ୍ତୁତି :** ପ୍ରଥମେ ସେଓକୁ ପତଳା ପତଳା ସ୍ଲାଇସ୍ କରି କାଟନ୍ତୁ। ଏକ ବାଉଲରେ ସେଓ, ଲେମ୍ବୁରସ, ବଟର, ମେୟୋନିଜ୍ ଓ ଲୁଣର ମିଶ୍ରଣକୁ ଭଲଭାବେ ଗୋଳାନ୍ତୁ। ଗ୍ୟାସ୍ ଅନ୍ କରି ମିଡିୟମ ଆଞ୍ଚରେ ତାୱା ଗରମ କରନ୍ତୁ। ମଖନ୍ ଲଗାଇ ବ୍ରେଡ୍‌କୁ ସେକନ୍ତୁ। ବ୍ରେଡ୍ ସ୍ଲାଇସ୍ ଉପରେ ମେୟୋନିଜ୍ ଢାଳନ୍ତୁ। ବ୍ରେଡ୍‌ର ଉପରିଭାଗରେ ସେଓ ଖଣ୍ଡ ରଖନ୍ତୁ। ଏହା ଉପରେ ଅନ୍ୟ ପାର୍ଶ୍ୱକୁ ଏଥିରେ କଭର କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଲ୍ ଆଣ୍ଡ ମେୟୋନିଜ୍ ସ୍ୟାଣ୍ଡୱିଚ୍।













































"ବର୍ତ୍ତମାନ ପରିସ୍ଥିତିରେ ଅଷ୍ଟ୍ରେଲିଆ ମାଟିରେ ଅଷ୍ଟ୍ରେଲିଆ ଟିମ୍‌କୁ ଚ୍ୟାଲେଞ୍ଜ ଦେବା ଲାଗି କେବଳ ଭାରତ ହିଁ ଏକମାତ୍ର ଦଳ ।

–ମାଇକେଲ୍ ଭନ୍, ପୂର୍ବତନ ଇଂଲଣ୍ଡ କ୍ରିକେଟର



"ଟେଷ୍ଟ କ୍ରିକେଟ୍‌ରେ ମୋ ନାମରେ ରହିଥିବା ସର୍ବାଧିକ ବ୍ୟକ୍ତିଗତ ସ୍କୋର ରେକର୍ଡକୁ ଟପିଯିବେ ଭାବି ଡେଭିଡ୍ ୱାର୍ନରଙ୍କୁ ଶୁଭେଚ୍ଛା ଜଣାଇବାକୁ ପ୍ରସ୍ତୁତ ରହିଥିଲି ।

–ବ୍ରାଏନ ଲାରା, ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର୍



## ସଂକ୍ଷେପରେ

### ଆଇପିଏଲ୍ ନିଲାମୀରେ ୭୧୩ ଭାରତୀୟ

**ନୂଆଦିଲ୍ଲୀ, ୨।୧୨ (ପି.ଟି.):** ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ କ୍ରିକେଟ୍ ଲିଗ୍ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ୨୦୨୦ ତଥା ତ୍ରୟୋଦଶ ସଂସ୍କରଣ ଲାଗି ମୋଟ୍ ୯୭୧ ଜଣ ଖେଳାଳି ନିଲାମୀରେ ସ୍ଥାନ ପାଇଛନ୍ତି। ଯେଉଁଥିରେ ୭୧୩ ଜଣ ଭାରତୀୟ ଓ ୨୫୮ ଜଣ ବିଦେଶୀ ଖେଳାଳି ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆରୁ ସର୍ବାଧିକ ୫୫ ଖେଳାଳି ନିଲାମୀରେ ରହିଥିବାବେଳେ ଏହା ପଛକୁ ଦକ୍ଷିଣ ଆଫ୍ରିକା (୫୪), ଶ୍ରୀଲଙ୍କା (୩୯), ୱେଷ୍ଟଇଣ୍ଡିଜ (୩୪), ନ୍ୟୁଜିଲାଣ୍ଡ (୨୪), ଇଂଲଣ୍ଡ (୨୨), ଆଫଗାନିସ୍ତାନ (୧୯), ବାଂଲାଦେଶ (୬), ଜିମ୍ବାୱେ (୩) ଓ ୟୁଏସ୍‌ଏ (୧) ରହିଛି। ସେହିଭଳି ୨୧୫ ଜଣ ଅନ୍ତର୍ଜାତୀୟ ପ୍ରତିଯୋଗିତା ଖେଳିଥିବାବେଳେ ୭୫୪ ଜଣ ବିଭିନ୍ନ ଦେଶର ଘରୋଇ କ୍ରିକେଟର୍ ଏବଂ ୨ଜଣ ଆସୋସିଏଟ୍ ସଦସ୍ୟ ଦେଶର ଖେଳାଳି ରହିଛନ୍ତି। ୨୦୨୦ ସଂସ୍କରଣ ଲାଗି ବିଭିନ୍ନ ଦଳରେ ମୋଟ୍ ୭୩ ସ୍ଥାନ ଖାଲି ରହିଛି। ଆସନ୍ତା ୧୯ରେ କୋଲକାତାଠାରେ ଖେଳାଳି ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହେବ। ଖେଳାଳି ରେଜିଷ୍ଟ୍ରେଶନ ପାଇଁ ନଭେମ୍ବର ୩୦ ଅନ୍ତିମ ତାରିଖ ଥିଲା।

### ୭ରୁ ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ

**ଭୁବନେଶ୍ୱର, ୨।୧୨ (ସ୍ପୋର୍ଟସ୍ ବ୍ୟୁରୋ):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ୨୭ତମ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସ୍ୱୀକୃତି ପ୍ରାପ୍ତ ଓ ପାୱାରଲିଫ୍ଟିଂ ଇଣ୍ଡିଆ ସହ ଅନୁବନ୍ଧିତ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଏବଂ ଉତ୍କଳ କରାଟେ ସ୍କୁଲର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ସବ୍‌ଜୁନିୟର, ଜୁନିୟର, ସିନିୟର, ମାଷ୍ଟର୍ସ ଆଦି ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବିଭାଗ ସହ ଓପନ ବେଞ୍ଚ ପ୍ରେସରେ ମଧ ପ୍ରତିଯୋଗିତା ହେବ। ପୁରୁଷ ବିଭାଗର ୫୩, ୫୯, ୬୬, ୭୪, ୮୩, ୯୩, ୧୦୫, ୧୨୦ ଏବଂ ୧୨୦ରୁ ଊର୍ଦ୍ଧ୍ୱ ଓ ମହିଳା ବିଭାଗରେ ୪୩, ୪୭, ୫୨, ୬୩, ୭୨, ୮୪ ଓ ୮୪ ଊର୍ଦ୍ଧ୍ୱ ବର୍ଗରେ ପ୍ରତିଯୋଗିତା ହେବ।

# ସଡ଼କ ସୁରକ୍ଷାକୁ ବ୍ଲେକ୍‌ଙ୍କ ଗୁରୁତ୍ୱ




ୟୋହାନ ବ୍ଲେକ୍

**ମୁମ୍ବାଇ, ୨।୧୨**

"ଭାରତକୁ ଆସିଥିବାରୁ ମୁଁ ବହୁତ ଖୁସି। ତେବେ ଏଠାରେ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ୧୫୦,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରୁଥିବା ଜାଣି ବହୁତ ଦୁଃଖିତ। ଏହା ଏକ ବଡ଼ ସଂଖ୍ୟା। ଆମେ ଏପରି ଭାବରେ ଜୀବନ ହରେଇବା ଠିକ୍ ନୁହେଁ। ବିଶ୍ୱରେ ଏଥିପାଇଁ ସଚେତନତା ବାର୍ତ୍ତା ଦେବାପାଇଁ ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ହିଁ ଉପଯୁକ୍ତ ପ୍ଲାଟଫର୍ମ ବୋଲି ମୁଁ ଭାବୁଛି। ମୁଁ ଜାଣିଛି ଯେ ଭାରତ ଏକ କ୍ରିକେଟ ପ୍ରିୟ ଦେଶ। ତେଣୁ ଏହି ଦେଶର ଲୋକମାନେ ନିଶ୍ଚିତ ଏହି ସିରିଜକୁ ମନଭରି ଉପଭୋଗ କରିବେ ବୋଲି ମୋର ଆଶା। ସଡ଼କ ଦୁର୍ଘଟଣାରେ ଲୋକମାନେ ଯେପରି ଅଧିକ ସଂଖ୍ୟାରେ ମୃତ୍ୟୁବରଣ ନ କରିବେ ସେଥିପାଇଁ ଆମକୁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ଆବଶ୍ୟକ" ବୋଲି ୨ ଥର ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଜାମାଇକାର ୟୋହାନ ବ୍ଲେକ୍ ଏଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଭାରତରେ ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ବ୍ଲେକ୍ ମତବ୍ୟକ୍ତ କରିଥିଲେ। ସର୍ବକନିଷ୍ଠ ୧୦୦ ମିଟର ବିଶ୍ୱ ଚାମ୍ପିୟନ ତଥା ଆଥଲେଟିକ୍ସରୁ ୪ଟି ଅଲିମ୍ପିକ୍ ପଦକ ହାସଲ କରି ସାରିଥିବା ବ୍ଲେକ ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜକୁ ପ୍ରମୋଟ କରିବା ପାଇଁ ଭାରତ ଆସିଛନ୍ତି। ଆସନ୍ତା ବର୍ଷ ଫେବୃୟାରୀରେ ହେବାକୁଥିବା ଏହି ବାର୍ଷିକ ଟି୨୦ କ୍ରିକେଟ ଇଭେଣ୍ଟରେ ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କାର କିମ୍ବଦନ୍ତୀ କ୍ରିକେଟରମାନେ ଭାଗନେବେ।

### ଟୋକିଓରେ ସ୍ୱର୍ଣ୍ଣ ଆଶା

୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ବ୍ଲେକ। ଏହା ମୋର ଶେଷ ଅଲିମ୍ପିକ୍ସ। ତେଣୁ ମୁଁ ସ୍ୱର୍ଣ୍ଣ ପଦକ ଜିତିବାକୁ ନିଶ୍ଚିତ ଚେଷ୍ଟା କରିବି। ପୂର୍ବରୁ ମୁଁ ଅନେକ ପଦକ ଜିତି ସାରିଛି। ମାତ୍ର ଟୋକିଓ ପଦକ ମୋ ପାଇଁ ସ୍ୱତନ୍ତ୍ର ହେବ। ଟୋକିଓରେ ୧୦୦ ମିଟର ଇଭେଣ୍ଟ ପାଇଁ ସେ ଅନ୍ୟତମ ଫେଭରାଇଟ ଥିବା ପ୍ରକାଶ କରିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ତଥା ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ ସଭାପତି ମହମ୍ମଦ ଆଝାରୁଦ୍ଦିନ ଏହି ଅବସରରେ ଉପସ୍ଥିତ ଥିଲେ।

### କ୍ରିକେଟ ପ୍ରଥମ ପ୍ରେମ

ବ୍ଲେକ କହିଛନ୍ତି ଯେ, ଆସନ୍ତା ଫେବୃୟାରୀରେ ହେବାକୁଥିବା ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜକୁ ମୁଁ ଆଗ୍ରହର ସହିତ ଅପେକ୍ଷା କରିଛି। ପୂର୍ବରୁ ମୁଁ ଅନେକ ଥର କହି ସାରିଛି ଯେ କ୍ରିକେଟ ମୋର ପ୍ରଥମ ପ୍ରେମ। ତେଣୁ ମୁଁ କ୍ରିକେଟ ପଡ଼ିଆରେ ସଚିନ ତେନ୍ଦୁଲକର, ବ୍ରାଏନ ଲାରା, ବୀରେନ୍ଦ୍ର ସେହ୍‌ୱାଗ, ବ୍ରେଟ୍ ଲୀଙ୍କ ପରି ଫେଭରାଇଟ କିମ୍ବଦନ୍ତୀ ଖେଳାଳିଙ୍କୁ ଦେଖିବାକୁ ନିଶ୍ଚିତ ଭଲ ପାଇବି। ଏହି ପ୍ରତିଯୋଗିତା କେବଳ ରୋମାଞ୍ଚକ ଖେଳ ପାଇଁ ନୁହେଁ ସଡ଼କ ସୁରକ୍ଷା ପ୍ରତି ଲୋକଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଏବଂ ଏ ଦିଗରେ ସଚେତନତା ସୃଷ୍ଟି ହୋଇପାରିବ ବୋଲି ମୋର ବିଶ୍ୱାସ।

ଜନ୍ମଦିନ ଶୁଭେଚ୍ଛା



ସାଗରିକା ମହାପାତ୍ର (ଲାଡ୍‌ଲୀ)
ତା. ୦୩।୧୨।୨୦୧୯
ଟାଙ୍ଗିବନ୍ତନିୟୁ, ଭୁବନେଶ୍ୱର
ଆଜି ତୋର ଜନ୍ମବାର୍ଷିକୀ ଉତ୍ସବରେ ମା' ମଙ୍ଗଳା ଓ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଳାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
ଶୁଭେଚ୍ଛାସହ:
ବାପା: ସୁବ୍ରତ, ମମି: ସୌଦାମିନୀ, ଅଜା, ଆଈ, ଜେଜେ, ଜେଜେମା', ଦାଦା, ଖୁଡ଼ୀ, ଅପା, ପିଇସା, ଗୁଡ୍‌ଲୀ, ମାମାଲି, ରୋଜି, ଶୁଭ, ସୁୟାଂଶୁ ।
ଧ–୧୫୫୩୨

### ନିରଜ ବାସନ୍ଦ

**ନୂଆଦିଲ୍ଲୀ, ୨।୧୨ (ପି.ଟି.):** ସମ୍ଭାବ୍ୟ ୨୦୨୦ ଟୋକିଓ ଅଲିମ୍ପିକ୍ସ ଭାରତୀୟ ଦଳରେ ଥିବା ଅନ୍ତର୍ଜାତୀୟ ପଦକ ବିଜେତା ମହିଳା ବକ୍ସର ନିରଜ (୫୭ କେଜି) ଡୋପ ଟେଷ୍ଟରେ ବିଫଳ ହୋଇ ବାସନ୍ଦ ହୋଇଛନ୍ତି। ହରିୟାଣା ଏହି ବକ୍ସରଙ୍କ ନମୁନାରେ ପ୍ରଦର୍ଶନକୁ ପ୍ରଭାବିତ କଲା ଭଳି ନିଷିଦ୍ଧ ଔଷଧ ଲିଗାଣ୍ଡ୍ରୋଲ ଓ ଅନ୍ୟ ଅନାବୋଲିକ ଷ୍ଟେରଏଡ ମିଳିଛି। ନିରଜ ସମ୍ମାନଜନକ ଷ୍ଟ୍ରାଣ୍ଡଜା ସ୍ମାରକୀ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ଓ ରୁଷିଆରେ ଏକ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ନମୁନା ସେପ୍ଟେମ୍ବର ୨୪ ତାରିଖରେ ସଂଗ୍ରହ କରାଯାଇ କାତାରର ଆଣ୍ଟି ଡୋପିଂ ଲ୍ୟାବରେ ଟେଷ୍ଟ କରାଯାଇଥିଲା।

# ଅଷ୍ଟ୍ରେଲିଆ ୨–୦ରେ ସିରିଜ ବିଜୟୀ

**ଆଡିଲେଡ, ୨।୧୨:** ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ (ଦିବାରାତ୍ର) କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ଏକ ଇନିଂସ ୪୮ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଏଥିସହ ଅଷ୍ଟ୍ରେଲିଆ ୨ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି। ଅର୍ଦ୍ଧଶତକ ହାସଲକାରୀ ଶାନ ମାସୁଦ ଓ ଅସଦ ସଫିକଙ୍କ ସମେତ ମୋଟ ୫ ଉଇକେଟ ହାସଲ କରି ତାରକା ସ୍ପିନର ନାଥାନ ଲିୟନ ଅଷ୍ଟ୍ରେଲିଆକୁ ଇନିଂସ ବିଜୟୀ କରାଇଛନ୍ତି। ତ୍ରିଶତକ ହାସଲକାରୀ ଅଷ୍ଟ୍ରେଲିଆର ଡେଭିଡ ୱାର୍ନର ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଛନ୍ତି। ଏହି ମ୍ୟାଚରୁ ୬୦ ପଏଣ୍ଟ ସହିତ ଆଇସିସି ବିଶ୍ୱ ଟେଷ୍ଟ ସିରିଜ ଟେବୁଲରେ ଅଷ୍ଟ୍ରେଲିଆର ପଏଣ୍ଟ ସଂଖ୍ୟା ୧୭୬ରେ ପହଞ୍ଚିଛି। ପ୍ରଥମ ଟେଷ୍ଟକୁ ଅଷ୍ଟ୍ରେଲିଆ ଏକ ଇନିଂସ ୫ ରନରେ ଜିତିଥିଲା। ପିଙ୍କ୍‌ବଲ୍ ଟେଷ୍ଟରେ ଅଷ୍ଟ୍ରେଲିଆର ଏହା କ୍ରମାଗତ ୬ଷ୍ଠ (କେବଳ ଆଡିଲେଡରେ ୪ଟି) ବିଜୟ। ୨୦୧୫ରୁ ଦିବାରାତ୍ର ଟେଷ୍ଟ ଆରମ୍ଭ ହେବା ପରଠାରୁ ପ୍ରତି ମ୍ୟାଚରୁ ଫଳାଫଳ ମିଳିଛି।

ପ୍ରଥମ ଇନିଂସରେ ୩୦୨ ରନ କରି ପାକିସ୍ତାନ ଫଲୋଅନ ହୋଇଥିଲା। ତୃତୀୟ ଦିବସ ଶେଷସୁଦ୍ଧା ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୩୯ ରନ କରିଥିଲା। ଶାନ ମାସୁଦ ଓ ଅସଦ ସାଫିକ କିଛି ସମୟ ଅଷ୍ଟ୍ରେଲୀୟ ବୋଲରଙ୍କୁ ସଫଳ ମୁକାବିଲା କରି ୪ର୍ଥ ଉଇକେଟ ଭାଗୀଦାରିରେ ୧୦୩ ରନ ଯୋଗ କରିଥିଲେ। ଲିୟନ ଏହି ଯୋଡ଼ି ଭାଙ୍ଗିବାପରେ ଇଫତିକାର ଅହମଦ ଓ ମହମ୍ମଦ ରିଜୱାନ କିଛି ସମୟ ଲଢ଼େଇ କରିଥିଲେ। ମାତ୍ର ପାକିସ୍ତାନକୁ ଇନିଂସ ପରାଜୟରୁ ରକ୍ଷା କରିବା ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ୮୨ ଓଭରରେ ପାକିସ୍ତାନ ଦ୍ୱିତୀୟ ଇନିଂସ ୨୩୯ ରନରେ ସୀମିତ ହୋଇ ଯାଇଥିଲା। ଦଳ ପକ୍ଷରୁ ଓପନର ମାସୁଦ ସର୍ବାଧିକ ୬୮, ସଫିକ ୫୭, ରିଜୱାନ ୪୫ ଓ ଇଫତିକାର ୨୭ ରନ କରିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଲିୟନ ୫ଟି, ଜୋଶ୍ ହାଜେଲଉଡ ୩ଟି ଏବଂ ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୮୯/୩(ଘୋଷଣା), ପାକିସ୍ତାନ ପ୍ରଥମ ଇନିଂସ: ୩୦୨, ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୩୯/ଅଲଆଉଟ(ମାସୁଦ–୬୮, ସଫିକ–୫୭, ରିଜୱାନ–୪୫ ଓ ଇଫତିକାର–୨୭, ଲିୟନ–୫/୬୯, ଜୋଶ୍ ହାଜେଲଉଡ–୩/୬୩, ମିଚେଲ ଷ୍ଟାର୍କ–୧/୪୭)।

# ମନୀଷଙ୍କ ନୂଆ ଇନିଂସ

**ମୁମ୍ବାଇ, ୨।୧୨**

ଭାରତୀୟ ଦଳର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ଜୀବନର ଦ୍ୱିତୀୟ ଇନିଂସ ଆରମ୍ଭ କରିଛନ୍ତି। ସେ ସୋମବାର ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଆଶ୍ରିତା ଶେଟ୍ଟିଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ରବିବାର ରାତି ସୁରଟଠାରେ କର୍ଣ୍ଣାଟକ ଦଳକୁ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ଜିତାଇ ଥିଲେ। ତାମିଲନାଡୁ ବିପକ୍ଷ ଫାଇନାଲରେ ସେ ଅପରାଜିତ ୬୦ ରନ୍‌ର ଇନିଂସ ଖେଳିଥିଲେ। ରୋମାଞ୍ଚକଭରା ମ୍ୟାଚ୍‌କୁ ୧ ରନ୍‌ରେ ଜିତି କର୍ଣ୍ଣାଟକ ଟାଇଟଲ ହାତେଇବା ପରେ ପାଣ୍ଡେ ସିଧା ମୁମ୍ବାଇ ଆସିଥିଲେ। ମୂଳତଃ ଉତ୍ତରାଖଣ୍ଡ ବାସିନ୍ଦା ମନୀଷ। ସେଠାକର ରିତି ନୀତିରେ ବିବାହ କରିଛନ୍ତି। ତାଙ୍କ ବିବାହ ଅବସର ଫଟୋ ସୋସିଆଲ ମିଡିଆରେ ଛାଇ ହୋଇଯାଇଛି।



ମନୀଷ ପାଣ୍ଡେ ଓ ଆଶ୍ରିତା ଶେଟ୍ଟି।

# ନେପାଳ ଝିଅଙ୍କ ବିରଳ ରେକର୍ଡ



**ପୋଖାରା, ୨।୧୨:** ନେପାଳର ମହିଳା କ୍ରିକେଟର ଅଞ୍ଜଳୀ ଚାନ୍ଦ ସୋମବାର ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଇତିହାସ ସୃଷ୍ଟି କରିଛନ୍ତି। ମାଳଦ୍ୱୀପ ବିପକ୍ଷ ମ୍ୟାଚ୍‌ରେ ସେ କୌଣସି ରନ୍ ନ ଦେଇ ୬ ଉଇକେଟ ହାତେଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ଏପରି କି ପୁରୁଷମାନଙ୍କ ମଧ୍ୟରେ ଏହା ପ୍ରଥମ ଘଟଣା। ପ୍ରଥମେ ବ୍ୟାଟିଂ କରିଥିବା ମାଳଦ୍ୱୀପ ମାତ୍ର ୧୬ ରନ୍‌ରେ ହିଁ ଅଲଆଉଟ୍ ହୋଇଯାଇଥିଲା। ଆୟୋଜକ ନେପାଳ ବିଜୟ ଲକ୍ଷ୍ୟକୁ ମାତ୍ର ୦.୫ ଓଭରରେ ହାସଲ କରି ନେଇଛି। ଏହା ମଧ ଏକ ରେକର୍ଡ। ପୂର୍ବରୁ ଏହି ରେକର୍ଡ ମାଳଦ୍ୱୀପର ମାସ ଇଲିସା (୬/୩)ଙ୍କ ନାମରେ ଥିଲା। ପୁରୁଷ ବିଭାଗରେ ଭାରତୀୟ ପେସର ଦୀପକ ଚହରଙ୍କ ନାମରେ ରେକର୍ଡ ରହିଛି। ସେ ଗତମାସରେ ବାଂଲାଦେଶ ବିପକ୍ଷ ଟି୨୦ରେ ମାତ୍ର ୭ ରନ୍ ଦେଇ ୬ ଉଇକେଟ ହାତେଇଥିଲେ।

# ଚଣ୍ଡିଗଡ଼ ନାମରେ ଘରୋଇ କୀର୍ତ୍ତିମାନ

**କୋଲକାତା, ୨।୧୨:** ସ୍ଥାନୀୟ ଯାଦବପୁର ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ କୁଚ୍ ବିହାର ଟ୍ରଫି (୧୯ ବର୍ଷରୁ କମ୍)ର ଏକ ମ୍ୟାଚ୍‌ରେ ଚଣ୍ଡିଗଡ଼ ଏକ ଇନିଂସ ଓ ୬୦୩ ରନରେ ମିଜୋରାମକୁ ପରାସ୍ତ କରିଛି। ବିସିସିଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଘରୋଇ କ୍ରିକେଟ୍ ଇତିହାସରେ ଚଣ୍ଡିଗଡ଼ ସର୍ବବୃହତ୍ ବିଜୟ ରେକର୍ଡର ଅଧିକାରୀ ହୋଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଚଣ୍ଡିଗଡ଼ ଚିରାଗବୀର ଧିନ୍ଦାସ (୨୫୩)ଙ୍କ ଦ୍ୱିଶତକ ଓ ଅଧିନାୟକ ସୂର୍ଯ୍ୟ ନାରାୟଣ ଯାଦବ (୧୫୭)ଙ୍କ ଶତକ ବଳରେ ପ୍ରଥମ ଇନିଂସରେ ୯ ଉଇକେଟ୍ ବିନିମୟରେ ୭୦୦ ରନ କରି ଇନିଂସ ଘୋଷଣା କରିଥିଲା। ଏହାପରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ମିଜୋରାମ ମାତ୍ର ୫୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ପରେ ଫଲୋଅନ୍ ହୋଇ ବ୍ୟାଟିଂ କରିଥିବା ମିଜୋରାମ ଦ୍ୱିତୀୟ ଇନିଂସରେ ମଧ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୩୯ ରନରେ ସୀମିତ ରହିଥିଲା। ଅତିରିକ୍ତ ଆକାରରେ ସଂଗୃହିତ ହୋଇଥିବା ୧୨ ରନ୍ ଇନିଂସର ସର୍ବାଧିକ ସ୍କୋର ରହିଥିଲା।

# ରାଜ୍ୟ ୧୯ ବର୍ଷରୁ କମ୍ ବାଳକ ଦଳ ଘୋଷିତ

**କଟକ ଅଫିସ, ୨।୧୨:** ରେଭେନଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ୧୯ବର୍ଷରୁ କମ୍ ବାଳକ କୁଚବିହାର ଟ୍ରଫିର ଓଡ଼ିଶା– ଜମ୍ମୁ କଶ୍ମୀର ମ୍ୟାଚ୍ ଆସନ୍ତା ୬ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସୋମବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଉଇକେଟ କିପର ମାନସ ନାୟକ ଦଳର ଅଧିନାୟକ ଅଛନ୍ତି। ଓଡ଼ିଶା ଦଳ: ପ୍ରିନ୍ସ ସଙ୍କେତ ବେହେରା, ଆର୍ଯ୍ୟମାନ ମିଶ୍ର, ସମୀର ସାହୁ, ମହମ୍ମଦ ସାହା ଅରମାନ, କେ. ଈଶ୍ୱର ପ୍ରସାଦ, ଅନୀଲ ପରିଡ଼ା, ରାକେଶ ବିଶ୍ୱାଳ, ମାନସ ନାୟକ (ଉଇକେଟକିପର/ଅଧିନାୟକ), ଅଙ୍କିତକାର ଜୈସୱାଲ, ଆଶୁତୋଷ ଛୁରିଆ, ମଳୟ ପ୍ରଧାନ, ସୂର୍ଯ୍ୟ ନାରାୟଣ ବିଶ୍ୱାଳ, କୁମାର ପାରଗ ସାମନ୍ତରାୟ, ଅନିକେତ ତ୍ରିପାଠୀ, ନିଶିଥ ସିଂ।

# ଶ୍ରେଷ୍ଠ ବୋଲିଂ ଫିଗର୍

**କଟକ ଅଫିସ, ୨।୧୨:** ବାରବାଟୀ ଷ୍ଟାଡିୟମରେ ଭାରତର ବିଜୟ ପ୍ରତିଶତ ୬୬.୬୭% ରହିଛି। ଘରୋଇ ପରିବେଶରେ ଭାରତ ସହଜରେ ପରାସ୍ତ ହୋଇନାହିଁ। ତେବେ ଏଠାରେ ଶ୍ରେଷ୍ଠ ବୋଲିଂ ଫିଗର୍ ରହିଛି ୱେଷ୍ଟଇଣ୍ଡିଜ ବୋଲରଙ୍କ ନାମରେ। ୨୦୦୭ ଜାନୁୟାରୀ ୨୪ତାରିଖରେ ବାରବାଟୀରେ ଖେଳାଯାଇଥିବା ଭାରତ ବିପକ୍ଷ ଏକଦିବସୀୟ ମ୍ୟାଚରେ ଡାରେନ ପାୱେଲ ଚମତ୍କାର ବୋଲିଂ କରିଥିଲେ। ୱେଷ୍ଟଇଣ୍ଡିଜର ଏହି ଡାହାଣହାତୀ ପେସ୍ ବୋଲର ଜଣଙ୍କ ୧୦ଓଭର ବୋଲିଂ କରି ୨୭ରନ ବିନିମୟରେ ୪ଟି ଉଇକେଟ ଦଖଲ କରିଥିଲେ। ଯାହା ବାରବାଟୀ ଷ୍ଟାଡିୟମରେ ଏକଦିବସୀୟ ମ୍ୟାଚ୍ ତାଲିକା ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ ଭାବେ ସ୍ଥାନ ପାଇଛି। ଉକ୍ତ ମ୍ୟାଚକୁ ଭାରତ ୨୦ରନରେ ଜିତିଥିଲା। ରାହୁଲ ଦ୍ରାବିଡଙ୍କ ନେତୃତ୍ୱାଧୀନ ଭାରତ ପ୍ରଥମେ ବ୍ୟାଟିଂ କରି ୧୮୯ରନରେ ଅଲଆଉଟ ହୋଇଥିବା ବେଳେ ଦୀନେଶ କାର୍ତ୍ତିକ ସର୍ବାଧିକ ୬୩ରନ କରିଥିଲେ। ରମେଶ ପାୱାର, ସଚିନ ତେନ୍ଦୁଲକରଙ୍କ ସ୍ପିନ ବୋଲିଂ ଜରିଆରେ ଭାରତ ୧୬୯ରନରେ ୱେଷ୍ଟଇଣ୍ଡିଜକୁ ଅଲଆଉଟ କରିଥିଲା।

**ବାରବାଟୀ ଦିନିକିଆ**
**ଆଉ ୧୯ ଦିନ**

# ରୁଟ୍‌ଙ୍କ ଦ୍ୱିଶତକ: ଇଂଲଣ୍ଡ ଅଗ୍ରଣୀ



**ହାମିଲଟନ, ୨।୧୨ (ଏଏଫପି):** ଅଧିନାୟକ ଜୋ ରୁଟଙ୍କ ଦ୍ୱିଶତକ ବଳରେ ଇଂଲଣ୍ଡ ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୧୦୧ ରନ୍‌ର ଇନିଂସ ଅଗ୍ରଣୀ ହାସଲ କରିଛି। ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସ ୩୭୫ ରନ ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ୪୭୬ ରନ ସଂଗ୍ରହ କରିଛି। ସୋମବାର ୪ର୍ଥ ଦିବସ ଶେଷବେଳକୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଛି। ଦଳ ୨୮ ରନରେ ୨ଟି ଉଇକେଟ ହରାଇଥିଲେ ହେଁ ଅଧିନାୟକ କେନ୍ ୱିଲିୟମସନ ୩୭ ଓ ରସ ଟେଲର ୩୧ ରନ କରି ଇନିଂସ ସମ୍ଭାଳିଛନ୍ତି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ନ୍ୟୁଜିଲାଣ୍ଡ ଇଂଲଣ୍ଡ ପ୍ରଥମ ଇନିଂସ ସ୍କୋରଠାରୁ ୫ ରନ ପଛରେ ରହିଛି।

ରୁଟଙ୍କ ଦ୍ୱିଶତକ ଚତୁର୍ଥ ଦିବସର ଚର୍ଚ୍ଚିତ ଘଟଣା ଥିଲା। ସେ ୪୪୧ଟି ବଲ୍‌ର ସମ୍ମୁଖୀନ ହୋଇ ୨୨ ଚୌକା ଓ ୧ ଛକା ସହାୟତାରେ ୨୨୬ ରନ ସ୍କୋର କରିଥିଲେ। କୌଣସି ଦଳର ଅଧିନାୟକ ଭାବେ ରୁଟ୍ ନ୍ୟୁଜିଲାଣ୍ଡରେ ପ୍ରଥମେ ଦ୍ୱିଶତକ ହାସଲ କରିଛନ୍ତି। ଦ୍ୱିଶତକ ହାସଲ କରିବାରେ ରୁଟ ଇଂଲଣ୍ଡର ୪ର୍ଥ ଅଧିନାୟକ। ଲେନ ହଟନ ଇଂଲଣ୍ଡର ପ୍ରଥମ ଅଧିନାୟକ ଭାବେ ଦ୍ୱିଶତକ କରିଥିଲେ। ସେ ୧୯୫୪ରେ ୨୫୪ ରନ୍‌ର ଇନିଂସ ଖେଳିଥିଲେ। ତାଙ୍କ ପରେ ଟେଡ୍ ଡେକ୍ସଟର ୧୯୬୨ରେ କରାଚୀରେ ୨୧୫ ରନ୍ କରିଥିଲେ। ଏହି ତାଲିକାରେ ଆଲିଷ୍ଟର କୁକ୍ (୨୬୩) ମଧ୍ୟ ରହିଛନ୍ତି। ରୁଟ୍‌ଙ୍କ ବ୍ୟତୀତ ଓଲି ପୋପ୍ ନ୍ୟୁଜିଲାଣ୍ଡ ବୋଲରଙ୍କୁ ସଫଳ ମୁକାବିଲା କରି ୨୦୨ ବଲ୍‌ରୁ ୭୫ ରନ ସଂଗ୍ରହ କରିଥିଲେ। ରୁଟ୍ ଓ ପୋପ୍‌ଙ୍କ ୬ଷ୍ଠ ଉଇକେଟ ଭାଗୀଦାରିରେ ସର୍ବାଧିକ ୧୯୩ ରନ ସଂଗ୍ରହ ହେବା ଯୋଗୁ ହିଁ ଇଂଲଣ୍ଡ ଅଗ୍ରଣୀ ନେବା ସମ୍ଭବ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ନେଲ୍ ୱାଗନର ୫ ଉଇକେଟ ସଫଳତା ପାଇଥିବାବେଳେ ଟିମ୍ ସୌଦୀ ୨ଟି ଏବଂ ମ୍ୟାଟ ହେନରି ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଜୀବନ ବଲ୍ଲଭ ଦାଶ
ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୧୭।୦୯।୧୯୪୫
ତିରୋଧାନ: ୧୮।୧୨।୨୦୧୫
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁଅ–ବୋହୂ, ନାତି–ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ–୬୭୭୩୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନବ କିଶୋର ବିଶ୍ୱାଳ
ଆବିର୍ଭାବ: ୧୯।୧୧।୧୯୬୫
ତିରୋଧାନ: ୨୩।୧୧।୨୦୧୯
ଜଗତ୍‌ସିଂହପୁର–ଅୟର
ଆପଣଙ୍କ ଅଗାଧ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଶ୍ରଦ୍ଧା, ଆଦର୍ଶ ଓ ଦିଗ୍‌ଦର୍ଶନ ଆମ୍ଭମାନଙ୍କୁ ସବୁବେଳେ ପ୍ରେରଣା ଦେଉଥାଉ। ଯେଉଁଠିବି ଥାଅ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଖୁସିରେ ଥାଅ।
ଶ୍ରଦ୍ଧାଞ୍ଜଳି ସହ:
ହତଭାଗ୍ୟ ପତ୍ନୀ: ଅହଲ୍ୟା, ଭାଇ: ଦେବେନ୍ଦ୍ରନାଥ, ପୁତ୍ର: ପତିତପାବନ, ଝିଅ: ଲୋପିତା ପ୍ରିୟଦର୍ଶିନୀ, ପୁତୁରା, ଝିଆରୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ–୧୫୫୩୩

ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଭାସ୍କର ସେଠୀ
ପ୍ଲଟ୍ ନଂ.୧୫୩, ରତ୍ନାକରବାଗ, ଟଙ୍କପାଣି ରୋଡ, ଭୁବନେଶ୍ୱର
ଆବିର୍ଭାବ: ୨୨।୧୨।୧୯୫୩
ତିରୋଧାନ: ୧୮।୧୨।୨୦୧୨
ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସଲିଳା, ବିଜନ, ବ୍ରଜେନ୍ଦ୍ର, ଶୁଭସ୍ମିତା
ଧ–୬୭୨୫୯





# ଘର କାନ୍ଥ ତଳୁ ବାହାରିଲା ନାଗୁଣୀ-ନାଗ ମୂର୍ତ୍ତି

**ରସୁଲପୁର,୨।୧୨(ଡିଏନଏ)**

ଯାଜପୁର ଜିଲା ରସୁଲପୁର ବ୍ଲକ ରସୁଲପୁର ଗ୍ରାମର କୈଳାସ ମଲିକଙ୍କ ମାଟି କାନ୍ଥ ତଳୁ ଅପରାହ୍ଣରେ ନାଗୁଣୀ ଓ ନାଗ ଆକୃତିର ଏକ ମୂର୍ତ୍ତି ବାହାରିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହା ଜାଣି ଆଖପାଖ ଅଞ୍ଚଳର ଲୋକେ ତାହା ଦେଖିବାକୁ ଭିଡ ଜମାଇ ଥିଲେ। ପରିବାର ଲୋକେ ଏହାକୁ ଧର୍ମୀୟ ଭାବନାରେ ବିବେଚନା କରିବା ସହ ମୂର୍ତ୍ତିକୁ ତୁଳସୀ ଚଉରା ମୂଳରେ ରଖି ପୂଜାର୍ଚ୍ଚନା ଆରମ୍ଭ କରିଦେଇଛନ୍ତି। ପ୍ରକାଶ ଯେ, ମଲିକଙ୍କ ମାଟିଘର ଭଙ୍ଗା ଯାଉଥିଲା। ଘର ମଝିକାନ୍ଥ ଭାଙ୍ଗିବାବେଳେ କାନ୍ଥ ତଳୁ ଉଇହୁଙ୍କା ବାହାରି ଥିଲା। ଉକ୍ତ ହୁଙ୍କା ତଳୁ ଦୁଇଟି ନାଗୁଣୀ ନାଗ ମୂର୍ତ୍ତି ଆକୃତିର ଏକ ପଥର ଉଦ୍ଧାର ହୋଇଥିଲା। ଏହା ଦେଖି ଘର ଭାଙ୍ଗିବାରେ ନିୟୋଜିତ ହୋଇଥିବା ପରିବାର ଲୋକେ ଘର ଭଙ୍ଗା କାର୍ଯ୍ୟକୁ ଅଧାରେ ଛାଡି ଦେଇଥିଲେ। ଏହା ଶୁଣିବା ପରେ ଲୋକଙ୍କ ମନରେ ଉତ୍ସାହ ଦେଖାଦେଇଛି। ଦେଖିବା ପାଇଁ ପାଖଆଖ ଗ୍ରାମର ଜନସାଧାରଣଙ୍କର ସୁଅ ଘଟଣାସ୍ଥଳକୁ ଛୁଟି ଥିଲା।






# ବଡ଼ଚଣା ବ୍ଲକ ପ୍ରକଳ୍ପ ସଂଯୋଜକ ବହିଷ୍କୃତ

**ଚଣ୍ଡିଖୋଲ,୨।୧୨(ଡି.ଏନ.ଏ)**

ମୋ ସରକାର ଓ ୫-ଟି କାର୍ଯ୍ୟକ୍ରମ ପରେ ବିଭିନ୍ନ ସରକାରୀ ଅଧିକାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏହାର ପ୍ରଭାବ ବଡ଼ଚଣା ବ୍ଲକ୍‌ରେ ଦେଖିବାକୁ ମିଳିଛି। ବଡ଼ଚଣା ବ୍ଲକ୍‌ର ପ୍ରକଳ୍ପ ସଂଯୋଜକ ଭାବେ କାର୍ଯ୍ୟରତ ଦେବ ପ୍ରସାଦ ପାଠକଙ୍କୁ ଯାଜପୁର ଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ବହିଷ୍କୃତ କରିଛନ୍ତି। ଜିଲା ପ୍ରଶାସନର ଚିଠି ନଂ-୭୪୨୩ ତାରିଖ- ୩୦/୧୧/୧୯ ରେ ଏ ସମ୍ପର୍କରେ ଏକ ଚିଠି ଲେଖି ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରକଳ୍ପର ଅତିରିକ୍ତ ଶାସନ ସଚିବଙ୍କୁ ଜଣାଇବା ସହ ବଡ଼ଚଣା ବିଡ଼ିଓ ଅଜିତ ନାରାୟଣ ପ୍ରସାଦ ଗିରିଙ୍କୁ ଏହାର ନକଲ ପ୍ରାଦନ କରିଛନ୍ତି। ପାଠକ କାର୍ଯ୍ୟ କରିବାରେ ଅବହେଳା ପ୍ରଦର୍ଶନ କରିବା ସହ ଜନସାଧାରଣଙ୍କ କାର୍ଯ୍ୟ କରିବାକୁ ଅଧିକାଂଶ ସମୟରେ ଲାଞ୍ଚ ମାଗୁଥିଲେ। ତାଙ୍କ ଯୋଗୁ ବ୍ଲକର ବହୁ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଏନେଇ ବଡ଼ଚଣା ବିଡ଼ିଓ ଗିରି ଯାଜପୁର ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟ ଧାରା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ବିଡ଼ିଓ ସୂଚନା ଦେଇଛନ୍ତି।

## ଗ୍ରାମୀଣ ଆବାସ ଯୋଜନା କେଳେଙ୍କାରୀ ମାମଲା

# ଲୋକାୟୁକ୍ତଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ

**ଯାଜପୁର ଅଫିସ/ଧର୍ମଶାଳା(ଡିଏନଏ),୨।୧୨**

- ପିଇଓ, ଇଓଙ୍କୁ କାରଣ ଦର୍ଶାଅ ନୋଟିସ
- ଅପେକ୍ଷାରେ ଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନ

ଯାଜପୁର ଜିଲା ଧର୍ମଶାଳା ବ୍ଲକ ତରଞ୍ଜିଆ ପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି ସଂକ୍ରାନ୍ତରେ ବିଡିଓ ଲୋକାୟୁକ୍ତଙ୍କ ନିକଟରେ ବୃତ୍ତାନ୍ତ ତଦନ୍ତ ରିପୋର୍ଟ ଦାଖଲ କରିଛନ୍ତି। ରିପୋର୍ଟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଅନାମଚରଣ ରାଉତ ଓ ସମ୍ପ୍ରସାରଣ ଅଧିକାରୀ ରତ୍ନାକର ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ଏହିକ୍ରମରେ ଉକ୍ତ ଦୁଇ ଅଧିକାରୀ ୨୭।୧୧।୨୦୧୯ରେ ଉତ୍ତର ରଖିଛନ୍ତି। ତେବେ କାରଣ ଦର୍ଶାଅ ନୋଟିସ ସହ ଅଧିକାରୀଙ୍କ ଉତ୍ତର ଯାଜପୁର ଜିଲାପାଳଙ୍କ ନିକଟରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାଖଲ ହୋଇଛି।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ତରଞ୍ଜିଆ ଗ୍ରାମରେ ଏକ ପରିବାରକୁ ଏକାଧିକ ପକ୍କାଘର ଯୋଜନାରେ ସାମିଲ କରି ଗୃହ ପ୍ରଦାନ କରିଥିଲେ। ପୁନର୍ବାର ୨୦୧୯-୨୦ ବର୍ଷରେ ସେହି ପରିବାରଙ୍କ ସଦସ୍ୟ ନାମକୁ ପ୍ରତିକ୍ଷାରତ ତାଲିକାରେ ରଖାଯାଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଏହା ସ୍ପଷ୍ଟ ହୋଇଥିଲା। ତରଞ୍ଜିଆ ଗ୍ରାମର ରବୀନ୍ଦ୍ର ପରିଡାଙ୍କୁ ୨୦୧୫-୧୬ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ସଂଖ୍ୟା ୪୩୩୪/୩।୭।୨୦୧୫ ଓ ୨୦୦୦-୦୧ ବର୍ଷରେ ତାଙ୍କୁ ପୁଅ ବିପିନ ବିହାରୀ ପରିଡାଙ୍କୁ କାର୍ଯ୍ୟାଦେଶ ସଂଖ୍ୟା ୩୯୯୫/୧୯।୧।୨୦୦୩ରେ ମିଳିଥିଲା। ସେହିପରି ରବୀନ୍ଦ୍ରଙ୍କ ପୁଅ ବିକ୍ରମଜିତ ପରିଡାଙ୍କୁ ୨୦୧୮-୧୯ ବର୍ଷରେ ବିଜୁ ପକ୍କାଘର ମିଳିଥିବାବେଳେ ପୁର୍ନବାର ୨୦୧୯-୨୦ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ଘର ଦେବାକୁ କ୍ରମିକ ସଂଖ୍ୟା ୯୧ରେ ନାମ ତାଲିକା ପ୍ରକାଶ କରାଯାଇଛି। ଏହି ପରିବାର ପ୍ରତି ସଂପୃକ୍ତ ଅଧିକାରୀ କାହିଁକି ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି ବୋଲି ତରଞ୍ଜିଆବାସୀ ପ୍ରଶ୍ନ କରିଥିଲେ। ଏନେଇ ଭାଜପା ନେତା ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁସାରେ ଓଡିଶା ଲୋକାୟୁକ୍ତ- ୩୧୭/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ବିଚାର କରି ୧୬।୯।୨୦୧୯ରେ ଧର୍ମଶାଳା ବିଡିଓ, ତରିଞ୍ଜିଆ ନିର୍ବାହୀ ଅଧିକାରୀ ଓ ହିତାଧିକାରୀ ରବୀନ୍ଦ୍ରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ ହୋଇଥିଲା। ତଦନୁସାରେ ବିଡିଓ ଓ ହିତାଧିକାରୀ ପରିଡା ତାଙ୍କ ଜବାବ ଦାଖଲ କରିଥିଲେ । କିନ୍ତୁ ଏହି ଜବାବ ରହସ୍ୟାତ୍ମକ ଓ ବୁଝିବାକୁ କଷ୍ଟକର ବୋଲି ଲୋକାୟୁକ୍ତ ତାଙ୍କ ଶୁଣାଣିରେ ପ୍ରକାଶ କରିଥିଲେ । ଏହାପରେ ବିଡିଓ ପୁଣି ତଦନ୍ତ କରି ଲୋକାୟୁକ୍ତଙ୍କ ପାଖରେ ବୃତ୍ତାନ୍ତ ରିପୋର୍ଟ ଦାଖଲ କରିଛନ୍ତି । ରିପୋର୍ଟରେ ରବୀନ୍ଦ୍ର ଓ ଜୟନ୍ତୀ ପରିଡା ଗୋଟିଏ ପରିବାରର ଅନ୍ତର୍ଭୁକ୍ତ। ତେବେ ତଦନ୍ତ ପରେ ବିକ୍ରମଜିତଙ୍କୁ ତୁରନ୍ତ ଯୋଜନା ଅନ୍ତର୍ଗତ ଅନୁଦାନ ୧ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ହୋଇଛି । ଇତିମଧ୍ୟରେ ସେ ୪୫ ହଜାର ଟଙ୍କା ଫେରସ୍ତ କରି ସାରିଛନ୍ତି। କେଉଁ ଆଧାରରେ ତାଙ୍କୁ ହିତାଧିକାରୀ ଚୟନ କରାଗଲା ସେ ନେଇ ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି ବୋଲି ଧର୍ମଶାଳା ବିଡିଓ ରିପୋର୍ଟରେ ଦର୍ଶାଇଛନ୍ତି।





| | ALTO (P) | ALTO K10 (P) | SWIFT (P) | SWIFT (D) | VITARA BREZZA (D) | DZIRE (P) | DZIRE (D) | CELERIO (P) | EECO (5/7 SEATER) |
|---|---|---|---|---|---|---|---|---|---|
| CONSUMER OFFER* | ₹40,000 | ₹30,000 | ₹25,000 | ₹25,000 + 5 Yr. Warranty | ₹40,000 + 5 Yr. Warranty | ₹30,000 | ₹30,000 + 5 Yr. Warranty | ₹30,000 | ₹15,000 |
| EXCHANGE OFFER* | ₹15,000 | ₹15,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹15,000 | ₹20,000 |
| CORPORATE OFFER* | ₹5,000 | ₹5,000 | ₹5,000 | ₹10,000 | ₹10,000 | ₹5,000 | ₹10,000 | ₹5,000 | ₹5,000 |
| TOTAL SAVINGS (UP TO)* | ₹60,000 | ₹50,000 | ₹50,000 | ₹70,750 | ₹89,500 | ₹55,000 | ₹77,000 | ₹50,000 | ₹40,000 |

ALTO ALTO K10 SWIFT VITARA BREZZA DZIRE CELERIO EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

**JYOTE MOTORS**
BHUBANESWAR: LEWIS ROAD: CALL: 9776615020, 9776615035, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108

**SKY AUTOMOBILES**
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.

**NARAYANI MOTORS**
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.

**ODYSSEY MOTORS**
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.

*Terms and Conditions apply. All offers are brought to you by Maruti Suzuki dealers. Offers may vary from city to city, and variant to variant for all models. Corporate offer value is maximum offer value, and same is applicable to selected corporates only. For diesel variants, warranty amount calculated is of the highest variant. Offer valid till stock lasts. Exchange offer valid at True Value outlets only. Accessories shown may not be part of standard equipment. For more details, contact your nearest Maruti Suzuki dealer. Offers valid till 31st December 2019.




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### କିରୋସିନ୍ ଗାଡି ଜବତ, ୨ ଅଟକ

ସୁକିନ୍ଦା,୨।୧୨(ଡି,ଏନ୍.ଏ.)- ଯାଜପୁର ଓ ଢେଙ୍କାନାଳ ଜିଲା ସିମାନ୍ତବର୍ତ୍ତୀ ଗ୍ରାମ ନିକଟ ରାଜଗୋଲାଠାରେ ସୋମବାର ସୁକିନ୍ଦା ପୋଲିସ ଚଢ଼ାଉ କରି ଏକ୍ ପିକଅପ୍ ସହ ୨୦ ବ୍ୟାରେଲ କିରୋସିନ୍ ଜବତ କରିଛି। ଏଥିସହ ୨ ଜଣଙ୍କୁ ଗିରଫ କରି ଥାନାରେ ଅଟକ ରଖିଛି। ସୁକିନ୍ଦା ଅଧିକାରୀ ବିଚିତ୍ରାନନ୍ଦ ସେଠୀ ଓ ଏସ୍ଆଇ ଅନ୍ତର୍ଯାମୀ ଶ୍ରୀଚନ୍ଦନ ଏହି ଚୋରା ଚାଲାଣକାରୀଙ୍କୁ ଧରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ପ୍ରକାଶ ଯେ, ଢେଙ୍କାନାଳ ଜିଲା ମହୁଲପାଳ ପଟରୁ ପିକ୍ଅପ୍ ଯୋଗେ କିରୋସିନ୍ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ଏହି ଆଧାରରେ ରାଜଗୋଲା ନିକଟରେ ଥାନାଧିକାରୀଙ୍କ ସହ ପୋଲିସ ଟିମ୍ ଚଢ଼ାଉକରି ଉକ୍ତ ପିକ୍ଅପ୍ ଗାଡି ଜବତ କରିଥିଲା। ଏଥିସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଢେଙ୍କାନାଳ ଜିଲା ମଉଳପାଳ ଗ୍ରାମର ଜଗନ ସାହୁ ଓ ଭୁବନଥାନା ଅନ୍ତର୍ଗତ ମୃଦଗାଁର ପବିତ୍ର ଖଟୁଆଙ୍କୁ ଗିରଫ କରିଥିଲା। ଆଗାମୀ ଦିନରେ ଚଢ଼ାଉ ଜାରି ରହିବ ବୋଲି ଥାନାଧିକାରୀ ସେଠୀ କହିଛନ୍ତି।

### ଆନ୍ତଃ କଲେଜ କ୍ରିକେଟ ଷ୍ଟିୱାର୍ଟ ସାଇନ୍ସ କଲେଜ ଚାମ୍ପିୟନ

ଯାଜପୁର ରୋଡ୍,୨।୧୨(ନି.ପ୍ର.)- ଯାଜପୁର ରୋଡ୍ସ୍ଥିତ ବ୍ୟାସନଗର ସ୍ୱୟଂ ଶାସିତ କଲେଜରେ ଚାଲିଥିବା +୩ ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଫାଇନାଲ୍ ମ୍ୟାଚ୍ ଶେଷ ହୋଇଛି। ଏଥିରେ ମୁକୁନ୍ଦପାତ୍ର କଲେଜକୁ ହରାଇ ଷ୍ଟିୱାର୍ଟ ସାଇନ୍ସ କଟକ ଚାମ୍ପିୟନ ହୋଇଛି। ମୁକୁନ୍ଦ ପାତ୍ର କଲେଜ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭର୍‌ରେ ୮ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଜବାବ୍‌ରେ ଷ୍ଟିୱାର୍ଟ୍ କଲେଜ ୨୩ ଓଭର୍‌ରେ ୨ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳ ତରଫରୁ ନଳିନୀ ସ୍ୱାଇଁ ୪୪ ରନ୍ କରିଥିଲେ। ଷ୍ଟିୱାର୍ଟ କଲେଜର ଅନ୍ୱେଷ ଦାସ ୩ଟି ଉଇକେଟ ପାଇଥିବାରୁ ତେଜ୍ ହୋଣ୍ଡା ପକ୍ଷରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। କଲେଜର ଉପାଧକ୍ଷ ଗୋପାଳ ଚରଣ ନନ୍ଦ ଓ ଆଥଲେଟିକ କ୍ଲବର ଉପସଭାପତି ଦେବପ୍ରଶନ୍ନ ମହାନ୍ତି ଚାମ୍ପିୟନ ଓ ରନର୍ସ ଅଫ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅସିତ୍ ପାଲ୍, ପବିତ୍ର ମଲ୍ଲିକ, ଦେବପ୍ରସାଦ ଖିଲାର ଓ ନିରଞ୍ଜନ ପୃଷ୍ଟି ଖେଳ ପରିଚାଳନା କରିଥିଲେ।

### ମୋଟରଯାନ ଆଇନ କଡ଼ାକଡି: ୨ କୋର୍ଟ ଚାଲାଣ

ଧର୍ମଶାଳା,୨।୧୨(ଡି.ଏନ୍.ଏ.)- ରାଜ୍ୟରେ ଡିସେମ୍ବର ୧ ତାରିଖ ରବିବାରଠାରୁ ନୂତନ ମୋଟରଯାନ ଆଇନ କଡ଼ାକଡି ଲାଗୁ କରାଯାଇଛି। ଏ ନେଇ ଧର୍ମଶାଳା ପୋଲିସ ଥାନା ଅନ୍ତର୍ଗତ ବିଭିନ୍ନସ୍ଥାରେ ରାତିରେ ଚଢାଉ କରି ୬ଜଣ ବାଇକ୍ ଆରୋହୀଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ସୋମବାର ୪ ଜଣଙ୍କୁ ଥାନା ପକ୍ଷରୁ ବେଲ୍ ମିଳିଥିବାବେଳେ ଅନ୍ୟ ୨ ଜଣଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଧର୍ମଶାଳା ଥାନାଧିକାରୀ ସାହୁଙ୍କ ନେତୃତ୍ୱରେ ଗଠିତ ଏକ କମିଟି ୧୬ନଂ ଜାତୀୟ ରାଜପଥ ନେଉଳପୁର, ଜାରକା, ଭାଲୁଖାଇ, ବାରବାଟି ଓ ଧର୍ମଶାଳା କବାଟବନ୍ଧ ରାସ୍ତାର ନାକପୋଲଠାରେ ଯାଞ୍ଚ କରିଥିଲେ। ଏହି ସମୟରେ ନେଉଳପୁରରୁ ବାଇକ୍ ନେଇ ଆସୁଥିବା ସଞ୍ଜୟ କୁମାର ଜେନା, ନାକପୋଲର ନିର୍ମଳ ପରିଡା, ଜାରକାରୁ ସମିର ପରିଡା, ବାରବାଟିରୁ ଦୀପକ ଜେନା, ବାସୁଦେବ ପୋଥାଳ, ପ୍ରଫୁଲ୍ଲ ଜେନା ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉ ଥିବାରୁ ଏମାନଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ନାକପୋଲରୁ ଗିରଫ ନିର୍ମଳ ଓ ନେଉଳପୁରରୁ ଗିରଫ ସଞ୍ଜୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କୁକୁଡାଖାଳିରେ କୁରାଳ ପଞ୍ଚମୀ ପୂଜା

ଚଢ଼େଇଧରା,୨।୧୨(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତ ଅଧୀନ କୁକୁଡାଖାଳି ଗ୍ରାମରେ ରବିବାରଠାରୁ କୁରାଳ ପଞ୍ଚମୀ ପୂଜା ଆରମ୍ଭ ହୋଇଛି। ଏହି ପୂଜା ୫ ଦିନ ଧରି ଚାଲିବ। ଗ୍ରାମର ଯୁବକମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଘଟସ୍ଥାପନ ପରେ କୁଳ ଦେବତା ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପୂଜା କରିବା ସହ ଲକ୍ଷ୍ମୀନାରାୟଣଙ୍କ ପୂଜା ଆରମ୍ଭ ହୋଇଛି। ଏହିପରି ଅଣ୍ଡିଆ ଗ୍ରାମରେ କୁରାଳପଞ୍ଚମୀ ପାଳିତ ହୋଇଯାଇଛି।

## ଅଟୋୱାଲ କର୍ମଚାରୀଙ୍କ ପୁନଃ ଧାରଣା

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କାଳିଆପାଣି,୨।୧୨(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ କାଳିଆପାଣି ଖଣି ଅଞ୍ଚଳରେ ଥିବା ଟାଟା କମ୍ପାନୀ ଖଣି ଗେଟ୍ ସମ୍ମୁଖରେ ସୋମବାର ଉତ୍ତେଜନା ଦେଖାଦେଇଛି। ଅଟୋୱାଲ କର୍ମଚାରୀ ଓ ଶ୍ରମିକମାନେ ବକେୟା ବୋନସ୍ ଓ ବିଭିନ୍ନ ଦାବିରେ ପୁଣି ଧାରଣା ଦେଇଥିଲେ। ଦିନତମାମ ଧାରଣା ଜାରି ରହିବା ଫଳରେ ଖଣିରେ ବିଭିନ୍ନ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ସନ୍ଧ୍ୟାରେ ଟାଟା କମ୍ପାନୀ ଖଣି ମୁଖ୍ୟ ରାଜେଶ ପଟେଲ ଓ ଅଟୋୱାଲ କମ୍ପାନୀ ଜିଏମ୍ ମଳୟ ରଞ୍ଜନ ପଟ୍ଟନାୟକ, ଆଇନ ପରାମର୍ଶଦାତା ଏସ୍.ଏନ୍ ପଟ୍ଟନାୟକଙ୍କ ସହ କାଳିଆପାଣି ଥାନାଧିକାରୀ ରମାକାନ୍ତ ମୁଦୁଲି ଧାରଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କର୍ମଚାରୀଙ୍କ ଦାବି ସମ୍ପର୍କରେ ଆଞ୍ଚଳିକ ଶ୍ରମ ଅଧିକାରୀଙ୍କୁ(ଆର୍ଏଲ୍‌ସି) ଅବଗତ କରାଯିବ। ଏ ବାବଦରେ ଶ୍ରମ ଅଧିକାରୀଙ୍କ ନିଷ୍ପତ୍ତି ଆଧାରରେ ଦାବିଗୁଡିକର ସମାଧାନ କରାଯିବା ନେଇ ଖଣି ମୁଖ୍ୟ ପଟେଲ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ପ୍ରକାଶ ଯେ, ଅଟୋୱାଲ କର୍ମଚାରୀ ଓ ଶ୍ରମିକମାନେ ଅକ୍ଟୋବର ୨ ତାରିଖରେ ଛଟେଇ, ବକେୟା ବୋନସ୍, ଗ୍ରାଚ୍ୟୁଇଟି, ଅବସରକାଳୀନ ଭତ୍ତା ଓ ବକେୟା ଦରମା ପ୍ରଦାନ ଦାବିରେ ଖଣି ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ଧାରଣାର ୩୪ ଦିନପରେ ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ଶ୍ରମିକ ଓ କର୍ମଚାରୀଙ୍କୁ ଅଟୋୱାଲ ଠିକା ସଂସ୍ଥା ୨ ମାସର ଦରମା ପ୍ରଦାନ କରିଥିଲା। ହେଲେ ବାକି ଅନ୍ୟାନ୍ୟ ଦାବି ୧୦ ଦିନ ଭିତରେ ପୂରଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଇତି ମଧ୍ୟରେ ଧାର୍ଯ୍ୟ ଦିନରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କର୍ମଚାରୀଙ୍କ ଅନ୍ୟାନ୍ୟ ଦାବି ପୂରଣ ହୋଇ ପାରି ନ ଥିଲା। ଏହାକୁ ନେଇ କିଛିଦିନ ତଳେ କର୍ମଚାରୀମାନେ ଭୁବନେଶ୍ୱର ଶ୍ରମ ନିର୍ଦ୍ଦେଶାଳୟ, ଯାଜପୁର ଜିଲାପାଳ, ଏସ୍‌ପିଙ୍କୁ ଲିଖିତ ଜଣାଇଥିଲେ। ଏ ଦିଗରେ କୌଣସି ସମାଧାନ ନ ହେବାରୁ କର୍ମଚାରୀଙ୍କ ପ୍ରତିନିଧି ପବିତ୍ର ମହାନ୍ତ, ମଳୟ ପଟ୍ଟନାୟକ, ବିଶ୍ୱନାଥ ମହାନ୍ତି, ଅଜୟ ନାୟକ, ଆର୍.କେ.ସିଂ, ମହେଶ୍ୱର ବାରିକ, ଗୌରାଙ୍ଗ ଦାସଙ୍କ ନେତୃତ୍ୱରେ ଶ୍ରମିକ ଓ କର୍ମଚାରୀ ଧାରଣା ଦେଇଥିଲେ।



ଅଟୋୱାଲ ଶ୍ରମିକ ଓ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

## ଯାଜପୁର ରୋଡ୍ ବସ୍‌ଷ୍ଟାଣ୍ଡରେ ଅଗ୍ନିକାଣ୍ଡ ଘଟଣା

# ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ନେଇ ଚର୍ଚ୍ଚା

ଯାଜପୁର ରୋଡ୍,୨।୧୨(ନି.ପ୍ର.)

ଯାଜପୁର ରୋଡ୍ ବସ୍‌ଷ୍ଟାଣ୍ଡରେ ରବିବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡକୁ ନେଇ ସୋମବାର ପୋଲିସ ତଦନ୍ତ କରିଛି। ଏ ନେଇ ଯାଜପୁର ରୋଡ୍ ଥାନାଧିକାରୀ ଅନୀଲ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ବସ୍ ମାଲିକଙ୍କ ସହ ଡ୍ରାଇଭର ଓ ହେଲପରଙ୍କୁ ପଚରା ଉଚରା କରିଥିଲେ। ଏ ସମ୍ପର୍କରେ ବସ୍ ମାଲିକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ କେସ୍ ଡାଏରୀ କରିଥିବା ଜଣାପଡିଛି। ସେହିପରି କଟକରୁ ବୀମା କମ୍ପାନୀ ଅଧିକାରୀ ମଧ୍ୟ ତଦନ୍ତ କରି ଫେରିଥିବା ଜଣାପଡିଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ବସ୍‌ରେ ଥିବା ବ୍ୟାଟେରୀରୁ ସର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ବିଳମ୍ବିତ ରାତିରେ କଟକରୁ ଯାତ୍ରୀ ନେଇ ଯାଜପୁର ରୋଡ ବସ୍ ଷ୍ଟାଣ୍ଡରେ ସୁଲୋଚନା ଓ ନିରୁପମାନାମକ ଘରୋଇ ବସ୍ ପହଞ୍ଚିଥିଲା। ଯାତ୍ରୀମାନେ ବସ୍‌ରୁ ଓହ୍ଲାଇବା ପରେ ଡ୍ରାଇଭର ଓ ହେଲପର ବସ୍‌କୁ ଧୁଆଧୋଇ କରି ଖାଇବାକୁ ଯାଇଥିଲେ। ଏହି ସମୟରେ ବସ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ଏ ନେଇ ସ୍ଥାନୀୟ ଦୋକାନୀ ଦମକଳ ବାହିନୀକୁ ଖବର ଦେଇଥିଲେ। ଯାଜପୁର ରୋଡ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ତେବେ ଏହି ଅଗ୍ନିକାଣ୍ଡରେ କାହାର କିଛି ହୋଇ ନ ଥିଲା।

### ୩ ଟ୍ରକ୍ ଚାଳକ କୋର୍ଟ ଚାଲାଣ

କୋରେଇ,୨।୧୨(ସ୍ୱ.ପ୍ର.)

ପାଣିକୋଇଲି ପୋଲିସ ରବିବାର ରାତି ରାଜପଥରେ ଚେକିଂ ସମୟରେ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ଅଭିଯୋଗରେ ୩ଜଣ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଏଥିସହ ଗାଡି ଜବତ କରିଥିଲା। ଏ ନେଇ ସୋମବାର ଏକ ମାମଲା ରୁଜୁକରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନ ହେଲେ କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବିଭୀଷଣ ମୁଣ୍ଡା, ଝୁମ୍ପୁରା ଥାନା ଅନ୍ତର୍ଗତ ହରିଡା ଜୋଡି ଗ୍ରାମର ଦାମୋଦର ପଲେଇ ଓ ତାମିଲନାଡୁ ଶିବଗଞ୍ଜ ନଗର ସେସୁରାଜ କସ୍‌ପୋସ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଳେ ବଳେ କଉଶଳେ**
**କାମ ହୁଅଇ ଆପେ ଭଲେ ।**

କଳ କୌଶଳ ଖଞ୍ଜିଲେ କାମ ସହଜରେ ସାଧିତ ହୁଏ। ନିଷ୍ଠାର ସହିତ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିବା ସ୍ଥିର ନିଶ୍ଚିତ। ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାହାର ଭଲମନ୍ଦ ଦିଗ ତଥା ଆଗପଛ ଚିନ୍ତା କରି ଆଗକୁ ବଢ଼ିବା ଉଚିତ ହୋଇଥାଏ। କୌଶଳରେ ତଥା ଚତୁରତା ସହ କାର୍ଯ୍ୟ କଲେ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଷ୍ଠ, ପାଷାଣ, ତରୁ, ତୃଣ**
**ସକଳ ଘଟେ ନାରାୟଣ ।**

ଈଶ୍ୱରଙ୍କ ସତ୍ତା ଜୀବଠାରେ ବିଦ୍ୟମାନ। ଜୀବ ଓ ବ୍ରହ୍ମ ସ୍ୱରୂପତଃ ଅଭେଦ। ସଚରାଚର ଜଗତରେ ସମସ୍ତ ଜଡ଼ ଓ ଚେତନଠାରେ ପରମାତ୍ମାଙ୍କର ସତ୍ତା ରହିଛି। ଚାରି ବେଦରେ ଏହା ହିଁ କୁହାଯାଇଛି। ଈଶ୍ୱର ବା ନାରାୟଣ ସର୍ବତ୍ର ବିଦ୍ୟମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଭିତ୍ତି ପ୍ରସ୍ତର ସ୍ଥାପନ

ବରୀ,୨।୧୨(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ରତଳାଙ୍ଗ ପଞ୍ଚାୟତରେ ସୋମବାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ବିଧାୟିକା ସୁନନ୍ଦା ଦାସ ଏକ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏ ନେଇ ଅବସରପ୍ରାପ୍ତ ଶିକ୍ଷକ ମଦନ ସାମଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟିକା ଦାସ ଯୋଗଦେଇ ବରୀର ବିକାଶରେ ଆଉ ଏକ ଫର୍ଦ୍ଦ ଯୋଡି ହେଲା ବୋଲି କହିଥିଲେ। ଏଥିସହ ନଦୀନାଳ ଘେରା ରତଳାଙ୍ଗ ପଞ୍ଚାୟତକୁ ରାସ୍ତାଘାଟ, ବନ୍ଧବାଡ ନିର୍ମାଣ କରାଯାଇ ଗମନାଗମନ ସୁବିଧାକୁ ତ୍ୱରାନିତ କରାଯିବ ବୋଲି କହିଥିଲେ। ଏହି ସଭାରେ ବରୀ ବିଜେଡି ନେତା ଚାଣକ୍ୟ ଦେବେନ୍ଦ୍ର ଦାସ, ଜିଲା ପରିଷଦ ସଦସ୍ୟ ଅଶୋକ ସାମଲ, ସରପଞ୍ଚ ସନ୍ତୋଷ ସାମଲ, ବରିଷ୍ଠ ବିଜେଡି ନେତା ବସନ୍ତ ସାମଲ, ସରପଞ୍ଚ ପ୍ରବୀର ଜେନା, ଆର୍ତ୍ତବନ୍ଧୁ ସାମଲ, ପ୍ରଶାନ୍ତ ସାହୁ, ନୀଳମଣି ସାମଲ ଉପସ୍ଥିତ ଥିଲେ। ଏହି ରାସ୍ତାଟି ରତଳାଙ୍ଗ ମେଡିକାଲ ଛକଠାରୁ ମଠ ସାହି ଦେଇ ମୀନାକ୍ଷି ସାମଲଙ୍କ ଘର ପର୍ଯ୍ୟନ୍ତ ନିର୍ମାଣ ହେବ। ୨.୭ କି.ମି ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ପାଇଁ ୧.୮୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଠିକାଦାର ଜରିଆରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

EDUCATION

2003 ରୁ ଆପଣଙ୍କ ସେବାରେ
Vod Mobile Tower
ଖାଲିଥିବା ଜମି ଓ ଛାତ ଉପରେ Vod ଗ୍ରୁପର Digital ଉପକରଣ ବସାଇ ଅଗ୍ରିମ
ଆଡଭାନ୍ସ 65 ଲକ୍ଷ | ମାସିକ 60 ହଜାର
କୋର୍ଟ ଏଗ୍ରିମେଣ୍ଟ + ବାଇକ୍
094994-78937
070828-65993
ADDRESS: T-51, GAUTAMPURI, DELHI

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTROLOGY

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସିଁପତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

DHARITRI Career appointment Every Wednesday and Saturday

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର



## ସଂକ୍ଷେପରେ

### ଗୋରୁଗାଡ଼ି ଅଟକାଇଲେ ଯୁବଗୋଷ୍ଠୀ

**ରସୁଲପୁର,୨।୧୨(ଡିଏନଏ):** ରସୁଲପୁର ବ୍ଲକ ବାରବାଟୀ ବଜାର ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ଉପରେ ସୋମବାର ଅପରାହ୍ନ ସାଢେ ୪ଟା ସମୟରେ ଏକ ଗୋରୁ ବୋଝେଇ ଟାଟା ଏସି ନଂ-ଓଡି୦୫ଏ-ଏଫ୧୫୬୨କୁ ସ୍ଥାନୀୟ ବାରବାଟୀ ଅଞ୍ଚଳର ଯୁବକ ଅଟକାଇବା ସହ ଗାଡିରେ ବୋଝେଇ ଗୋରୁଙ୍କୁ ଫିଟାଇ ଗୋଡାଇ ଦେଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ଦେଖି ଗାଡି ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଦୁଇଟି ଗାଡିରେ ଗୋରୁ ବୋଝେଇ ହୋଇ ଜାରକା ପଟରୁ କୁଆଖିଆ ବଜାର ଆଡକୁ ଯାଉଥିଲା। ଏହି ଗାଡିକୁ ପିଛା କରି ଯୁବକମାନେ ବାରବାଟୀ ପରିବା ହାଟ ନିକଟରେ ଅଟକାଇବାକୁ ସକ୍ଷମ ହୋଇଥିଲେ। ଗୋଟିଏ ଗାଡି ଅଟକି ଥିବାବେଳେ ଆଉ ଏକ ଗାଡି ଘଟଣାସ୍ଥଳରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲା। ଜବତ ଗାଡିରୁ ୬ଟି ବୁଢା ବଳଦକୁ ଉଦ୍ଧାର କରାଯାଇଥିଲା। ଉକ୍ତ ଗୋରୁଗୁଡିକୁ ଅତି ଅମାନୁଷିକ ଭାବେ ଗାଡିରେ ବାନ୍ଧି ପରିବହନ କରାଯାଉଥିଲା। ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜବତ ଟାଟା ଏସିଇକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପ

# ଡିଏମ୍‌ଏଫ୍ ପାଣ୍ଠିକୁ ମିଳିମିଶି ଲୁଟ୍

**ଯାଜପୁର ଅଫିସ,୨।୧୨**

ଯାଜପୁର ଜିଲାର ଖଣି ପ୍ରଭାବିତ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ) ପାଣ୍ଠିକୁ ମିଳିମିଶି ଲୁଟ୍ ହେଉଛି। ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ଡିଏମ୍‌ଏଫ୍‌ରୁ ଆବଣ୍ଟିତ ୭୯.୫୬ କୋଟି ଟଙ୍କା ଅନୁଦାନର ସିଂହଭାଗ ଅର୍ଥ ଗିଳି ଦେବାକୁ ହାଇଦ୍ରାବାଦସ୍ଥିତ ଠିକାସଂସ୍ଥା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ(ଏନ୍‌ସିସି) ମସୁଧା କରୁଛି। ଏଥିରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲୁଏସ୍‌ଏସ୍) ବିଭାଗର କେତେକ ଉଚ୍ଚପଦସ୍ଥ ଅଧିକାରୀ ସହଯୋଗୀ ସାଜିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଇଞ୍ଜିନିୟର୍ସ ଅଥରିଟି ରିପୋର୍ଟ ଆଧାରରେ ପ୍ରଥମେ ଷ୍ଟିଲ ସାମଗ୍ରୀକୁ ଖାରଜ କରାଯାଇଥିବାବେଳେ ୨ମାସ ପରେ ପୁଣି ଚଞ୍ଚକତା କରି ଅନ୍ୟ ପ୍ରକଳ୍ପରେ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଏହାବାଦ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଇଞ୍ଜିନିୟର୍ସ ଅଥରିଟି ରିପୋର୍ଟ ଦେଇଥିଲେ ହେଁ ସମ୍ପୃକ୍ତ ଠିକାସଂସ୍ଥାକୁ ଘଣ୍ଟ ଘୋଡାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯାଇଛି। ଏହି ପ୍ରକଳ୍ପର ନିର୍ମାଣ ଓ ପାଣ୍ଠି ପରିଚାଳନାକୁ ଉପଯୁକ୍ତ ଭାବେ ସମୀକ୍ଷା କଲେ ସରକାରଙ୍କ ୫-ଟି ଶାସନ ସୂତ୍ର ଏଠାରେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ସ୍ପଷ୍ଟ ଅନୁମେୟ ବୋଲି ମତ ପ୍ରକାଶ ପାଉଛି।

ଗତ ଜୁଲାଇରେ ଯନ୍ତ୍ରୀ ପ୍ରାଧିକରଣ (ଇଞ୍ଜିନିୟର୍ସ ଅଥରିଟି) ପକ୍ଷରୁ ସୁକିନ୍ଦା ମେଗା ପାଇପ ଜଳଯୋଗାଣ ପ୍ରକଳ୍ପର ନିରୀକ୍ଷଣ କରାଯାଇଥିଲା। ନିରୀକ୍ଷଣରେ ଗୋଟିଏ ଖାତ (ଟ୍ରେଞ୍ଚ)ରେ ଆବଶ୍ୟକତାଠାରୁ କମ୍ ଗାତ ଖୋଳି ପାଇପ ବିଛା, ପାଟଣାଠାରେ ନିର୍ମାଣାଧୀନ ଇଏସ୍‌ଆର ସ୍ତମ୍ଭରେ ସିଧା(ଭର୍ଟିକାଲ) ଭାବେ ନିର୍ମାଣ ନ ହେବା ଇତ୍ୟାଦି ଦେଖିବାକୁ ମିଳିଥିଲା। ଏହାପରେ ଇଞ୍ଜିନିୟର୍ସ ଅଥରିଟି ରିପୋର୍ଟକୁ ଭିତ୍ତି କରି ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ରସଂଖ୍ୟା ୭୨୨୮/୨୦।୮।୨୦୧୯ରେ କଟକ ଆରଡବ୍ଲୁଏସ୍‌ଏସ୍ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତୁରନ୍ତ ପ୍ରକଳ୍ପ ଅଞ୍ଚଳ ବୁଲି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ପ୍ରକଳ୍ପର ବିଭିନ୍ନ କଂକ୍ରିଟ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର ହେବାକୁ ଥିବା ଷ୍ଟିଲ ସାମଗ୍ରୀର ଗୁଣବତ୍ତା ଉପରେ ଗତ ଜୁଲାଇରେ ଯନ୍ତ୍ରୀ ପ୍ରାଧିକରଣର ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ ପକ୍ଷରୁ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଷ୍ଟିଲ ସାମଗ୍ରୀ ବ୍ୟବହାର ଅନୁପଯୋଗୀ ବୋଲି ଅଥରିଟି ଜାଣିବାକୁ ପାଇ



- ଏନ୍‌ସିସି ଠିକାସଂସ୍ଥାକୁ ଅନୁକମ୍ପା
- ଇଞ୍ଜିନିୟର୍ସ ଅଥରିଟି ରିପୋର୍ଟ ଭୁଲ
- ୨ ମାସ ପରେ ଖାରଜ ଷ୍ଟିଲ ସାମଗ୍ରୀ ହେଲା ବ୍ୟବହାର ଉପଯୋଗୀ
- ବଡ଼ଧରଣର ମୂଳଚାଲ ସନ୍ଦେହ

ବିଭାଗକୁ ସୂଚିତ କରିଥିଲା। ଏହି ରିପୋର୍ଟ ଆଧାରରେ ଆରଡବ୍ଲୁଏସଏସର ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ର ସଂଖ୍ୟା ୬୦୩୩/୧୫।୭।୨୦୧୯ରେ ଶ୍ୟାମ ଷ୍ଟିଲରୁ କିଣାଯାଇଥିବା ସମସ୍ତ ଷ୍ଟିଲ ସାମଗ୍ରୀ(ଶ୍ୟାମ ଏଫଇ-୫୦୦ଡି)କୁ ହଟାଇ ଦେବାକୁ ଠିକାସଂସ୍ଥା ଏନସିସିର ସିନିୟର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କେତେକ ବିଭାଗୀୟ ଅଧିକାରୀଙ୍କୁ ହାତ କରି ଏହି ବିପଦରୁ ମୁକୁଳିବାକୁ ଠିକାସଂସ୍ଥା ଯୋଜନା କରିଥିଲା। ଏହିକ୍ରମରେ କିଣା ଯାଇଥିବା ଷ୍ଟିଲ ସାମଗ୍ରୀକୁ ଦ୍ୱିତୀୟ ଥର ପାଇଁ କଟକ ସେଣ୍ଟ୍ରାଲ ଲାବୋରେଟୋରି (ଆରଆଣ୍ଡବି) ଏବଂ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ଲାବୋରୋଟୋରୀରେ ପରୀକ୍ଷା କରାଯାଇଥିଲା। ଯାହାର ରିପୋର୍ଟରେ ସେହି ଷ୍ଟିଲ ସାମଗ୍ରୀର ଗୁଣବତ୍ତା ସନ୍ତୋଷଜନକ ଓ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଥିଲା। ଉକ୍ତ ରିପୋର୍ଟକୁ ଆଧାର କରି ଆରଡବ୍ଲୁଏସଏସର ଚିଫ ଇଞ୍ଜିନିୟର ତାଙ୍କ ପତ୍ରସଂଖ୍ୟା ୭୮୪୨/୧୦।୯।୨୦୧୯ରେ ଠିକାସଂସ୍ଥା ଏନ୍‌ସିସିର ସହକାରୀ ଜେନେରାଲ ମ୍ୟାନେଜରଙ୍କୁ ଉକ୍ତ ଷ୍ଟିଲ ସାମଗ୍ରୀ ପୁଣି ବ୍ୟବହାର ହୋଇ ପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ତେବେ ଯନ୍ତ୍ରୀ ପ୍ରାଧିକରଣର ରିପୋର୍ଟ ନା କଟକ ସେଣ୍ଟ୍ରାଲ ଲାବୋରେଟୋରିର ରିପୋର୍ଟରେ ସତ୍ୟତା ରହିଛି ତାହା ତଦନ୍ତ ସାପେକ୍ଷ। ଯଦି ଇଞ୍ଜିନିୟର୍ସ ରିପୋର୍ଟ ଭୁଲ ଥିଲା ତେବେ ସମ୍ପୃକ୍ତ ଠିକାସଂସ୍ଥା କାହିଁକି ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରି ନ ଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରେ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ମଧ୍ୟରେ ଏକ ବଡଧରଣର ମୂଳଚାଲ ହୋଇଥିବା ସନ୍ଦେହ କରାଯାଉଛି। ଏଥିଯୋଗୁ ପ୍ରକଳ୍ପର ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଏନ୍‌ସିସିର ମୁଖ୍ୟ ପରିଚାଳକ ବି.ସି. ପାଲଙ୍କୁ ପଚାରିବାରେ ସେ କହିଛନ୍ତି ସୁକିନ୍ଦା ମେଗା ପ୍ରକଳ୍ପରେ କୌଣସି ପ୍ରକାର ଅନିୟମିତତା ହେଉନାହିଁ। ବିଭାଗୀୟ ଗାଇଡଲାଇନ ଅନୁସାରେ କାର୍ଯ୍ୟ ସମ୍ପାଦନ ହେଉଛି। ଯାଜପୁର ଆରଡବ୍ଲୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରୁ, ଏହି ପ୍ରକଳ୍ପର ନିରୀକ୍ଷଣ ଉପଯୁକ୍ତ ଭାବେ ଚାଲିଛି ଏବଂ କୌଣସି ଅନିୟମିତତା ହେଉନାହିଁ ବୋଲି କହିଛନ୍ତି।

### କୁମ୍ଭକାର ପରିବାର ପକ୍ଷରୁ କୁରାଳ ପଞ୍ଚମୀ

**ଦଶରଥପୁର,୨।୧୨(ଡିଏନ୍‌ଏ)**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଲକ୍ଷ୍ମୀ ନାରାୟଣ ପୂଜାକମିଟି ପକ୍ଷରୁ ଉଦ୍ବଙ୍ଗରା ଗ୍ରାମରେ କୁମ୍ଭକାର ପରିବାର ପକ୍ଷରୁ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନକରାଯାଇ ପୂଜା ଅର୍ଚ୍ଚନା ଆରମ୍ଭ ହୋଇଛି। ତେବେ ଏହି ଗ୍ରାମର କୁମ୍ଭକାରଙ୍କ ପକ୍ଷରୁ କରାଯାଉଥିବା ଏହି ପରମ୍ପରା ଦୀର୍ଘ ୭୫ ବର୍ଷରେ ପଦାର୍ପଣ କରିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ଦଶରଥପୁର ବ୍ଲକ୍‌ର ଖଣ୍ଡରା ପଞ୍ଚାୟତ ବାଲିପଦା କୁମ୍ଭକାର ବସ୍ତିରେ ପବିତ୍ର କୁରାଳ ପଞ୍ଚମୀ ଉତ୍ସବ ଅଧାମ୍ରିକ ପରିବେଶରେ ପାଳିତ ହେଉଅଛି। ୫ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଉତ୍ସବରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତିକୁ ପାରମ୍ପରିକ ରିତୀନିତୀ ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ପୂଜା ପାଇଁ ସ୍ଥାନୀୟ କୁମ୍ଭକାର ବସ୍ତିର ମହିଳାଙ୍କ ଦ୍ୱାରା ମନିକର୍ଣ୍ଣିକା ତୀର୍ଥରୁ ଏକ ଶୋଭାଯାତ୍ରାରେ ଯାଇ ଜଳ ଅଣାଯାଇ ପୂଜା ମଣ୍ଡପରେ ଘଟ ସ୍ଥାପନ ପରେ ପୂଜାକାର୍ଯ୍ୟ ହୋଇଥିଲା। ଏହି ଉପଲକ୍ଷେ କୁମ୍ଭକାର ବସ୍ତିର ବାସିନ୍ଦାମାନେ ନୂତନ ବସ୍ତ୍ର ପରିଧାନ କରିବା ସହିତ ମାଟିଗଡ଼ା ଚକକୁ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶୁକ୍ରବାର ଏହି ପୂଜା ଉତ୍ସବର ଭଷାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।

### ଚିତାଲୋରେ ପୋଲିସ ବିଟ୍ ହାଉସ ଉଦଘାଟିତ




**ଯାଜପୁର ଟାଉନ/ ଦଶରଥପୁର,୨।୧୨(ଡିଏନଏ):** ଯାଜପୁର ସହର ନିକଟସ୍ଥ ଚିତାଲୋ କଲେଜ ପରିସରରେ ସୋମବାର ପୋଲିସ ବିଟ୍ ହାଉସ ଉଦ୍‌ଘାଟିତ ହୋଇଯାଇଛି। ଏସପି ଚରଣ ସିଂ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଟ୍ ହାଉସକୁ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ଜେନା, ଥାନାଧିକାରୀ ଆଶିଷ କୁମାର ସାହୁ ଓ କଲେଜର ପ୍ରତିଷ୍ଠାତା ବଦ୍ରୀ ନାରାୟଣ ରାୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏସ୍‌ପି ମୀନା ତାଙ୍କ ବକ୍ତବ୍ୟରେ ଚିତାଲୋ, ଅକରପଡା ଓ ରାହାସୋଇ ୩ଟି ପଞ୍ଚାୟତକୁ ନେଇ ଏହି ବିଟ୍ ହାଉସ ଗଠିତ ହୋଇଥିବାବେଳେ ଏ ସବୁ ଅଞ୍ଚଳରେ ଅସାମାଜିକ ତତ୍ତ୍ୱଙ୍କୁ ସାବାଡ କରିବା ପାଇଁ ବିଟ୍ ହାଉସ ଯଥେଷ୍ଟ କାମରେ ଆସିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସବ୍‌ଇନସପେକ୍ଟର ମାନସ ରଞ୍ଜନ ଚକ୍ର, ସରପଞ୍ଚ ଦିଲ୍ଲୀପ କୁମାର ମହାନ୍ତି, ଆମ ପୋଲିସ ସମିତିର ସୁନିଲ ରାଉତରାୟ, ଦେବ ପ୍ରସାଦ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ପ୍ରଦାନ

# ଜିଲା ପ୍ରଶାସନକୁ ଭେଟିଲେ କଂଗ୍ରେସ ନେତା

**ଯାଜପୁର ଟାଉନ,୨।୧୨(ଡିଏନଏ)**

ଯାଜପୁର ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବାଟମାରଣା ହୋଇ ଦଳୀୟ ଭିତ୍ତିରେ ଥିଲାବାଲା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ମୋ କୁଡିଆ ଯୋଜନାରେ ସାମିଲ କରାଯାଉଛି ବୋଲି ଅଭିଯୋଗ ହୋଇଛି। ବାସହୀନ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବାଦ ଦିଆଯାଉଛି ବୋଲି ଜିଲା କଂଗ୍ରେସ ପକ୍ଷରୁ ସୋମବାର ଅଭିଯୋଗ ଶୁଣାଣି ଶିବିରରେ ଭାରପ୍ରାପ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। କଂଗ୍ରେସ ନେତା ବଳଭଦ୍ର ଦାସ, ରାହାସ ବିହାରୀ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଗଦାଧର ଦାସ, ବିଭୂତି ଭୂଷଣ ମହାପାତ୍ର, ବିକାଶ ରାଉତରାୟ ପ୍ରମୁଖଙ୍କ ସମେତ କିଛି ବରିଷ୍ଠ କଂଗ୍ରେସ ନେତା ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ସାକ୍ଷାତ କରି ବଡସୁଆର ଏବଂ ନାଥସାହି ପଞ୍ଚାୟତରେ ହୋଇଥିବା ଆବାସ ଦୁର୍ନୀତିର ତଦନ୍ତ ପାଇଁ ଦାବି କରିଥିଲେ। ବଡସୁଆର ପଞ୍ଚାୟତରେ ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ଯୋଜନାରେ ପ୍ରଦାନ କରାଯାଇଥିବା



କଂଗ୍ରେସ ନେତା ଓ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଆଲୋଚନା କରୁଛନ୍ତି।

ସମସ୍ତ ହିତାଧିକାରୀଙ୍କର ପୂର୍ବରୁ ଗୃହ ରହିଛି। ପାଳସାହିର ଜଣେ ଅଯୋଗ୍ୟ ହିତାଧିକାରୀ ବିନତୀ ପରମାଣିକଙ୍କ ପୁଅ ବ୍ରଜସୁନ୍ଦର ପରମାଣିକ ମଧ୍ୟ ଆବାସ ଯୋଜନାର କାର୍ଯ୍ୟାଦେଶ ପାଇଛନ୍ତି। ଉଭୟ ଅଯୋଗ୍ୟ ହିତାଧିକାରୀ ହୋଇଥିଲେ ବି ଗୋଟିଏ ପରିବାରରୁ ୨ ଜଣଙ୍କୁ ଯୋଜନାରେ ସାମିଲ କରାଯିବା ଘଟଣାରୁ ଏହି ପଞ୍ଚାୟତରେ ଦୁର୍ନୀତି କେଉଁ ସ୍ତରରେ ପହଞ୍ଚିଛି ତାହା ସ୍ପଷ୍ଟ ଜଣାପଡୁଛି। ଘଟଣାରେ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କର ସମ୍ପୂର୍ଣ୍ଣ ହାତ ରହିଥିବାବେଳେ ସେ ଘର ପିଛା ମୋଟା ଅଙ୍କର ଲାଞ୍ଚ ନେଇ ବ୍ଲକ ପ୍ରଶାସନକୁ ବୋକା ବନାଇବା ପୂର୍ବକ ଏ ପ୍ରକାର ମିଥ୍ୟା ରିପୋର୍ଟ ଦେଇ ଘର ଥିବା ଲୋକଙ୍କୁ ଗୃହହୀନ ଦର୍ଶାଇଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ନଭେମ୍ବର ୧ରେ ବିଡିଓ ଏବଂ ଜିଲା ପ୍ରଶାସନକୁ କଂଗ୍ରେସ ନେତା ରାହାସ ବିହାରୀ ଦାସ ୫ଜଣ ଅଯୋଗ୍ୟ ହିତାଧିକାରୀଙ୍କ ନାମରେ ଅଭିଯୋଗ କରି ଦାବିପତ୍ର ପ୍ରଦାନ କରିଥିବାବେଳେ ପୁଣି ସେହିମାସ ୪ତାରିଖ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଦାସ ଏକ ପତ୍ର ଦେଇଥିଲେ। ତେବେ ଦୀର୍ଘ ମାସ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସୋମବାର ଜିଲା ପ୍ରଶାସନକୁ ଉପରୋକ୍ତ ପ୍ରତିନିଧି ଦଳ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ବ୍ଲକର ନାଥସାହି ପଞ୍ଚାୟତରେ ମଧ୍ୟ ଅନୁରୂପ ଭାବେ ଆବାସ ଦୁର୍ନୀତି ହୋଇଥିବା ନେଇ ଜିଲା ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମର ବରିଷ୍ଠ ନାଗରିକ ରାଜେନ୍ଦ୍ର ନାରାୟଣ ରାୟ, ବିଜୟ ବିହାରୀ, ମାୟାଧର ପୃଷ୍ଟି, ପ୍ରଶାନ୍ତ ରାୟ ଇତ୍ୟାଦିଙ୍କ ସମେତ ଶତାଧିକ ଅଞ୍ଚଳବାସୀ ୧୨ଜଣ ଅଯୋଗ୍ୟ ବ୍ୟକ୍ତିଙ୍କୁ ଯୋଜନାରେ ସାମିଲ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସୁପାରିଶ କ୍ରମେ ସଦର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଦତ୍ତ କାର୍ଯ୍ୟାଦେଶ ଯେଉଁ ୧୨ ଜଣଙ୍କୁ ପ୍ରଦାନ କରାଯାଇଛି ସେମାନଙ୍କ ମଧ୍ୟରୁ ଓଆର୩୧୪୨୮୬୨ରେ ଅନ୍ୟ ଜିଲାରେ ବାସ କରୁଥିବା ଜଣେ ବ୍ୟକ୍ତିଙ୍କ ନାମ ଓ ଆଉ ଜଣଙ୍କ ଫଟୋ ରହିଥିବା ଉଲ୍ଲେଖ ଅଛି। କାର୍ଯ୍ୟାଦେଶ ୩୦୯୬୩୩୫ରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଛି। ସମ୍ପୃକ୍ତ ଗ୍ରାମବାସୀ ଓ ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ଏହି ପଞ୍ଚାୟତରେ ଆବାସ ଦୁର୍ନୀତିର ତଦନ୍ତ କରାଯିବାକୁ ଦାବି ହୋଇଛି।

## ‘ଜଣେ ଭଲ ଶିକ୍ଷକ ସମାଜ ପାଇଁ ବିବେକର ବହିଟିଏ’

**ରସୁଲପୁର,୨।୧୨(ଡିଏନଏ)**

**ଶିକ୍ଷାବିତ୍ ବେଣୁଧରଙ୍କ ଆତ୍ମଜୀବନୀ ଲୋକାର୍ପିତ**

ଜଣେ ସୁଶିକ୍ଷକ ସମାଜ ପାଇଁ ବିବେକର ବହିଟିଏ। ତେଣୁ ଜଣେ ଶିକ୍ଷକ ଭିତରେ ତ୍ୟାଗ, ସେବା, ନିଃସ୍ୱାର୍ଥପରତା, ଜାତୀୟତା ଏବଂ ସରଳ ଜୀବନ ଓ ଉଚ୍ଚ ଚିନ୍ତାର ଭାବାଦର୍ଶ ନ ରହିଲେ ସେ ଶିକ୍ଷକ ପଦବାଚ୍ୟ ହବ ନାହିଁ। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ଦୋବାଇ ଏ ସମସ୍ତ ଗୁଣର ଅଧିକାରୀ ଥିଲେ ବୋଲି ତାଙ୍କର ଆତ୍ମଜୀବନୀ ‘ଆତ୍ମବୋଧ’ର ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତ ଦେଇଛନ୍ତି। ଦୋବାଇଙ୍କର ୯୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ତାଙ୍କ ପାଞ୍ଚଗୋଛିଆ ବାସଭବନରେ ଏକ ବନ୍ଧୁମିଳନର ଆୟୋଜନ କରାଯାଇଥିଲା। ପରିଣତ ବୟସରେ ସେ ତାଙ୍କର ଡାଏରୀରେ ଇଂରାଜୀରେ ଲେଖିଥିବା ସଂକ୍ଷିପ୍ତ ଆତ୍ମଲିପିର ଓଡ଼ିଆ ଅନୁବାଦ ‘ଆତ୍ମବୋଧ’କୁ ଲୋକାର୍ପଣ କରାଯାଇଥିଲା। ଦୋବାଇଙ୍କର ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ କୃତି ପ୍ରଧାନଶିକ୍ଷକ ରାଜକିଶୋର ପାଢ଼ୀ ଏବଂ ମଧୁବନ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର କର ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇ ଦୋବାଇଙ୍କ ଅବଦାନ ସ୍ମରଣ କରିଥିଲେ। ସଂକ୍ଷିପ୍ତ ହେଲେ ମଧ୍ୟ ଏହି ଆତ୍ମଜୀବନୀଟି ଉତ୍ତର ପିଢ଼ିକୁ ପ୍ରଭାବିତ କରିବା ଭଳି ଉପାଦାନରେ ଭରପୂର ବୋଲି ଆଲୋଚକମାନେ ମତ ଦେଇଥିଲେ। ଯାଜପୁର ଉପ-ଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବର୍ଷୀୟାନ ଶିକ୍ଷାବିତ୍‌ଙ୍କୁ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରିଥିଲେ। ପିଙ୍ଗୁଆ ଓ ମଧୁବନ ଅଞ୍ଚଳର ବହୁ ଶିକ୍ଷାନୁଷ୍ଠାନର ପ୍ରତିନିଧି, ପୁରାତନ ଛାତ୍ରଛାତ୍ରୀ ତାଙ୍କର ପୁରାତନ ସହକର୍ମୀ ଶିକ୍ଷକ ଭିକାରି ଚରଣ ଚନ୍ଦ ଓ ବହୁ ବୁଦ୍ଧିଜୀବୀ ଯୋଗଦେଇ ଦୋବାଇଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ। ସର୍ବଶ୍ରୀ ଧୋଇଧର ସାହୁ, ବିଦ୍ୟାଧର ସାହୁ, ବୈରାଗୀ ଚରଣ ଘଡ଼ାଇ, ବିଶ୍ୱଜିତ ମହାନ୍ତି, ପ୍ରଦୀପକୁମାର ସାମଲ, ରମାକାନ୍ତ ଦାସ, ଗୋବିନ୍ଦ ଚନ୍ଦ୍ର ରଥ, ଦେବେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ସେମାନଙ୍କର ଅଭିବ୍ୟକ୍ତି ରଖିଥିଲେ। ଶେଷରେ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ ତଥା ଦୋବାଇଙ୍କର ନାତି ବିରଞ୍ଚି ନାରାୟଣ ଦାସଙ୍କ ଦ୍ୱାରା ଦୋବାଇଙ୍କ ଉପରେ ପ୍ରସ୍ତୁତ ଦୁଇଟି ପ୍ରାମାଣିକ ଚିତ୍ର ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମ ସଞ୍ଚାଳନରେ ଦେବୀ ପ୍ରସନ୍ନ ନାୟକ ସହଯୋଗ କରିଥିଲେ।

### ଗୋଚର ଜମିକୁ ଦଖଲରେ ରଖିଥିବା ଅଭିଯୋଗ

**ଦଶରଥପୁର,୨।୧୨(ଡିଏନ୍‌ଏ)**

ଗୋଚର, ଶ୍ମଶାନ ଓ ପାଣି ନାଳ ଭଳି ସର୍ବସାଧାରଣ ଜମିକୁ ବେଆଇନ୍‌ଭାବେ ଦଖଲ କରି ଉକ୍ତ ଜାଗାକୁ ଘରବାଡି ସହ ମିଶାଇ ଦଖଲରେ ରଖିଥିବା ଜଣେ ବ୍ୟକ୍ତିଙ୍କ ବିରୋଧରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିବା ଜଣାଯାଇଛି। ସୂଚନା ଯେ, ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ନିଜାମପୁର ରାଜସ୍ୱ ଗ୍ରାମର ସୁବାସ ଚନ୍ଦ୍ର ସାହୁ ନାମକ ବ୍ୟକ୍ତି ତାଙ୍କ ଘରପାଖକୁ ଲାଗିଥିବା ସମ୍ପୃକ୍ତ ଗ୍ରାମର ଦଶରଥପୁର ତହସିଲ ଅଧୀନରେ ଥିବା ଖାତା ନଂ. ୨୯୮ ଏବଂ ୨୯୯ ଖସଡା ନଂ. ୧୭, ୧୩, ୩୧ରେ ରହୁଥିବା ଗୋଚର, ଶ୍ମଶାନ ଏବଂ ପାଣିନାଳକୁ ଉକ୍ତ ବ୍ୟକ୍ତି ନିଜସ୍ୱ ଜାଗା ସହ ମିଶାଇ ଜବର ଦଖଲରେ ରଖିଥିବା ନେଇ ଅଭିଯୋଗ ହୋଇଛି। ତେବେ ଉକ୍ତ ଗ୍ରାମର ନିର୍ମଳ ଚନ୍ଦ୍ର ବେହୁରିଆ, ପ୍ରମୋଦ କୁମାର ପରିଡା, ଜିତେନ୍ଦ୍ର ଦାସ, ଜୀବନଜ୍ୟୋତି ବିଶ୍ୱାଳ, ପ୍ରଫୁଲ୍ଲ କୁମାର ନାୟକ, ଅଭିରାମ ସାହୁ, ଅଜୟ ସାହୁ, ଶରତ ଚନ୍ଦ୍ର ବିଶ୍ୱାଳ, କହ୍ନେଇ ଜେନା ଏବଂ ତାପସ ବେହୁରିଆ ପ୍ରମୁଖ ଏନେଇ ଓଡ଼ିଶା ସରକାର, ରାଜସ୍ୱ ସଚିବ, ଯାଜପୁର ଜିଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଜବରଦଖଲକାରୀଙ୍କଠାରୁ ସରକାରଙ୍କ ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ଉକ୍ତ ଜମିକୁ ଉଦ୍ଧାର କରିବା ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗ୍ରାମବାସୀଙ୍କ ଗୋରୁଗାଈଙ୍କ ପାଇଁ ଥିବା ଚାରଣଭୂମି (ଗୋଚର) ଏବଂ ଶବଦାହ ଲାଗିଥିବା ଶ୍ମଶାନ କିସମକୁ ଲାଗି ଉକ୍ତ ବ୍ୟକ୍ତିଙ୍କ ନିଜସ୍ୱ ଜାଗା ରହିଥିବାବେଳେ ସେ କିଛି ବର୍ଷ ହେଲା ଧିରେଧିରେ ଉକ୍ତ ସରକାରୀ ବିଭିନ୍ନ କିସମର ଜମିକୁ ନିଜ ଦଖଲକୁ ନେଇଥିବା ଯୋଗୁ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

# ଶିକ୍ଷିତା ଦିବ୍ୟାଙ୍ଗ ଯୁବତୀଙ୍କୁ ମିଳୁନି ନିଯୁକ୍ତି

**ରସୁଲପୁର,୨।୧୨(ଡିଏନଏ)**

୨ ଡିସେମ୍ବରକୁ ସାରା ବିଶ୍ୱ ଦିବ୍ୟାଙ୍ଗ ଦିବସ ଭାବେ ପାଳନ କରୁଛି। ଏହି ଦିନଟି ଦିବ୍ୟାଙ୍ଗ ପାଇଁ ଉତ୍ସର୍ଗୀକୃତ ହୋଇଛି। ମାତ୍ର ଦିବ୍ୟାଙ୍ଗଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାରୀ ପଦକ୍ଷେପ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଫଳରେ ଦିବ୍ୟାଙ୍ଗ ଯୁବତୀଯୁବକମାନେ ସମାଜରେ ଅବହେଳିତ ହୋଇ ରହିଯାଉଛନ୍ତି। ଏ ଦିଗରେ ଯାଜପୁର ଜିଲା ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ଗ୍ରାଜୁଏଟ୍ ଦିବ୍ୟାଙ୍ଗ ଯୁବତୀ ରୂପା ବେହେରାଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ରୂପା ବିଏ ପାସ୍ କରିଛନ୍ତି। ସମ୍ବଳ ନ ଥିବାରୁ ଉଚ୍ଚ ଶିକ୍ଷା ଲାଭ କରିପାରିଲେ ନାହିଁ। ଫଳରେ ଦିବ୍ୟାଙ୍ଗ ଝିଅର ଭବିଷ୍ୟତକୁ ନେଇ ମା’ବାପା ଚିନ୍ତାରେ ପଡିଯାଇଛନ୍ତି।

ରସୁଲପୁର ବ୍ଲକରେ ଅଦ୍ୟାବଧି ମଧୁବାବୁ ଦିବ୍ୟାଙ୍ଗ ଭତ୍ତା ଯୋଜନାରେ ଶତକଡା ୬୦ରୁ କମ୍ ୮୫୨ଜଣ, ଶତକଡା ୬୦ରୁ ଊର୍ଦ୍ଧ୍ୱ ୪୯୩ ଜଣ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି। ସେହିପରି ଜାତୀୟ ସାମଜିକ ସହାୟତା ଯୋଜନାରେ ୬୦ ଶତକଡାରୁ କମ୍ ଥିବା ୧୫୭ଜଣ ତାଠାରୁ ଅଧିକ ଥିବା ୨୨୬ଜଣଙ୍କୁ ଭତ୍ତା ଦିଆଯାଉଛି। ସେଥିମଧ୍ୟରୁ ୨୦୦୭-୦୮/୨୦୧୯-୨୦ ଆର୍ଥିକ ବର୍ଷର ଅର୍ଥାତ ୧୨ବର୍ଷ ବ୍ୟବଧାନରେ ବ୍ଲକ ଅଞ୍ଚଳରୁ ମୋଟ ୪୩ଜଣ ଯୁବତୀଯୁବକ ମାଟ୍ରିକ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧୪ଜଣ ବିଏ ପାଠ୍ୟକ୍ରମରେ ନାମ ଲେଖିଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଯୁବତୀ ସ୍ଥାନ ପାଇଛନ୍ତି। ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ବିତିଯାଇ ଥିଲେ ବି ଗୋଟିଏ ବ୍ଲକରୁ ୫ଜଣ ଉଚ୍ଚ ଶିକ୍ଷିତା ଯୁବତୀଙ୍କୁ ନିଯୁକ୍ତି ନ ମିଳିପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ସେମାନଙ୍କ ମଧ୍ୟରୁ ରୂପା ବେହେରା ଅନ୍ୟତମ। ସେ ଏକ ବୁଣାକାର ପରିବାରରେ ଜନ୍ମ ଗ୍ରହଣ କରିଛନ୍ତି। ରୂପା ଜନ୍ମରୁ ଦୃଷ୍ଟିଶକ୍ତି ହରାଇ ବସିଛନ୍ତି। ତାଙ୍କର ବାମ ଆଖିକୁ ଆଦୌ ଦିଶୁ ନ ଥିବା ବେଳେ ଡାହାଣ ଆଖିର ଦୃଷ୍ଟିଶକ୍ତି କ୍ରମଶଃ କ୍ଷୀଣ ହେବାରେ ଲାଗିଛି। ତାଙ୍କୁ ଶତପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର



ରୂପା ବେହେରା।

ମଧ୍ୟ ମିଳିଛି। ରୂପାଙ୍କ ମା’ବାପା ତାଙ୍କୁ ସକ୍ଷମଙ୍କ ସହ ସମକକ୍ଷ କରିବା ପାଇଁ ପାଠ ପଢାଇବାରେ କୌଣସି ତ୍ରୁଟି କରିନାହାନ୍ତି। ଫଳ ସ୍ୱରୂପ ୨୦୧୩-୧୪ ଶିକ୍ଷାବର୍ଷରେ ସେ ବିଏ ପାସ କରିଛନ୍ତି।

**ପ୍ରହସନ ପାଲଟିଛି ବିଶ୍ୱ ଦିବ୍ୟାଙ୍ଗ ଦିବସ**

- ଭବିଷ୍ୟତକୁ ନେଇ ଚିନ୍ତାରେ ମା’ବାପା
- ବେକାର ହୋଇ ବସିଛନ୍ତି ରସୁଲପୁର ବ୍ଲକର ୫ ଶିକ୍ଷିତା ଦିବ୍ୟାଙ୍ଗ ଯୁବତୀ

ଉଚ୍ଚ ଶିକ୍ଷାପାଇଁ ତାଙ୍କର ଇଚ୍ଛାଥିଲେ ବି ପାରିବାରିକ ସମସ୍ୟା ଯୋଗୁ ଆଗକୁ ପଢି ପାରିନାହାନ୍ତି। ତାଙ୍କୁ କୌଣସି କାମଧନ୍ଦା ମିଳୁ ନ ଥିବାରୁ ଭବିଷ୍ୟତକୁ ନେଇ ଉଭୟ ରୂପା ଓ ପରିବାର ଲୋକେ ଚିନ୍ତାରେ ପଡି ଯାଇଛନ୍ତି। ବାପା ଚୈତନ୍ୟ ବେହେରା ଲୁଗା ବୁଣି ପରିବାର ପ୍ରତିପୋଷଣ କରୁଛନ୍ତି। ଝିଅକୁ ଅଧିକ ପଢାଇଲେ ତାକୁ ଚାକିରି ମିଳିଯିବ। ତାକୁ ଆଳ କରି ସେ ଏକ ଉପଯୁକ୍ତ ବରପାତ୍ର ଦେଖି ତାର ବାହାଘର କରିଦେବେ ବୋଲି ଆଶା ବାନ୍ଧିଥିଲେ। ମାତ୍ର ଝିଅ ବିବାହ ହୋଇପାରୁ ନ ଥିବାବେଳେ ଅପରପକ୍ଷରେ ଚାକିରି ମଧ୍ୟ ମିଳୁ ନାହିଁ। ଫଳରେ ତାଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ପରିବାର ଲୋକେ। ଏ ସମ୍ପର୍କରେ ବ୍ଲକର ଭାରପ୍ରାପ୍ତ ସାମଜିକ ସୁରକ୍ଷାଧିକାରୀ ସରୋଜିନୀ ସେଠୀଙ୍କୁ ପଚାରିବାରୁ, ଦିବ୍ୟାଙ୍ଗଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ ତାଲିମ ଦିଆଯାଉଛି। ସେ ଆବେଦନ କଲେ ତାଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା କରାଯିବ। ତାଲିମପ୍ରାପ୍ତ ଦିବ୍ୟାଙ୍ଗଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯାଉଛି। ସେ ପୁଞ୍ଜିକୁ ବିନିଯୋଗ କରି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମତ ରଖିଛନ୍ତି। ଏ ସମ୍ପର୍କରେ ଦିବ୍ୟାଙ୍ଗ ଓ ଶିଶୁଙ୍କ ହିତ ପାଇଁ କାମ କରୁଥିବା ମାସୁମ ଟ୍ରଷ୍ଟର ଅଧକ୍ଷ ମଣ୍ଟୁ ଦାସଙ୍କୁ ପଚାରିବାରୁ, ଦିବ୍ୟାଙ୍ଗଙ୍କ ପାଇଁ ସରକାର ଏକଦମ୍ ଆଖି ବୁଜି ଦେଇଛନ୍ତି। ବ୍ଲକ ଅଞ୍ଚଳରେ ରେକର୍ଡଭୁକ୍ତ ୭ଜଣ ଉଚ୍ଚ ଶିକ୍ଷିତ ଦିବ୍ୟାଙ୍ଗ ଯୁବତୀଙ୍କୁ କୌଣସି କର୍ମ ସଂସ୍ଥାନ ନ ମିଳିବା ସମ୍ପର୍କରେ ସରକାର ଓ ତାଙ୍କ ପ୍ରତିନିଧିଗଣ ଜାଣି ବି ସେ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦାସ ମତ ରଖିଛନ୍ତି।

## ସଂକ୍ଷେପରେ

### ଯାଞ୍ଚ କଡ଼ାକଡ଼ି, ୨ ବାଇକ୍ ଚାଳକ ଗିରଫ

**ନୟାଗଡ଼ ଅଫିସ,୨।୧୨:** ନୂଆ ମୋଟରଯାନ ଆଇନ ରବିବାର ଲାଗୁ ହୋଇଥିବା ବେଳେ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚେକିଂ କରାଯାଇଛି। ଦୁଇ ଦିନରେ ୩୦ ହଜାର ଟଙ୍କା ଜରିମାନା ଅଦାୟ କରାଯାଇଥିବା ବେଳେ ମଦ୍ୟପାନ କରି ବାଇକ୍ ଚଳାଉଥିବା ୨ ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରଣପୁର ଥାନା କୁଳାସର ଗ୍ରାମର ସର୍ବେଶ୍ୱର ସାହୁ ଓ ସଦର ଥାନା ଝୁମ୍ପୁରି ଗ୍ରାମର ଦେବବ୍ରତ ସ୍ୱାଇଁ। ସେହିଭଳି ୭ଟି ମାମଲା ରୁଜୁ କରାଯାଇଥିବା ଏସ୍‌ପି ଶଶିଭୂଷଣ ଶତପଥୀ ସୂଚନା ଦେଇଛନ୍ତି। ଜିଲାର ୧୪ ଥାନା ପକ୍ଷରୁ ଯାଞ୍ଚ କରାଯାଇଥିବାର ଦେଖିବାକୁ ମିଳିଥିଲା।

### ଚୋରି କରିନେଲେ ୫୦ ଛେଳି

**ରଣପୁର,୨।୧୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ରାଜସୁନାଖଳା ଫାଣ୍ଡି ଅନ୍ତର୍ଗତ ତାଳକଣି ପଞ୍ଚାୟତର ଗୋବର୍ଦ୍ଧନପୁର ଗ୍ରାମ ମୁଣ୍ଡରେ ଥିବା ଗୟାଧର ବରାଡ଼ଙ୍କ ୫୦ଟି ଛେଳି ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଗାଁ ମୁଣ୍ଡରେ ଘରକରି ରହିଥିବା ଗୟାଧର ୧୩୦ରୁ ଊର୍ଦ୍ଧ୍ୱ ଛେଳି ଓ ୫୦ ଗାଈ ରଖି ସେମାନଙ୍କୁ ଜଗାରଖା କରନ୍ତି। ରବିବାର ରାତିରେ ଗୟାଧର ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ମୁହଁରେ କିଛି ସ୍ପ୍ରେ କରି ୫୦ରୁ ଊର୍ଦ୍ଧ୍ୱ ଛେଳି ନେଇ ପଳାଇ ଯାଇଥିଲେ। ଗୟାଧର ସକାଳୁ ଛେଳି ଚୋରି ହୋଇଥିବା ଜାଣି ରାଜସୁନାଖଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ଛୁରା ମାଡ଼ କରି ଲୁଟିନେଲେ ଲକ୍ଷାଧିକ ଟଙ୍କା

**ନୟାଗଡ଼ ଅଫିସ,୨।୧୨:** ନୟାଗଡ଼ ଜିଲା ଶରଣକୁଳ ଥାନା ଡିମିସର ଗ୍ରାମ ଛକଠାରେ ସୋମବାର ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଛୁରା ମାଡ଼ ମାରି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଏକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ରଣପୁର ବ୍ଲକର ବିଭିନ୍ନ ଗ୍ରାମରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କଠାରୁ ଟଙ୍କା ଆଦାୟ କରି ଶରଣକୁଳ ଫେରୁଥିଲେ। ଅପରାହ୍ନ ୧ଟା ସମୟରେ ଡିମିସର ଛକ ନିକଟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଛୁରାମାଡ଼ କରିଥିଲେ। ଏଥିରେ କର୍ମଚାରୀଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିବାରୁ ସେ ତଳେ ପଡ଼ି ଯାଇଥିଲେ। ପରେ ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇ ଫେରାର୍ ହୋଇଯାଇଥିଲେ। କର୍ମଚାରୀ ଜଣକ ଏ ନେଇ ଶରଣକୁଳ ଥାନାରେ ଅଭିଯୋଗ କରିଛନ୍ତି। ଶରଣକୁଳ ଥାନା ଅଧିକାରୀ କିରଣ ହେମ୍ବ୍ରମଙ୍କୁ ପଚାରିବାରୁ ସେ ଏ ନେଇ କୌଣସି ମତାମତ ଦେଇ ନ ଥିଲେ।

### ସାହିମଝିରେ ଆବର୍ଜନା ପାଣି: ଲୋକେ ହନ୍ତସନ୍ତ

**ଭାପୁର,୨।୧୨(ଡି.ଏନ୍.ଏ.):** ଭାପୁର ବ୍ଲକ ବାଇଗୁଣିଆ ଗ୍ରାମର ଧୋବାସାହି ମଝିରେ ବର୍ଷସାରା ଆବର୍ଜନା ପାଣି ଚାଲୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ସାହିବାସୀ ପ୍ରଶାସନ ଓ ରାଜନେତାଙ୍କୁ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ପଞ୍ଚାୟତର ୧୧ ନମ୍ବର ୱାର୍ଡ ଧୋବାସାହି ଗ୍ରାମର ଗୋଟିଏ ମୁଣ୍ଡରେ ଅବସ୍ଥିତ। ତେଣୁ ବର୍ଷସାରା ଗ୍ରାମର ବର୍ଷା ଜଳ ଓ ଜଙ୍ଗଲରୁ ବୋହିଆସୁଥିବା ଜଳ ଏହି ସାହି ଦେଇ ଯାଇଥାଏ। ଏହାଛଡା ବିଭିନ୍ନ ସାହିର ନଳକୂଅ ଓ ଟ୍ୟାପ ପାଣି ସାହି ଦେଇ ଯାଉଥିବାରୁ ସାହିରାସ୍ତା ସନ୍ତସନ୍ତିଆ ହୋଇରହିଛି। ଏହା ମଧରେ ପଶି ଲୋକେ ଯିବାଆସିବା କରିବାକୁ ବାଧ ହେଉଛନ୍ତି। ଏପରି ଦୂଷିତ ପରିବେଶ ଯୋଗୁ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ଏ ନେଇ ସାହିବାସୀ ସରପଞ୍ଚ ଓ ପ୍ରଶାସନିକ ଅଧିକାରୀଙ୍କୁ ଆପତ୍ତି କରିଥିଲେ ହେଁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ମାଟିତଳେ ଡ୍ରେନ କରାଗଲେ ସମାସ୍ୟା ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ବାଇଗୁଣିଆ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସିଦ୍ଧେଶ୍ୱର ବେହେରା କହନ୍ତି, ସାହିରେ ଡ୍ରେନ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଛି।

## ଭାପୁର ବ୍ଲକରେ ସୀମା ଟପିଛି ଦୁର୍ନୀତି

# ପଞ୍ଚାୟତ ପ୍ରତିନିଧିଙ୍କ ଆମରଣ ଅନଶନ ଆଜି

**ନୟାଗଡ଼ ଅଫିସ/ ଭାପୁର,୨।୧୨(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକରେ ସୀମା ଟପିଛି ଦୁର୍ନୀତି। ପିସି ନ ଦେଲେ ବିଲ୍ ହେଉନାହିଁ କି ହିତାଧିକାରୀଙ୍କୁ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ପରିମଳ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଦି ଯୋଜନାଗୁଡିକରେ ଅନିୟମିତତା ହୋଇଥିବା ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଅଭିଯୋଗ ଆଣିଛନ୍ତି। ଏପରି କି ଏସବୁ ଅଭିଯୋଗ ନେଇ ଗତ ସପ୍ତାହରେ ଲୋକପ୍ରତିନିଧିମାନେ ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର କିଛି ସମାଧାନ ନ ହେବାରୁ ସେମାନେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅପରପକ୍ଷେ ସୋମବାର ଭୁବନେଶ୍ୱରରୁ ଏକ ଟିମ୍ ଚକ୍ରଧର ପ୍ରସାଦ ଓ ଗୋଳାପୋଖରୀ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ହାତେଇଥିବା ଅଯୋଗ୍ୟ ବ୍ୟକ୍ତିମାନଙ୍କ ଘରକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି।

ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ଭାପୁର ବ୍ଲକରେ ବିଡିଓ ପଦବୀ ଖାଲି ପଡ଼ିଥିବାବେଳେ ଏବିଡିଓ ଅନ୍ତର୍ଯ୍ୟାମୀ ଦାସ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ହେଲେ ସେ ସରକାରଙ୍କ ନୀତିନିୟମ ଉଲ୍ଲଂଘନ କରି ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ବ୍ଲକକୁ ଆସିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏସ୍‌ଇସିସି ତାଲିକାରେ ନାମ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ପକ୍କା ଘର ଥିବା ବ୍ୟକ୍ତିମାନଙ୍କଠାରୁ ୨୦ରୁ ୩୦ ହଜାର ଟଙ୍କା ଲାଞ୍ଚ ନେଇ କାର୍ଯ୍ୟାଦେଶ ଦିଆଯାଇଛି। ସେହିଭଳି ଶବର ଜାତିର ଆଦିବାସୀଙ୍କୁ ପକ୍କା ଘର ଯୋଜନାରୁ ବଞ୍ଚିତ କରାଯାଇ ସଅର ସମ୍ପ୍ରଦାୟର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆମ ଗାଁ ଆମ ବିକାଶ, ରାଜ୍ୟ ସଭା ହାତପାଣ୍ଠି, ଫନୀ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ କାମ କରା ନ ଯାଇ ମିଥ୍ୟା ବିଲ୍ କରାଯାଇ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ରେ ହିତାଧିକାରୀଙ୍କ ଶୌଚାଳୟ କରା ନ ଯାଇ ମିଥ୍ୟା ବିଲ୍ କରି ଏଜେନ୍ସି ନାମରେ ଟଙ୍କା ହରିଲୁଟ ହୋଇଛି। ଯେଉଁମାନେ ଶୌଚାଳୟ କରିଛନ୍ତି ସେମାନଙ୍କ ବିଲ୍ କରାଇଦେବା ପାଇଁ ୨ ହଜାର ଟଙ୍କା ଲାଞ୍ଚ ମଗାଯାଉଛି, ନ ହେଲେ ବିଲ୍ ହେଉନାହିଁ। ବିଭିନ୍ନ ଗ୍ରାମରେ ୭୦ବର୍ଷର ବୃଦ୍ଧାବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ବେଳେ ୪୦ ବର୍ଷର ଯୁବକଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏସ୍‌ଇସିସି ତାଲିକାରେ ନାମ ନ ଥିବା ହିତାଧିକାରୀଙ୍କୁ ସରକାର ନୂତନ ଭାବେ ଏ, ବି, ଓ ସି ଫର୍ମ ଜରିଆରେ ଆବେଦନ କରିବା ବ୍ୟବସ୍ଥା ଥିବାବେଳେ ଏବିଡିଓଙ୍କ ନିର୍ଦ୍ଦେଶକ୍ରମେ ପାଖାପାଖି ୨୦୦୦ ଯୋଗ୍ୟ ହିତାଧିକାରଙ୍କ ଆବେଦନପତ୍ର ପଞ୍ଜୀକୃତ କରା ନ ଯାଇ ପିଙ୍ଗିଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରୁ ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଥିବା ବେଳେ ଭାପୁର ବ୍ଲକରେ ୨୨ ପ୍ରତିଶତ ପିସି ନ ଦେଲେ କୌଣସି କାର୍ଯ୍ୟର ବିଲ୍ ପାସ ହେଉ ନାହିଁ। ଅଭିଯୋଗ ସତ୍ତ୍ୱେ ସୁଫଳ ନ ମିଳିବାରୁ ମଙ୍ଗଳବାର ଅପରାହ୍ନ ୧୧ଟାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଅଞ୍ଚଳର ଯୁବନେତା ଜିତେନ୍ଦ୍ର କୁମାର ରଣସିଂହ ପ୍ରକାଶ କରିଛନ୍ତି। ତାଙ୍କ ସହିତ ଗୋଳାପୋଖରୀ ସମିତିସଭ୍ୟ ସସ୍ମିତା ସାହୁ, ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ଚକ୍ରଧର ପ୍ରସାଦ ସମିତିସଭ୍ୟ ପ୍ରଦୀପ ଜେନା, ଭଗବାନପୁର ସମିତିସଭ୍ୟ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଅନଶନରେ ସାମିଲ ହେବେ। ଏ ନେଇ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଦାସଙ୍କୁ ପଚାରିବାରୁ ସେ କହିଥିଲେ, ସମସ୍ତଙ୍କର ଅଭିଯୋଗ କରିବାର ସାମ୍ବିଧାନିକ ଅଧିକାର ଅଛି। ମୋ ନାମରେ ଯେଉଁ ଅଭିଯୋଗ ହୋଇଛି ତାହା ପ୍ରମାଣିତ ହେଲେ ଦଣ୍ଡ ପାଇବି ବୋଲି ପ୍ରକାଶ କରିଥିଲେ।




ଭାପୁର ବ୍ଲକ କାର୍ଯ୍ୟାଳୟ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଳେ ବଳେ କଉଶଳେ**
**କାମ ହୁଅଇ ଆପେ ଭଲେ ।**

କଳ କୌଶଳ ଖଞ୍ଜିଲେ କାମ ସହଜରେ ସାଧିତ ହୁଏ । ନିଷ୍ଠାର ସହିତ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିବା ସ୍ଥିର ନିଶ୍ଚିତ । ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାହାର ଭଲମନ୍ଦ ଦିଗ ତଥା ଆଗପଛ ଚିନ୍ତା କରି ଆଗକୁ ବଢ଼ିବା ଉଚିତ ହୋଇଥାଏ। କୌଶଳରେ ତଥା ଚତୁରତା ସହ କାର୍ଯ୍ୟ କଲେ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଷ୍ଠ, ପାଷାଣ, ତରୁ, ତୃଣ**
**ସକଳ ଘଟେ ନାରାୟଣ ।**

ଈଶ୍ୱରଙ୍କ ସତ୍ତା ଜୀବଠାରେ ବିଦ୍ୟମାନ। ଜୀବ ଓ ବ୍ରହ୍ମ ସ୍ୱରୂପତଃ ଅଭେଦ। ସଚରାଚର ଜଗତରେ ସମସ୍ତ ଜଡ଼ ଓ ଚେତନଠାରେ ପରମାତ୍ମାଙ୍କର ସତ୍ତା ରହିଛି। ଚାରି ବେଦରେ ଏହା ହିଁ କୁହାଯାଇଛି। ଈଶ୍ୱର ବା ନାରାୟଣ ସର୍ବତ୍ର ବିଦ୍ୟମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଅଙ୍ଗନୱାଡ଼ି ଯିବାରୁ ବଞ୍ଚିତ ୨୬ ଶିଶୁ

**ଦଶପଲ୍ଲା,୨।୧୨(ଡି.ଏନ୍.ଏ.)**

କୋମଳମତି ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଇବା ତଥା ଖେଳ ମାଧ୍ୟମରେ ଶିକ୍ଷାଲାଭ କରିବା ପାଇଁ ଶିଶୁ ବିକାଶ ଯୋଜନାରେ ପ୍ରତି ରାଜସ୍ୱ ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଇଛି। ତେବେ ଦଶପଲ୍ଲା ବ୍ଲକ ନୂଆଗାଁ ଗ୍ରାମପଞ୍ଚାୟତର ଗୋଛାବାରୀ ଗ୍ରାମର ପଡ଼ାଗ୍ରାମଗୁଡ଼ିକରେ ଅଙ୍ଗନୱାଡ଼ି ଯିବା ବୟସର ୨୬ ଶିଶୁ ଥିଲେ ମଧ୍ୟ ସେଠାରେ କେନ୍ଦ୍ରଟିଏ ଖୋଲିବା ନେଇ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାଯୋଗ୍ୟ ଯେ, ଗୋଛାବାରିର ପ୍ରଧାନସାହିରେ ୩, କଇଁଆ ସାହିରେ ୨, ଖଦାଳସାହିରେ ୩, ହରିଜନସାହିରେ ୮, ଷଣ୍ଢସାହିରେ ଜଣେ, ଗୋଡ଼ିବଣିଆରେ ୨, ନାୟକ ସାହିରେ ୪, ବସାଙ୍ଗି ସାହିରେ ଜଣେ, ଲିମ୍ବସାହିରେ ୨ ଏପରି ମୋଟ ୨୬ ଜଣ ଶିଶୁ ଥିଲେ ମଧ୍ୟ ଗୋଛାବାରୀରେ କେନ୍ଦ୍ରଟିଏ ଖୋଲାଯାଇପାରୁ ନାହିଁ। ଅପରପକ୍ଷରେ ୧ କି.ମି. ଦୂରରେ ଥିବା ଅଭୟପୁର ଅଙ୍ଗନୱାଡ଼ି କେନ୍ଦ୍ର ପରିବର୍ତ୍ତେ ଏହି ଶିଶୁମାନଙ୍କୁ ୩ କି.ମି. ଦୂର କୁଟୀବାରୀ କେନ୍ଦ୍ର ସହ ଯୋଡ଼ି ଦିଆଯାଇଛି। ଫଳରେ ଅଙ୍ଗନୱାଡ଼ି କେନ୍ଦ୍ରରୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗରୁ ସମ୍ପୃକ୍ତ ଶିଶୁମାନେ ବଞ୍ଚିତ ହେଉଛନ୍ତି। ବିଭାଗୀୟ ଅଧିକାରୀ ଏହାର ବିଚାର କରି ଗୋଛାବାରୀରେ ଏକ କେନ୍ଦ୍ର ଖୋଲିବାକୁ ଗ୍ରାମବାସୀ ନିବେଦନ କରନ୍ତି। ଏ ସମ୍ପର୍କରେ ଦଶପଲ୍ଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଏ ବିଷୟରେ ସମ୍ପୃକ୍ତ ନିରୀକ୍ଷକଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି: REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି: ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକର୍ଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS

2003 ରୁ ଆପଣଙ୍କ ସେବାରେ
Vod Mobile Tower
ଖାଲିଥିବା ଜମି ଓ ଛାତ ଉପରେ Vod ଗ୍ରୁପର Digital ଉପକରଣ ବସାଇ ଅଗ୍ରିମ
ଆଡଭାନ୍ସ 65 ଲକ୍ଷ | ମାସିକ 60 ହଜାର
କୋର୍ଟ ଏଗ୍ରିମେଣ୍ଟ + ବାଇକ୍
094994-78937
070828-65993
ADDRESS: T-51, GAUTAMPURI, DELHI

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ 90 ଲକ୍ଷ/- ଭଡ଼ା - 90 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର



## ସଂକ୍ଷେପରେ

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୟାଗଡ଼ ଅଫିସ,୨।୧୨:ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ପୋମା ଟୁଡୁ ୧୩୨ ଅଭିଯୋଗର ଶୁଣାଣି କରିଥିଲେ। ୧୧୭ ବ୍ୟକ୍ତିଗତ ସମସ୍ୟା ହୋଇଥିବା ବେଳେ ୬ଟି ଗ୍ରାମ ସମସ୍ୟା, ୯ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ଅଭିଯୋଗ ହୋଇଥିଲା। ୫୮ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭୨ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ପିଡି ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମହିଳାଙ୍କୁ ହତ୍ୟା ମାମଲା : ଅଭିଯୁକ୍ତ ଯୁବକ ଗିରଫ



ଓଡ଼ଗାଁ,୨।୧୨(ସ୍ୱ.ପ୍ର.): ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ଭାଟସାହିରେ ଗତ ଶୁକ୍ରବାର ରାତିରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ମନୋଜ ନାୟକ (୨୧)। ଏ ନେଇ ସୋମବାର ସ୍ଥାନୀୟ ଆଦର୍ଶ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନୟାଗଡ ଏସ୍‌ପି ଶଶିଭୂଷଣ ଶତପଥୀ ଓ ଆଇଆଇସି ମମତା ପତି ସୂଚନା ଦେଇଛନ୍ତି । ରାତି ପ୍ରାୟ ୮ଟାରେ ଗାଁରେ ଦଶାହ ଭୋଜି ଚାଲିଥିବା ବେଳେ ମନୋଜ ସମସ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। କୌଣସି କାରଣ ନ ଥାଇ ସେହି ଗ୍ରାମର ନିରଞ୍ଜନ ସିଂ(୪୦)ଙ୍କ ସହିତ ମନୋଜଙ୍କ ଯୁକ୍ତିତର୍କ ହେବା ପରେ ଧସ୍ତାଧସ୍ତି ହୋଇଥିଲା। ଲୋକେ ମନୋଜଙ୍କୁ ଧରି ତାଙ୍କ ଘରେ ଛାଡିଆସିଥିଲେ । ପରେ ମନୋଜ ଏକ କଟୁରି ଆଣି ନିରଞ୍ଜନଙ୍କ ଦୁଆର ବାଡେଇବା ପରେ ନିରଞ୍ଜନଙ୍କ ସ୍ତ୍ରୀ ମମି ସିଂ (୩୫) କବାଟ ଖୋଲିବାକ୍ଷଣି ତାଙ୍କୁ କଟୁରିରେ ହାଣିବା ପରେ ନିରଞ୍ଜନଙ୍କୁ ମଧ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ମନୋଜ ନୟାଗଡ ସଦର ଥାନା ନିକଟ ବସ୍‌ଷ୍ଟାଣ୍ଡରେ ଥିବା ଖବର ପାଇ ପୋଲିସ ରବିବାର ରାତିରେ ତାଙ୍କୁ ଗିରଫ କରିଥିଲା। ସେ କ୍ଷଣିକ ଉତ୍ତେଜନା ବଶତଃ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଥିଲେ । ପୋଲିସ ତାଙ୍କ ଘର ନିକଟ ଚାଷ ଜମିରୁ କଟୁରି ଜବତ କରିଛି । ମନୋଜଙ୍କ ବିରୋଧରେ ପୋଲିସ ୨୧୮/୧୯ରେ ମାମଲା ରୁଜୁ କରିବା ସହିତ ସୋମବାର ସ୍ଥାନୀୟ ଜେଏମ୍‌ଏଫସିଙ୍କ କୋର୍ଟରେ ହାଜର କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ■ ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

# ପଞ୍ଚୁପାଣ୍ଡବଙ୍କ ନାମରେ ଯଜ୍ଞକୁଣ୍ଡ

ଗଣିଆ,୨।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକ ମା' କଳାପାଟ ପୀଠ ପରିସରରେ ଗତ ୩ଦିନ ଧରି ଚାଲୁ ରହିଥିବା ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଓଡ଼ଣଷଷ୍ଠୀ ତିଥିରେ ପଞ୍ଚକୁଣ୍ଡୀୟ ମହାଯଜ୍ଞର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ସ୍ୱର୍ଗତ ସିଦ୍ଧଯୋଗୀ ବାବା ରାମଦାସଙ୍କର ୬୯ତମ ଜନ୍ମ ଉତ୍ସବ ଉପଲକ୍ଷେ ୨୭ତମ ବିଶ୍ୱଶାନ୍ତି ମହାଯଜ୍ଞର ଅନ୍ତିମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ସୂର୍ଯ୍ୟନାରାୟଣ ପୂଜା, ଦ୍ୱାରପାଳ ପୂଜା, ଗୁରୁ ପୂଜା, ସାଧୁ ପୂଜନ କରାଯାଇଥିଲା। ଭଜନ ମଣ୍ଡପରେ ମହାଯଜ୍ଞରେ ଯୋଗଦେଇଥିବା ସାଧୁସନ୍ଥମାନଙ୍କୁ ନେଇ ସୁଧର୍ମା ସଭାର ଆୟୋଜନ କରାଯାଇଥିଲା । ସଭାସ୍ଥଳୀରେ ଉପସ୍ଥିତ ୭୦୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ, ଦିବ୍ୟାଙ୍ଗ, ଗରିବ ଓ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଲୁଗା, ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା । ପରେ ସଭାସ୍ଥଳୀରୁ ବାବା ରାମଦାସଙ୍କର ସ୍ୱର୍ଣ୍ଣ ପାଦୁକାକୁ ଭକ୍ତ ଆଦିତ୍ୟ ନାରାୟଣ ସୁପକାର ଓ ତାଙ୍କ ଧର୍ମପତ୍ନୀ ମସ୍ତକରେ ଧରି ଯଜ୍ଞମଣ୍ଡପକୁ ନେଇଯାଇଥିଲେ। ଏହାପରେ ପଞ୍ଚକୁଣ୍ଡୀୟ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ଆରମ୍ଭ ହୋଇଥିଲା । ପଞ୍ଚକୁଣ୍ଡୀୟ ମହାଯଜ୍ଞର ପୂର୍ବରେ ଅର୍ଜ୍ଜୁନ, ପଶ୍ଚିମରେ ନକୁଳ, ଉତ୍ତରରେ ସହଦେବ, ଦକ୍ଷିଣରେ ଭୀମ ଓ ମଧ୍ୟମସ୍ଥଳରେ ଯୁଧିଷ୍ଠିର ମହାରାଜଙ୍କର ନାମରେ ଯଜ୍ଞକୁଣ୍ଡ ନିର୍ମାଣ କରାଯାଇ ବିଶ୍ୱର କଲ୍ୟାଣ ନିମିତ୍ତ ଘୃତାହୁତି ପ୍ରଦାନ କରାଯାଇଥିଲା। ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଆୟୋଜକ କମିଟିର ସଭାପତି ଅଜୟ ପଟ୍ଟନାୟକ, ପାର୍ଥସାରଥୀ ମହାନ୍ତି, ଧୀରେନ୍ଦ୍ର ପାଣିଗ୍ରାହୀ, ଦେବ ସାମନ୍ତରା, ନିର୍ମଳ ପଟ୍ଟନାୟକ, ବାବାଙ୍କ ପଟ୍ଟଶିଷ୍ୟ ତଥା ସନ୍ଥସେବକ ଭକ୍ତ ଲଳିତ ନାରାୟଣ ଓ ଶୋଭନ ମହାକୁଡଙ୍କ ସମେତ ବହୁ ଶ୍ରଦ୍ଧାଳୁ ଆହୁତି ଅର୍ପଣ କରିଥିଲେ । ୩ଦିନ ଧରି ଅନୁଷ୍ଠିତ ମହାଯଜ୍ଞରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କର ସମାଗମ ହେବା ସହ ବହୁ ଅସ୍ଥାୟୀ ଦୋକାନ ଖୋଲିଥିବା ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖଣ୍ଡପଡା ଏସଡିପିଓ ଶ୍ରୀନିବାସ ମହାନ୍ତି, ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଏସଆଇ ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ । ଏଥିସହ ଜିଲା ଓ ବ୍ଲକ ପ୍ରଶାସନର ପଦାଧିକାରୀଙ୍କ ସମେତ ଗଣିଆ ତହସିଲଦାର ମିତାଲି ପାତ୍ର, ଅଗ୍ନିଶମ ଅଧିକାରୀ ସାନନ୍ଦ ଜେନା ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ । ସେହିପରି ଭୁବନେଶ୍ୱରସ୍ଥିତ ଓଁ ସତ୍ୟଶାନ୍ତି ସେବାଶ୍ରମ ମହାଯଜ୍ଞକୁ ପରିଚାଳନା କରିଥିବା ବେଳେ ରାସଙ୍ଗ, ଛାମୁଣ୍ଡିଆ ପଞ୍ଚାୟତର ବହୁ ଶ୍ରଦ୍ଧାଳୁଙ୍କ ସମେତ ମାଳତିପୁଟ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ମହାଯଜ୍ଞରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

**ସାଧୁସନ୍ଥଙ୍କୁ ନେଇ ସୁଧର୍ମା ସଭା**

## ନୀଳମାଧବଜୀଉଙ୍କ ଓଢ଼ଣ ଲାଗି ବେଶ

ଖଣ୍ଡପଡା,୨।୧୨(ସ୍ୱ.ପ୍ର.)

ସୋମବାର ଓଢଣ ଷଷ୍ଠୀ ତିଥି ଅବସରରେ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଓଢଣ ଲାଗି ବେଶ ଆରମ୍ଭ ହୋଇଛି। ମନୁଷ୍ୟ ଶୀତ ଦାଉରୁ ରକ୍ଷାପାଇବା ପାଇଁ ଶୀତବସ୍ତ୍ର ବ୍ୟବହାର କରୁଥିବାବେଳେ ଦେବତାମାନଙ୍କୁ ମଧ୍ୟ ଓଢଣ ଷଷ୍ଠୀଠାରୁ ଶୀତ ଲାଗିଥାଏ। ତେଣୁ ଶ୍ରୀଜୀଉମାନେ ଶୀତବସ୍ତ୍ର ପରିଧାନ କରିଥାନ୍ତି। ଶ୍ରୀନୀଳମାଧବଜୀଉଙ୍କ ପାରମ୍ପରିକ ବେଶ ଆସନ୍ତା ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ସମୟରେ ଠାକୁରଙ୍କ ମୁଖ ବ୍ୟତୀତ ସମସ୍ତ ଶରୀରକୁ ଆବୃତ୍ତ କରି ରଖା ଯାଇଥାଏ। ତେଣୁ ଶ୍ରଦ୍ଧାଳୁମାନେ କେବଳ ଠାକୁରଙ୍କ ମୁଖ ଦର୍ଶନ କରିବେ। ଏହି ଅବସରରେ ଭୋର ୫ଟାରେ ଶ୍ରୀଜୀଉଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା । ମଙ୍ଗଳ ଆଳତି, ଅବକାଶ ନୀତି, ଦୈନିକ ବେଶ, ବଲ୍ଲଭ, ସକାଳ ଧୂପ ଉଠିବା ପରେ ଶ୍ରୀଜୀଉଙ୍କ ଶରୀରକୁ ଆବୃତ୍ତ କରିବା ସହ ମୁଣ୍ଡରେ ପଗଡି ବନ୍ଧା ଯାଇଥିଲା। ସେହିପରି ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥିଲା । ଏହି ପାରମ୍ପରିକ ନୀତି ପୂର୍ବରୁ ରବିବାର ପଞ୍ଚମୀ ତିଥିରେ ଶ୍ରୀଜୀଉଙ୍କ ରାତ୍ର ଚନ୍ଦନ ନୀତି ବଢିବା ପରେ ଭୋଗ ମଣ୍ଡପ ଘରେ ପୂଜକ ୩ ଗୋଟି ମଣ୍ଡଳ କାଟିଥିଲେ । ଏହାପରେ ପୂଜାରୀ ଅଧିବାସ ନୀତି ସମ୍ପନ୍ନ କରିବା ପରେ ଦୁଆର ମୁଦ ଦିଆହୋଇଥିଲା। ସମୁଦାୟ ୧୨ଟି ଘୋଡ (ଚତୁର୍ଦ୍ଧା ବିଗ୍ରହଙ୍କର) ସମେତ ବିମଳା, ଲକ୍ଷ୍ମୀ, ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ଘୋଡ ଅଧିବାସ ସମ୍ପନ୍ନ ହୋଇଥିଲା।



ଓଢଣ ଲାଗି ବେଶରେ ଶ୍ରୀ ନୀଳମାଧବ ଜୀଉ।

## ■ ସର୍ବଭାରତୀୟ ନୟାଗଡ଼ ଫୁଟ୍‌ବଲ କପ ଟୁର୍ନାମେଣ୍ଟ ଆରମ୍ଭ

# ପ୍ରଥମ ଦିନରେ କୋଲକାତା ଦଳ ବିଜୟୀ

ନୟାଗଡ଼ ଅଫିସ,୨।୧୨

୭୮୬ ୟୁଥ୍ କ୍ଲବ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ନୟାଗଡ଼ ଖେଳପଡ଼ିଆରେ ସୋମବାର ସର୍ବଭାରତୀୟ ନୟାଗଡ଼ ଫୁଟ୍‌ବଲ କପ ଟୁର୍ନାମେଣ୍ଟ ୨୦୧୯ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚାନ୍ଦିନୀ କ୍ଲବ କୋଲକତା ଓ ସ୍ପୋର୍ଟସ ହଷ୍ଟେଲ କଟକ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଲକତା ଦଳ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ କୌଣସି ଦଳ ଗୋଲ ସ୍କୋର କରି ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ସେଥିରେ ମଧ ଖେଳ ଅମୀମାଂସିତ ରହିଥିଲା। ଶେଷରେ ସଡ଼ନ ଡେଥ୍ ସହାୟତାରେ କୋଲକତା ଦଳ ୧୮ ନମ୍ବର ଖେଳାଳି ସନ୍ଦୀପ ଓରାଓ ଗୋଲ୍ ଦେଇ ଦଳକୁ ବିଜୟୀ କରାଇଥିଲେ। ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ବ୍ୟବସାୟୀ ମନସୁର ବକ୍ସି ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ପ୍ରମୋଦ ପଟ୍ଟନାୟକ, ସଭାପତି ଶେଖ୍ ୟୁସୁବ୍, ଅନୱର ଅଲ୍ଲୀ, ଶେଖ ନଇମ ପ୍ରମୁଖ ମଞ୍ଚାସୀନ ଥିଲେ। ରେଫରି ଭାବେ ରାଜୁ ମହାନ୍ତି ଖେଳକୁ ପରିଚାଳନା କରିଥିଲେ। ମଙ୍ଗଳବାର ସାଇ ସ୍ପୋର୍ଟସ ସୋସାଇଟି ବଲାଙ୍ଗୀର ଓ ଟାଟା ଏକାଡେ଼ମୀ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



ନିର୍ବାହୀ ଅଧିକାରୀ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରୁଛନ୍ତି।

## ଗ୍ୟାସ୍ ନିଆଁରେ ପୋଡ଼ିଯାଇ ୩ ଗୁରୁତର

ନିରାକାରପୁର,୨।୧୨(ଡି.ଏନ.ଏ.)

ଗ୍ୟାସ ଟାଙ୍କିରୁ ନିଆଁ ଲିକ୍ ହୋଇ ରବିବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲା ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମରେ ଦମ୍ପତିଙ୍କ ସମେତ ୩ଜଣ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତପନ ପ୍ରଧାନ (୪୦), ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ପ୍ରଧାନ (୩୦) ଓ ସାନଭାଇ ତୋଫାନ ପ୍ରଧାନ(୨୪)। ଗୁରୁତରମାନେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ତପନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ହରିପୁର ଗ୍ରାମ ଦୋଳପଡ଼ିଆ ନିକଟରେ ରହୁଥିବା ତପନ ରାତି ପ୍ରାୟ ସାଢେ ଗୋଟାଏରେ ନିଦରୁ ଉଠି ବାହାରକୁ ପରିସ୍ରା ଯିବା ପାଇଁ ଘର ଲାଇଟ ସୁଇଚ୍ ମାରିଥିଲେ। ତେବେ ପୂର୍ବରୁ ରୋଷେଇ ଗ୍ୟାସ ଟାଙ୍କି ଲିକ୍ ହୋଇ ଘରସାରା ବ୍ୟାପି ଯାଇଥିବାବେଳେ ଲାଇଟ୍ ଜଳିବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ନିଆଁ ତପନ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ଦେହରେ ଲାଗି ଯାଇଥିଲା। ସେମାନେ ପୋଡ଼ିଯାଇ ଚିତ୍କାର କରିବାରେ ପାଖ ଘରେ ଶୋଇଥିବା ସାନଭାଇ ତୋଫାନ ଉଠି ସେମାନଙ୍କ ଦେହରୁ ନିଆଁ ଲିଭାଇବାକୁ ଯାଇ ସେ ମଧ୍ୟ ଆହତ ହୋଇଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ଖୋର୍ଦ୍ଧା ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ମୋ ସ୍କୁଲ ଅଧକ୍ଷାଙ୍କ ନୟାଗଡ଼ ଜିଲା ଗସ୍ତ



ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଗହଣରେ ମୋ ସ୍କୁଲ ଅଧକ୍ଷା।

ନୟାଗଡ଼ ଅଫିସ,୨।୧୨

ମୋ ସ୍କୁଲ ଅଭିଯାନର ଅଧକ୍ଷା ସୁସ୍ମିତା ବାଗ୍ଚି ସୋମବାର ନୟାଗଡ଼ ଜିଲା ଗସ୍ତ କରି ବିଭିନ୍ନ ବିଦ୍ୟାଳୟରେ କିପରି ଏହି କାର୍ଯ୍ୟକ୍ରମ ଚାଲୁଛି ତାହାର ତଦାରଖ କରିଥିଲେ। ପୂର୍ବାହ୍ନ ୧୦ଟାରେ ସେ ପ୍ରଥମେ ନୟାଗଡ଼ ବ୍ଲକ ନୋଡ଼ାଲ ହାଇସ୍କୁଲ ପରିଦର୍ଶନ କରିଥିଲେ। ମୋ ସ୍କୁଲ ଅଭିଯାନ ମାଧ୍ୟମରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ବୁଲି ଦେଖିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବ ବିନିମୟ କରିଥିଲେ। ଏହା ପରେ ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ, ଭାଲିଆଡ଼ିହି ଜନଶକ୍ତି ବିଦ୍ୟା ନିକେତନ ବୁଲି ଦେଖିଥିଲେ। ଅପରାହ୍ନରେ ବ୍ରଜେନ୍ଦ୍ର ହାଇସ୍କୁଲ ଓ ପରେ ଗୋବିନ୍ଦପୁରସ୍ଥିତ ଭାଗୀରଥି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲାପାଳ ଡା. ପୋମା ଟୁଡୁଙ୍କ ଅଧକ୍ଷତାରେ ମୋ ସ୍କୁଲ ଅଭିଯାନର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୫୮ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୋ ସ୍କୁଲ ଅଭିଯାନ ଜିଲାରେ କିପରି ଆହୁରି ଉନ୍ନତି କରିବ ସେ ଦିଗରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୋ ସ୍କୁଲ ଅଭିଯାନର ସିଇଓ ଅମରଜିତ ଜେନା, ରିଲେଶନସିପ ମ୍ୟାନେଜର ଶୁଭ୍ର ପାଲିତ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନ ପ୍ରମୁଖ ବିଦ୍ୟାଳୟ ପରିଦର୍ଶନ ବେଳେ ଉପସ୍ଥିତ ଥିଲେ।

## ■ ମନଇଚ୍ଛା ବିଦ୍ୟୁତ୍ ବିଲ ଓ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ପ୍ରତିବାଦ

# ଫିଡକୋ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା

ନୂଆଗାଁ,୨।୧୨(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଚଢେଇମରା ଗ୍ରାମବାସୀଙ୍କୁ ବିଦ୍ୟୁତ୍ ବିଭାଗ ମନଇଛା ବିଦ୍ୟୁତ୍ ବିଲ ଦେଉଥିବା ଓ ବିନା ନୋଟିସରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସୋମବାର ଉପଭୋକ୍ତାମାନେ ନୂଆଗାଁ ଫିଡ୍‌କୋ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନଙ୍କଠାରୁ ଉଚିତ ବିଦ୍ୟୁତ୍ ବିଲ ଆଦାୟ ଓ ଶିଘ୍ର ବିଦ୍ୟୁତ୍ ସଂଯୋଗ ନ ଦେଲେ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

୨୦୧୭ ମସିହାରେ ଚଢେଇମରା ଗ୍ରାମକୁ ସରକାର ଆଦର୍ଶ ଗ୍ରାମ ଭାବେ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ସେହି ଗ୍ରାମକୁ ଅଣଦେଖା କରାଯିବା ସହ ବିଦ୍ୟୁତ୍ ବିଭାଗ ସେମାନଙ୍କୁ ଶୋଷଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଗ୍ରାମବାସୀ ନିଜ ଘରେ ଗୋଟିଏ ବଲବ ଲଗାଇ ବିଦ୍ୟୁତ ବ୍ୟବହାର କରୁଥିବା ବେଳେ ପ୍ରତି ମାସରେ ସେମାନଙ୍କୁ ୨୫୦ ଟଙ୍କାରୁ ଊର୍ଦ୍ଧ୍ୱ ବିଲ୍ ଦିଆଯାଉଛି । ସେହିପରି ଆଦାୟକାରୀ ବ୍ୟକ୍ତି ପ୍ରତି ମାସରେ ଯାଇ ଆଦାୟ କରୁ ନଥିବା ହେତୁ ଦିନକୁ ଦିନ ବିଲ ବଢିବାରେ ଲାଗୁଛି । ଯାହା କି ଦିନ ମଜୁରିଆମାନଙ୍କ କ୍ଷେତ୍ରରେ ଏକକାଳୀନ ଦେବା ସମ୍ଭବ ହୋଇ ନଥାଏ । ଗତ ଶୁକ୍ରବାର ବିଦ୍ୟୁତ ବିଭାଗ କର୍ମଚାରୀ ବିଦ୍ୟୁତ ବିଲ ଆଦାୟ ପାଇଁ ଯାଇଥିବା ବେଳେ କିଛି ଲୋକ ଟଙ୍କା ପୈଠ କରିଥିଲେ ଓ ଅନ୍ୟ ଉପଭୋକ୍ତାମାନେ ସୋମବାର ବିଲ ପୈଠ କରିବା ପାଇଁ କହିଥିଲେ। କିନ୍ତୁ ବିଦ୍ୟୁତ୍ ବିଭାଗ କର୍ମଚାରୀ ନିର୍ଦ୍ଧାରିତ ଦିନ ପର୍ଯ୍ୟନ୍ତ ଅପେକ୍ଷା ନ କରି ଶନିବାର ଗ୍ରାମରେ ଥିବା ସମସ୍ତ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦେଇଥିଲେ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଦ୍ୟୁତ୍‌କାଟ ବିଷୟରେ ନୂଆଗାଁ ଫିଡକୋ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ରଙ୍କୁ ପଚାରିବାରେ ଯେଉଁ ଉପଭୋକ୍ତାଙ୍କ ବକେୟା ନାହିଁ ଏବଂ ଯେଉଁ ଗ୍ରାହକ ବକେୟା ବିଦ୍ୟୁତ୍ ବିଲ ପୈଠ କରିବେ ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି କହିଥିଲେ । ଅନ୍ୟପକ୍ଷେ ଆଦର୍ଶ ଗ୍ରାମକୁ ଅଣଦେଖା କରି ସରକାରଙ୍କ ମଞ୍ଜୁର ଅର୍ଥ ଖର୍ଚ୍ଚ ନ ହେବା ନେଇ ଗ୍ରାମବାସୀ ବିଡିଓଙ୍କ ସହ ଆଲୋଚନା କରିଥିଲେ।

## ତଳାରିବନ୍ଧ ରାଜସ୍ୱ ଗାଁ ମାନ୍ୟତା ନେଇ ବିବାଦ: ରାସ୍ତାରୋକୋ

ରଣପୁର,୨।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ବ୍ଲକର ତଳାରିବନ୍ଧ ରାଜସ୍ୱ ଗାଁର ମାନ୍ୟତା ପାଇବା ଜଣାପଡିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ପ୍ରତିବାଦରେ ଡମସାହିଠାରେ ନୂଆ ଜଗନ୍ନାଥ ସଡକକୁ ସୋମବାର ପୂର୍ବାହ୍ନ ୭ଟାରୁ ଅପରାହ୍ନ ୪ଟା ଯାଏ ଅବରୋଧ କରାଯାଇଥିଲା। ତଳାରିବନ୍ଧ ନୂଆ ରାଜସ୍ୱ ଗାଁର ମାନ୍ୟତା ପାଇବାକୁ ଯାଉଥିବାବେଳେ ଡମସାହି ମୌଜାର ଗୋଚର ଜମି, କାଜୁ ଜଙ୍ଗଲ ଓ ଦଳିତ ସାହି ବାଦ୍ ପଡିଯାଉଛି । ତେଣୁ ପ୍ରତିବାଦ କରି ଡମସାହି ଗାଁ ଲୋକେ ରାସ୍ତାରୋକୋ କରିଥିଲେ। ରଣପୁର ତହସିଲଦାର ସୁଶାନ୍ତ କୁମାର ପତି ପୂର୍ବାହ୍ନରେ ଡମସାହିଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ସୁଫଳ ମିଳି ନ ଥିଲା । ସନ୍ଧ୍ୟାରେ ନୟାଗଡ ଉପଜିଲାପାଳ ଲଗ୍ନଜିତ ରାଉତରାୟ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ଏ ସଂକ୍ରାନ୍ତରେ ସରକାରୀ ସ୍ତରରେ ପଦକ୍ଷେପ ନିଆ ଯାଉଥିବାରୁ ଉକ୍ତ ଅଧିକାରୀଙ୍କୁ ଭେଟି ସମାଧାନ କରିବାକୁ ଗାଁଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ଉପଜିଲାପାଳଙ୍କ ପ୍ରସ୍ତାବକୁ ମାନି ଗାଁଲୋକ ଅପରାହ୍ନ ୪ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ କରିଥିଲେ ।

## ଓଢଣୀ ଷଷ୍ଠୀରେ ଶ୍ରୀଜୀଉଙ୍କ ଶୀତବସ୍ତ୍ର ପରିଧାନ

ଓଡ଼ଗାଁ,୨।୧୨(ସ୍ୱ.ପ୍ର.)

ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ସୋମବାର ମାର୍ଗଶିର ଶୁକ୍ଳ ଓଢ଼ଣୀ ଷଷ୍ଠୀ ବା ପ୍ରାବରଣ ଷଷ୍ଠୀରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ, ମାତା ଜାନକୀ ଓ ଅନୁଜ ଲକ୍ଷ୍ମଣ ମନ୍ଦିର ପରମ୍ପରା ଅନୁସାରେ ଶୀତବସ୍ତ୍ର ପରିଧାନ କରିଛନ୍ତି । ଭୋର ସାଢେ ୪ଟାରେ ଦ୍ୱାରଫିଟା, ୫ଟାରେ ମଙ୍ଗଳ ଆଳତି ସହିତ ସକାଳ ୧୦ଟାରେ ଖେଚୁଡି ଧୂପ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଶ୍ରୀଜୀଉମାନଙ୍କୁ ଆଳତି, ମହାଆଳତି ଓ ଚାମର ସେବା ପରେ ଓଢଣ ନୀତି ଆରମ୍ଭ ହୋଇଥିଲା। ପାଳିଆ ପଣ୍ଡାଙ୍କଦ୍ୱାରା ସଂସ୍କାର କରାଯାଇ ଶ୍ରୀଜୀଉମାନଙ୍କ ଶ୍ରୀମୁଖ ବ୍ୟତୀତ ସର୍ବାଙ୍ଗ ଘୋଡଲାଗି କରାଯାଇଥିଲା । ପ୍ରଭୁଙ୍କ ଘୋଡଲାଗି ପରେ ସିଂହାସନରେ ଶଙ୍ଖୁଡି ଭୋଗଲାଗି କରାଯାଇଥିଲା । ଶ୍ରଦ୍ଧାଳୁମାନେ ଏହି ଦିନଠାରୁ ମାଘ ଶୁକ୍ଳ ବରଦା ଚତୁର୍ଥୀ ପର୍ଯ୍ୟନ୍ତ କେବଳ ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଦର୍ଶନ ଲାଭ କରିବେ । ସରସ୍ୱତୀ ପୂଜାଠାରୁ ଶ୍ରୀଜୀଉଙ୍କୁ ସାଧାରଣ ବେଶରେ ଦର୍ଶନ ପାଇବା ବିଧାନ ରହିଛି । ପାଳିଆ ପଣ୍ଡା ପ୍ରଫୁଲ୍ଲ କୁମାର ମହାପାତ୍ର, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରୀଜୀଉଙ୍କ ଶୀତବସ୍ତ୍ର ପରିଧାନ।

## ■ ସରକାରୀ ଜମି ହାତେଇଥିବା ଅଭିଯୋଗ

# କରଡ଼ାବଣି ସାହିବାସିନ୍ଦା ଜିଲାପାଳଙ୍କ ଦ୍ୱାରସ୍ଥ

ନୟାଗଡ଼ ଅଫିସ,୨।୧୨

ସରକାରୀ ଜମିକୁ କିଛି ବ୍ୟକ୍ତି ନିଜ ନାମରେ ପଟ୍ଟା କରାଇଦେଇଥିବା ଜାଣିବା ପରେ ଏହାର ସମାଧାନ ପାଇଁ ନୟାଗଡ଼ ବ୍ଲକ ମୁଥାଗାଡ଼ିଆ ପଞ୍ଚାୟତ କରଡ଼ାବଣି ସାହିର ଲୋକମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ହରିଜନ ସମ୍ପ୍ରଦାୟର ଲୋକମାନେ ଉକ୍ତ ସାହିରେ ବସବାସ କରୁଥିବା ବେଳେ ପଶ୍ଚିମ ଦିଗରେ ଥିବା ଖାତା ନମ୍ବର ୩୦୨, ପ୍ଲଟ ନମ୍ବର ୪୯୨/୧୦୭୪ରେ ୦.୬୦ ଡେସିମିଲ ବସ୍ତି ଯୋଗ୍ୟ ଜାଗା ରହିଛି। ସାହିକୁ ଲାଗି ଉକ୍ତ ଜାଗା ରହିଥିବାରୁ ସାହିବାସିନ୍ଦା ସେଠାରେ କୋଠଘର, ଅଙ୍ଗନୱାଡ଼ି କେନ୍ଦ୍ର କିମ୍ବା ମନ୍ଦିର ନିର୍ମାଣ କରିବା ନିମନ୍ତେ ଦୀର୍ଘବର୍ଷ ହେଲା ଜଗି ଆସୁଛନ୍ତି। ଉକ୍ତ ଜାଗାର ରକ୍ଷଣାବେକ୍ଷଣ ପାଇଁ ସେମାନେ ପ୍ରଶାସନକୁ ଲିଖିତ ଭାବେ ଜଣାଇ ଆସୁଛନ୍ତି। ଏପରିସ୍ଥଳେ ସେମାନେ ଜାଣିବାକୁ ପାଇଲେ ଯେ ମୁଥାଗାଡ଼ିଆ ଗ୍ରାମର କିଛି ବ୍ୟକ୍ତି ତହସିଲ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କୁ ହାତ କରି ଉକ୍ତ ଜାଗାକୁ ସେମାନଙ୍କ ନାମରେ କରାଇ ନେଇଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ସେମାନଙ୍କୁ ଜମି ପ୍ରଦାନ କରିବା ପାଇଁ କରଡ଼ାବଣି ସାହିବାସିନ୍ଦା ଦାବି କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଜାଗା ଦିଆଯାଏ ତେବେ ଆଗାମୀ ଦିନରେ ବଡ଼ଧରଣର ଗଣ୍ଡଗୋଳ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାହିବାସିନ୍ଦା କହିଛନ୍ତି। ଭାଗବତ ନାଏକ, ହରି ନାଏକଙ୍କ ସମେତ ଏକାଧିକ ସାହିବାସିନ୍ଦା ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା କରଡ଼ାବଣି ସାହିବାସିନ୍ଦା।